୫୬ତମ ବର୍ଷ        ୧୫ ଅଗଷ୍ଟ ୨୦୧୩        ତୃତୀୟ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ        ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି

ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଅଗଷ୍ଟ, ୨୦୧୩]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ଭାରତର ବିକାଶ-ଭିତ୍ତି – ଆଧ୍ୟାତ୍ମିକତା | ··· | ଶ୍ରୀଅରବିନ୍ଦ | ··· | ୫ |
| ବୁଦ୍ଧିର ଶାସନ ବଦଳରେ ଆଧ୍ୟାତ୍ମିକ ଚେତନାର ଶାସନ | ··· | ଶ୍ରୀମା | ··· | ୬ |
| ରୂପାନ୍ତର ଦିଗରେ ବ୍ୟଷ୍ଟି ଓ ସମଷ୍ଟିର ଭୂମିକା | ··· | ଶ୍ରୀମା | ··· | ୮ |
| ପ୍ରାଚୀନ ଭାରତର ଶାସ୍ତ୍ର | ··· | ଶ୍ରୀଅରବିନ୍ଦ | ··· | ୧୦ |
| ଭାରତୀୟ ଧାରଣାରେ ମନୁଷ୍ୟର ସ୍ୱରୂପ | ··· | ଶ୍ରୀଅରବିନ୍ଦ | ··· | ୧୨ |
| ନୂତନ ଚେତନା, ଅତିମାନସ ଓ ରୂପାନ୍ତର | ··· | ଶ୍ରୀମା | ··· | ୧୩ |
| ନିଜର ଭୁଲ୍‌ଗୁଡ଼ିକ ସମ୍ପର୍କରେ ସଚେତ ହେବା | ··· | ଶ୍ରୀମା | ··· | ୧୫ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ··· | ଶ୍ରୀଅରବିନ୍ଦ | ··· | ୧୬ |
| ଅଧିକାର ନା କର୍ତ୍ତବ୍ୟ | ··· | ଶ୍ରୀ ନଳିନୀକାନ୍ତ ଗୁପ୍ତ | ··· | ୨୦ |
| ସ୍ୱର୍ଗଶୁନୀ ସରମା (୨) | ··· | ଶ୍ରୀଅରବିନ୍ଦ | ··· | ୨୨ |
| ଶ୍ରୀଜଗନ୍ନାଥ କିଂବଦନ୍ତି : ଏକ ଭବିଷ୍ୟଦ୍ଧର୍ମୀ ପରଂପରା | ··· | ଶ୍ରୀ ମନୋଜ ଦାସ | ··· | ୨୯ |
| ଶରୀରର ଜୀବକୋଷରେ ଯୋଗ | ··· | ମମତା ଦାଶ | ··· | ୩୬ |
| ମାନବଜୀବନ ଓ ସମାଜରେ ପୂର୍ଣ୍ଣଯୋଗର ପୂର୍ଣ୍ଣାଙ୍ଗ ପ୍ରୟୋଗ | ··· | ଶ୍ରୀପତି ଦାସ | ··· | ୩୯ |
| ବିଭକ୍ତ ଭାରତ | ··· | ଶ୍ରୀ ବିମଳ ପ୍ରସନ୍ନ ଦାସ | ··· | ୪୨ |

**ଜୀବନୀ ଓ ସ୍ମୃତିଚାରଣ**

| | | | | |
|---|---|---|---|---|
| ପଣ୍ଡିଚେରୀ : 'ତପସ୍ୟାର ଗୁହା' | ··· | ··· | ··· | ୪୫ |

**ସାଧନା ପରମ୍ପରା**

| | | | | |
|---|---|---|---|---|
| ରାଗାନୁଗାଭକ୍ତି ଓ ଶ୍ରୀଚୈତନ୍ୟ (୫) | ··· | ··· | ··· | ୪୮ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ମୃତ୍ୟୁ ପରେ ଅନ୍ତଃସତ୍ତାର ଅଗ୍ରଗତି | ··· | ଶ୍ରୀମା | ··· | ୫୨ |
| **ସମ୍ପାଦକୀୟ** | ··· | ··· | ··· | ୫୪ |


❖

## ବିଷୟଗୁଡ଼ିକର ମୂଳଗ୍ରନ୍ଥ ସୂଚନା

ପୃ : ୫, (୧୯୭୫ 'ନବଜ୍ୟୋତି' ଅଗଷ୍ଟ ସଂଖ୍ୟାରୁ ସଂଗୃହୀତ); ପୃ : ୬, (Bulletin, February. 1968, p. 83-87) ପୃ : ୮-୯, (Bulletin, April. 2005, pp. 59 - 61); ପୃ : ୧୩-୧୪, (MCW, Vol. 15, pp. 115 - 119); ପୃ : ୧୫, (MCW, Vol. V, 54 - 55); ପୃ : ୫୨-୫୩, (MCW, Vol. 5, pp. 260 - 262)

Let India work for the future and take the lead. Thus she will recover her true place in the world.

Since long it was the habit to govern through division and opposition.

The time has come to govern through union, mutual understanding and collaboration.

To choose a collaborator, the value of the man is more important than the party to which he belongs.

The greatness of a country does not depend on the victory of a party but on the union of all the parties.

(MCW. Vol. 13, p. 369) *6 October 1969*

– The Mother

ଭାରତ ଭବିଷ୍ୟତ୍ ପାଇଁ କାମ କରୁ ଓ ନେତୃତ୍ୱ ନେଉ । ଏହି ଭାବରେହିଁ ପୃଥିବୀରେ ସେ ନିଜର ଯଥାର୍ଥ ଆସନ ଫେରିପାଇବ ।

ଦୀର୍ଘଦିନ ଧରି ବିଭାଜନ ଓ ବିରୋଧ ଜରିଆରେହିଁ ଶାସନ କରିବା ଏକ ଅଭ୍ୟାସ ହୋଇଥିଲା ।

ବର୍ତ୍ତମାନ ସମୟ ଆସିଛି ଯେତେବେଳେ ଏକତା, ପାରସ୍ପରିକ ବୁଝାମଣା ଓ ସହଯୋଗିତା ଭିତ୍ତିରେହିଁ ଶାସନ କାର୍ଯ୍ୟ ଚଳାଇବାକୁ ହେବ ।

ଏକ ସହଯୋଗୀ ବାଛିବା କ୍ଷେତ୍ରରେ, ସେହି ବ୍ୟକ୍ତିଟି କେଉଁ ଦଳର ଅନ୍ତର୍ଭୁକ୍ତ ତାହା ଅପେକ୍ଷା ବ୍ୟକ୍ତିର ନିଜସ୍ୱ ମୂଲ୍ୟକୁହିଁ ଅଧିକ ପ୍ରାଧାନ୍ୟ ଦେବାକୁ ହେବ ।

ଗୋଟିଏ ଦେଶର ମହାନତା କୌଣସି ଗୋଟିଏ ଦଳର ବିଜୟ ଉପରେ ନୁହେଁ ବରଂ ସବୁଦଳର ଏକତା ଉପରେ ନିର୍ଭର କରେ ।

– ଶ୍ରୀମା

Do not fear or be sad, but let the Mother do quietly her work in you and through you.

Her love is always there and the imperfections of the human nature do not count against that love. The only thing is that you must become aware of it always there.

For that it is necessary for the psychic to come in front.

– Sri Aurobindo

ଭୟ କର ନାହିଁ ବା ବିମର୍ଷ ହୁଅ ନାହିଁ, ତୁମ ଭିତରେ ଓ ତୁମ ଭିତର ଦେଇ ନୀରବରେ ତାଙ୍କ କାମ କରିଯିବା ପାଇଁ ମା'ଙ୍କୁ ଛାଡ଼ି ଦିଅ ।

ତାଙ୍କର ପ୍ରେମ ନିରନ୍ତର ବିଦ୍ୟମାନ ରହିଛି ଏବଂ ସେହି ପ୍ରେମ ବିରୋଧରେ ମାନୁଷୀ ପ୍ରକୃତିର ଅପୂର୍ଣ୍ଣତା ଆଦୌ ଗଣ୍ୟ ନୁହେଁ । ଏକମାତ୍ର କଥା ହେଉଛି ତୁମେ ଯେପରି ସବୁ ସମୟରେ ତାହା ବିଦ୍ୟମାନ ରହିଛି ବୋଲି ସଚେତ ହୁଅ ।

ସେଥିପାଇଁ ଚୈତ୍ୟସତ୍ତା ସମ୍ମୁଖ ଭାଗକୁ ଆସିବା ଏକାନ୍ତ ଆବଶ୍ୟକ ।

– ଶ୍ରୀଅରବିନ୍ଦ



# ଭାରତର ବିକାଶଭିତ୍ତି – ଆଧ୍ୟାତ୍ମିକତା

## ଶ୍ରୀଅରବିନ୍ଦ

... ଆମ୍ଭମାନଙ୍କର ପ୍ରଥମ ଉଦ୍ଦେଶ୍ୟ : ଏହି ଆଦର୍ଶକୁ ଘୋଷଣା କରିବା – ଏକ ଆଧ୍ୟାତ୍ମିକ ପରିବର୍ତ୍ତନ ଯେ ସର୍ବାଦୌ ଆବଶ୍ୟକ, ଏହା ଉପରେ ଜୋର୍ ଦେବା ଏବଂ ସେହି ସମସ୍ତଙ୍କୁ ଏକତ୍ରିତ କରିବା ଯେଉଁମାନେ ଏହାକୁ ଗ୍ରହଣ କରିବେ ଏବଂ ଏହାକୁ ସିଦ୍ଧ କରିବା ନିମନ୍ତେ ଐକାନ୍ତିକ ଭାବେ ଉଦ୍ୟମ କରିବେ ।

ଆମ୍ଭମାନଙ୍କର ଦ୍ୱିତୀୟ ଉଦ୍ଦେଶ୍ୟ : ଏହି ଆଦର୍ଶ ଉପରେ କେବଳ ବ୍ୟକ୍ତିଗତ ଜୀବନ ପ୍ରତିଷ୍ଠିତ ହେବ ନାହିଁ ବରଂ ଏକ ସମଷ୍ଟିଗତ ଜୀବନ ମଧ୍ୟ ଏହା ଉପରେ ପ୍ରତିଷ୍ଠିତ ହେବ । ବାହ୍ୟକର୍ମ ସଙ୍ଗେ ଏକ ଆନ୍ତର ପରିବର୍ତ୍ତନ ଆବଶ୍ୟକ ଏବଂ ଏହା ଏକାଧାରରେ ଅବଶ୍ୟ ଆମ୍ଭମାନଙ୍କର ଆଧ୍ୟାତ୍ମିକ, ସାଂସ୍କୃତିକ, ଶିକ୍ଷାଗତ, ସାମାଜିକ ଓ ଅର୍ଥନୈତିକ ଜୀବନରେ ପ୍ରତିଫଳିତ ହେବ । ଯୁଗପତ୍ ଏହାର କାର୍ଯ୍ୟକ୍ଷେତ୍ର ହେବ ବ୍ୟଷ୍ଟିଗତ ଓ ସମଷ୍ଟିଗତ, ଆଞ୍ଚଳିକ ଓ ଜାତୀୟ ଏବଂ ଅବଶେଷରେ କେବଳ ଦେଶ ନିମନ୍ତେ ନ ହୋଇ ସମଗ୍ର ମାନବ-ସମାଜ ନିମନ୍ତେ ଉଦ୍ଦିଷ୍ଟ ହେବ ।

ଏହି କର୍ମର ପ୍ରତ୍ୟକ୍ଷ ଫଳ ହେବ ଏକ ନବୀନ ସୃଷ୍ଟି, ଏକ ଆଧ୍ୟାତ୍ମିକ ଶିକ୍ଷା ଓ ସଂସ୍କୃତି, ଏକ ବ୍ୟାପକ ସାମାଜିକ ପ୍ରେରଣା ଯାହା ବିଭେଦ ଉପରେ ପ୍ରତିଷ୍ଠିତ ନ ହୋଇ ହେବ ବ୍ୟକ୍ତିର ପୂର୍ଣ୍ଣ ବିକାଶ ଓ ସ୍ୱାଧୀନତା ଉପରେ, ଅନ୍ୟ ବ୍ୟକ୍ତି ସହ ଏକତ୍ୱ ଏବଂ ଦେଶ ଓ ମାନବସମାଜର ବୃହତ୍ତର ସତ୍ତାର ଆତ୍ମୋତ୍ସର୍ଗ ଉପରେ; ଏବଂ ଭାରତର ଅର୍ଥନୈତିକ ସମସ୍ୟାର ସମାଧାନ କରିବାକୁ ଉଦ୍ୟମ ଆରମ୍ଭ ହେବ ପାଶ୍ଚାତ୍ୟ ଆଦର୍ଶକୁ ଅନୁସରଣ କରି ନୁହେଁ, ବରଂ ଭାରତର ନିଜସ୍ୱ ସମଷ୍ଟିଗତ ଜୀବନର ନୀତି ଅନୁସାରେ ।

*

... ଭାରତ ତା'ର ନିଜତ୍ୱରେ ପ୍ରତିଷ୍ଠିତ ରହି, ତା'ର ସ୍ୱଧର୍ମକୁ ଅନୁସରଣ କରି ନିଜେ ଉନ୍ନତ ହେବ ଏବଂ ଜଗତର ସେବାରେ ଲାଗିବ । ଏହାର ଅର୍ଥ ଏପରି ନୁହେଁ ଯେ ସଂକୀର୍ଣ୍ଣ ମନ ନେଇ, ସଂସ୍କାରାନ୍ଧ ହୋଇ ଅନେକେ ଯେପରି ସିଦ୍ଧାନ୍ତ କରିବସନ୍ତି ଯେ କାଳସ୍ରୋତରେ ନୂତନ ଯାହାକିଛି ଆମ ନିକଟରେ ଆସି ଉପସ୍ଥିତ ହୋଇଛି ବା ଇଉରୋପ ଯାହାକିଛି ସର୍ବପ୍ରଥମେ ଆବିଷ୍କାର କରିଛି ବା ସାମର୍ଥ୍ୟର ସହ ବ୍ୟକ୍ତ କରିଛି, ସେସବୁକୁ ଦୂରକୁ ଫିଙ୍ଗିଦେବାକୁ ହେବ । ଯୁକ୍ତିଦୃଷ୍ଟିରୁ ଏ ପ୍ରକାର ମନୋଭାବ ଯେପରି ମୂଢ଼ତାର ପରିଚାୟକ, କାର୍ଯ୍ୟ ଦୃଷ୍ଟିରୁ ମଧ୍ୟ ସେହିପରି ଅସମ୍ଭବ । ଖାଲି ସେତିକି ନୁହେଁ, ଏହା ଆଧ୍ୟାତ୍ମିକତାର ଅଭାବ ମଧ୍ୟ । କାରଣ ଯଥାର୍ଥ ଆଧ୍ୟାତ୍ମିକତା କୌଣସି ନୂତନ ଜ୍ଞାନକୁ ପରିହାର କରେ ନାହିଁ, ମାନବଜାତିର ଆତ୍ମୋନ୍ନତିର ଉପାୟ ବା ଉପକରଣ ହିସାବରେ ଯଦି ଆଉକିଛି ମିଳିଲା ତେବେ ତାହାକୁ ଫିଙ୍ଗିଦିଏ ନାହିଁ । ଆମର ଅନ୍ତରାତ୍ମାକୁ ଆମ ସତ୍ତାର ବିଶିଷ୍ଟଧାରାକୁ, ଆମର ସହଜାତ ସ୍ୱଭାବକୁ ଅକ୍ଷୁଣ୍ଣ ରଖିବାକୁ ହେବ ଏବଂ ତାହା ସହିତ ମିଳାଇ ଧରିବାକୁ ହେବ ଆମେ ଯାହାକିଛି ବାହାରୁ ଆହରଣ କରିବା ଓ ତାହାରି ଭିତରୁ ବିକଶିତ କରି ଧରିବାକୁ ହେବ ଆମେ ଯାହାକିଛି କର୍ମ କରିବା ଓ ସୃଷ୍ଟି କରିବା । ଏହାହିଁ ହେଲା ଆମ ସୂତ୍ରଟିର ଅର୍ଥ । ଅଧ୍ୟାତ୍ମ ଧର୍ମହିଁ ବିଶେଷ ଭାବରେ ଭାରତର ମନୋଯୋଗକୁ ଚିରକାଳ ଆକର୍ଷଣ କରି ଆସିଛି, ଏହାହିଁ ହେଲା ଭାରତର ଅନ୍ତଃପୁରୁଷର ବିଷୟ ।

*

ଭାରତ ଧ୍ୱଂସ ହୋଇ ନପାରେ, ଆମ୍ଭମାନଙ୍କ ଜାତି ଲୁପ୍ତ ହୋଇ ନପାରେ, କାରଣ ମାନବଗୋଷ୍ଠୀ ସମୂହ ମଧ୍ୟରେ ଭାରତ ସକାଶେ ନିର୍ଦ୍ଦିଷ୍ଟ ରହିଛି ସମଗ୍ର ମାନବଜାତିର ଭବିଷ୍ୟତ୍ ହିତାର୍ଥେ ଏକ ଉଜ୍ଜ୍ୱଳତମ ଓ ମହତ୍ତମ ସିଦ୍ଧି । ନିଜ ମଧ୍ୟରୁ ତାହାକୁ ତୋଳି ଧରିବାକୁ ହେବ ସମଗ୍ର ଜଗତର ଭବିଷ୍ୟତ୍ ଧର୍ମ, ସେହି ସନାତନ ଧର୍ମ, ଯହିଁରେ ସକଳ ଧର୍ମ, ବିଜ୍ଞାନ ଏବଂ ଜୀବନ ସମଞ୍ଜସ ପ୍ରାପ୍ତ ହୁଏ, ଯାହା ସମଗ୍ର ମାନବଜାତିକୁ ଏକାତ୍ମ କରେ । ସେହିପରି ନୈତିକ କ୍ଷେତ୍ରରେ ତାହାର ଲକ୍ଷ୍ୟ ହେଲା ମନୁଷ୍ୟ ମଧ୍ୟରୁ ତାହାର ବର୍ବରତା ଦୂର କରିବା, ବିଶ୍ୱକୁ ଆର୍ଯ୍ୟଧର୍ମରେ ଦୀକ୍ଷିତ କରାଇବା । ଆଉ ଏଥିପାଇଁ ପ୍ରଥମେ ଭାରତକୁ ଆର୍ଯ୍ୟ ହେବାକୁ ହେବ ।

# ବୁଦ୍ଧିର ଶାସନ ବଦଳରେ ଆଧ୍ୟାତ୍ମିକ ଚେତନାର ଶାସନ

## ଶ୍ରୀମା

[ମା' ଅରୋଭିଲ୍‌ର ପରିଚାଳନା ସଂପର୍କରେ କହିବାକୁ ଯାଇ କହିଥିଲେ, ''କୌଣସି ନିୟମ ବା ଆଇନ କାନୁନକୁ ବାନ୍ଧି ଦିଆଯିବ ନାହିଁ । ନଗରଟିର ପଶ୍ଚାତରେ ଥିବା ଦିବ୍ୟସତ୍ୟ କ୍ରମଶଃ ପ୍ରକାଶ ପାଇଁ ଆକାର ଧାରଣ କରିବା ସଙ୍ଗରେ ଜିନିଷଗୁଡ଼ିକ ଆପେଆପେ ସ୍ଥିରୀକୃତ ହେବ, ଆମେ ଆଗରୁ କିଛି ସ୍ଥିର କରୁ ନାହିଁ ।'' ଏହାର ବ୍ୟାଖ୍ୟା କରି ମା' ନିମ୍ନୋକ୍ତ କଥାଗୁଡ଼ିକ କହିଥିଲେ ।]

ମୁଁ ଯାହା କହିବାକୁ ଚାହିଁଥିଲି ତା' ହେଉଛି ସାଧାରଣତଃ – ଆଜିପର୍ଯ୍ୟନ୍ତ ସର୍ବଦା, ଏବଂ ଅଧିକରୁ ଅଧିକ – ଲୋକମାନେ ସେମାନଙ୍କ ନିଜର ଧାରଣା ଓ ଆଦର୍ଶ ଅନୁଯାୟୀ ଗୁଡ଼ିଏ ମାନସିକ ନିୟମ ବାନ୍ଧିଦିଅନ୍ତି ଓ ତାହାକୁ ପ୍ରୟୋଗ କରନ୍ତି । (ମାନସିକ ମୁଷ୍ଟି ଆଘାତ ତଳେ ପୃଥିବୀର ଅବସ୍ଥାକୁ ଦେଖାଇ ଦେବା ପାଇଁ ମା' ନିଜର ମୁଷ୍ଟି ଅବନତ କରି ଆଘାତ କଲେ) । ଏବଂ ତାହା ପୂରାପୂରି ଏକ ମିଥ୍ୟାଚାର, ଏହା ସ୍ୱେଚ୍ଛାଚାର, ଅବାସ୍ତବ ଓ ଏହାର ଫଳ ସ୍ୱରୂପ ଜିନିଷଗୁଡ଼ିକ ବିଦ୍ରୋହ କରନ୍ତି, କ୍ଷୟ ହୋଇ ଲୋପ ପାଇଯାଆନ୍ତି ।... ସ୍ୱୟଂ ଜୀବନର ଅନୁଭୂତି ଏହା ଯେ ନିୟମଗୁଡ଼ିକୁ ଧୀରେଧୀରେ କାର୍ଯ୍ୟକାରୀ କରାଇବା ଏବଂ ସେହି ନିୟମଗୁଡ଼ିକ ଯଥାସମ୍ଭବ ସୂକ୍ଷ୍ମ ଓ ଉଦାର ତଥା ପ୍ରଶସ୍ତ ହେବା ଉଚିତ, ଯାହା ଫଳରେ ସେଗୁଡ଼ିକ ବରାବର ପ୍ରଗତିଶୀଳ ହେଉଥିବ । କୌଣସି କିଛିକୁ ଅପରିବର୍ତ୍ତନୀୟଭାବେ ସ୍ଥିର କରିଦେବା ଉଚିତ ନୁହେଁ । ସରକାରଗୁଡ଼ିକ ଏହି ବିରାଟ ଭୁଲହିଁ କରିଥାଆନ୍ତି : ତୁମେ ଏକ ନିୟମ ବାନ୍ଧିଦେଲ ଏବଂ କହିଲ ତୁମ ପାଇଁ ଏହା ସ୍ଥିର ହୋଇଗଲା; ଆମେ ଏହି ନିୟମଟି ପ୍ରଣୟନ କରିଛୁ ଓ ତୁମକୁ ଏହା ମାନି ଚଳିବାକୁ ହେବ, ଏହାର ଅଧୀନରେ ରହିବାକୁ ହେବ । ତେଣୁ ଏହା ସ୍ୱାଭାବିକ ଯେ ତୁମେ ଜୀବନକୁ ପେଷି ଦଳି ଦେବାକୁ ଚାହିଁଲ, ଏହାର ଅଗ୍ରଗତି ପାଇଁ ଏକ ବିରାଟ ବାଧା ସୃଷ୍ଟି କଲ । ପ୍ରକୃତରେ ସ୍ୱୟଂ ଜୀବନହିଁ ଆଲୋକ, ଚେତନା ଓ ଶକ୍ତି ଦିଗରେ ଅଧିକରୁ ଅଧିକ ବିକଶିତ ହୋଇ ଆଗେଇ ଚାଲିବା ଉଚିତ । ଯେତେବେଳେ ଧୀରେଧୀରେ ଏହା ଶାସନର ନିୟମଗୁଡ଼ିକୁ ପ୍ରତିଷ୍ଠିତ କରିବ, ସେଗୁଡ଼ିକ ଯେତେ ଅଧିକ ଉଦାର ଓ ସାଧାରଣ ହୁଏ ସେଥିପାଇଁ ଦୃଷ୍ଟିଦେବ, ଯାହାଫଳରେ ସେହି ନିୟମଗୁଡ଼ିକ ଅତ୍ୟନ୍ତ ନମନୀୟ ଓ ପରିବର୍ତ୍ତନଧର୍ମୀ ହୋଇ ପାରୁଥିବ, ଏବଂ ଆବଶ୍ୟକତା ଓ ଅଭ୍ୟାସଗୁଡ଼ିକ ଯେତେ ଶୀଘ୍ର ବଦଳୁଥାଏ, ସେଇ ଅନୁଯାୟୀ ସେହି ନିୟମଗୁଡ଼ିକ ମଧ୍ୟ ପରିବର୍ତ୍ତିତ ହେଉଥିବ ।

*(ମା' କିଛି ସମୟ ନୀରବ ରହିଲେ)*

ଶେଷରେ ସମସ୍ୟାଟି ପ୍ରାୟ ଏଇଠି ପହଞ୍ଚିଛି ଯେ ବୁଦ୍ଧି ଦ୍ୱାରା ଚାଳିତ ମାନସିକ ଶାସନ ବଦଳରେ ଆଧ୍ୟାତ୍ମିକ ଚେତନା ଦ୍ୱାରା ଚାଳିତ ଏକ ଶାସନର ପ୍ରତିଷ୍ଠା ।

ଏହା ବେଶ୍ ଏକ ଆଗ୍ରହଜନକ ଅନୁଭୂତି : କିପରି ସେଇ ସମାନ କ୍ରିୟା, ସମାନ କର୍ମ, ସମାନ ପର୍ଯ୍ୟବେକ୍ଷଣ, ଦୂର ଓ ନିକଟର ପରିସ୍ଥିତି ସହ ସେଇ ସମାନ ସଂପର୍କସବୁ ବୁଦ୍ଧିର ମାଧ୍ୟମରେ ମନରେ ସ୍ଥାନ ପାଏ ଏବଂ ଅନୁଭୂତିର ମାଧ୍ୟମରେ ଚେତନାରେ ସ୍ଥାନ ପାଏ । ଏବଂ ବର୍ତ୍ତମାନ ଏହି ଶରୀର ତାହାହିଁ ଶିଖୁଛି, ବୁଦ୍ଧିଚାଳିତ ମନର ଶାସନ ସ୍ଥାନରେ ଚେତନା-ଚାଳିତ ଆଧ୍ୟାତ୍ମିକ ଶାସନର ପ୍ରତିଷ୍ଠା । ଏହା ଆଣି ଦେଉଛି, (ବାହାରକୁ କିଛି ଦେଖାଯାଇ ନ ପାରେ, ତୁମେ ହୁଏତ ଏହା ଲକ୍ଷ୍ୟ କରି ନ ପାର) କିନ୍ତୁ ଏହା ଏକ ବିରାଟ ପାର୍ଥକ୍ୟ ଆଣି ଦେଉଛି, ଏତେ ଅଧିକ ପାର୍ଥକ୍ୟ ଯେ ଏହା ଶରୀରର ସମ୍ଭାବନାସବୁକୁ ଶହେଗୁଣ ବଢ଼ାଇ ଦେଉଛି... ।

ଯେତେବେଳେ ଶରୀର ନାନା ନିୟମର ଅଧୀନରେ ଚଳୁଥାଏ, ଏହି ନିୟମଗୁଡ଼ିକ ଯେତେ ପ୍ରଶସ୍ତ ବା ଯେତେ ବୋଧଗମ୍ୟ ହେଲେ ବି, ଶରୀରଟି ସେହିସବୁ ନିୟମର କ୍ରୀତଦାସ ହୋଇ ରହିଥାଏ ଏବଂ ଏହାର ସମ୍ଭାବନାଗୁଡ଼ିକ ସେହି ନିୟମ-ସବୁ ଦ୍ୱାରା ସୀମିତ ହୋଇ ରହିଥାଏ । କିନ୍ତୁ ଯେତେବେଳେ ଏହା ଅଧ୍ୟାତ୍ମ-ଚେତନା ଦ୍ୱାରା ପରିଚାଳିତ ହୁଏ, ସେତେବେଳେ ଏହା ଏକ ଅତୁଳନୀୟ ସମ୍ଭାବନା ଓ ନମନୀୟତା ଲାଭ କରେ । ଏବଂ ଏହାହିଁ, ଏହାକୁ ନିଜର ପରମାୟୁ ବଢ଼ାଇବାର ସାମର୍ଥ୍ୟ, ଏହାର ସ୍ଥାୟିତ୍ୱ ଓ ଜୀବନକାଳକୁ ଦୀର୍ଘ କରିବାର ସାମର୍ଥ୍ୟ ଆଣିଦେବ । ଏହାର ଅର୍ଥ ହେଉଛି ମନର ବୁଦ୍ଧିଗତ ଶାସନ

ସ୍ଥାନରେ ଅଧ୍ୟାତ୍ମ-ଚେତନାର ଏକ ଶାସନକୁ ପ୍ରତିଷ୍ଠା କରିବା, ସେହି ଚେତନା ସେହି ଦିବ୍ୟଚେତନାର ଶାସନ । ବାହାରୁ ଦେଖିଲେ କିଛି ବଡ଼ ଗୋଟାଏ ପାର୍ଥକ୍ୟ ଦେଖାଯିବ ନାହିଁ, କିନ୍ତୁ... ଏହାହିଁ ହେଉଛି ମୋର ଅନୁଭୂତି (କାରଣ ବର୍ତ୍ତମାନ ମୋର ଶରୀର ଆଉ ବୁଦ୍ଧିଗତ ମନକୁ ମାନି ଚଳୁ ନାହିଁ, ଆଦୌ ନୁହେଁ – ଏପରିକି ଏହା ବୁଝିପାରୁ ନାହିଁ ତାହା କିପରି ହୋଇଥାଏ) କିନ୍ତୁ ଅଧିକରୁ ଅଧିକ, ଉତ୍ତମରୁ ଆହୁରି ଉତ୍ତମ ରୂପେ, ଏହା ଚେତନାର ପରିଚାଳନାଗୁଡ଼ିକୁ, ତାହାର ତାଗିଦା ଓ ନିର୍ଦ୍ଦେଶଗୁଡ଼ିକୁ ଅନୁସରଣ କରୁଛି । ଏବଂ ସେତେବେଳେ ଏହା ଦେଖୁଛି, ପ୍ରାୟ ପ୍ରତ୍ୟେକ ମିନିଟରେ, ଏହା କେତେ ବଡ଼ ପାର୍ଥକ୍ୟ ଆଣି ଦେଉଛି... ଉଦାହରଣ ସ୍ୱରୂପ, ସମୟ ତା'ର ମୂଲ୍ୟ ହରାଇଛି,– ଏହାର ସ୍ଥିରୀକୃତ ମୂଲ୍ୟମାନ ହରାଇ ବସିଛି । ଠିକ୍ ସମାନ ସେଇ ଏକା ଜିନିଷଟିକୁ ଖୁବ୍ କମ୍ ସମୟରେ ବା ଦୀର୍ଘ ସମୟରେ କରାଯାଇପାରେ । ପ୍ରୟୋଜନୀୟତା ତା'ର କର୍ତ୍ତୃତ୍ୱ ହରାଇ ବସିଛି । ଜଣେ ନିଜକୁ ସହଜରେ ଗୋଟିଏ ଜିନିଷସହ ବା ଅନ୍ୟ ଜିନିଷଟି ସହ ଖାପ ଖୁଆଇ ନେଇପାରେ । ସମସ୍ତ ନିୟମ, ଯେଉଁ ନିୟମଗୁଡ଼ିକ ବିଶ୍ୱ ପ୍ରକୃତିର ନିୟମ ହୋଇଥିଲା, ସେଗୁଡ଼ିକ ସେମାନଙ୍କର ସମଗ୍ର ବିନ୍ୟାସ ବା ପ୍ରବଣତା ହରାଇ ବସିଛନ୍ତି ବୋଲି କୁହାଯାଇପାରେ; ଏହା ଆଉ ଆଗପରି ହୋଇ ରହି ନାହିଁ । ଯଦି ଏଗୁଡ଼ିକ ସବୁସମୟରେ ଦିବ୍ୟଚେତନାର ପ୍ରଭାବ ପ୍ରତି,– ସର୍ବଜ୍ଞତାସଂପନ୍ନ ଦିବ୍ୟ ଚେତନା ପ୍ରତି ନମନୀୟ, ମନୋଯୋଗୀ ଓ ଉତ୍ତରକ୍ଷମ ହୋଇ ରହନ୍ତି ଓ ଏକ ଅସାଧାରଣ ନମନୀୟତା ନେଇ ତାହାର କ୍ରିୟାସବୁ ଭିତର ଦେଇ ଆଗେଇ ଯାଆନ୍ତି, ତେବେ ତାହାହିଁ ଯଥେଷ୍ଟ ହେବ ।

ଏହା ଏପରି ଏକ ଆବିଷ୍କାର ଯାହା ଅଧିକରୁ ଅଧିକ ହୋଇ ଚାଲିଛି । ଏହା ବିସ୍ମୟକର, ଏହା ଏକ ବିସ୍ମୟକର ଆବିଷ୍କାର ।

ସମସ୍ତ ବାଧବାଧକତା ଉପରେ ଏହା ଏକ କ୍ରମବର୍ଦ୍ଧିଷ୍ଣୁ ବିଜୟ । ଏହି ଭାବରେ ବିଶ୍ୱ ପ୍ରକୃତିର ସମସ୍ତ ନିୟମ, ସ୍ୱାଭାବିକ ଭାବରେ ସମସ୍ତ ମାନବୀୟ ନିୟମ, ସମସ୍ତ ଅଭ୍ୟାସ, ସମସ୍ତ ଅନୁଶାସନ, ସବୁକିଛି ନମନୀୟ ହୋଇଯାଇ, ଶେଷରେ ଆଉ ସେଗୁଡ଼ିକର କୌଣସି ଅସ୍ତିତ୍ୱ ରହୁ ନାହିଁ । ତଥାପି ଜଣେ ଏକ ନିୟମିତ ଛନ୍ଦକୁ ବଜାୟ ରଖିପାରେ ଯାହାକି କାମଟିକୁ ଆହୁରି ସହଜ କରିଦେବ – ଏହା ନମନୀୟତାର ବିରୋଧୀ ନୁହେଁ । କିନ୍ତୁ ଏହା ହେଉଛି କାମଟି କରିବାବେଳେ, କୌଣସି କିଛିକୁ ଖାପଖୁଆଇ ଗ୍ରହଣ କରିବାବେଳେ ଏକ ନମନୀୟତା, ଯାହା ଆସି ସବୁକିଛିର ପରିବର୍ତ୍ତନ କରିଦିଏ । ସ୍ୱାସ୍ଥ୍ୟ ଦୃଷ୍ଟିରୁ, ସ୍ୱାସ୍ଥ୍ୟରକ୍ଷା ଦୃଷ୍ଟିରୁ, ସଂଗଠନ ଦୃଷ୍ଟିରୁ, ଅନ୍ୟମାନଙ୍କ ସହ ସଂପର୍କ ରଖିବା ଦୃଷ୍ଟିରୁ, ଏହା କେବଳ ନିଜର ମୁଣ୍ଡ ଠିକ୍ ରଖି ଆକ୍ରମଣାତ୍ମକ, ଉଗ୍ରଭାବକୁ ଯେ ହରାଇ ବସିଛି (କାରଣ ଉଗ୍ର ଆକ୍ରମଣାତ୍ମକ ଭାବର ଅନୁପ୍ରବେଶ ସଂପର୍କରେ ମଥା ଠିକ୍ ରଖି ଧୀର, ଶାନ୍ତ, ସ୍ଥିର ଓ ପ୍ରକୃତିସ୍ଥ ରହିପାରିଲେ ତାହାହିଁ ଯଥେଷ୍ଟ), ଖାଲି ସେତିକି ନୁହେଁ, ଏହା ମଧ୍ୟ ନିଜର ଅଲଂଘ୍ୟ କର୍ତ୍ତୃତ୍ୱବୋଧ ଓ ଆଦେଶ ବ୍ୟଞ୍ଜକ ନିୟମ ଓ ଅନୁଶାସନବୋଧକୁ ମଧ୍ୟ ହରାଇଛି, ଏଗୁଡ଼ିକ ସବୁ ଚାଲିଯାଇଛି ।

ତେଣୁ ଜଣେ ଦେଖେ ଯେ ଏହି ପ୍ରଣାଳୀଟି ଯେତେ ଅଧିକରୁ ଅଧିକ ତ୍ରୁଟିହୀନ ପୂର୍ଣ୍ଣତା ଦିଗରେ ଆଗେଇଯିବ – ପୂର୍ଣ୍ଣତା ଅର୍ଥ ସେହି ପୂର୍ଣ୍ଣାଙ୍ଗତା, ସମଗ୍ରତା, ଯାହା କୌଣସି କିଛିକୁ ମଧ୍ୟ ପଛରେ ଛାଡ଼ିଯାଏ ନାହିଁ – ସେତେ ଅଧିକ ଭାବରେ ଏହା ନିଶ୍ଚିତରୂପେ ଓ ଅନିବାର୍ଯ୍ୟ ଭାବରେ ହୋଇ ଉଠିବ ମୃତ୍ୟୁ ଉପରେ ବିଜୟ । ଏପରି ନୁହେଁ ଯେ ଦେହକୋଷର ଯେଉଁ ବିଲୋପ ଫଳରେ ମୃତ୍ୟୁ ଆସେ, ତାହା ଆଉ ରହିବ ନାହିଁ, କିନ୍ତୁ ଏହା ରହିବ ଯେତେବେଳେ ଏହାର ପ୍ରୟୋଜନ ପଡ଼ିବ; ବର୍ତ୍ତମାନ ଯେପରି ଏହା ଏକ ଅଲଂଘ୍ୟ ନିୟମ ହୋଇ ରହିଛି, ସେପରି ନ ରହି ଏହା ରହିବ ପ୍ରୟୋଜନବେଳେ ଏକ ଆବଶ୍ୟକ ପ୍ରଣାଳୀ ରୂପେ ।

ସର୍ବୋପରି, ଏହାର ଅର୍ଥ ହେଉଛି ମନ ଯେଉଁ ଜିନିଷଗୁଡ଼ିକୁ କଠୋର, ଅଲଂଘ୍ୟ ଓ ପ୍ରାୟ ଅପରାଜେୟ ନିୟମ ରୂପେ ଆଣିଦେଇଥିଲା ସେଗୁଡ଼ିକର ସମାପ୍ତି ଘଟିବ । ସହଜଭାବରେ କଥାଟି ଏହିପରି, ସର୍ବୋଚ୍ଚ ଶକ୍ତିକୁ ହସ୍ତାନ୍ତର କରି ପରମଦିବ୍ୟ ଚେତନା ହାତରେ ଅର୍ପଣ କରିଦେବା ।

ସମ୍ଭବତଃ ଯେତେବେଳେ ପ୍ରାଚୀନ ଦ୍ରଷ୍ଟାମାନେ ପ୍ରକୃତିର ଶକ୍ତିକୁ ପୁରୁଷ ହାତରେ ପ୍ରତ୍ୟର୍ପଣ କରିବା, ବିଶ୍ୱ ପ୍ରକୃତିଠାରୁ ଶକ୍ତିକୁ ହସ୍ତାନ୍ତର କରି ପୁରୁଷ ହାତରେ ପ୍ରଦାନ କରିବା କଥା କହୁଥିଲେ, ସେମାନେ ତାହା ଏହି ଅର୍ଥରେହିଁ କହୁଥିଲେ । ବୋଧହୁଏ ସେମାନେ ଏହିଭାବରେହିଁ ଏହି ବିଷୟଟିକୁ ବ୍ୟକ୍ତ କରୁଥିଲେ । ✤

# ରୂପାନ୍ତର ଦିଗରେ ବ୍ୟଷ୍ଟି ଓ ସମଷ୍ଟିର ଭୂମିକା

## ଶ୍ରୀମା

*ପ୍ରଶ୍ନ : କାମନା ଉପରେ ବ୍ୟକ୍ତିଗତ କର୍ତ୍ତୃତ୍ୱ କ'ଣ ଯଥେଷ୍ଟ ନା ଏକ ସାଧାରଣ ସମଷ୍ଟିଗତ କର୍ତ୍ତୃତ୍ୱର ଆବଶ୍ୟକତା ଅଛି ?*

ଶ୍ରୀମା : ବେଶ୍ ପ୍ରଶ୍ନଟିଏ... କ'ଣ ପୂର୍ଣ୍ଣ ବ୍ୟକ୍ତିଗତ ରୂପାନ୍ତର ସମ୍ଭବ ହେବ, ଯଦି ସମଷ୍ଟିର ଭିତରେ ଅନ୍ତତଃ ତା'ର କିଛି ସଂଗତି ନ ଥାଏ ? ଏହା ସମ୍ଭବ ହେବ ବୋଲି ମୋର ମନେ ହୁଏନା । ବ୍ୟଷ୍ଟି ଓ ସମଷ୍ଟି ଭିତରେ ଏତେଟା ପାରସ୍ପରିକ ନିର୍ଭରଶୀଳତା ରହିଛି ଯେ ସନ୍ନ୍ୟାସୀମାନେ ଯେଭଳି ଉପଦେଶ ଦିଅନ୍ତି, ଯଦି ଜଣେ ତାହା ଅନୁସରଣ ନ କରେ, ଅର୍ଥାତ୍ ସଂସାରରୁ ପଳାୟନ ନ କରେ, ପୂର୍ଣ୍ଣ ଭାବରେ ତହିଁରୁ ବାହାରି ନ ଯାଏ, ସାରାଟା ସଂସାର ଯେପରି ଅଛି ତାହାକୁ ସେହିପରି ରହିବାକୁ ଛାଡ଼ିଦେଇ, ସ୍ୱାର୍ଥପର ଭାବରେ ସମସ୍ତ କାମଟି ଅନ୍ୟମାନଙ୍କ ଉପରେ ପକାଇଦେଇ ପଳାୟନ ନ କରେ, ଜଣେ ଏପରି ନ କଲେ ବ୍ୟକ୍ତିଗତ ରୂପାନ୍ତର ସମ୍ଭବ ହେବ ନାହିଁ... ଏପରିକି ତଥାପି ବି ମୋର ସନ୍ଦେହ ରହିଛି । ସମଷ୍ଟି ଭିତରେ ଅତି କମ୍‌ରେ କିଛି ମାତ୍ରାରେ ରୂପାନ୍ତର ସାଧିତ ନ ହେଲେ ଜଣେ କ'ଣ ନିଜ ସତ୍ତାର ପୂର୍ଣ୍ଣରୂପାନ୍ତର ସାଧନ କରିପାରିବ ? ମୁଁ ଭାବୁ ନାହିଁ ଏହା ସମ୍ଭବ ବୋଲି । ମନୁଷ୍ୟର ପ୍ରକୃତି ଯେପରି ରହିଛି ସେହିପରି ରହିଥାଏ – ଜଣେ ନିଜ ଚେତନାର ବିରାଟ ପରିବର୍ତ୍ତନ ଆଣିପାରିବ, ହଁ, ତାହା ସମ୍ଭବ, ଜଣେ ନିଜର ଚେତନାକୁ ଶୁଦ୍ଧ କରିପାରିବ, କିନ୍ତୁ ପୂର୍ଣ୍ଣ ସାମଗ୍ରିକ ବିଜୟ, ସ୍ଥୂଳ ଭୌତିକ ଚେତନାର ସେହି ରୂପାନ୍ତର ନିଶ୍ଚିତ ରୂପେ ବହୁ ପରିମାଣରେ ନିର୍ଭର କରେ ସମଷ୍ଟିର କ୍ଷେତ୍ରରେ କିଛି ମାତ୍ରାରେ ଅଗ୍ରଗତି ଉପରେ । ବୁଦ୍ଧଙ୍କର ଏହା କହିବା ପଛରେ ଯଥେଷ୍ଟ କାରଣ ଥିଲା ଯେ, ଯେପର୍ଯ୍ୟନ୍ତ ତୁମ ଭିତରେ କାମନାର ଏକ ସ୍ପନ୍ଦନ ଥିବ, ତା'ହେଲେ ସେହି ସ୍ପନ୍ଦନଟି ସାରା ପୃଥିବୀ ବ୍ୟାପୀ ବିସ୍ତାରିତ ହୋଇ ଚାଲିବ, ଏବଂ ଯେଉଁମାନେ ଏହାକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ଥିବେ, ସେମାନେ ଏହାକୁ ଗ୍ରହଣ କରିବେ । ଠିକ୍ ସେଇଭଳି ଯଦି ତୁମ ଭିତରେ କାମନାର କୌଣସି ସ୍ପନ୍ଦନ ପ୍ରତି ସାମାନ୍ୟ ମାତ୍ର ଉନ୍ମୋଚନ ଥିବ ତା'ହେଲେ ପୃଥିବୀରେ ନିରନ୍ତର ଖେଳି ବୁଲୁଥିବା କାମନାର ସବୁଗୁଡ଼ିକ ସ୍ପନ୍ଦନ ପ୍ରତି ତୁମେ ନିଜକୁ ଖୋଲି ଧରିଥାଅ । ସେଇଥିପାଇଁ ସେ ଏହି ସିଦ୍ଧାନ୍ତରେ ପହଞ୍ଚିଲେ ଯେ ତୁମେ ଏହି ଭ୍ରମରୁ ପୂରା ବାହାରି ଯାଅ, ନିଜକୁ ତହିଁରୁ ପୂରାପୂରି ପ୍ରତ୍ୟାହାର କରିନିଅ, ତା'ହେଲେ ତୁମେ ମୁକ୍ତ ହୋଇଯିବ । କିନ୍ତୁ ମୋତେ ଲାଗେ ଏହା ଅପେକ୍ଷାକୃତ ଅତ୍ୟନ୍ତ ସ୍ୱାର୍ଥପର ମନୋଭାବ, କିନ୍ତୁ ପରିଶେଷରେ କହିବା ଯେ ସେ ଦେଖିଥିଲେ ଏହାହିଁ ଏକମାତ୍ର ମାର୍ଗ । ଅନ୍ୟ ଏକ ମାର୍ଗ ରହିଛି, ଏବଂ ତାହା ହେଉଛି ଭଗବତ୍-ଦିବ୍ୟଶକ୍ତି ସହ ଏପରି ଉତ୍ତମରୂପେ ଏକାନ୍ତ ହୋଇଯାଅ ଯେ ପୃଥିବୀରେ ଖେଳି ବୁଲୁଥିବା ସମସ୍ତ ସ୍ପନ୍ଦନଗୁଡ଼ିକ ଉପରେ ତୁମେ ନିରନ୍ତର ଓ ସଚେତ ଭାବରେ କ୍ରିୟା କରିପାରିବା ପାଇଁ ସକ୍ଷମ ହୋଇ ପାରିବ । ତା'ହେଲେ ଅବାଞ୍ଛିତ ସ୍ପନ୍ଦନଗୁଡ଼ିକର ତୁମ ଉପରେ ଆଉ କୌଣସି ପ୍ରଭାବ ରହିବ ନାହିଁ, କିନ୍ତୁ ସେଗୁଡ଼ିକ ଉପରେ ତୁମର ଏକ ପ୍ରଭାବ ରହିବ, ଅର୍ଥାତ୍ ତୁମ ଅଜାଣତରେ ଅବାଞ୍ଛିତ କୌଣସି ସ୍ପନ୍ଦନ ତୁମ ଭିତରେ ପ୍ରବେଶ କରି ସେଠାରେ ତାହାର କ୍ରିୟା କରିବା ପରିବର୍ତ୍ତେ ତୁମେ ସେହି ସ୍ପନ୍ଦନଟିକୁ ଚିହ୍ନି ଜାଣିପାରିବ ଏବଂ ତାହା ତୁମ ପାଖରେ ପହଞ୍ଚିବା ସଙ୍ଗେ ସଙ୍ଗେ ତୁମେ ତାହାକୁ ରୂପାନ୍ତରିତ କରିବା ପାଇଁ ତାହା ଉପରେ କ୍ରିୟା କରିପାରିବ ଏବଂ ସେତେବେଳେ ଏହା ରୂପାନ୍ତରିତ ହୋଇ ପୁଣି ପୃଥିବୀକୁ ଫେରିଯିବ ଓ ନିଜର ମଙ୍ଗଳପ୍ରଦ କ୍ରିୟା କରି ସେହି ସମାନ ଉପଲବ୍ଧି ପାଇଁ ଅନ୍ୟମାନଙ୍କୁ ପ୍ରସ୍ତୁତ କରିଚାଲିବ । ଠିକ୍ ଏହି କାର୍ଯ୍ୟଟି କରିବା ପାଇଁ ଶ୍ରୀଅରବିନ୍ଦ ପ୍ରସ୍ତାବ ଦେଇଛନ୍ତି, ଅଧିକ ସ୍ପଷ୍ଟ ଭାବରେ କହିଲେ ଏହାହିଁ କରିବା ପାଇଁ ସେ ତୁମକୁ କହିଛନ୍ତି ଓ ଆମେ ଏହାହିଁ କରୁ ବୋଲି ସେ ଚାହାନ୍ତି ।

ପଳାୟନ କରିବା ପରିବର୍ତ୍ତେ ଆମ ଭିତରେ ସେହି ଶକ୍ତିକୁ ଆଣିବାକୁ ହେବ ଯାହା ଜୟଲାଭ କରିବ ।

ମନେରଖ, ଜିନିଷଗୁଡ଼ିକୁ ଏପରି ଭାବରେ ବ୍ୟବସ୍ଥିତ କରାଯାଇଛି ଯେ ଯଦି କେଉଁଠି ଉଚ୍ଚାଭିଳାଷର ଅଣୁଟିଏ ମାତ୍ର ରହିଥାଏ ଏବଂ କେହି ଯଦି ନିଜର ବ୍ୟକ୍ତିଗତ ଅଭିଳାଷ ପୂରଣ ପାଇଁ ଏହି ଦିବ୍ୟଶକ୍ତିକୁ ଚାହେଁ, ତା'ହେଲେ ସେ କେବେହେଲେ ଏହା ପାଇପାରିବ ନାହିଁ, ସେହି ଦିବ୍ୟଶକ୍ତି କେବେହେଲେ ତା' ପାଖକୁ ଆସିବ ନାହିଁ । ଏହାର ବିକୃତ ସୀମିତ ରୂପ, ଯାହା ପ୍ରାଣିକ ଓ ଭୌତିକ ଜଗତରେ ଦେଖାଯାଏ, ହଁ, ଜଣେ

ତାହା ପାଇପାରେ ଏବଂ ଅନେକେ ଏହା ପାଇଛନ୍ତି ମଧ୍ୟ । କିନ୍ତୁ ଯଥାର୍ଥ ଦିବ୍ୟଶକ୍ତି ଯାହାକୁ ଶ୍ରୀଅରବିନ୍ଦ ''ଅତିମାନସ'' ବୋଲି କହିଛନ୍ତି, ଜଣେ ଯଦି ଅହଂ ଓ ତା'ର ସମସ୍ତ ରୂପରୁ ପୂର୍ଣ୍ଣ ଭାବରେ ମୁକ୍ତ ନ ହୁଏ ତେବେ ସେ ଏହି ଦିବ୍ୟଶକ୍ତିକୁ ଅଭିବ୍ୟକ୍ତ କରିବାକୁ କେବେହେଲେ ସମର୍ଥ ହେବ ନାହିଁ । ତେଣୁ ଏହି ଶକ୍ତିକୁ ଅପବ୍ୟବହାର କରିବାର କୌଣସି ବିପଦ ନାହିଁ । ଯେଉଁ ବ୍ୟକ୍ତି ସଂପୂର୍ଣ୍ଣ ଆନ୍ତର ନିରାସକ୍ତି ଲାଭ କରିପାରିଛି, ସେହିପରି ବ୍ୟକ୍ତିର ମାଧ୍ୟମ ବିନା ଏହି ଶକ୍ତି ପ୍ରକାଶ ପାଇପାରିବ ନାହିଁ । ଶ୍ରୀଅରବିନ୍ଦ ଆମଠାରୁ ଏହାହିଁ ଆଶା କରନ୍ତି ବୋଲି ମୁଁ ତୁମକୁ କହିଛି – ତୁମେ କହିପାର ଏହା ଖୁବ୍ କଷ୍ଟସାଧ୍ୟ, କିନ୍ତୁ ସହଜସାଧ୍ୟ କାମ କରିବା ପାଇଁ ଆମେ ଏଠାରେ ରହି ନାହୁଁ, ଆମେ ଏଠାରେ ରହିଛୁ କଷ୍ଟସାଧ୍ୟ କାମକୁ ସଂପନ୍ନ କରିବା ପାଇଁ । ❖

ନ୍ୟାୟ ହେଉଛି ବିଶ୍ୱପ୍ରକୃତିର ଗତିବୃତ୍ତିଗୁଡ଼ିକ ସମ୍ପର୍କରେ ଏକ କଠୋର, ଯୁକ୍ତିସିଦ୍ଧ ନିର୍ଦ୍ଧାରଣ । ସ୍ଥୂଳ ଶରୀର ଉପରେ ଯେତେବେଳେ ଏହି ନିର୍ଦ୍ଧାରଣ କାର୍ଯ୍ୟକାରୀ ହୁଏ ତାହାହିଁ ରୋଗବ୍ୟାଧିର ରୂପ ନିଏ । ଚିକିତ୍ସକର ମନ ଏହି ଅଲଂଘ୍ୟ ନ୍ୟାୟ ଉପରେ ଭିତ୍ତିକରିହିଁ ଏପରି ଅବସ୍ଥା ଆଣିବା ପାଇଁ ଚେଷ୍ଟା କରେ, ଯାହା ଯୁକ୍ତିସିଦ୍ଧ ଭାବରେ ଉତ୍ତମ ସ୍ୱାସ୍ଥ୍ୟ ଦିଗରେ ଆଗେଇ ନେବ । ସାମାଜିକ ଶରୀରର କ୍ଷେତ୍ରରେ ନୈତିକ ଚେତନା ଓ ଆଧ୍ୟାତ୍ମିକ ଜଗତର କ୍ଷେତ୍ରରେ ତପସ୍ୟା ଠିକ୍ ଏହି ଭାବରେହିଁ କ୍ରିୟା କରେ ।

କେବଳ ଭଗବତ୍ କୃପାରହିଁ ସେହି ଶକ୍ତି ଅଛି ଯାହା ଏହି ବିଶ୍ୱ-ନ୍ୟାୟର କ୍ରିୟା ଓ ଗତିବୃତ୍ତି ଉପରେ ହସ୍ତକ୍ଷେପ କରିପାରେ ଓ ତାହାକୁ ବଦଳାଇ ଦେଇପାରେ । ଅବତାରଙ୍କ ମହାନ୍ କାର୍ଯ୍ୟ ହେଉଛି ପୃଥିବୀପୃଷ୍ଠରେ ଭଗବତ୍ କୃପାକୁ ପ୍ରକଟ ଓ ଅଭିବ୍ୟକ୍ତ କରିବା । ଅବତାରଙ୍କ ଶିଷ୍ୟ ହେବାର ଅର୍ଥ ହେଉଛି ସେହି ଭଗବତ୍ କୃପାର ଯନ୍ତ୍ର ହୋଇ ଉଠିବା । ପରମ କୃପାଦାୟିନୀ ମା', ଭଗବାନଙ୍କ ସହ ଏକାତ୍ମ ହୋଇ ଓ ବିଶ୍ୱନ୍ୟାୟର ଅଖଣ୍ଡ ଯନ୍ତ୍ର ଓ କ୍ରିୟା ସହ ଏକାତ୍ମ ହୋଇ, ତାହାର ପୂର୍ଣ୍ଣ ଜ୍ଞାନ ଲାଭ କରି ସେହି ଭଗବତ୍ କୃପାକୁ ବିତରଣ କରନ୍ତି ।

ଏବଂ ତାଙ୍କରି ମଧ୍ୟସ୍ଥତା ଜରିଆରେ, ଭଗବତ୍ ଅଭିମୁଖୀ ପ୍ରତ୍ୟେକଟି ଆନ୍ତରିକ ଓ ପ୍ରତ୍ୟୟଭରା ଅଭୀପ୍ସା ତାହାର ଉତ୍ତର ସ୍ୱରୂପ କୃପାର ହସ୍ତକ୍ଷେପକୁ ଆବାହନ କରି ଉତାରି ଆଣେ ।

ହେ ପ୍ରଭୁ, କିଏ ତୁମ ଆଗରେ ଛିଡ଼ା ହୋଇ ପୂରା ଆନ୍ତରିକତାର ସହ କହି ପାରିବ ଯେ ''ମୁଁ ଆଦୌ କୌଣସି ଭୁଲ୍ କରି ନାହିଁ ।'' ଆମେ ଦିନରେ କେତେବାର ତୋର କାର୍ଯ୍ୟ ବିରୋଧରେ ଅପରାଧ କରି ନ ବସୁଛୁ ଓ ତୋର କୃପା ବାରବାର ଆସି ତାହାକୁ ପୋଛି ନିଶ୍ଚିହ୍ନ କରି ନ ଦେଉଛି !

ତୋର କୃପାର ହସ୍ତକ୍ଷେପ ବିନା ଏପରି କିଏ ଅଛି ଯେ କି ବିଶ୍ୱ-ନ୍ୟାୟବିଧାନର ନିର୍ଦ୍ଦୟ ଖଡ଼୍ଗ ତଳକୁ ବାରବାର ନ ଆସିବ ?

ଏଠାରେ ପ୍ରତ୍ୟେକ ବ୍ୟକ୍ତି ହେଉଛନ୍ତି ସମାଧାନ କରିବାକୁ ଥିବା ଗୋଟିଏ ଗୋଟିଏ ଅସମ୍ଭବତାର ପ୍ରତିନିଧି । କିନ୍ତୁ ତୋର କୃପା ପାଇଁ ସବୁକିଛି ସମ୍ଭବ । ତୋର କାର୍ଯ୍ୟ ହେଉଛି ଟିକିନିଖି ଭାବରେ, ତଥା ସମଗ୍ର ଭାବରେ ଏହି ସମସ୍ତ ଅସମ୍ଭବକୁ ଭଗବତ୍ ସିଦ୍ଧିରେ ରୂପାନ୍ତରିତ କରିବା ।

୧୫, ଜାନୁଆରି ୧୯୩୩

**– ଶ୍ରୀମା**

# ପ୍ରାଚୀନ ଭାରତର ଶାସ୍ତ୍ର

## ଶ୍ରୀଅରବିନ୍ଦ

କେବଳ ଭଗବାନଙ୍କୁ ଉପଲବ୍ଧି କରିବା ପ୍ରାଚୀନ କାଳରେ ଋଷିଗଣଙ୍କର ଲକ୍ଷ୍ୟ ନ ଥିଲା, ତହିଁ ସଙ୍ଗେ ସଙ୍ଗେ ସେମାନେ ଚେଷ୍ଟା କରୁଥିଲେ ଏହି ସଂସାର ଓ ଜୀବନର ଯଥାର୍ଥ ସ୍ୱରୂପକୁ ଜାଣିବା ପାଇଁ ଏବଂ ଜ୍ଞାନବଳରେ ତାକୁ ଆୟତ୍ତକୁ ଆଣି ଏପରି ରୂପ ଦେବା ପାଇଁ ଯାହାକୁ ମଣିଷ ତା'ର ବିଚାର ଓ ସଂକଳ୍ପ ବଳରେ ବ୍ୟବହାର କରିପାରିବ ଏକ ନିର୍ଦ୍ଦିଷ୍ଟ ଧାରାରେ, ଏକ ସୁନ୍ଦର ପନ୍ଥା ଓ ଶୃଙ୍ଖଳାର ନିରାପଦ ଭିତ୍ତି ଉପରେ । ଏହି ଅଧ୍ୟବସାୟର ଚରମ ପରିଣତି ହେଲା ଶାସ୍ତ୍ର । ଆମେ ଯେତେବେଳେ ଆଜିକାଲି ଶାସ୍ତ୍ର କଥା କହୁ, ଅନେକ ସମୟରେ ଆମେ ଏକଥା କହୁ ଯେ ସେଗୁଡ଼ିକ ଧର୍ମ ଓ ସମାଜ ସମ୍ବନ୍ଧୀୟ ବିଧିବ୍ୟବସ୍ଥା ଏବଂ ମନୁ, ପରାଶର ପ୍ରଭୃତି ପ୍ରାଚୀନ ବୈଦିକ ଋଷିଗଣ ପ୍ରଣୟନ କରିଥିବାରୁ ସେଗୁଡ଼ିକ ଅତି ପବିତ୍ର ।

କିନ୍ତୁ ପ୍ରାଚୀନ ଭାରତରେ ଶାସ୍ତ୍ର କହିଲେ ଯେକୌଣସି ସୁବ୍ୟବସ୍ଥିତ ଶିକ୍ଷା ଓ ବିଜ୍ଞାନକୁ ବୁଝାଉଥିଲା । ଜୀବନର ପ୍ରତ୍ୟେକ ବିଭାବ, କର୍ମର ପ୍ରତ୍ୟେକ ଧାରା, ଜ୍ଞାନର ପ୍ରତ୍ୟେକ ବିଷୟ ନିଜ ନିଜର ଶାସ୍ତ୍ର ଓ ବିଜ୍ଞାନ ଉପରେ ପ୍ରତିଷ୍ଠିତ ଥିଲା । ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ, ଯଥାଯୁକ୍ତ ସାଧାରଣ ସିଦ୍ଧାନ୍ତ, ପୂର୍ଣ୍ଣ ଅନୁଭୂତି, ବୋଧି, ଯୁକ୍ତି ସଙ୍ଗତ ଓ ପରୀକ୍ଷାମୂଳକ ବିଶ୍ଳେଷଣ ଓ ସମନ୍ୱୟକୁ ଭିତ୍ତିକରି ପ୍ରତ୍ୟେକ ବିଷୟବସ୍ତୁକୁ ଏପରିଭାବେ ଆୟତ୍ତ କରା ହୋଇଥିଲା ଏବଂ ତାତ୍ତ୍ୱିକ ଓ ବ୍ୟାବହାରିକ ଶୃଙ୍ଖଳାରେ ରଖିବାକୁ ଉଦ୍ୟମ କରା ଯାଇଥିଲା, ଯାହାଫଳରେ ମଣିଷ ତା'ର ଜୀବନ ପାଇଁ କେଉଁ ବସ୍ତୁ କିପରି ଫଳପ୍ରସୂ ହେବ, ତାହା ଚିହ୍ନିପାରି ଯଥାର୍ଥ ଜ୍ଞାନର ନିରାପଦ ଭିତ୍ତି ଉପରେ କାମ କରିଯିବାକୁ ସମର୍ଥ ହୋଇ ପାରିଥିଲା । ଛୋଟ ବଡ଼ ସବୁ ବିଷୟକୁ ସମାନ ଯତ୍ନ ଓ ମନୋଯୋଗ ସହକାରେ ପରୀକ୍ଷା କରା ହେଉଥିଲା ଏବଂ ପ୍ରତ୍ୟେକଟି ବିଷୟର ଶିଳ୍ପଶାସ୍ତ୍ର ଓ ବିଜ୍ଞାନ ତିଆରି କରାହୋଇଥିଲା ।

ଉଚ୍ଚତମ ଆଧ୍ୟାତ୍ମିକ ଜ୍ଞାନର କଥାକୁ ଯେତେବେଳେ ଉପନିଷଦ୍ ପରି ଏକ ପୁଞ୍ଜୀଭୂତ ବୋଧିଦୀପ୍ତ ଅନୁଭୂତି ଓ ଦିବ୍ୟଜ୍ଞାନର ଭାଷାରେ ବ୍ୟକ୍ତ କରା ନ ହୋଇ ବୌଦ୍ଧିକ ଉପଲବ୍ଧିର ଏକ ପଦ୍ଧତି ଓ ଶୃଙ୍ଖଳା ଭିତରେ ବ୍ୟକ୍ତ କରାଯାଇଛି, ସେତେବେଳେ ତାହା ଶାସ୍ତ୍ରର ରୂପ ନେଇଛି ଏବଂ ସେହି ମର୍ମରେ ଗୀତା ତା'ର ଅଧ୍ୟାତ୍ମ ଶିକ୍ଷାକୁ ଗୁହ୍ୟତମ ବିଜ୍ଞାନ ବା ଗୁହ୍ୟତମ ଶାସ୍ତ୍ର ନାମରେ ଅଭିହିତ କରିବାକୁ ସମର୍ଥ ହୋଇଛି । ଭାରତର ପ୍ରାଚୀନ ସଂସ୍କୃତି ତା'ର ସକଳ କ୍ରିୟାଧାରା ଭିତରେ ଏହି ଉଚ୍ଚ ବିଜ୍ଞାନସମ୍ମତ ଓ ଦାର୍ଶନିକ ଭାବକୁ ଅକ୍ଷୁଣ୍ଣ ରଖିଥିଲା । ପ୍ରସ୍ତୁତିମୂଳକ ସାଧନାର ବାହ୍ୟରୂପ, ଏହାକୁ ସମର୍ଥନ କରୁଥିବା ଦର୍ଶନ, ତା'ର ଆନ୍ତର ସାଧନା କିଂବା ଯୋଗର ପଦ୍ଧତି କିଂବା ଆଧ୍ୟାତ୍ମିକ ଜୀବନଧାରାର ପ୍ରଣାଳୀ – ଏସବୁ ନ ଥିଲେ ଭାରତର କୌଣସି ଧର୍ମ ପରିପୂର୍ଣ୍ଣ ବୋଲି ଗୃହୀତ ହେଉ ନ ଥିଲା । ଏପରିକି ପ୍ରଥମ ଦୃଷ୍ଟିରେ ଯାହା ଅଯୌକ୍ତିକ ମନେ ହୁଏ ତହିଁରୁ ମଧ୍ୟ ଅଧିକାଂଶ ଭିତରେ ଏକ ଦାର୍ଶନିକ ଦୃଷ୍ଟିକୋଣ ଓ ତାତ୍ପର୍ଯ୍ୟ ରହିଥିଲା ।

ଏହି ପୂର୍ଣ୍ଣ ଉପଲବ୍ଧି ଓ ଦାର୍ଶନିକ ବୈଶିଷ୍ଟ୍ୟହିଁ ଭାରତ ବର୍ଷରେ ସକଳ ଧର୍ମକୁ ଏପରି ଜୀବନୀ ଶକ୍ତି ଦେଇଛି ଓ ବେଶ୍ ନିରାପଦରେ ବନ୍ଧେଇ ରଖିଛି ସ୍ଥାୟିଭାବରେ, ଏବଂ ଆଧୁନିକ ଯୁଗର ସଂଶୟବାଦୀ ଅନୁସନ୍ଧାନର ଆତ୍ମଦ୍ରାବକ ଶକ୍ତିକୁ ପ୍ରତିରୋଧ କରିବା ପାଇଁ ସମର୍ଥ କରି ଦେଇଛି । ଅନୁଭୂତି ଓ ବିଚାର ଭିତରେ ଯାହାକିଛି ଦୋଷତ୍ରୁଟି, ସେସବୁକୁ ଏହି ଶକ୍ତି ତରଳାଇ ଦେଇପାରେ, ମାତ୍ର ଏହି ମହାନ୍ ଆର୍ଯ୍ୟ ଶିକ୍ଷାଦୀକ୍ଷାର ହୃତ୍‌ପିଣ୍ଡ ଓ ମନକୁ ତରଳାଇ ପାରିବ ନାହିଁ । କିନ୍ତୁ ଆମକୁ ଯାହା ନିରୀକ୍ଷଣ କରିବାକୁ ପଡ଼ିବ, ତାହା ହେଉଛି ଏହା ଯେ ଯେତେବେଳେ ଭାରତୀୟ ସଂସ୍କୃତି ଉଚ୍ଚ ଓ ନୀଚ ଜ୍ଞାନ ଭିତରେ କିଂବା ବସ୍ତୁ ବିଷୟକ ଜ୍ଞାନ ଓ ଆତ୍ମଜ୍ଞାନ ଭିତରେ ପାର୍ଥକ୍ୟକୁ ଉପଲବ୍ଧି କରିଥିଲା, ସେତେବେଳେ ମଧ୍ୟ ଅନ୍ୟ କେତେକ ଧର୍ମ ପରି ଏହା ସେମାନଙ୍କ ଭିତରେ ବ୍ୟବଧାନ ସୃଷ୍ଟି କରି ନ ଥିଲା, ତା'ର ବିବେଚନାରେ ପାର୍ଥିବ ବସ୍ତୁଜ୍ଞାନ ଥିଲା ଏକ ପ୍ରସ୍ତୁତି ଯାହା ମଣିଷକୁ ଉଠାଇ ନେଇଯାଏ ଆତ୍ମଜ୍ଞାନ ଓ ଭଗବାନଙ୍କ ଅଭିମୁଖେ ।

ସକଳ ଶାସ୍ତ୍ର ଋଷିମାନଙ୍କ ନାମରେ ଅନୁମୋଦନ ପାଇଥିଲେ । ସେଇ ଋଷିମାନେ ଆଚାର୍ଯ୍ୟ ନାମରେ ପରିଚିତ ଥିଲେ, କେବଳ ଅଧ୍ୟାତ୍ମ ସତ୍ୟ ଓ ଦର୍ଶନର ଆଚାର୍ଯ୍ୟ ନୁହେଁ – ଏଇଠି ଆମେ ଲକ୍ଷ୍ୟ କରିପାରୁ ଯେ ସକଳ ଭାରତୀୟ ଦର୍ଶନର, ନ୍ୟାୟ ବା ତର୍କ ଶାସ୍ତ୍ରର, ବୈଶେଷିକ ଦର୍ଶନର ପରମାଣୁ ତତ୍ତ୍ୱର

ସର୍ବୋଚ୍ଚ ପରମ ସୁର ଓ ଚରମ ଲକ୍ଷ୍ୟ ଥିଲା ଅଧ୍ୟାତ୍ମଜ୍ଞାନ ଓ ମୁକ୍ତି – ସେମାନେ ମଧ୍ୟ ଶିଳ୍ପକଳା, ସାମାଜିକ, ରାଜନୈତିକ ଏବଂ ସାମରିକ, ଭୌତିକ, ନୈତିକ ଆଦି ସକଳ ବିଜ୍ଞାନର ଶିକ୍ଷାଦାତା ଥିଲେ । ଏବଂ ପ୍ରତ୍ୟେକ ଶିକ୍ଷକ ତା'ର ଯୋଗ୍ୟତା ଅନୁଯାୟୀ ଏକ ଗୁରୁ କିଂବା ଆଚାର୍ଯ୍ୟ ରୂପରେ ମାନବାତ୍ମାର ଏକ ପଥପ୍ରଦର୍ଶକ କିଂବା ଉପଦେଷ୍ଟା ରୂପେ ସମ୍ମାନ ଲାଭ କରୁଥିଲେ । ସମସ୍ତ ଜ୍ଞାନ ଗୁନ୍ଥା ହୋଇ ଗୋଟିଏ ପରାଜ୍ଞାନରେ ପରିଣତ ହୋଇଥିଲା ଏବଂ କ୍ରମଶଃ ତାହା ଊର୍ଦ୍ଧ୍ୱଗାମୀ ହୋଇ ଚାଲିଥିଲା ଏକ ପରମ ଜ୍ଞାନ ଆଡ଼କୁ ।

*

ପ୍ରାଚୀନ ମନର ପ୍ରସାରତା ନେଇ ଭାରତୀୟ ନୀତି-ଶାସ୍ତ୍ରର ପଦ୍ଧତି ଥିଲା ଖୁବ୍ ଉଦାର । ଯଦିଓ ତା'ର ଥିଲା ତପସ୍ୟାର ବର୍ଦ୍ଧିଷ୍ଣୁଭାବ, ଥିଲା ଏକ ନିର୍ଦ୍ଦିଷ୍ଟ କଠୋରତା ତଥାପି ମଣିଷର ସୌନ୍ଦର୍ଯ୍ୟବୋଧମୟ ପ୍ରକୃତି ଉପରେ କିଂବା ସୁଖ ଓ ଭୋଗ ବିଳାସୀ ସତ୍ତା ଉପରେ ଏହା କୌଣସି ନିଷେଧାଦେଶ ଜାରି କରି ନ ଥିଲା ବା ପ୍ରବଳଭାବେ ନିରୁତ୍ସାହିତ କରି ନ ଥିଲା । ସକଳ ପ୍ରକାରର ଓ ସକଳ ସ୍ତରର ସୌନ୍ଦର୍ଯ୍ୟବୋଧକୁ ଚରିତାର୍ଥ କରିବା ଥିଲା ଭାରତୀୟ ସଂସ୍କୃତିର ଏକ ବିଶେଷ ଅଙ୍ଗ । କାବ୍ୟ, ନାଟକ, ଗୀତ, ନୃତ୍ୟ, ସଙ୍ଗୀତ, ଛୋଟ ବଡ଼ ଧରଣର ଶିଳ୍ପକଳା – ଏସବୁ ଋଷିମାନଙ୍କର ଅନୁମୋଦନରେ ଆତ୍ମାନୁଶୀଳନର ଯନ୍ତ୍ରରୂପେ ବିବେଚିତ ହେଉଥିଲା ।

*

ଏକ ମହାନ୍ ସଂସ୍କୃତିର ଲକ୍ଷ୍ୟ ହେଲା, ମଣିଷ ଯାହା ନୁହେଁ ତାକୁ ସେଇପରି ଏକ ଊର୍ଦ୍ଧ୍ୱତର ସ୍ତରକୁ ଉନ୍ନୀତ କରିବା; ତାକୁ ଜ୍ଞାନ ଅଭିମୁଖେ ଚାଳିତ କରିବା ଯଦିଓ ତା'ର ଆରମ୍ଭ ଅତଳସ୍ପର୍ଶୀ ଅଜ୍ଞତାରୁ; ତାକୁ ଯୁକ୍ତି ଓ ବିଚାର ସମ୍ମତଭାବେ ଜୀବନ ପଥରେ ଚାଲିବାକୁ ଶିକ୍ଷାଦେବା ଯଦିଓ ସେ ଅତି ବେଶୀ ଅବିଚାର ଓ ଅଯୁକ୍ତି ଭିତରେହିଁ ଚାଲେ; ତାକୁ ଚଳିବାକୁ ଶିକ୍ଷାଦେବା ମଙ୍ଗଳ ଓ ଐକ୍ୟର ବିଧାନ ଅନୁସାରେ ଯଦିଓ ତା'ର ଜୀବନ ବର୍ତ୍ତମାନ ଅମଙ୍ଗଳ ଓ ଅନୈକ୍ୟରେ ଭରା; ସୌନ୍ଦର୍ଯ୍ୟ ଓ ସମନ୍ୱୟର ବିଧାନ ଅନୁସାରେ ତାକୁ ଚଳିବାକୁ ଶିକ୍ଷାଦେବା ଯଦିଓ ବର୍ତ୍ତମାନ ତା'ର ପ୍ରାକୃତ ଜୀବନ ହେଉଛି ସମନ୍ୱୟ ବିହୀନ ଓ ବର୍ବରତାର ଆବର୍ତ୍ତରେ ପୂର୍ଣ୍ଣ; ଶେଷରେ ତାହାକୁ ଚଳିବାକୁ ଶିକ୍ଷାଦେବା ଆତ୍ମାର ଉଚ୍ଚ ବିଧାନ ଅନୁସାରେ ଯଦିଓ ବର୍ତ୍ତମାନ ସେ ଅହଂ-ଭାବଗ୍ରସ୍ତ, ଜଡ଼ଗ୍ରସ୍ତ, ଆଧ୍ୟାତ୍ମିକତାର କୌଣସି ଚିହ୍ନ ତା'ଠାରେ ନାହିଁ, ଯଦିଓ ଶରୀରମୟ ସତ୍ତାର ଦାବି ତା' ପାଖରେ ଓ ବାସନାରେ ଏହା ନିମଗ୍ନ ।

ଯଦି କୌଣସି ସଭ୍ୟତାରେ ଏଥିରୁ ଗୋଟିଏ ହେଲେ ଲକ୍ଷ୍ୟ ନ ଥାଏ, ତା'ହେଲେ ତାହାକୁ ସଂସ୍କୃତି କୁହାଯିବ ନାହିଁ, ଏବଂ ଏହା ନିଶ୍ଚିତ ଯେ ତାହା କେବେହେଲେ ଏକ ବିଶାଳ ଓ ମହାନ୍ ସଂସ୍କୃତି ନୁହେଁ । କିନ୍ତୁ ଏହିସବୁ ଲକ୍ଷ୍ୟ ଭିତରୁ ଶେଷ ଲକ୍ଷ୍ୟଟିକୁ ପ୍ରାଚୀନ ଭାରତରେ ଶ୍ରେଷ୍ଠ ବୋଲି ଧରା ଯାଇଥିଲା; କାରଣ ଏହାରି ଭିତରେହିଁ ଅନ୍ୟ ସମସ୍ତ ଲକ୍ଷ୍ୟ ଅନ୍ତର୍ଭୁକ୍ତ ଏବଂ ଅନ୍ୟ ସମସ୍ତ ଲକ୍ଷ୍ୟକୁ ଏହି ଲକ୍ଷ୍ୟ ଅତିକ୍ରମ କରିଯାଇଛି । ଏହି ଲକ୍ଷ୍ୟରେ ପହଞ୍ଚିବା ପାଇଁ ଯତ୍ନ କରିବା ଅର୍ଥ ଜାତିର ଜୀବନକୁ ମହତ୍ତର କରି ଗଢ଼ିବା; ଏହାକୁ ନେଇ ଆଦୌ ଚେଷ୍ଟା ନ କରିବା ଅପେକ୍ଷା ବରଂ ଚେଷ୍ଟାକରି ବିଫଳ ହେବାହିଁ ଶ୍ରେୟସ୍କର; ଏବଂ ଏଥିରେ ଆଂଶିକ ସଫଳତା ମଧ୍ୟ ମାନବଜୀବନର ଭବିଷ୍ୟତ୍ ସମ୍ଭାବନା ପାଇଁ ଏକ ବିରାଟ ଅବଦାନ ।

ତୁମର କ୍ଷୁଦ୍ର ଅହଂମୟ ବ୍ୟକ୍ତିତ୍ୱକୁ ଅତିକ୍ରମ କର ଏବଂ ଆମ ଭାରତମାତାଙ୍କର ଏକ ଯୋଗ୍ୟ ସନ୍ତାନ ହୋଇଉଠ; ସଚ୍ଚୋଟ ଓ ନ୍ୟାୟପରାୟଣ ହୋଇ ନିଜର କର୍ତ୍ତବ୍ୟ ପୂରଣ କର ଏବଂ ଭଗବାନଙ୍କ କୃପା ଉପରେ ଦୃଢ଼ ବିଶ୍ୱାସ ରଖି ସବୁ ସମୟରେ ପ୍ରଫୁଲ୍ଲ ଓ ଆତ୍ମ-ପ୍ରତ୍ୟୟଶୀଳ ହୁଅ ।

– ଶ୍ରୀମା

# ଭାରତୀୟ ଧାରଣାରେ ମନୁଷ୍ୟର ସ୍ୱରୂପ

## ଶ୍ରୀଅରବିନ୍ଦ

... ଭାରତୀୟ ଧାରଣାରେ ମନୁଷ୍ୟ ଏକ ଆତ୍ମା ଯାହା ଶକ୍ତିର କର୍ମଧାରାରେ ଆବୃତ । ସେ ଆତ୍ମ-ସ୍ୱରୂପ ବୋଧ ଦିଗରେ ଅଗ୍ରସର ହେଉଛି, ଭଗବାନଙ୍କ ସହିତ ଅଭିନ୍ନ ହେବା ପାଇଁ ତାହାର ଶକ୍ତି ଅଛି । ମନୁଷ୍ୟ ସ୍ୱରୂପତଃ ଆତ୍ମା, ସେ ପ୍ରକୃତିର ମଧ୍ୟଦେଇ କ୍ରମବିକାଶ ଧାରାରେ ସଚେତନ ଭାବରେ ନିଜର ସ୍ୱରୂପ ଉପଲବ୍ଧିର ପଥରେ ଚାଲିଛି; ସେ ନିଜେ ଏକ ଦିବ୍ୟବସ୍ତୁ, ଏକ ଶାଶ୍ୱତ ସତ୍ତା । ସେ ଭଗବତ୍-ସମୁଦ୍ର ମଧ୍ୟରେ ସଦା ପ୍ରବହମାନ ଗୋଟିଏ ତରଙ୍ଗ, ସେ ସେହି ପରମ ଅଗ୍ନିର ଅନିର୍ବାଣ ଏକ ସ୍ଫୁଲିଙ୍ଗ ମାତ୍ର । ଏପରିକି ଯେଉଁ ଅନିର୍ବଚନୀୟ ବିଶ୍ୱାତୀତ ସତ୍ତାରୁ ସେ ଆସିଛି, ନିଜର ଅନ୍ତରତମ ସତ୍ତାରେ ତାହା ସହିତ ସେ ଅଭିନ୍ନ । ଯେଉଁ ସକଳ ଦେବତାଙ୍କର ସେ ଆରାଧନା କରେ ସେମାନଙ୍କ ଅପେକ୍ଷା ସେ ଶ୍ରେଷ୍ଠ । ସ୍ୱଳ୍ପକାଳସ୍ଥାୟୀ ଯେଉଁ ପ୍ରାକୃତ ଅର୍ଦ୍ଧପଶୁ ବୋଲି ତାକୁ ମନେ କରାଯାଏ, ତାହା ତାହାର ପୂର୍ଣ୍ଣ ଜୀବନ ନୁହେଁ । ତାହା କୌଣସି ପ୍ରକାରେ ତାହାର ପ୍ରକୃତ ଜୀବନ ବା ସତ୍ତା ନୁହେଁ ।

ତାହାର ଅନ୍ତରତମ ସତ୍ତାରେ ସେ ଦିବ୍ୟପୁରୁଷଙ୍କ ସହିତ ଏକ ଓ ଅଭିନ୍ନ ଅଥବା ଅନ୍ତତଃପକ୍ଷେ ଦିବ୍ୟପୁରୁଷଙ୍କର ସେ ଏକ ନିତ୍ୟ ସକ୍ରିୟ ଅଂଶ । ସମସ୍ତ ପାର୍ଥିବ ଜୀବ ମଧ୍ୟରେ କେବଳ ମାତ୍ର ମନୁଷ୍ୟହିଁ ତାହାର ବାହ୍ୟ ସ୍ୱାଭାବିକ ଜୀବନ ଅତିକ୍ରମ କରି ଭାଗବତ ସତ୍ତାରେ ପହଞ୍ଚିବାର ମହତ୍ତ୍ୱ ଲାଭ କରିବାର ସାମର୍ଥ୍ୟ ରଖେ । ଅସାଧାରଣ ମନୁଷ୍ୟତ୍ୱର ଏକ ଅତି ଉଚ୍ଚ ଶିଖରରେ, ଏକ ପରମ ପଦରେ ଆରୂଢ଼ ହେବାର ଆଧ୍ୟାତ୍ମିକ ଶକ୍ତି ତାହାର ଅଛି ଏବଂ ଭାରତୀୟ ସଂସ୍କୃତି ଏହାକୁହିଁ ତାହାର ଜୀବନର ପ୍ରଧାନ ଉଦ୍ଦେଶ୍ୟ ରୂପେ ଗ୍ରହଣ କରିବାକୁ କୁହେ । ଅଧିକାଂଶ ମନୁଷ୍ୟ ଆଜି ମଧ୍ୟ ଯେଉଁଠାରେ ରହିଛନ୍ତି ସେହି ଆଦିମ ଅବସ୍ଥାରେ ବାସ ନ କରି – ''ନ ଯଥା ପ୍ରାକୃତୋ ଜନଃ''– ସେ ମୁକ୍ତ, ସିଦ୍ଧ, ସ୍ୱାଧୀନ ଭଗବତ୍ ଭାବରେ ବିଭାବିତ ପୂର୍ଣ୍ଣ ମନୁଷ୍ୟ ହୋଇପାରେ । କିନ୍ତୁ ଆହୁରି ଅଧିକ ସେ କରିପାରେ; ବିଶ୍ୱଚେତନା ମଧ୍ୟରେ ମୁକ୍ତ ହୋଇ ତାହାର ଆତ୍ମା ଈଶ୍ୱରଙ୍କ ସହିତ, ବିଶ୍ୱାତ୍ମାଙ୍କ ସହିତ ଏକ ହୋଇପାରେ ଅଥବା ବିଶ୍ୱର ଅତିକ୍ରାନ୍ତ ଏକ ଆଲୋକ ଓ ବିଶାଳତା ମଧ୍ୟକୁ ଉନ୍ନୀତ ହୋଇପାରେ । ତାହାର ପ୍ରକୃତି ସକ୍ରିୟ ବିଶ୍ୱ ପ୍ରକୃତିର ଅଥବା ବିଶ୍ୱାତୀତ ବିଜ୍ଞାନମୟ ପୁରୁଷଙ୍କର ଦିବ୍ୟଜ୍ୟୋତିଃ ସହିତ ଏକ ଓ ଅଭିନ୍ନ ହୋଇପାରେ ।

ଅହଂକାର ମଧ୍ୟରେ ଚିରକାଳ ଆବଦ୍ଧ ରହିବା ତାହାର ଜୀବନର ଶେଷ ପରିଣାମ ନୁହେଁ, ତାହାକୁ ପୂର୍ଣ୍ଣତା ଲାଭ କରିବାକୁ ହେବ ସେଇ ବିଶ୍ୱାତ୍ମାଙ୍କ ସହିତ, ପରମ ଏକଙ୍କ ସହିତ, ଅପର ସକଳଙ୍କ ସହିତ, ସର୍ବଭୂତ ସହିତ ଏକ ଓ ଅଭିନ୍ନ ହୋଇପାରେ । ମନୁଷ୍ୟ ମଧ୍ୟରେ ଏହି ଅତି ଉଚ୍ଚ ତାତ୍ପର୍ଯ୍ୟ ଓ ଶକ୍ତି ଗୋପନ ରହିଛି; ସେ ଏହି ପୂର୍ଣ୍ଣତା, ଏହି ସର୍ବାତୀତ ଅଭୀପ୍ସା ବା ଆଶାଭରସା ପୋଷଣ କରିପାରେ । ତାହାର ମନ, ବୁଦ୍ଧି, ଚିନ୍ତାଧାରା ଓ ଜ୍ଞାନାଲୋକ, ତାହାର ହୃଦୟ ଓ ହୃଦୟର ପ୍ରେମ ଏବଂ ସହାନୁଭୂତିର ଅପରିମେୟ ଶକ୍ତି, ତାହାର ସଂକଳ୍ପ ଶକ୍ତି ଓ କର୍ତ୍ତୃତ୍ୱ ଏବଂ ଯଥାର୍ଥ କର୍ମ ଦିଗରେ ସେହି ଶକ୍ତିର ଆବେଗ, ତାହାର ନୈତିକ ସ୍ୱଭାବ ଓ ବିଶ୍ୱଜନୀନ ମଙ୍ଗଳ ନିମିତ୍ତ ତା'ର ପ୍ରବଳ ଅନୁରାଗ, ତାହାର ସୌନ୍ଦର୍ଯ୍ୟବୋଧ ଏବଂ ଆନନ୍ଦ ଓ ସୌନ୍ଦର୍ଯ୍ୟ ଦିଗରେ ତାହାର ଆକାଙ୍କ୍ଷା, ତାହାର ଅନ୍ତରାତ୍ମା ଓ ଆଧ୍ୟାତ୍ମିକ ପ୍ରଶାନ୍ତି ଓ ନୀରବତା ଏବଂ ଉଦାରତା ଓ ଦିବ୍ୟ-ଆନନ୍ଦ ଶକ୍ତି – ଏହି ସକଳ ସ୍ୱାଭାବିକ ବୃତ୍ତି ଓ ଶକ୍ତିରୁ ଯେକୌଣସିଟିର ସାହାଯ୍ୟରେ ଅଥବା ସକଳ ବୃତ୍ତିର ଏକତା ସାହାଯ୍ୟରେ ଯଦି ସେ ମୁକ୍ତିକାମୀ ହୁଏ ତା'ହେଲେ ତାହା ମଧ୍ୟଦେଇ ସେ ସେହି ପୂର୍ଣ୍ଣ ଓ ସର୍ବାତୀତ ଅବସ୍ଥାରେ ପହଞ୍ଚିପାରେ । ❖

# ନୂତନ ଚେତନା, ଅତିମାନସ ଓ ରୂପାନ୍ତର

## ଶ୍ରୀମା

*ପ୍ରଶ୍ନ : ୧୯୧୯ରେ ଶ୍ରୀଅରବିନ୍ଦ ଲେଖିଥିଲେ ଯେ ଅରାଜକତା ଓ ବିପର୍ଯ୍ୟୟସବୁ ସମ୍ଭବତଃ ଏକ ନୂତନ ସୃଷ୍ଟିର ଜନ୍ମ-ଯନ୍ତ୍ରଣା । ଏହା କେତେଦିନ ଧରି ଚାଲିବ ? ଆଶ୍ରମରେ, ଭାରତରେ ଏବଂ ଫଳତଃ ସାରା ପୃଥିବୀରେ ?*

ଶ୍ରୀମା : ପୃଥିବୀ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ଏବଂ ନୂତନ ସୃଷ୍ଟିକୁ ଗ୍ରହଣ କରିବା ପାଇଁ ଆଗଭର ହେବା ପର୍ଯ୍ୟନ୍ତ ଏହା ଚାଲିବ । ଏହି ବର୍ଷର ପ୍ରାରମ୍ଭରୁ ଏହି ନୂତନ ସୃଷ୍ଟିର ଚେତନା ପୃଥିବୀରେ କାମ ଆରମ୍ଭ କରିଦେଇ ସାରିଲାଣି । ଯଦି ଏହାର ପ୍ରତିରୋଧ ନକରି ଲୋକମାନେ ଏହା ସହିତ ସହଯୋଗ କରନ୍ତି ଏହାର ପ୍ରକାଶ ତ୍ୱରାନ୍ୱିତ ହେବ ।

କିନ୍ତୁ ନିର୍ବୋଧତା ଓ ମୂର୍ଖାମି ଅତ୍ୟନ୍ତ ଜିଦ୍‌ଖୋର ।

*୨୯ ନଭେମ୍ବର ୧୯୬୯*

*ପ୍ରଶ୍ନ : ମା', "ପୃଥିବୀ ଏକ ବିରାଟ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ହେଉଛି । ତୁମେ ସାହାଯ୍ୟ କରିବ କି ?" (୧୯୭୦ ନବବର୍ଷର ବାର୍ତ୍ତା) ଆପଣ କହୁଥିବା ଏହି ବିରାଟ ପରିବର୍ତ୍ତନର ସ୍ୱରୂପ କ'ଣ ? ଏବଂ ଆମେ କିପରି ସାହାଯ୍ୟ କରିବୁ ?*

ଶ୍ରୀମା : ଏହି ବିରାଟ ପରିବର୍ତ୍ତନ ହେଉଛି ପୃଥିବୀପୃଷ୍ଠରେ ଏକ ନୂତନ ଜାତିର ଆବିର୍ଭାବ ଯାହା ମନୁଷ୍ୟ ପାଇଁ ହେବ ସେହିପରି, ଯେପରି ପଶୁ ପାଇଁ ହୋଇଥିଲା ମନୁଷ୍ୟ । ଏହି ନୂତନ ଜାତିର ଚେତନା ପୃଥିବୀପୃଷ୍ଠରେ କ୍ରିୟାଶୀଳ, ଯେଉଁମାନେ ଏହାକୁ ଗ୍ରହଣ କରିପାରିବେ ଓ ଏହାର କଥା ଶୁଣିବେ ସେମାନଙ୍କୁ ଆଲୋକ ପ୍ରଦାନ କରିବା ପାଇଁ ।

*୧୯୭୦*

*

*ପ୍ରଶ୍ନ : ଆପଣ ଆମମାନଙ୍କୁ ଆପଣଙ୍କୁ ସାହାଯ୍ୟ କରିବା ପାଇଁ କହିଛନ୍ତି । ମୁଁ ଆପଣଙ୍କୁ କିପରି ସାହାଯ୍ୟ କରିପାରେ ? ମୋତେ କ'ଣ କରିବାକୁ ହେବ ?*

ଶ୍ରୀମା : ଚେତନାକୁ ଏକାଗ୍ର କରି ଏବଂ ଅବତରି ଆସୁଥିବା ନୂତନ ପ୍ରଗତିଶୀଳ ବିଷୟସବୁକୁ ଗ୍ରହଣ କରି ।

*୩ ମାର୍ଚ୍ଚ ୧୯୭୦*

*

ଶ୍ରୀମା : ଏହି ପରିବର୍ତ୍ତନ ତା'ର ଆଗମନୀ ପାଇଁ ଆମର ସାହାଯ୍ୟ ଦରକାର କରେ ନାହିଁ, କିନ୍ତୁ ଆମକୁ ଏହି ଚେତନା ପ୍ରତି ଖୋଲିଧରିବାକୁ ହେବ ଯେପରିକି ଏହାର ଆଗମନୀ ଆମ ପାଇଁ ବୃଥା ନହୁଏ ।

*

*ପ୍ରଶ୍ନ : ଗତବର୍ଷର ଯେଉଁ ନୂତନ ଚେତନା ଅବତରଣ କରିଥିଲା ତା'ର ମୁକ୍ତ ଓ ସ୍ୱଚ୍ଛନ୍ଦ କ୍ରିୟା ପାଇଁ ଆମକୁ କ'ଣ କରିବାକୁ ହେବ ?*

ଶ୍ରୀମା : ଗ୍ରହଣଶୀଳ ହେବା ଏବଂ ନମନୀୟ ହେବା ।

*୧୯୭୦*

*

ଶ୍ରୀମା : ନୂତନ ଚେତନାକୁ ଗ୍ରହଣ କରିବା ପାଇଁ ଆମ ପ୍ରସ୍ତୁତିର ପ୍ରଥମ ଅପରିହାର୍ଯ୍ୟ ସର୍ତ୍ତ ହେଉଛି ଏକ ଯଥାର୍ଥ ଓ ସ୍ୱତଃସ୍ଫୂର୍ତ୍ତ ବିନମ୍ରତା ଯାହାକି ଆମକୁ ଗଭୀରଭାବେ ଅନୁଭବ କରାଇବ ଯେ ଆମକୁ ଯେଉଁ ଅପୂର୍ବ ଜିନିଷ ସବୁ ଅର୍ଜନ କରିବାକୁ ହେବ ତା' ତୁଳନାରେ ଆମେ କିଛି ବି ଜାଣୁ ନାହିଁ ।

### ଅତିମାନସ ଓ ନୂତନ ସତ୍ତା

ନୂତନ ସତ୍ତାର ଆଗମନୀ ପାଇଁ ଆମକୁ ଆମେ ପାରୁଥିବା ଆମର ସର୍ବୋତ୍ତମ ପ୍ରସ୍ତୁତି ନେଇ ଆଗେଇ ଯିବାକୁ ହେବ ।

ମନକୁ ନୀରବ କରିଦେବାକୁ ହେବ ଏବଂ ତା'ର ସ୍ଥାନ ଯେପରି ଦିବ୍ୟସତ୍ୟ ଚେତନା ଗ୍ରହଣ କରେ – ଏପରି ଏକ ଚେତନା ଯାହା ପୁଙ୍ଖାନୁପୁଙ୍ଖ ରୂପେ ସମଗ୍ର ସହ ଏକୀଭୂତ ।

*

ମନକୁ ନୀରବ ହେବାକୁ ହେବ ଯେପରିକି ଅତିମାନସ ଦିବ୍ୟଚେତନା ସେହି ମନର ସ୍ଥାନ ଗ୍ରହଣ କରେ ।

*

ଦିବ୍ୟସତ୍ୟ ଚେତନା ସମଗ୍ର ସତ୍ତାକୁ ଯେପରି ଆଚ୍ଛନ୍ନ କରେ ଏବଂ ଅସ୍ଥିର ଦୈହିକ ମନକୁ ଶାନ୍ତ ଓ ନୀରବ କରି ଦିଏ । ତା'ର ପ୍ରକାଶ ଓ ଅଭିବ୍ୟକ୍ତି ପାଇଁ ଏଗୁଡ଼ିକ ହେଉଛି ପ୍ରାଥମିକ ସର୍ତ୍ତ ।

*

ଦୈହିକ ମନରେ ବିଜ୍ଞତା ହେଉଛି ପୃଥିବୀରେ ଅତିମାନସ ଅଭିବ୍ୟକ୍ତିର ପ୍ରଥମ ପଦକ୍ଷେପ ।

*

(ପୃଥିବୀପୃଷ୍ଠରେ ଅତିମାନସ ଅଭିବ୍ୟକ୍ତିର ଚତୁର୍ଥ ବର୍ଷର ବାର୍ତ୍ତା)

ଯେତେବେଳେ କେବଳ ଦୈହିକ ମନରେ ଅତିମାନସର ଅଭିବ୍ୟକ୍ତି ହେବ ସେତେବେଳେ ଏହାର ଉପସ୍ଥିତି ସ୍ଥାୟୀ ହେବ ।

*୨୯ ଫେବ୍ରୁଆରୀ ୧୯୭୨*

*

ଏହା ଅପରିହାର୍ଯ୍ୟ ଯେ ପ୍ରତ୍ୟେକେ ସେମାନଙ୍କର ଚୈତ୍ୟସତ୍ତାକୁ ଉପଲବ୍ଧି କରିବେ ଓ ତା' ସହିତ ଏକୀଭୂତ ହେବେ ସୁନିର୍ଦ୍ଦିଷ୍ଟ ଓ ପୂର୍ଣ୍ଣଭାବରେ ।

*୨୪ ଜୁନ୍ ୧୯୭୨*

*

ସତ୍ୟଚେତନା କେବଳ ସେହିମାନଙ୍କ ଭିତରେ ଅଭିବ୍ୟକ୍ତ ହେବ ଯେଉଁମାନେ ଅହଂରୁ ମୁକ୍ତ ।

*

ମନୁଷ୍ୟ ଓ ମନ ସୃଷ୍ଟିର ଶେଷ କଥା ନୁହନ୍ତି । ପ୍ରସ୍ତୁତି ପଥରେ ରହିଛି ଏକ ଅତିମାନସ ସତ୍ତା ।

*୨୫ ଡିସେମ୍ବର ୧୯୭୨*

*

ମନ ପ୍ରକୃତ ସତ୍ୟ ଜାଣେ ନାହିଁ; ଆନ୍ତରିକ ଭାବରେ ଅତିମାନସ ପାଇଁ ଅଭୀପ୍ସା କର ।

*ଜାନୁଆରୀ ୧୯୭୩*

*

ଆମ ଅଭୀପ୍ସାର ଲକ୍ଷ୍ୟ ହେଉଛି ଅତିମାନବ ଜଗତ୍ ।

*

ବର୍ତ୍ତମାନ ଯାହା ଅଛି ଓ ଭବିଷ୍ୟତରେ ଯାହା ଉପଲବ୍ଧ ହେବ ତା' ଭିତରେ ମନୁଷ୍ୟ ହେଉଛି ଏକ ମଧ୍ୟବର୍ତ୍ତିକାଳୀନ ସତ୍ତା ।

*୩୦ ଅଗଷ୍ଟ ୧୯୫୪*

*

ପୃଥିବୀପୃଷ୍ଠରେ ମନୁଷ୍ୟ ହେଉଛି ଏକ ଗତିଶୀଳ ସତ୍ତା, ତେଣୁ ତା'ର ବିବର୍ତ୍ତନର ପଥରେ ସେ ତା'ର ଅନେକଗୁଡ଼ିଏ କ୍ରମ ବିକାଶଶୀଳ ପ୍ରକୃତିର ଅଧିକାରୀ ହୋଇଥିଲା ଯାହାକି ଏକ କ୍ରମ ଉତ୍ତରଣର ପଥରେ ତାହାକୁ ଆଗେଇ ନେଇଥିଲା । ଏହା ଏହିପରି ଭାବରେ ଚାଲିବ ଯେପର୍ଯ୍ୟନ୍ତ ଶେଷରେ ଯାଇ ସେ ପହଞ୍ଚିବ ଅତିମାନସ ପ୍ରକୃତିର ପାଖାପାଖି ଅବସ୍ଥାରେ ଏବଂ ରୂପାନ୍ତରିତ ହେବ ଅତିମାନବରେ । ଏହି ଗତିପଥ ହେଉଛି ମାନସିକ ବିକାଶର ଘୂରିଘୂରି ଉପରକୁ ଉଠିଥିବା ପଥ । ଯେକୌଣସି ସ୍ୱତଃସ୍ଫୂର୍ତ୍ତ ଅଭିବ୍ୟକ୍ତକୁ ଆମେ ''ସ୍ୱାଭାବିକ'' ବୋଲି କହିଥାଉ ଯାହା ଆମର ପୂର୍ବକଳ୍ପିତ କୌଣସି ନିଷ୍ପତ୍ତି ବା ନିର୍ବାଚନ ଉପରେ ନିର୍ଭର କରେ ନାହିଁ । ଅର୍ଥାତ୍ ଯାହା କୌଣସି ମାନସିକ କ୍ରିୟାର ହସ୍ତକ୍ଷେପ ନୁହେଁ । ସେଇଥିପାଇଁ ଯେତେବେଳେ ମନୁଷ୍ୟ ଏକ ପ୍ରାଣିକ ସ୍ୱତଃସ୍ଫୂର୍ତ୍ତତା ନେଇ କାର୍ଯ୍ୟ କରେ, ଯାହାକି ମାନସିକ ନୁହେଁ, ତାହା ଆମକୁ ତା'ର ସରଳତା ଯୋଗୁଁ ଅଧିକ ସ୍ୱାଭାବିକ ମନେହୁଏ । କିନ୍ତୁ ଏହା ହେଉଛି ଏକ ପଶୁସୁଲଭ ସ୍ୱାଭାବିକତା, ଯାହା ମାନବୀୟ ବିବର୍ତ୍ତନର ସୋପାନରେ ସବୁଠାରୁ ତଳରେହିଁ ରହିଥାଏ ।

*

ତୁମେ କେବେହେଲେ ଭୁଲିଯିବା ଉଚିତ ନୁହେଁ ଯେ ବାହ୍ୟ ବ୍ୟକ୍ତିଟି ହେଉଛି ଚିରନ୍ତନ **ବାସ୍ତବତାର** ଏକ ଆକାର ଓ ପ୍ରତୀକମାତ୍ର । ଏବଂ ଦୈହିକ ଆକୃତି ଦେଇ ଗଲାବେଳେ ତୁମକୁ ଏହି ଚିରନ୍ତନ ବାସ୍ତବତା ଦିଗରେହିଁ ନିଜକୁ ଫେରାଇବାକୁ ପଡ଼ିବ । ଦୈହିକ ସତ୍ତା କେବେହେଲେ ଯଥାର୍ଥରେ ଚିରନ୍ତନ ବାସ୍ତବତାକୁ ପ୍ରକାଶ କରିପାରେ ନାହିଁ, ଯେପର୍ଯ୍ୟନ୍ତ ଏହା ପୂରାପୂରି ଭାବରେ ଅତିମାନସ ଅଭିବ୍ୟକ୍ତି ଦ୍ୱାରା ରୂପାନ୍ତରିତ ହୋଇନାହିଁ । ସେପର୍ଯ୍ୟନ୍ତ ଏହାର ଭିତରଦେଇ ଯାଇ ତୁମକୁ ଦିବ୍ୟସତ୍ୟରେ ପହଞ୍ଚିବାକୁ ହେବ । ❖

# ନିଜର ଭୁଲ୍‌ଗୁଡ଼ିକ ସମ୍ପର୍କରେ ସଚେତ ହେବା

## ଶ୍ରୀମା

*ପ୍ରଶ୍ନ : କର୍ମରେ ଆତ୍ମ-ନିବେଦନ ପାଇଁ ଚେଷ୍ଟା କରୁଥିବା ସହିତ ଆମେ ଯଦି ଅଚେତନ ଭାବରେ କିଛି ଭୁଲ୍ କାମ କରୁ, ତାହା ଜାଣିବୁ କିପରି ?*

ଶ୍ରୀମା : ତୁମେ ଯଦି ପୂର୍ଣ୍ଣଭାବରେ ଆନ୍ତରିକ ହୁଅ, ତା'ହେଲେ ଜାଣି ପାରିବ । ନିଜର ଭୁଲ୍‌ଗୁଡ଼ିକ ଜାଣି ନ ପାରିବା ବରାବର ସୂଚିତ କରେ ଆନ୍ତରିକତାରେ କେଉଁଠି ଏକ ଅଭାବ ରହିଛି । ଯେତେବେଳେ ପ୍ରାଣ ସହଯୋଗ କରିବା ପାଇଁ ସମ୍ମତ ହୁଏ (ଏହା ସ୍ୱୟଂହିଁ ଏକ ବଡ଼ ପଦକ୍ଷେପ), କାମଟି କରିବା ପାଇଁ ନିଷ୍ପତ୍ତି ନିଏ, ସେହି କାମଟି ପୂରା ଭାବରେ ସମ୍ପନ୍ନ କରିବା ପାଇଁ ନିଜର ସମସ୍ତ ପ୍ରଚେଷ୍ଟା ଓ ଶକ୍ତିକୁ ତହିଁରେ ଲଗାଇ ଦିଏ, ସେତେବେଳେ ମଧ୍ୟ ସେସବୁର ପଛରେ ଏପରି କିଛି ଲୁଚି ରହିଥାଏ – ତାହାକୁ ମୁଁ କ'ଣ କହିବି ?– ଯାହା ହେଉଛି ଏକ ପ୍ରତ୍ୟାଶା ଯେ କାମଟି ଭଲ ଭାବରେ ହୋଇଯିବ ଓ ତା'ର ଫଳାଫଳ ମଧ୍ୟ ଭଲ ହେବ । ଏବଂ ତାହାହିଁ ପୂର୍ଣ୍ଣ ଆନ୍ତରିକତା ଉପରେ ଏକ ଆବରଣ ପକାଇ ଦିଏ । କାରଣ ଏହି ପ୍ରତ୍ୟାଶାଟି ହେଉଛି ଏକ ଅହଂପୂର୍ଣ୍ଣ ଓ ବ୍ୟକ୍ତିଗତ ଜିନିଷ, ଏବଂ ତାହାହିଁ ପୂର୍ଣ୍ଣ ନିଷ୍ଠା ଓ ଆନ୍ତରିକତା ଉପରେ ଏକ ଆବରଣ ସ୍ୱରୂପ ହୁଏ । ତା'ପରେ ତୁମେ ଆଉ ଜାଣିପାର ନାହିଁ ।

କିନ୍ତୁ ଏପରିକି ନିଃସ୍ୱାର୍ଥପର କାମଟିଏ ପାଇଁ ମଧ୍ୟ ତୁମର ଆସକ୍ତି ରହିଥାଏ । ତୁମର ଏହା ବୁଝିବା ଉଚିତ । ତୁମେ ଏପରି ଏକ ଲକ୍ଷ୍ୟ ବା ଆଦର୍ଶ ପଛରେ ତୁମର ଜୀବନକୁ ଉତ୍ସର୍ଗ କରିଛ ଯାହା ଅହଂପୂର୍ଣ୍ଣ ନୁହେଁ । କିନ୍ତୁ ତଥାପି ତହିଁରେ ଅହଂଟି ବରାବର ରହିଯାଇ ଥାଏ । ତୁମର କାମ କରିବାର ଏକ ଧରଣ ରହିଥାଏ ଯାହାକି ତୁମ ନିଜର ବିଶେଷତ୍ୱ, ତୁମ ନିଜର ବ୍ୟକ୍ତିଗତ । ଏବଂ ତୁମ ଭିତରେ ଏକ ଆଶା (କାମନା କଥା ନ କହିଲେ ମଧ୍ୟ) ରହିଥାଏ ଯେ ଫଳାଫଳଟି ଏହି ପ୍ରକାରର ହେବ, ଏହି ଫଳ ଲାଭ ହେବ, କାମଟି ସମ୍ପନ୍ନ ହେବ । ଏପରିକି ଯେଉଁ କାମଟି ତୁମ ପାଇଁ ଉଦ୍ଦିଷ୍ଟ ନୁହେଁ, କିନ୍ତୁ ତୁମେ ତାହା ଗ୍ରହଣ କରିଛ, ତୁମେ ଆଶା କରିଥାଅ ଯେ ତାହା ସଫଳ ହେବ, ତୁମକୁ ସାଫଲ୍ୟ ମିଳିବ; ବ୍ୟକ୍ତିଗତ ଭାବରେ କାମଟି ତୁମର ନ ହେଲେ ମଧ୍ୟ ଯେଉଁ କାମଟି ଗ୍ରହଣ କରିଛ, ଯେଉଁ କାମଟି କରୁଛ ତାହା ସଫଳ ହେବ । ବାସ୍, ଏହାହିଁ ତୁମ ଭିତରେ ଏଇ ଧରଣର ସାମାନ୍ୟ କିଛି ଭାବ ଆଣିଦିଏ, ଏବଂ ତା' ତଳେ ରହିଥାଏ, ବେଶ୍ ଲୁଚି ରହିଥାଏ ଟିକିଏ ବକ୍ରତା, ଯାହା ଖୁବ୍ ସିଧା ନୁହେଁ, ଟିକିଏ ବଙ୍କା, ଟିକିଏ ମୋଡ଼ାମୋଡ଼ି ହୋଇ ତାହା ରହିଥାଏ । ଏବଂ ତୁମେ ତାହା ଜାଣିପାର ନାହିଁ । କିନ୍ତୁ ଯଦି ସେହି ଜିନିଷଟି ନ ଥା'ନ୍ତା ତୁମେ ଯେତେବେଳେ ଭୁଲ୍‌ଟିଏ କରି ବସ, ଯେଉଁ କାମଟି କରିବା ତୁମର ଉଚିତ ଥିଲା ସେହି କାମଟି କରି ନ ଥାଅ, ତା'ହେଲେ ତୁମେ ନିଶ୍ଚୟ ତାହା ଜାଣି ପାରନ୍ତ । ଏବଂ ଏହି ଭୁଲ୍‌ଟି ସମ୍ପର୍କରେ ଅତି ସୁନିଶ୍ଚିତ ଓ ସୁନିର୍ଦ୍ଦିଷ୍ଟ ଭାବରେ ତୁମେ ସଚେତ ହୁଅନ୍ତ । ଏହା ଅତି ସୂକ୍ଷ୍ମ ଏକ ଗତିବୃତ୍ତି, ଗୋଟିଏ ମିଲିମିଟର୍‌ର ସହସ୍ର ଭାଗରୁ ଏକ ଭାଗ ଯେପରି ସୂକ୍ଷ୍ମ ହୁଅନ୍ତା, ଏହା ସେହିପରି ସୂକ୍ଷ୍ମ, କିନ୍ତୁ ଏହି ସୂକ୍ଷ୍ମ ସଚେତନତା ତହିଁରେ ରହିଥାଏ । ତାହାହିଁ ଯଥେଷ୍ଟ ଏବଂ ତୁମେ ଜାଣ, ''ମୋର ଭୁଲ୍ ହୋଇ ଯାଇଛି ।'' କିନ୍ତୁ ଏଥିପାଇଁ ତୁମ ଭିତରେ ସେହି ଅଖଣ୍ଡ ଆନ୍ତରିକତା ଥିବା ଆବଶ୍ୟକ ଯାହାକି କୌଣସି ଭାବରେ ଆଦୌ କିଛି ଭୁଲ୍ କରିବାକୁ ଚାହିଁବ ନାହିଁ; ଭୁଲ୍ ନ କରିବା ପାଇଁ ଯେ କୌଣସି ମୂଲ୍ୟ ଦେବାକୁ, ଯେକୌଣସି କାମ କରିବାକୁ ଓ ଯାହା କିଛି ତ୍ୟାଗ କରିବାକୁ ତାହା ପ୍ରସ୍ତୁତ ରହିଥିବ । କୌଣସି ପ୍ରକାର ଭ୍ରାନ୍ତି ଭିତରେ ରହିବା ଅପେକ୍ଷା, ଅନ୍ୟ ଯାହାକିଛି କରିବାକୁ ତାହା ପ୍ରସ୍ତୁତ ଥିବ । ଏଥିପାଇଁ ସମୟ ଦରକାର ଓ ଏହା ମଧ୍ୟ ଖୁବ୍ ଶ୍ରମ ସାପେକ୍ଷ । ତୁମେ ଯେତେବେଳେ କାମଟିଏ କରୁଥାଅ ସେତେବେଳେ ବରାବର ମନ ଓ ପ୍ରାଣ, ଏ ଦୁହେଁ ସେଠାରେ ଥାଆନ୍ତି ଓ ସେହି କାମଟିରୁ ବରାବର ନିଜ ପାଇଁ କିଛି ଲାଭ ଓ ଫାଇଦା ଉଠାଇବାର ମତଲବ ରଖି ଥାଆନ୍ତି । ବ୍ୟକ୍ତିଗତ ସନ୍ତୋଷର ଲାଭ, ଆନନ୍ଦର ଲାଭ, ନିଜ ସମ୍ପର୍କରେ ଏକ ଆତ୍ମ-ପ୍ରଶଂସାମୂଳକ ମତାମତର ଲାଭ ଆଦି ହୋଇଥାଏ ସେମାନଙ୍କ ଉଦ୍ଦେଶ୍ୟ । ତେଣୁ ଏହିପରି ଏକ ଅବସ୍ଥାରେ ଆଦୌ କିଛି ଭୁଲ୍ ନ କରିବା ଖୁବ୍ କଷ୍ଟସାଧ ହୋଇଥାଏ । ✤

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ଭିକ୍ଷାବୃତ୍ତି କ'ଣ ସଫଳ ହୁଏ ?

'ବେଙ୍ଗଲୀ'ର ସ୍ତମ୍ଭମାନଙ୍କରେ ଭିକ୍ଷୁନୀତି ସକାଶେ ଏବେ ନିକଟରେ ଏକ ଲିଖିତ କ୍ଷମା ଯାଚନା ପ୍ରକାଶ କରାଯାଇଛି । ପ୍ରତିରକ୍ଷାର ଏଇ ଅଧିନାୟକମାନେ ବାସ୍ତବିକ ନିଜକୁ ଦୁଇ ବା ତିନୋଟି ଯୁକ୍ତି ମଧ୍ୟରେ ସୀମାବଦ୍ଧ କରିଛନ୍ତି ।

(୧) ରାଜା ରାମମୋହନ ରାୟଙ୍କ ଅନୁମୋଦନ କ୍ରମେ ଆବେଦନ ପେସ କରିବାର ନୀତିଟି ସେଇଦିନଠାରୁ ବରାବର ଅନୁସୃତ ହୋଇଆସୁଛି ଆଉ କୃତିତ୍ୱର ସହ ଖ୍ୟାତି ଅର୍ଜନ କରିଛି – ଗତ ଶତାବ୍ଦୀରେ ଅନ୍ତତଃ ଆମର ରାଜନୈତିକ ଫାଇଦା ଯାହାକିଛି ହୋଇଛି, ସେଗୁଡ଼ିକ ଏହି ନୀତି ଯୋଗୁଁହିଁ ହାସଲ କରାଯାଇଛି ।

(୨) ମନେକର ଏଇ ବିବାଦୀୟ ନୀତିଟିକୁ ହରାଇବାକୁ ହେବ, ତେବେ ଆଉ ଗୋଟିଏ ନୀତି ତ ସେଇଠି ଥିବ । ସେ କ୍ଷେତ୍ରରେ ଆବେଦନ ପେସ କରିବା ଖରାପ ହୋଇପାରେ କିନ୍ତୁ ଯେତେବେଳେ ସେ ଆନ୍ଦୋଳନ ପଛରେ ଜନ ସମୁଦାୟର ଇଚ୍ଛାଶକ୍ତି ଥାଏ ପ୍ରତିଟି ବିଧିସଙ୍ଗତ ପନ୍ଥା ଅବଲମ୍ବନପୂର୍ବକ ଲକ୍ଷ୍ୟ ହାସଲ କରିବା ପାଇଁ ଏହା ସଂକଳ୍ପବଦ୍ଧ ହୋଇଉଠେ, ସେତେବେଳେ ଏହାକୁ କୌଣସି ଭିକ୍ଷାବୃତ୍ତିର ଆଖ୍ୟା ଦିଆଯାଇ ପାରିବ ନାହିଁ, ବରଂ ତାହା ଏକ ସ୍ୱୟଂସିଦ୍ଧ ଅଧିକାରକୁ ଜାହିର କରିବ ।

୩) ଆବେଦନ ପେସ କରିବା ନୀତିଟି ଏମିତିକି ଯଦି ମୂଳତତ୍ତ୍ୱରେ ଖରାପ ହୋଇପାରେ ତଥାପି ମୂଳତତ୍ତ୍ୱଗୁଡ଼ିକୁ ନେଇ ରାଜନୀତିର କିଛି କରିବାର ନାହିଁ, କିନ୍ତୁ ସମୟର ଉପଯୋଗିତାକୁ ଚାହିଁ ଏହା ନିୟନ୍ତ୍ରଣ ଭିତରେ ରହିବା ଦରକାର, ଆଉ ଖାଲି ସାଧାରଣ ଉପଯୋଗିତା ନଥିବ କିନ୍ତୁ ନିର୍ଦ୍ଦିଷ୍ଟ ସମସ୍ୟାଗୁଡ଼ିକ ମଧ୍ୟ ସମୟ ସାଥିରେ ତାଳ ରଖିବା ଆବଶ୍ୟକ ।

୪) ତା'ପରେ ବ୍ୟକ୍ତିଗତ ବିଷୟରେ ଉଲ୍ଲେଖ କରି ତର୍କ କରିବା । ଯେତେବେଳେ ଡୁମା (ଋଷିଆର ପାର୍ଲାମେଣ୍ଟ)ର ଜଣେ ସଭ୍ୟ ପାଇଁ, ଆୟର୍ଲାଣ୍ଡବାସୀଙ୍କ ପାଇଁ ଆବେଦନର ସୁବିଧା ରହିଛି ଆମ୍ଭେମାନେ କାହିଁକି ଏ ସୁବିଧାକୁ ହାସଲ ନକରିବା ?

ଆମର ବିଶ୍ୱାସ ଯେ ଏହାହିଁ ହେଉଛି ଆମ ସହଯୋଗୀ ବନ୍ଧୁ ଜଣକ ଉପସ୍ଥାପିତ କରୁଥିବା ବିତର୍କର ସାରାଂଶ ।

ଆବହମାନକାଳରୁ ଦରଖାସ୍ତ ପେସ କରିବାର ପ୍ରାଚୀନ ପରମ୍ପରା କିଂବା ଏହାର ଗୌରବମୟ ଉତ୍ସକୁ ଅସ୍ୱୀକାର କରିବାରେ ଆମେ ସମ୍ପୃକ୍ତ ନୋହୁଁ । ରାଜା ରାମମୋହନ ରାୟ ଥିଲେ ପ୍ରଥମ ପର୍ଯ୍ୟାୟଭୁକ୍ତ ସକ୍ରିୟ ପ୍ରତିଭାବାନ୍ ଜଣେ ମହାପୁରୁଷ ଆଉ କର୍ମପ୍ରବଣତାର ଏକ ସ୍ରୋତ ସେ ଛୁଟାଇଥିଲେ ଯାହା ଆମ ଜାତୀୟ ଜୀବନକୁ ରୂପାନ୍ତରିତ କରିଦେଇଛି । କିନ୍ତୁ ତାଙ୍କ ପାଇଁ ଏକ ସମ୍ଭାବ୍ୟ ନୀତିଭାବେ ଯାହା ଥିଲା, ତାହା କେବଳ ତାଙ୍କ ସମୟରହିଁ ଆଉ ତା' ପଛରେ ନଥିଲା ବିଗତ ଗୋଟିଏ ଶତାବ୍ଦୀର ଅଭିଜ୍ଞତା । ତାହା ଯେ ବର୍ତ୍ତମାନର ଘଡ଼ିସନ୍ଧି ମୁହୂର୍ତ୍ତରେ କେବଳ ଗୋଟିଏ ମାତ୍ର ନୀତି କିଂବା ଆମ ପାଇଁ ସବୁଠାରୁ ଉତ୍କୃଷ୍ଟନୀତି ଭାବେ ଅନୁସୃତ ହେବ, ଏକଥା ନୁହେଁ । ଆମ ସମସାମୟିକ ସମ୍ବାଦ-ପତ୍ରଟି ଉଠେଇଥିବା ବିତର୍କର ଝଡ଼ରେ ଆମେ ସାମିଲ ହେଉଛୁ । ତା'ର କହିବାର ଉଦ୍ଦେଶ୍ୟ ହେଲା ରାଜନୈତିକ ଦୃଷ୍ଟିକୋଣରୁ ଆମେ ଯାହାକିଛି ବା ହାସଲ କରିଛୁ ତାହା ସମ୍ଭବ ହୋଇଛି କେବଳ ବିନୀତ ଆବେଦନ ଦ୍ୱାରା । ଆମକୁ ଲାଗୁଛି, ରାଜନୈତିକ ଶକ୍ତିପୁଞ୍ଜ ଯେମିତି ଦର୍ଶାଇଛନ୍ତି ନିଜର ଏକ ଅଗଭୀର ଅଳ୍ପବୁଦ୍ଧିଯୁକ୍ତ ମୂଲ୍ୟାୟନ ଆଉ ଦୃଶ୍ୟମାନ ଘଟଣାବଳୀର ଅନ୍ତର୍ନିହିତ ମୌଳିକ ତଥ୍ୟଗୁଡ଼ିକୁ ହୃଦୟଙ୍ଗମ କରିବା ସକାଶେ ପୂରାପୂରି ଏକ ଅକ୍ଷମତା । ସିପାହିମାନେ ଯେତେବେଳେ ଇଂରେଜ ଜାତି ପାଇଁ ଭାରତବର୍ଷକୁ ଜୟକଲେ, ସେତେବେଳେ ବ୍ରିଟିଶ ସମ୍ମୁଖରେ ଦୁଇଟିରୁ ଯେକୌଣସି ଗୋଟିଏ ପନ୍ଥା ବାଛିବାକୁ ପଡ଼ିଥିଲା, ବଳ ପ୍ରୟୋଗ କରି ଆଉ ଦମନଲୀଳା ଚଳାଇ ଦେଶକୁ ଅକ୍ତିଆର କରିବେ କିଂବା ଜନସାଧାରଣଙ୍କ ଭିତରୁ ଏକ ଛୋଟିଆ ଗୋଷ୍ଠୀର ସହଯୋଗକୁ ହାତ ପଇଠ କରିବେ ଯେଉଁମାନେ ସମ୍ପୂର୍ଣ୍ଣ ପାଶ୍ଚାତ୍ୟ ଢାଞ୍ଚାରେ ଶିକ୍ଷାଲାଭ କରିଥିବେ ସେମାନଙ୍କର ସ୍ୱତନ୍ତ୍ର ବ୍ୟକ୍ତିତ୍ୱକୁ ଆଉ ତା' ସହିତ ରାଷ୍ଟ୍ରର ଜନସାଧାରଣଙ୍କ ପ୍ରତି ଥିବା ସମବେଦନା ଟିକକ ମଧ୍ୟ ହରେଇ ବସିବା ପାଇଁ । ମାକଲେ, ବେଣ୍ଟିଙ୍କ୍ ଓ ଅନ୍ୟମାନଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ଯୋଗୁଁ ଅତ୍ୟନ୍ତ ପ୍ରଭାବ ବିସ୍ତାର କରିଥିବା ଏ ନୀତିର ଏକ ଅପରିହାର୍ଯ୍ୟ ଅଂଶ ହେଉଛି ଶିକ୍ଷିତବର୍ଗଙ୍କ କ୍ଷୁଦ୍ର

ଗୋଷ୍ଠୀକୁ କିଛି ଛୋଟ ଛୋଟ ଅଧିକାରମାନ ପ୍ରଦାନ କରିବା, ଆଉ ଯେତେ ସମ୍ଭବ ମନ୍ଥର ଗତିରେ ଓ କ୍ରମବର୍ଦ୍ଧିଷ୍ଣୁ ଚାପର ସମ୍ମୁଖୀନ ହୋଇ ତା' ସାଙ୍ଗକୁ କିଛି କିଛି ବୃହତ୍ତର ଅଧିକାରମାନ ମଧ୍ୟ ପ୍ରଦାନ କରିବା । ଆମ ଆବେଦନଗୁଡ଼ିକର ଫଳସ୍ୱରୂପ ନୁହେଁ କିଂବା ଆମ ନିଜ ଇଚ୍ଛା ବଳରେ ନୁହେଁ, କିନ୍ତୁ ଉତ୍ତମ ରୂପେ ବିବେଚନା କରି ଆଉ ବଳିଷ୍ଠ କାରଣଗୁଡ଼ିକୁ ଆଧାର କରି ଏ ନୀତିକୁ ବଜାୟ ରଖାଯାଇଥିଲା । ଭାରତ ବର୍ଷ ହେଉଛି ଏକ ବିଶାଳ ଦେଶ, ବିଶାଳ ତା'ର ଜନସଂଖ୍ୟା ଯେଉଁମାନେ ଥିଲେ ଅପରିଚିତ ଓ ଅଜଣା ସେମାନଙ୍କ ଶାସକମଣ୍ଡଳୀ ପାଖରେ । ଏହାକୁ ଚୀରଦିନ ପାଇଁ ଧରି ରଖିବା ଏକ ଉଦ୍ଭଟ ଚିନ୍ତାଧାରା ବୋଲି ଅଧିକାଂଶ ରାଷ୍ଟ୍ରନୀତିଜ୍ଞ ବିଚାର କରୁଥିଲେ; ଏମିତିକି ଜନସାଧାରଣଙ୍କର ସ୍ୱେଚ୍ଛାକୃତ ସହାନୁଭୂତି ଓ ସହଯୋଗ ବିନା ଏହାକୁ କିଛିକାଳ ପାଇଁ ନିୟନ୍ତ୍ରଣରେ ଓ ଶାନ୍ତଭାବେ ଧରି ରଖିବା ସହଜସାଧ୍ୟ ନଥିଲା । ତେଣୁ ମାତ୍ର କେତେଜଣ ଶିକ୍ଷିତ ବ୍ୟକ୍ତି ନୁହନ୍ତି କିନ୍ତୁ ଜନସାଧାରଣଙ୍କ ଅନ୍ତର୍ନିହିତ ଶକ୍ତିହିଁ ଯତ୍‌ସାମାନ୍ୟ ରାଜନୈତିକ ଫାଇଦାର ଅସଲ ନିର୍ଣ୍ଣାୟକ ଭୂମିକା ନେଇଥିଲା ଯେଉଁଥିପାଇଁ ଆମେ ଆନନ୍ଦରେ ଏତେ କୁରୁଳି ଉଠିଛୁ । ସେଇଦିନଠାରୁ ବ୍ରିଟିଶ୍ ଜନସାଧାରଣ ଓ ବ୍ରିଟିଶ୍ ରାଷ୍ଟ୍ରନୀତିଜ୍ଞମାନଙ୍କର ମନୋଭାବ ସମ୍ପୂର୍ଣ୍ଣ ବଦଳି ଯାଇଛି – ଏତେ ମାତ୍ରାରେ ବଦଳି ଯାଇଛି ଯେ ଏମିତିକି ମିଃ ମୋର୍ଲେଙ୍କ ପରି ଜଣେ ମୌଳବାଦୀ ରାଷ୍ଟ୍ରନୀତିଜ୍ଞ ଅଳ୍ପ କେତୋଟି ଆକସ୍ମିକ ଆଉ ଔଦ୍ଧତ୍ୟପୂର୍ଣ୍ଣ ଉକ୍ତି ଛଳରେ ସ୍ପଷ୍ଟଭାବେ ଅଭିବ୍ୟକ୍ତ ହୋଇଥିବା ''ଜନସମୁଦାୟର ଇଚ୍ଛାଶକ୍ତି'' ପ୍ରତି ଆଦୌ ଗୁରୁତ୍ୱ ଦେଇନାହାନ୍ତି । ଏମିତି କାହିଁକି ହୋଇଛି ? ଯଥାର୍ଥ କାରଣ ଦୃଷ୍ଟିରୁ ଦେଖିଲେ ଆମ୍ଭେମାନେ ନିହାତି ନିର୍ବୋଧ ଭାବେ ତୁଚ୍ଛା ଭିକ୍ଷୁନୀତି ଅନୁସରଣ କରିଚାଲିଛୁ ଓ ତା' ସଙ୍ଗେ ସଙ୍ଗେ ଆମର ନିଜ ଦୁର୍ବଳତାକୁ ପଦାରେ ପକେଇ ଦେଇଛୁ । ଆମେ ଜାତୀୟ କଂଗ୍ରେସକୁ ଆନୁଷ୍ଠାନିକ ରୂପ ଦେଇନଥିଲେ ହୁଏତ ପୁରୁଣା ଧାରାରେ ଆଉକିଛି ଅଧିକା ସମୟ ଧରି ଚାଲିଥାଆନ୍ତୁ, କେତେବେଳେ କେମିତି ଅବା ଜଣେ ଅଧେ ଟାଣୁଆ ଉଦାରବାଦୀ ବଡ଼ଲାଟ (Liberal Viceroy) ଆସି ପହଞ୍ଚିଗଲେ ଛୋଟିଆ ଛୋଟିଆ ଆଉ କାଁ ଭାଁ ଖଣ୍ଡେ ଖଣ୍ଡେ ବିଶେଷ ସୁବିଧାମାନ ଆମକୁ ମିଳିଥା'ନ୍ତା । କିନ୍ତୁ କଂଗ୍ରେସର ଅଦ୍ଭୁତ ନିରର୍ଥକ ନୀତି ଆଉ ଅଥର୍ବ ସ୍ୱଭାବ ବ୍ରିଟିଶ୍ ରାଷ୍ଟ୍ରନୀତିଜ୍ଞଙ୍କ ପାଖରେ ନିଜକୁ ଧରା ପକେଇ ଦେଇଛି – କିଂବା ସେମାନେ ସେପରି ଭାବିଲେ ଯେ ଏହା ହେଉଛି ଆମ ଜାତିର ଦୌର୍ବଲ୍ୟ ଓ ପୌରୁଷହୀନତା । ପରିଣାମସ୍ୱରୂପ, ଆମର ଅନୁଭବ ପ୍ରତି ଘୃଣାବ୍ୟଞ୍ଜକ ଭାବ ନେଇ କ୍ରମେ ବଢ଼ି ବଢ଼ି ଚାଲିଛି ନୈରାଶ୍ୟ ଜର୍ଜରିତ ତାଚ୍ଛଲ୍ୟରେ ଭରା ଅତ୍ୟାଚାରର ଏ ଅବଧି । ଆଉ ବର୍ତ୍ତମାନ ଯେହେତୁ ଅଭୂତପୂର୍ବ ଶକ୍ତି ନେଇ ଏକ ଉଦାରପନ୍ଥୀ ସରକାର କ୍ଷମତାସୀନ ହୋଇଛି, ଆମେ ଯେଉଁ ଫାଇଦାସବୁ ହେବ ବୋଲି ଆଶାକରି ବସିଛୁ ତାହା ଯେ ଭିତ୍ତିହୀନ ଆଉ ଭ୍ରମାତ୍ମକ ହୋଇଯିବ ଏବଂ ପୁଣି କିଛିବର୍ଷ ପରେ ଆଉ ଜଣେ ପ୍ରତିକ୍ରିୟାଶୀଳ ବଡ଼ଲାଟ ଆସିବା ଦ୍ୱାରା ସେସବୁକୁ ଯେ ପ୍ରତ୍ୟାହାର କରି ନିଆଯିବ ଏହା ବିରୋଧରେ କୌଣସି ନିର୍ଭର ପ୍ରତିଶ୍ରୁତି ଆମକୁ ମିଳିବାର ନାହିଁ ବୋଲି ଆମେ ପରିଷ୍କାର ଦେଖିପାରୁଛୁ । ଏକଥା ସମ୍ପୂର୍ଣ୍ଣ ସ୍ପଷ୍ଟ ହୋଇଯାଇଛି ଯେ ଭିକ୍ଷାବୃତ୍ତିର ନୀତି ଏଣିକି ଆଉ ଚଳିବ ନାହିଁ । ସବୁକଥା ବିଚାରକୁ ନେଲାପରେ 'ବେଙ୍ଗଲୀ' ଘୋଷଣା କରିଛି ଯେ ଆମେ କେବଳ ବିଭାଜନ କ୍ଷେତ୍ରରେହିଁ ବିଫଳ ହୋଇଛୁ । ଏଇ ଅନେକ ବର୍ଷ ଧରି ପ୍ରତିଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆମେ ସତରେ ନିଷ୍ଫଳ ହୋଇଯାଇଛୁ; ଆମର ଆନତ ମଥା ଉପରଦେଇ କେତେ କଠୋର ପଦକ୍ଷେପ ପରେ ପଦକ୍ଷେପମାନ ବଳପୂର୍ବକ ନିଆଯାଇଛି ଆଉ ଚିରଆକାଙ୍କ୍ଷିତ ଉଦାରପନ୍ଥୀ ସରକାର କେବଳ ମାତ୍ର ସୁରାକ୍ ମିଳୁଥିବା ଅତ୍ୟାଚାରର ଘଟଣାଗୁଡ଼ିକ ସଂକ୍ରାନ୍ତରେ ଅନିଚ୍ଛାକୃତ କିଛି ସୁବିଧା ଦେଇ ଆମକୁ ଉପହାସ କରିଛନ୍ତି । ପ୍ରତିକ୍ରିୟାମୂଳକ କଠୋର ପଦକ୍ଷେପର ସୁଦୀର୍ଘ କଳଙ୍କମୟ ତାଲିକା ଏମିତି ରହିଛି ଆଉ ରହିଥିବ, ତାକୁ କେହି ହଟେଇ ପାରିବନି । ଛୋଟ ଛୋଟ ପ୍ରସଙ୍ଗକୁ ନେଇ ଆବେଦନ କଲେ ଆମକୁ ହୁଏତ ଏଣେ ଗୋଟିଏ ନଗଣ୍ୟ ସୁବିଧା ମିଳିପାରେ କିଂବା ତେଣେ ଅତ୍ୟାଚାରର ମାତ୍ରା ସାମାନ୍ୟ ଲାଘବ ହୋଇପାରେ, ଏକଥା ଅସ୍ୱୀକାର କରିବାରେ ଆମର ଦ୍ୱିଧା ନାହିଁ, ତଥାପି ସେଥିରେ ମଧ୍ୟ ନଅଟି ମାମଲାରେ ଆମେ ହାରିଗଲେ ଗୋଟିକରେ କେବଳ ଜିତିବା ସାର ହେବ । କିନ୍ତୁ ସେଥିରେ ଯେ କିଛି ଗୁରୁତ୍ୱପୂର୍ଣ୍ଣ, କିଛି ସ୍ଥାୟୀ ସମାଧାନ ମିଳିବ, ଯେଉଁ ଅପରିହାର୍ଯ୍ୟ ସମସ୍ୟାଗୁଡ଼ିକ ଆମକୁ ଅଧିକାଂଶତଃ ବିଚଳିତ କରୁଛି, ତା' ଉପରେ ଯେ ଏହାର କିଛି ପ୍ରଭାବ ପଡ଼ିବ – ଏସବୁ କଥା ତୁଚ୍ଛା ଭିକ୍ଷାବୃତ୍ତି ଭିତରୁ ଆଶା କରାଯାଇପାରେ ନାହିଁ । ପୁରାତନ ଧାରା ଆଉ କୃତିତ୍ୱକୁ ନେଇ ଏ ବିତର୍କ ପ୍ରତି ଆମର ଉତ୍ତର ହେଲା ପରିଶେଷରେ ଏଇ

ପ୍ରାଚୀନ ନୀତିଟି କୃତକାର୍ଯ୍ୟ ହୋଇପାରିନି, ବରଂ ନିହାତି ବ୍ୟର୍ଥ ହୋଇଯାଇଛି ଆଉ ବର୍ତ୍ତମାନ ସମୟ ଆସିଛି ଏଇ ପୁରୁଣା ନୀତି ପରିବର୍ତ୍ତେ ଆହୁରି ଏକ ବଳିଷ୍ଠ, ଆହୁରି ସାର୍ଥକ ଏକ ନୀତିର ପ୍ରଚଳନ ପାଇଁ । 'ବେଙ୍ଗଲୀ' ଉତ୍ଥାପନ କରିଥିବା ଅନ୍ୟ ତର୍କର ଜବାବ ଆମେ ଉଚିତ କ୍ରମରେ ଦେବା । ଆବେଦନକାରୀ ତତ୍ତ୍ୱର ଏହାହିଁ ପ୍ରକୃତ ଭିତ୍ତି ଯାହାର ସପକ୍ଷରେ ନା ଅଛି କିଛି ଯୁକ୍ତି ନା ଅଛି ତଥ୍ୟ ।

## ପ୍ରସଙ୍ଗ କ୍ରମେ

ଇଂଲିଶ୍‌ମ୍ୟାନ୍ ପୁଣି ଏବିଷୟରେ ତତ୍ପର ହୋଇଉଠିଛି । ତା'ର ବହ୍ନିମାନ କଳ୍ପନା ଡେଣାପ୍ରସାରି ଉଡ଼ିଯାଉଛି ନଦୀ ଓ ପାହାଡ଼ ଶ୍ରେଣୀର ଉପର ଦେଇ ଆଉ ନିଜେହିଁ ତା'ର ଗତି ଫେରାଉଛି ସୁଦୂର ସିଲହଟ୍ ଉପରେ ସେଇ ଅବାସ୍ତବ ଡେଣାକୁ ସଙ୍କୁଚିତ କରି । ଆଉ ସମସାମୟିକ ପତ୍ରିକାରୁ ଆମେ ଜାଣିବାକୁ ପାଇଛୁ ଯେ ବ୍ରିଟିଶ ସରକାରକୁ ସିଲ୍‌ହଟ୍‌ରେ କ୍ଷମତାଚ୍ୟୁତ କରାଯାଇଛି ଯାହାକୁ କିଛି ସଂଖ୍ୟକ ବିଦ୍ୟାଳୟର ଛାତ୍ରମାନେ ନିୟନ୍ତ୍ରଣ ଭିତରେ ରଖିଛନ୍ତି – କହିବାକୁ ଗଲେ ସେମାନେ ଯେ ସାଂଘାତିକ ହୋଇଉଠିଛନ୍ତି – ମରଣାନ୍ତକ ଲାଠିର ପ୍ରୟୋଗ ସମ୍ପର୍କରେ ତାଲିମ ନେଉଛନ୍ତି । ନିକଟରେ ବାବୁ ବିପିନ୍ ଚନ୍ଦ୍ରପାଲ୍ ସିଲ୍‌ହଟକୁ ଯେଉଁ ପରିଦର୍ଶନରେ ଯାଇଥିଲେ ଏ ଚମକପ୍ରଦ ପ୍ରସ୍ତାବ ହେଉଛି ତା'ର ପରିଣାମ । ଯାହା ମନେହେଉଛି, ଏସବୁ ବିପର୍ଯ୍ୟୟର ପରିସମାପ୍ତି ଘଟାଇବା ପାଇଁ 'ଗୋଲ୍ଡେନ ବେଙ୍ଗଲ' ରାଜଦ୍ରୋହ ସମ୍ବଳିତ ତା'ର କ୍ଷୁଦ୍ର ପୁସ୍ତିକାମାନ ପ୍ରଚାର ସକାଶେ ବାଣ୍ଟିବାରେ ଲାଗିଛି । ଏହାର ଦୁର୍ଦ୍ଧର୍ଷ ଦୂତଗଣ ନିଜ ଦୃଷ୍ଟିଭଙ୍ଗୀ ଅନୁସାରେ ମାଜିଷ୍ଟ୍ରେଟଙ୍କୁ ଦୀକ୍ଷା ଦେବାକୁ ଯାଇ କେବେବି ହତାଶ ହୋଇ ନଥିବାର ଜଣାପଡୁଛି କାରଣ ଏମିତିକି ତାଙ୍କ ହାତରେ ମଧ୍ୟ ସେ ପୁସ୍ତିକାରୁ ଗୋଟିଏ କପି ପଡ଼ିଛି । ଯାହାହେଉ, 'ଇଂଲିଶ୍ ମ୍ୟାନ୍' ପରେ ମିଳିଥିବା ଖବରଟି ଆମ ପାଖରେ ଅଛି । ବିଶ୍ୱସ୍ତ ସୂତ୍ରରୁ ଆମକୁ ପ୍ରାପ୍ତ ଖବର ଅନୁଯାୟୀ ସିଲ୍‌ହଟ୍‌ରେ ଗଣତନ୍ତ୍ର ଘୋଷିତ ହୋଇଛି ଆଉ ବାବୁ ବିପିନ୍ ଚନ୍ଦ୍ର ପାଲ୍ ଏହାର ପ୍ରଥମ ରାଷ୍ଟ୍ରପତି ହେବାକୁ ଯାଉଛନ୍ତି ।

*

'ଇଂଲିଶ୍‌ମ୍ୟାନ୍' କୃପାପୂର୍ବକ ଜଣେ ପତ୍ରକାରଙ୍କ ଅନୁରୋଧରେ ରାଜି ହୋଇଯାଇଛି ଯିଏ ନିବେଦନ କରିଛନ୍ତି ଏଇ ''ଅତି ସମ୍ମାନିତ ପତ୍ରିକାକୁ ନିମ୍ନୋକ୍ତ ଧାଡ଼ିଗୁଡ଼ିକ ଛାପିବା ପାଇଁ'' । ଏଇ ତୃପ୍ତିକର ରଚନାରେ ରହିଛି ଅନେକ ମୂଲ୍ୟବାନ୍ ଉକ୍ତି ଯାହାକୁ ନିଜର ସୌଜନ୍ୟତା ରକ୍ଷାକରି 'ଇଂଲିଶ୍ ମ୍ୟାନ୍' ତା' ସଂଖ୍ୟାରେ ସ୍ଥାନ ଦେଇଛି । ''ଆମ୍ଭେମାନେ ଅନୁମୋଦନ ପାଇବା ସକାଶେ ସରକାରଙ୍କ ପାଖରେ ସବୁବେଳେ ହାତ ପାତିବା ଉଚିତ କିନ୍ତୁ ତାଙ୍କ ସହିତ ଲଢ଼ିବା ଉଚିତ ନୁହେଁ ।'' ଅନୁକମ୍ପା ପାଇବା ପାଇଁ ଲଢ଼ିବାଟା ସ୍ପଷ୍ଟତଃ ଉତ୍ତମ । କିନ୍ତୁ ତା' ପଛକୁ ଯେ ଆହୁରି ଭଲ ରହିଛି । ''ସରକାରଙ୍କ ଉପରେ ଉତ୍ତେଜନା-ପ୍ରବଣ ପ୍ରଚଣ୍ଡ ଗାଳିବର୍ଷଣ ଦ୍ୱାରା ଆଉ ଆଙ୍ଗ୍ଲୋ-ଭାରତୀୟ ଶାସକବର୍ଗଙ୍କୁ ମିଥ୍ୟା ଉପହାସ ଓ ଅଭିସମ୍ପାତର ଶିକାର କରିଦେବା ଦ୍ୱାରା ଆମେ ଯେ ଅଧିକାର ଓ ବିଶେଷ ସୁବିଧାମାନ ହାସଲ କରିବା, ଏକଥା ଅସମ୍ଭବ ।'' ପ୍ରଳାପୀର ପ୍ରତିବିମ୍ବ ସତେ ! ବାର୍ ଲାଇବ୍ରେରିର କନିଷ୍ଠ ସଭ୍ୟମାନେ ନିଜ ସମ୍ପର୍କରେ ଏଇ ରୁଚିସମ୍ପନ୍ନ ବର୍ଣ୍ଣନାକୁ ଉପଭୋଗ କରିବେ । ''କାରଣ ସଦ୍ୟ ଏ ତରୁଣଗୋଷ୍ଠୀର ଜଘନ୍ୟଭାବେ ପ୍ରସାରିତ ଶ୍ୟେନଦୃଷ୍ଟିକୁ ଅଧିକାଂଶ ଶିକ୍ଷିତ ବ୍ୟକ୍ତି ଯେ ବିରୋଧ କରନ୍ତି ଏକଥା ମୋର ଜାଣି ରଖିବା ଉଚିତ । ସେଇ ସମସ୍ତ ତରୁଣ ୟୁରୋପୀୟ ବେଶଭୂଷାକୁ ଆଦରି ନେଇଛନ୍ତି କିନ୍ତୁ ଉପର ଓଷ୍ଠାଧରରେ ବୀରତ୍ୱ ବ୍ୟଞ୍ଜକ କିଛି ନିଦର୍ଶନ ଗଜୁରି ନଥିଲେ ମଧ୍ୟ ସେମାନେ ନିଜକୁ ଥିବ୍‌ଜର ବିଜ୍ଞ ବ୍ୟକ୍ତି ଭଳି ସବୁ ପ୍ରକାର ଭାବଭଙ୍ଗୀ ପ୍ରଦର୍ଶନ କରୁଛନ୍ତି ଆଉ ବ୍ରିଟିଶ ସରକାର ବିରୋଧରେ ନିଜକୁ ବିଛେଇ ଦେଇଛନ୍ତି ।'' ଏହା ଏମିତି ଏକ ବାକ୍ୟ ଯାହାକୁ ଆମେ ଜାଣିଶୁଣି ବୃଥା ହେବାକୁ ଦେବାନି ଆଉ ଯାହାଙ୍କ ଉପର ଓଷ୍ଠାଧରରେ କିଛି ଗଜୁରି ନାହିଁ ସେଇ ସଦ୍ୟ ତରୁଣମାନଙ୍କୁ ପରାମର୍ଶ ଦେଇ କହିବୁ ସେମାନେ ପରିଷଦରେ ନିଜ ନିଜର ଆସନ ଅଳଙ୍କୃତ କରିପାରନ୍ତି ଆଉ ଏକ ସାହିତ୍ୟ ଭୂଷଣକୁ ସଂରକ୍ଷିତ କରି ରଖିବା ପାଇଁ ଏମିତି ଏକ ଉପାୟ ଉଦ୍ଭାବନ କରିପାରନ୍ତି ଯାହା ସେମାନଙ୍କୁ ଉପରୋକ୍ତ ଚମତ୍କାର ଲେଖକଙ୍କ ସମ ଅବିନଶ୍ୱର କରି ତୋଳିବ କିନ୍ତୁ ତାଙ୍କଠାରୁ କୌଣସି ଗୁଣରେ କମ୍ ନୁହେଁ । ବ୍ୟଙ୍ଗ ପରିହାସ ଛଳରେ ଅନୁକରଣ କରିବା ଅପେକ୍ଷା ପ୍ରକୃତରେ ପ୍ରଗଲ୍‌ଭ ହୋଇଯିବା କି ଅନନ୍ତ ଗୁଣରେ ଶ୍ରେୟସ୍କର ! ଏପରିକି ମିଃ ମୋର୍ଲେଙ୍କ ପାଖକୁ ଲେଖିଥିବା ପତ୍ରର ରଚୟିତା ନିଜର ସଙ୍କୁଚିତ ମଥାକୁ ଯେମିତିହେଲେ ଡାଙ୍କି ପକେଇବେ ଏ ଦୁର୍ନିବାର ଉଚ୍ଛ୍ୱାସ ସମ୍ମୁଖରେ ।

*

ଚରମପନ୍ଥୀମାନଙ୍କର ଏଇ ଆଭିମୁଖ୍ୟ ଖାଲି ସେମାନଙ୍କ ବିଓଶନ୍ (Boeotian) ନିର୍ବୋଧତାକୁ ଅନାବୃତ କରିଦେଇଛି । ସେମାନେ ଏହାକୁ ନେଇ ଖୁବ୍ ଉତ୍ସାହରେ ମାତି ଉଠନ୍ତୁ, ଯଦି ଏଇ ଘୃଣ୍ୟ ପଦ୍ଧତିରୁ ସେମାନେ ନିଜକୁ ନିବୃତ୍ତ ନକରନ୍ତି, ସେମାନଙ୍କୁ ନିଶ୍ଚୟ ଦୁଃଖ ଭୋଗିବାକୁ ପଡ଼ିବ । ହେ ସିଲ୍‌ହଟ୍ ମାଜିଷ୍ଟ୍ରେଟ୍, (S.M.) ଆମେ ଏହାର ପ୍ରତିରୋଧ କରିବୁ । ପ୍ରାଚୀନ ଗ୍ରୀସୀୟ ଶାଣିତ ବୁଦ୍ଧିମତ୍ତା ଓ ହୋମରଙ୍କ କାବ୍ୟକୃତି ଭିତରେ ଥିବା ବଜ୍ର ପରି ନିର୍ଘୋଷର ଚମକ ପରେ ଆମର ବିଓଶନ୍ (Boeotian) ନିର୍ବୋଧତାସବୁ ଦୁର୍ନିବାରଭାବେ କମିଯାଇ ପରିଣତ ହୋଇଯାଏ ସଂକ୍ଷିପ୍ତ ଅଥଚ ସାରଗର୍ଭକ ନୀରବତାରେ । ବାସ୍ତବିକ, ଏଇଠି ମନେହୁଏ କୋହଳ ମନୋବୃତ୍ତି-ସମ୍ପନ୍ନ ବ୍ୟକ୍ତିମାନଙ୍କ ପଦ ମର୍ଯ୍ୟାଦା ମଧ୍ୟରେ ସତେଯେମିତି କିଛି ଭୟାର୍ତ୍ତ ଓ ବିସ୍ମୟଜନକ ବଣ୍ୟ କୁକ୍‌କୁଟ ପକ୍ଷୀ ରହିଯାଇଛନ୍ତି ।

[ବନ୍ଦେ ମାତରଂ , ସେପ୍‌ଟେମ୍ବର ୧୮, ୧୯୦୬]

(କ୍ରମଶଃ)

ଅନୁବାଦକ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ

To work for the Divine is to pray with the body.

(*MCW, Vol 14,* p. 299) – THE MOTHER

*With best compliments from :*

**SRI HANUMAN FLOUR MILL**

**MAITAPUR, BALASORE (ORISSA)**

# ଅଧିକାର ନା କର୍ତ୍ତବ୍ୟ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ଆଜିକାଲି ପ୍ରାୟ ସମସ୍ତେ ଚାହାନ୍ତି, ପ୍ରତ୍ୟେକ ବ୍ୟକ୍ତି ଚାହେଁ ନିଜର ଅଧିକାର – ତାହା ବ୍ୟଷ୍ଟି ହିସାବରେ ହେଉ ଅବା ସମଷ୍ଟି ହିସାବରେ ହେଉ ।

ପ୍ରତ୍ୟେକ ମଣିଷ, ମଣିଷର ବିଭିନ୍ନ ସମ୍ପ୍ରଦାୟ – ଶ୍ରେଣୀ, ଜାତି, ଦଳ – ଅଥବା ସମବାୟର ସମବାୟ – ନେଶନ୍, ପ୍ରତ୍ୟେକ ଆପଣା ଆପଣା ଦାବି ଆଦାୟ କରିବାର ଚେଷ୍ଟାରେ ଲାଗିପଡ଼ିଛନ୍ତି । ଲୋକେ ଆଜିକାଲି ମନେକରନ୍ତି ଜୀବନର, ସଜୀବତାର, ସାର୍ଥକତାର ପରିଚୟ ଏଇଭଳି ହେବା ଉଚିତ ଅର୍ଥାତ୍ ସ୍ୱୀୟ ଅଧିକାରର ଦାବି ଉପସ୍ଥାପନ କରିବା ।

ପ୍ରତ୍ୟେକେ ଚାହାନ୍ତି ବଞ୍ଚିରହିବାକୁ, ଭୋଗ କରିବାକୁ, କିଛି ନା କିଛି ଉପାୟରେ ବର୍ତ୍ତିରହିବାକୁ । ପୁଷ୍ଟ, ସମୃଦ୍ଧ ହେବାକୁ – ଅର୍ଥାତ୍ ପ୍ରତିଟି ବ୍ୟକ୍ତିବିଶେଷ ହେଉଛନ୍ତି ମୂର୍ତ୍ତିମାନ କ୍ଷୁଧା । ଯାହାର ଏହା ନାହିଁ, ତା'ର ତ ସ୍ୱାଭାବିକ ଦରକାର, ଯାହାର ଅଛି ସେ ଚାହେଁ ଆହୁରି ବେଶୀ, ଆହୁରି ଅଧିକ ।

କିନ୍ତୁ ମଣିଷ ଆଗରେ ସାର୍ଥକ ଜୀବନ ନିମନ୍ତେ କେବଳ ଯେ ଏଇ ଗୋଟିଏ ପଥ ରହିଛି, ତା' ନୁହେଁ; ଚିରକାଳ ଧରି ସର୍ବତ୍ର ଏହା ଚାଲି ଆସୁଥିଲା ତା' ବି ନୁହେଁ, ବିଶେଷକରି, ଆମ ଦେଶରେ ଏହା ନଥିଲା କହିଲେ ଚଳେ । ଏ ଧାରାଟି ଆଧୁନିକତାର ଧାରା, ଏଇଟି ଇଉରୋପର ପଦ୍ଧତି, ଯାହାକୁ ଆମେ ମାନ୍ୟତା ଦେଉଛୁ ।

ପ୍ରାଚୀନତର ଯୁଗରେ ପ୍ରାଚ୍ୟଦେଶମାନଙ୍କରେ ଏପ୍ରକାର ଚଳଣି ନଥିଲା, ଅନ୍ୟ ପ୍ରକାରେ ଥିଲା । ମନୁଷ୍ୟ ଥିଲା କର୍ତ୍ତବ୍ୟ-ପରାୟଣ, ଜୀବନର ସାର୍ଥକତା ଅଧିକାର ଭୋଗରେ ନଥିଲା, ଥିଲା କର୍ତ୍ତବ୍ୟ ସମ୍ପାଦନରେ । ମୁଁ ଦେଖିବି ନାହିଁ ଯେ ମୋର କ'ଣ ପ୍ରାପ୍ୟ ଥିଲା ଦାବି ହିସାବରେ, କେଉଁଥିରେ କେତେ ଅଧିକାର, ବରଂ ମୁଁ ଦେଖିବି ମୋର କରଣୀୟ କ'ଣ । ବ୍ୟଷ୍ଟି ଛଡ଼ା ବି ସମାଜର ଯେତେ ପ୍ରକାର ଗୋଷ୍ଠୀ – ଜନ୍ମ ହିସାବରେ, କର୍ମ ହିସାବରେ, ଶିକ୍ଷା ହିସାବରେ, ଦୀକ୍ଷା ହିସାବରେ, ପଦ ହିସାବରେ, ଅର୍ଥମର୍ଯ୍ୟାଦା ହିସାବରେ – କେହି ବି ନିଜର ଅଧିକାର ନେଇ ଉନ୍ମତ୍ତ ହେବେ ନାହିଁ, ପ୍ରତ୍ୟେକେ ଧୀର-ସ୍ଥିରଭାବେ ନିଯୁକ୍ତ ରହିବେ ଆପଣା କର୍ତ୍ତବ୍ୟ ନିର୍ଣ୍ଣୟରେ ଓ କର୍ତ୍ତବ୍ୟ ସମ୍ପାଦନରେ । ତା'ହେଲେ ସମାଜ ହେବ ନିଟୋଳଭାବେ ପୂର୍ଣ୍ଣ ।

ଏଇ କର୍ତ୍ତବ୍ୟବୋଧ ଯେତେବେଳେ ମଣିଷ ମନରେ ନଥାଏ ଅବା ତା' ଭିତରୁ ଲୋପପାଇ ଯାଇଥାଏ, ସେଇ ସମୟରେ ସେ ଉଠି ଠିଆହୁଏ ଅଧିକାରବୋଧକୁ ଆଶ୍ରୟ କରିଥିବା ଦମ୍ଭରେ । ଫଳରେ ଦେଖାଦିଏ – ପ୍ରତିଯୋଗିତା, ଦ୍ୱନ୍ଦ୍ୱ ଓ ସଂଘର୍ଷ, ଶେଷରେ ବିଶୃଙ୍ଖଳା ଓ ବିନଷ୍ଟି । ଏଇ ପଥଟା ରାଜସିକ ଆସୁରିକ ପନ୍ଥା । ଆପଣାର କଲ୍ୟାଣ ଚାହୁଁଥିବା ବ୍ୟକ୍ତିକୁ ବା ସମଷ୍ଟିକୁ ଏ ପଥରୁ ନିବୃତ୍ତ ହେବାକୁ ପଡ଼ିବ । ଏ କାମଟା ଜମା ଅସମ୍ଭବ ନୁହେଁ । ଅଧିକାରବୋଧର ସ୍ପୃହାକୁ ଛାଡ଼ିଦେଲେ ଆଉ ଯେ ବଳବତ୍ତର ପ୍ରେରଣା ନାହିଁ ମଣିଷ ପାଇଁ – ସେକଥା ଆମେ ସ୍ୱୀକାର କରୁ ନାହୁଁ ।

ଫରାସୀ ବିପ୍ଳବରେ ମନ୍ତ୍ର ଥିଲା ''ମଣିଷର ଅଧିକାର'' (Rights of Man), ତା'ଠାରୁ ମାଟ୍‌ସିନିଙ୍କର ମନ୍ତ୍ର ''ମଣିଷର କର୍ତ୍ତବ୍ୟ'' (Duties of Man) ମହତ୍ତର ଓ ଶ୍ରେୟସ୍କର ।

ପ୍ରାଚୀନ କାଳରେ, ବିଶେଷଭାବେ ପ୍ରାଚ୍ୟ ଦେଶ ସମୂହରେ ରାଷ୍ଟ୍ରଗଠନର ଏଇ ନୀତି (ବ୍ୟକ୍ତିଗତ ଶିକ୍ଷା-ଦୀକ୍ଷାରେ)ହିଁ ଥିଲା ଶିକ୍ଷାର ମୂଳଭିତ୍ତି । ତେବେ କର୍ତ୍ତବ୍ୟର ଆଉ ଏକ ନାମ ଥିଲା, ସୁନ୍ଦର ସେ ନାମ – ଧର୍ମ, ସ୍ୱ-ଧର୍ମ । କିନ୍ତୁ ତା' ଅର୍ଥ ନିଜ ପ୍ରକୃତିକୁ ଜାଣିବା । ବାହ୍ୟ ସ୍ଥୂଳ ପ୍ରକୃତିର କଥା କୁହାଯାଉ ନାହିଁ, ଅନ୍ତର ପ୍ରକୃତି – ଅନ୍ତରାତ୍ମାର ପ୍ରକୃତି, ତା' ଅର୍ଥ ସ୍ୱଭାବକୁ (ସ୍ୱ-ଭାବ) ଜାଣିବା ଓ ସେଇ ସ୍ୱଭାବର ଜ୍ଞାନରେ ତଥା ପ୍ରେରଣାରେ କର୍ମ କରିଯିବା । ଏଇ ଯେଉଁ ସ୍ୱଭାବ ନିୟତ କର୍ମ, ଏହାର ଅନ୍ୟ ନାମ ଧର୍ମାନୁଗତ କର୍ମ ।

ପ୍ରତ୍ୟେକେ – ବ୍ୟକ୍ତି ହିସାବରେ ହେଉ ଅବା ଗୋଷ୍ଠୀ ହିସାବରେ ହେଉ ନିଜର ଧର୍ମ ପାଳନକଲେ ମାନବସମାଜ ମଧ୍ୟ ଏକ ନୂଆ ରୂପ ପାଇବ । ସେଇଟି ଶ୍ରେଣୀ ସଂଘର୍ଷ ବା ବ୍ୟଷ୍ଟି ସଂଘର୍ଷକୁ ଭିତ୍ତିକରି ଠିଆହେବ ନାହିଁ । ଠିଆହେବ ସମବାୟ ଭାବନା ଉପରେ, ଗଢ଼ାହେବ ସେଇ ଧାରାରେ ।

ଯୁଯୁତ୍ସୁ ଶ୍ରେଣୀର ଯେଉଁ ସ୍ୱାଧିକାର ବୋଧ, ସେଇଟିର ବ୍ୟବହାର ଦ୍ୱାରା ଏହା ସମ୍ଭବ ନୁହେଁ । ମଣିଷ ଭିତରେ, ତା'ର ବିଭିନ୍ନ ଶ୍ରେଣୀ ଭିତରେ ଜାଗ୍ରତ୍ କରିବାକୁ ହେବ ତା'ର ବିଶିଷ୍ଟ ସ୍ୱଧର୍ମ ଚେତନା ଓ ସ୍ୱଧର୍ମ ପ୍ରେରଣା ।

*

ଏକଥା ସତ୍ୟ ଯେ କର୍ତ୍ତବ୍ୟବୋଧ କେବଳ ଗୋଟିଏ ପକ୍ଷରେ ରହିଲେ ଚଳିବ ନାହିଁ, ସମସ୍ତଙ୍କ କ୍ଷେତ୍ରରେ ସମସ୍ତଙ୍କ ପକ୍ଷରୁ ଏହା ରହିଲେ ସିନା କାର୍ଯ୍ୟକାରୀ ହୋଇପାରିବ ! ସମାଜର ଅଙ୍ଗେ ଅଙ୍ଗେ ଅର୍ଥାତ୍ ପ୍ରତିଟି ଅଙ୍ଗରେ ଏଇ ବୋଧଟିକୁ ଜଗାଇବାକୁ ହେବ, ଏହାର ଅନୁପ୍ରେରଣାରେହିଁ ସେସବୁ ଅଗ୍ରସର ହେବେ । ଏହାର ପ୍ରଭାବରେହିଁ ସମାଜ ଲାଭ କରିବ ଏକ ଅଖଣ୍ଡ ପରିପୂର୍ଣ୍ଣତା, ଏକ ସାମଞ୍ଜସ୍ୟର ଜୀବନଧାରା ବା ପ୍ରଣାଳୀ । ସୁତରାଂ, ସମାଜକୁ ଯଦି ଆମେ ଏଇ ଭାବନେଇ ପ୍ରଭାବିତ କରିବା, ଏଇ ବାତାବରଣରେ ଓତପ୍ରୋତ ହୋଇ ତାହାକୁ ଠିଆକରି ପାରିବା, ତା'ହେଲେ ଦେଖିବା ସମାଜର ଛୋଟବଡ଼ ପ୍ରତ୍ୟେକଟି ଅଙ୍ଗ ସମଗ୍ରର ଧର୍ମକୁ ଗ୍ରହଣ କରିବେ, ସେ ଅନୁଯାୟୀ ଆପଣା ଆପଣା ବିଶିଷ୍ଟ ଧର୍ମ ଅର୍ଜନ ବି କରିବେ, ପାଳନ କରିବେ ମଧ୍ୟ । ତା'ପରେ ସମାଜ ବା ସମୂହ ହୋଇଉଠିବ ଏକ ଜୀବନ୍ତ ପରିପୂର୍ଣ୍ଣ ଜୀବଦେହ । ସମାଜର ଯଥାର୍ଥ ରୂପହିଁ ପ୍ରକୃତରେ ଏଇଭଳି ପୂରା ଗୋଟାଏ ଜୀବଦେହ ।

ସୁସ୍ଥ ସମୃଦ୍ଧ ସମାଜ ଅନେକଗୁଡ଼ିଏ ଗୋଷ୍ଠୀର ତଥା ଶ୍ରେଣୀର ସମବାୟ । ଏଥିରେ କେତେ ସମ୍ପ୍ରଦାୟ – ରାଜ୍ୟ ଓ ରାଜପରିଷଦ, ଅଭିଜାତ, ଧନିକ, ଯୋଦ୍ଧୃ, ମଧ୍ୟବିତ୍ତ, କୃଷକ-ଶ୍ରମିକ ଆଦି କେତେ ସମ୍ପ୍ରଦାୟର ସ୍ଥାନ ଏଥିରେ ରହିଛି । ଯେତେବେଳେ ଗୋଟିଏ ସମ୍ପ୍ରଦାୟ ବା ଶ୍ରେଣୀ ବା ଗୋଷ୍ଠୀ ସର୍ବେସର୍ବା ହୋଇ ମୁଣ୍ଡ ଟେକେ ଅବା ଗୋଟିଏ ଅଙ୍ଗର ଅତିପୁଷ୍ଟି ହେବାକୁ ଲାଗେ, ସେତେବେଳେ ସମାଜର ସମଗ୍ର ଜୀବନୀଶକ୍ତି ନିୟୋଜିତ ହୁଏ ସେଇ ଦିଗରେ ଏବଂ ଫଳସ୍ୱରୂପ ସମାଜରେ ଆସେ ଅସୁସ୍ଥତା । ହୁଏତ ରାଜା ବା ରାଜପରିଷଦ, କିଂବା ଅନ୍ୟ କୌଣସି ଗୋଷ୍ଠୀ ନିଜସ୍ୱ ପ୍ରଭୁତ୍ୱ ସ୍ଥାପନ କରିବାକୁ ବସିପଡ଼େ (ଅନ୍ୟ ଗୋଷ୍ଠୀ ବା ଗୋଷ୍ଠୀମାନଙ୍କ ବିରୋଧରେ); ଏହାକୁ ନେଇ ସାମାଜିକ ସ୍ତରରେ ପୀଡ଼ା ସୃଷ୍ଟି ହୁଏ ଏବଂ ପରିଶେଷରେ ବ୍ୟର୍ଥତା ଓ ବିଶୃଙ୍ଖଳାରେ ଯାଇ ପହଞ୍ଚିଯାଏ । ପୂରା ସମାଜ ଆଉ ଅଖଣ୍ଡ ପ୍ରତିଷ୍ଠାନ ହୋଇରହେ ନାହିଁ ।

ଆମେ ଏକଥା ବି କହିବାକୁ ଯାଉନାହୁଁ ଯେ ଅତୀତରେ ଯେଉଁ ଭଳି ଶ୍ରେଣୀବିଭାଗ ରହିଥିଲା, ଅବା ବର୍ତ୍ତମାନ ବି ଯେଉଁ ଶ୍ରେଣୀବିଭାଗ ରହିଛି, ଭାବିକାଳରେ ସେଇଭଳି ଅବିକଳ ରହିବ । ଅବଶ୍ୟ ସ୍ତରବିଭାଗ ବା ଶ୍ରେଣୀବିଭାଗ ରହିବ ନିଶ୍ଚୟ, ଆମେ ଚାହୁଁ ସେ ବିଭାଗ ସୃଷ୍ଟ ହେବ ବା ନିୟନ୍ତ୍ରିତ ହେବ ଏକ ଊର୍ଦ୍ଧ୍ୱତର ଓ ଗଭୀରତର ବିଧାନର ଅନୁକ୍ରମରେ ।

ଜନ୍ମରୁ ସବୁ ମନୁଷ୍ୟ ସମାନ ଅବା ଜନ୍ମରୁହିଁ ସବୁ ମଣିଷ ସ୍ୱାଧୀନ, ଏଇ ଯେଉଁ ମନ୍ତ୍ରଟି ପରବର୍ତ୍ତୀ ଯୁଗରେ ଦିଆଗଲା, ପ୍ରଥମରୁ ତାହା ମୂଳରେ ଅଧିକାର ଦାବିରୁ ଉଦ୍ଭବ ହୋଇ ନଥିଲା; ସମସ୍ତ ମନୁଷ୍ୟ ସ୍ୱରୂପତଃ ଭଗବାନ୍, ଏଇ ସତ୍ୟଟି ଉପରେହିଁ ତାହା ଯେତିକି ପ୍ରତିଷ୍ଠିତ ସେତିକି ସେ ଯଥାର୍ଥରେ ସମାନ – ସେଥିରେ ଦାବି ବା ଅଧିକାରର ପ୍ରଶ୍ନ ନାହିଁ । କଥାଟି ହେଉଛି ସେ ତତ୍ତ୍ୱଟି ତତ୍ତ୍ୱମସି ('ତତ୍ ତ୍ୱମସି') ମନ୍ତ୍ର ଦ୍ୱାରା ପ୍ରଚାଳିତ ହୋଇଛି – ଏକ ବୃହତ୍ତର ଓ ମହତ୍ତର ମନ୍ତ୍ରର ଅନୁଗତ ହୋଇ ।

ମାନବର ସାମ୍ୟ, ସ୍ୱାଧୀନତା ଓ ସୌଭ୍ରାତୃତ୍ୱ ଆଦି ଗୁଣ ତା'ର ଭାଗବତ ସତ୍ତା ଭିତରେ, ଏଇ ସତ୍ତାଟି ଯେ ମଣିଷ ପାଇଁ ଅତି ଦୂରରେ ଅନଧିଗମ୍ୟ ଅବସ୍ଥାରେ ବା ସନ୍ଦେହର ବିଷୟ ହୋଇରହିଛି, ଏକଥା କହିଲେ ଚଳିବ ନାହିଁ । ମାନବଜାତିର ଉଦ୍ଧାର ପାଇଁ ଏଇ ଗୋଟିଏ ମାତ୍ର ପଥ ଉନ୍ମୁକ୍ତ । ପୂର୍ବରୁ ଅନ୍ୟାନ୍ୟ ପଥ ବହୁତ ଦେଖାହୋଇ ସାରିଛି, ସେଗୁଡ଼ିକ ପଥ ନୁହେଁ ବିପଥ ।

ଭାରତର ଜାଗରଣ ଏଇ ପଥ ନିର୍ଦ୍ଦେଶ କରିବା ଉଦ୍ଦେଶ୍ୟରେ; ଆଗେ ସେ ନିଜେ ଏଥିରେ ଚାଲି, ସିଦ୍ଧି ଆଣି ଜଗତ୍-ସଂସାରକୁ ଏଇ ପଥରେ ଚଳାଇନେବ – ଏହାହିଁ ତା'ର ବ୍ରତ । ଅନ୍ୟଥା ଭାରତର ସ୍ୱାଧୀନତା ତଥା ସମୃଦ୍ଧିର ବିଶେଷ କିଛି ଅର୍ଥ ନାହିଁ । ତା' ନହେଲେ ତାକୁ ଆଉ ପାଞ୍ଚୋଟି ଜାତି ଭଳି (ନେଶନ୍) 'ସର୍ବଭୁକ୍' ହୋଇ ରହିବାକୁ ପଡ଼ିବ, ନହେଲେ 'ଭୁକ୍ତ' ହୋଇ ଜୀବନ-ଯାପନ କରିବାକୁ ହେବ । ବର୍ତ୍ତମାନର ଜାଗରଣ ପଛରେ ଏଇ 'ସର୍ବଭୁକ୍' ବା 'ଭୁକ୍ତ'– ଏ ଦୁଇଟି ଜିନିଷ ରହିଛି ।

ଭାରତର ସାମାଜିକ, ରାଷ୍ଟ୍ରନୀତିକ ସବୁ ବ୍ୟବସ୍ଥାହିଁ ଏଇ ମହାବ୍ରତର ପ୍ରୟୋଜନ ଅନୁସାରେ ଗଢ଼ି ତୋଳିବାକୁ ହେବ । ନେତା, ଦିଗ୍‌ଦର୍ଶକ, ଅଗ୍ରଣୀ ବୋଲି ଯାହାଙ୍କୁ କହିଥାଉ ସେମାନଙ୍କର ଦାୟିତ୍ୱ ଆଜି ବିପୁଳ, ସେମାନେ ହେବେ ନବଯୁଗର ବିଧାତା, ଭବିଷ୍ୟ କାଳ-ପୁରୁଷର ହାତରେ ସେମାନେ ହେବେ ସହାୟକ ଯନ୍ତ୍ର, ପ୍ରତିରୋଧୀ ହେବେ ନାହିଁ । ଅର୍ଥାତ୍ ଭାବୀ କାଳପୁରୁଷ ସେମାନଙ୍କର ସହାୟତା ନେଇ ନୂତନ ମାନବସମାଜ ଗଠନ କରିବ ।

(ରଚନାବଳୀ-୮ମ ଖଣ୍ଡ,'ଆଲୋର୍ ପଥେ'ରୁ ଗୃହୀତ)

ଅନୁବାଦ : କୃଷ୍ଣାଦେବୀ

## ବେଦରହସ୍ୟ - (ପୂର୍ବାର୍ଦ୍ଧ) : ବିଂଶ ଅଧ୍ୟାୟ

# ସ୍ୱର୍ଗଶୁନୀ ସରମା

## (୨)

### ଶ୍ରୀଅରବିନ୍ଦ

ସୂକ୍ତଟିର ଅବଶିଷ୍ଟ ଅଂଶରେ ଅଙ୍ଗିରସମାନଙ୍କର ଓ ଇନ୍ଦ୍ରଙ୍କର କର୍ମସାଧନ ବିଷୟକ ବର୍ଣ୍ଣନା ଅବ୍ୟାହତ ରହିଛି । ''ସେମାନଙ୍କ ମଧ୍ୟରେ ଯିଏ ଶ୍ରେଷ୍ଠବିପ୍ର ସିଏ ସେମାନଙ୍କ ସହିତ ବନ୍ଧୁତା କରିବାକୁ ଗମନ କଲେ; ଗର୍ଭଧାରୀ ଅଦ୍ରି ନିଜ ଗର୍ଭ ମଧ୍ୟରେ ଥିବା ବସ୍ତୁଗୁଡ଼ିକୁ ସୁକର୍ମସାଧକମାନଙ୍କ ନିମନ୍ତେ ବାହାରକୁ ପ୍ରକ୍ଷେପଣ କଲା; ନିଜ ପୌରୁଷବଳରେ ବଳୀୟାନ୍ ହୋଇ ସେ (ଇନ୍ଦ୍ର) ଯୁବକ (ଅଙ୍ଗିରସ)ମାନଙ୍କ ସହିତ ଧନପ୍ରାଚୁର୍ଯ୍ୟକୁ କାମନା କରି ତା' ଉପରେ ଅଧିକାର ସାବ୍ୟସ୍ତ କଲେ, ତା'ପରେ ଜ୍ୟୋତିଃର ମନ୍ତ୍ର ଗାନ କରି ସେ ତତ୍କ୍ଷଣାତ୍ ଅଙ୍ଗିରସ ହୋଇଗଲେ ।[୧୩] ଆମ ସମ୍ମୁଖରେ ଅବସ୍ଥିତ ପ୍ରତ୍ୟେକ ବସ୍ତୁର ରୂପ ଓ ପ୍ରତିମାନ ହୋଇ ସମସ୍ତ ଜନ୍ମ ବିଷୟରେ ଜ୍ଞାତା ସେ 'ଶୁଷ୍ଣ'କୁ ବଧ କରନ୍ତି''(ଋକ୍ ୭,୮)[୧୪]; ଅର୍ଥାତ୍ ଦିବ୍ୟମନହିଁ ଜଗତରେ ପ୍ରତ୍ୟେକ ବସ୍ତୁର ପ୍ରତିରୂପ ଗ୍ରହଣ କରେ ଏବଂ ଏହାର ପ୍ରକୃତ ଦିବ୍ୟମୂର୍ତ୍ତି ଓ ଅର୍ଥକୁ ଅଭିବ୍ୟକ୍ତ କରେ ଏବଂ ଜ୍ଞାନ ଓ କ୍ରିୟାକୁ ବିକୃତ କରୁଥିବା ମିଥ୍ୟାଶକ୍ତିକୁ ବଧ କରେ । ''ଗୋ ଅନ୍ୱେଷକ, ସ୍ୱର୍ଗପଦ ଅଭିମୁଖେ ଯାତ୍ରୀ ସତ୍‌ସଖା ସେ, ସ୍ତୁତିଗାନ ପୂର୍ବକ ତାଙ୍କ ମିତ୍ରମାନଙ୍କୁ (ଯଥାର୍ଥ ଆତ୍ମ ଅଭିବ୍ୟକ୍ତିର) ସମସ୍ତ ତ୍ରୁଟି-ବିଚ୍ୟୁତିରୁ[୧୫] ମୁକ୍ତ କରନ୍ତି । 'ଆଲୋକ' (ଗୋ) କାମୀ ମନ ସହିତ ଜ୍ଞାନଦୀପ୍ତି-ପ୍ରକାଶକ ବଚନ ଦ୍ୱାରା ଅମୃତତ୍ୱ ଦିଗରେ ପଥ ନିର୍ମାଣ କରି ସେମାନେ ନିଜ ଧାମଗୁଡ଼ିକରେ ପ୍ରବେଶ କଲେ (**ନି ଗବ୍ୟତା ମନସା ସେଦୁଃ ଅର୍କୈଃ କୃଣ୍ୱାନାସୋ ଅମୃତତ୍ୱାୟ ଗାତୁମ୍**) । ଏହାହିଁ ସେମାନଙ୍କର ସେହି ବିସ୍ତୀର୍ଣ୍ଣ ସଦନ, ଏହା ସେହି ସତ୍ୟ ଯା' ଦ୍ୱାରା ସେମାନେ ମାସଗୁଡ଼ିକୁ ('ଦଶଗ୍ୱ'ମାନଙ୍କର ଦଶମାସ) ଅଧିକାର କଲେ ।[୧୬] ଦୃଷ୍ଟିରେ ସଙ୍ଗତିଯୁକ୍ତ ହୋଇ (ବା, ସମ୍ୟକ୍‌ରୂପେ ଦର୍ଶନ କରି) ସେମାନଙ୍କ (ସଦନରେ, ସ୍ୱର୍‌ରେ) (ବସ୍ତୁଗୁଡ଼ିକର) ଆଦି ବୀଜର ଦୁଗ୍ଧରୁ ଦୁଗ୍ଧ ନିଷ୍କାସନ କରି ସେମାନେ ଆନନ୍ଦ ଉପଭୋଗ କଲେ । ଏମାନଙ୍କ (ବାକ୍‌ର) ଘୋଷ ସମଗ୍ର ସ୍ୱର୍ଗ ଓ ପୃଥିବୀକୁ ଉତ୍ତପ୍ତ କରିଦେଲା (ଅର୍ଥାତ୍, ତପ୍ତ ଶୁଦ୍ଧତା, ଘର୍ମ, ତପ୍ତଂ ଘୃତମ୍, ଯାହା ସୌର 'ଗୋ' ମାନଙ୍କଠାରୁ ଦୋହନ କରାଯାଇଛି); ଜାତବସ୍ତୁ ମଧ୍ୟରେ ସେମାନେ ଦୃଢ଼ ନିଷ୍ଠାକୁ ଏବଂ ଗୋମାନଙ୍କ ମଧ୍ୟରେ ବୀରଗଣଙ୍କୁ ପ୍ରତିଷ୍ଠା କଲେ (ଅର୍ଥାତ୍, ଜ୍ଞାନାଲୋକ ମଧ୍ୟରେ ସଂଗ୍ରାମୀ ଶକ୍ତିର ପ୍ରତିଷ୍ଠା ହେଲା)[୧୭] ।

''ଯେଉଁମାନେ ଜନ୍ମଗ୍ରହଣ କଲେ (ଯଜ୍ଞପୁତ୍ର) ସେହି ମାନଙ୍କ ଦ୍ୱାରା, ହବ୍ୟବସ୍ତୁସବୁ ଦ୍ୱାରା, ଜ୍ୟୋତିଃଦାୟକ ମନ୍ତ୍ରଗୁଡ଼ିକ ଦ୍ୱାରା, ବୃତ୍ରହନ୍ତା ଇନ୍ଦ୍ର ଜ୍ୟୋତିର୍ମୟ ସେଇମାନଙ୍କୁ ଊର୍ଦ୍ଧ୍ୱଦିଗରେ ପ୍ରେରଣ କଲେ; ପ୍ରଶସ୍ତା ଓ ପ୍ରଫୁଲ୍ଲିତା 'ଗୋ' (ଗୋ 'ଅଦିତି', ବୃହତ୍ ଓ ଆନନ୍ଦମୟ ପରମଚେତନା) ତାଙ୍କ ପାଇଁ ସୁସ୍ୱାଦୁ ଖାଦ୍ୟ ଘୃତମିଶ୍ରିତ ମଧୁ ପ୍ରଭୃତିକୁ ଆଣି ନିଜ ଦୁଗ୍ଧରୂପେ ପ୍ରଦାନ

---

[୧୩] **ଅଗଚ୍ଛଦୁ ବିପ୍ରତମଃ ସଖୀୟନ୍ନସୂଦୟତ୍ ସୁକୃତେ ଗର୍ଭମଦ୍ରିଃ ।**
**ସସାନ ମର୍ଯ୍ୟୋ ଯୁବଭିର୍ମଖସ୍ୟନ୍ନଥାଭବଦଙ୍ଗିରାଃ ସଦ୍ୟୋ ଅର୍ଚନ୍ ॥** (ଋ. ୩ । ୩୧ ।୭)

[୧୪] **ସତଃ ସତଃ ପ୍ରତିମାନଂ ପୁରୋଭୂର୍ବିଶ୍ୱା ବେଦ ଜନିମା ହନ୍ତି ଶୁଷ୍ଣମ୍ ।**

[୧୫] **ପ୍ର ଣୋ ଦିବଃ ପଦବୀର୍ଗବ୍ୟୁରର୍ଚନ୍ ସଖା ସଖୀରମୁଞ୍ଚନ୍ନିରବଦ୍ୟାତ୍ ॥** (ଋ. ୩ । ୩୧ ।୮)

[୧୬] **ନି ଗବ୍ୟତା ମନସା ସେଦୁରର୍କୈଃ କୃଣ୍ୱାନାସୋ ଅମୃତତ୍ୱାୟ ଗାତୁମ୍ ।**
**ଇଦଂ ଚିନ୍ନୁ ସଦନଂ ଭୂର୍ୟେଷାଂ ଯେନ ମାସାଁ ଅସିଷାସନ୍ନୃତେନ ॥** (ଋ. ୩ । ୩୧ ।୯)

[୧୭] **ସଂପଶ୍ୟମାନା ଅମଦନ୍ନଭି ସ୍ୱଂ ପୟଃ ପ୍ରତ୍ନସ୍ୟ ରେତସୋ ଦୁଘାନାଃ ।**
**ବି ରୋଦସୀ ଅତପଦ୍ ଘୋଷ ଏଷାଂ ଜାତେ ନିଃଷ୍ଠାମଦଧୁର୍ଗୋଷୁ ବୀରାନ୍ ॥** (ଋ. ୩ । ୩୧ ।୧୦)

କଲେ ।[୧୮] ଏହି ପିତାଙ୍କ (ସ୍ୱର୍ଗଙ୍କ) ନିମନ୍ତେ ମଧ୍ୟ ସେମାନେ ବୃହତ୍ ଓ ଉଜ୍ଜ୍ୱଳ ସଦନ ନିର୍ମାଣ କଲେ; ସେହି ସୁକର୍ମକାରୀମାନେ ଏହାର ସମ୍ପୂର୍ଣ୍ଣ ଦର୍ଶନ ଲାଭକଲେ । ପିତାମାତାଙ୍କୁ (ଦ୍ୟୌ ଓ ପୃଥିବୀକୁ) ସେମାନେ ଆଶ୍ରୟ ଦେବା ଦ୍ୱାରା ବିସ୍ତୃତ ଭାବରେ ଊର୍ଦ୍ଧ୍ୱରେ ଧାରଣ କରି ସେହି ଉଚ୍ଚଲୋକରେ ଆସୀନ ହୋଇ ଏହାର ସକଳ ପରମାନନ୍ଦ ନିବିଡ଼ଭାବେ ଉପଭୋଗ କଲେ ।[୧୯] ଯେତେବେଳେ (ଅଶୁଭ ଓ ମିଥ୍ୟାର) ଉତ୍‌ଖାତ କରିବା ପାଇଁ ସେହି ବୃହତ୍ 'ଧୀଷଣା' ସ୍ୱର୍ଗ-ମର୍ତ୍ତ୍ୟରେ ସଦ୍ୟ ବ୍ୟାପ୍ତିଲାଭ କରିଥିବା ତାଙ୍କୁ ଧାରଣ କଲେ,– ସେତେବେଳେ ଯାହାଙ୍କ ଭିତରେ ଅନବଦ୍ୟ ତଥା ସମତାଯୁକ୍ତ ବାକ୍ ଥାଏ ସେହି ଇନ୍ଦ୍ରଙ୍କ ପାଇଁ ଦୁର୍ନିବାର ଶକ୍ତି ବିଦ୍ୟମାନ ହେଲା ।''[୨୦] ସେ ବୃହତ୍ ବହୁବିଧ ତଥା ଆନନ୍ଦମୟ କ୍ଷେତ୍ରକୁ (ଗୋ-ମାନଙ୍କର ବୃହତ୍ କ୍ଷେତ୍ର, ସ୍ୱର୍‌କୁ) ଜାଣିଛନ୍ତି ଓ ତାଙ୍କ ବନ୍ଧୁଗଣଙ୍କ ନିମନ୍ତେ ବିଚରଣଶୀଳ ଯୂଥମାନଙ୍କୁ ଏକସଙ୍ଗେ ପ୍ରେରଣ କରିଛନ୍ତି । ମାନବାତ୍ମା (ଅଙ୍ଗିରସ)ମାନଙ୍କ ଦ୍ୱାରା ପ୍ରଦୀପ୍ତ ହୋଇ ସୂର୍ଯ୍ୟ, ଉଷା, ପଥ ଓ ଅଗ୍ନିଙ୍କୁ ଇନ୍ଦ୍ର ଏକତ୍ର ସୃଷ୍ଟି କରିଛନ୍ତି ।''[୨୧]

ସୂକ୍ତର ଅବଶିଷ୍ଟ ଋକ୍‌ଗୁଡ଼ିକ ସେହି ସମାନ ରୂପକଳ୍ପକୁ ଅବ୍ୟାହତ ରଖିଛନ୍ତି, ତା'ସହ ବୃଷ୍ଟିର ଯେଉଁ ବିଖ୍ୟାତ ରୂପକଟି ମଝିରେ ଆସି ମିଶିଛି ତାହାକୁ ଏଯାଏ ଅତିଶୟ ଭୁଲ୍ ବୁଝାଯାଇଛି । ''ଆଦି ଜାତଙ୍କୁ ମୁଁ ନବରୂପରେ ନିର୍ମାଣ କରୁଛି ଏଥିପାଇଁ ଯେ ମୁଁ ଜୟଲାଭ କରିବି । ତୁମେ ଆମର ଅଦିବ୍ୟ ଦ୍ରୋହୀମାନଙ୍କୁ ଅପସାରଣ କର ଏବଂ ସ୍ୱର୍‌କୁ ଆମ ଅଧିକାରଭୁକ୍ତ କର ।[୨୨] ଆମ ସମ୍ମୁଖରେ ପାବନୀ ବୃଷ୍ଟିଧାରା (ଜଳଧାରାରୂପେ) ବିସ୍ତୃତ ହୋଇଛି; ସ୍ୱସ୍ତିର ଅବସ୍ଥାରୂପକ ସେମାନଙ୍କ ଅପର କୂଳକୁ ଆମକୁ ଉତ୍ତୀର୍ଣ୍ଣ କର । ତୁମ ରଥରେ ବସି ସଂଗ୍ରାମ ପୂର୍ବକ ଆମକୁ ଶତ୍ରୁଠାରୁ ରକ୍ଷାକର; ଗୋ-ମାନଙ୍କୁ ଜୟକରି ଆଣିବାକୁ ତୁରନ୍ତ ଆମକୁ ସମର୍ଥ କର ।[୨୩] ବୃତ୍ରହନ୍ତା ଗୋପତି (ମନୁଷ୍ୟ)ମାନଙ୍କୁ ଗୋମାନଙ୍କୁ ଦେଖାଇଛନ୍ତି; ସେ ତାଙ୍କର ଦୀପ୍ତ ବିଧାନ (ବା ରଶ୍ମି) ସହିତ କୃଷ୍ଣବର୍ଣ୍ଣ (ପଣିମାନଙ୍କ ପରି ଆଲୋକଶୂନ୍ୟ) ମାନଙ୍କ ମଧ୍ୟରେ ପ୍ରବେଶ କରିଛନ୍ତି, ସୂନୃତ ଦ୍ୱାରା ସେ ଋତକୁ (ଋତ ସ୍ୱରୂପ ଗୋ-ମାନଙ୍କୁ) ପ୍ରଦର୍ଶନ କରି ତାଙ୍କ ନିଜର ସମସ୍ତ ଦ୍ୱାର ଉନ୍ମୁକ୍ତ କରିଛନ୍ତି''– **ପ୍ର ସୂନୃତା ଦିଶମାନ ଋତେନ ଦୁରଶ୍ଚ ବିଶ୍ୱା ଅବୃଣୋଦ୍ ଅପ ସ୍ୱାଃ** (ଋକ୍-୨୧)[୨୪]; ଏହାର ଅର୍ଥ ହେଲା – ଆମ ଅନ୍ଧକାର ମଧ୍ୟରେ ତାଙ୍କ ପ୍ରବେଶ ଫଳରେ (**ଅନ୍ତଃ କୃଷ୍ଣାନ୍ ଗାତ୍**) ପଣିମାନଙ୍କ ଦ୍ୱାରା ଅବରୁଦ୍ଧ ''ମାନବୀୟ ଦ୍ୱାରଗୁଡ଼ିକୁ'' ଉନ୍ମୋଚିତ କରିବା ପରେ ସେ ନିଜ ଧାମ 'ସ୍ୱର୍'ର ଦ୍ୱାରଗୁଡ଼ିକୁ ଖୋଲି ଦିଅନ୍ତି ।

ଏହିପରି ଭାବରେ ଏହି ଯେଉଁ ସୂକ୍ତର ଅଧିକାଂଶ ଋକ୍‌ର ଅନୁବାଦ ମୁଁ କଲି ତା'ର କାରଣ ହେଲା ଯେ ଏହା ବୈଦିକ

---

[୧୮] **ସ ଜାତେଭିର୍ବୃତ୍ରହା ସେଦୁ ହବ୍ୟୈରୁଦୁସ୍ରିୟା ଅସୃଜଦିନ୍ଦ୍ରୋ ଅର୍କୈଃ ।**
**ଉରୁଚ୍ୟସ୍ମୈ ଘୃତବଦ୍ ଭରନ୍ତୀ ମଧୁ ସ୍ୱାଦ୍ମ ଦୁଦୁହେ ଜେନ୍ୟା ଗୌଃ ।।** (ଋ. ୩। ୩୧ ।୧୧)

[୧୯] **ପିତ୍ରେ ଚିଚ୍ଚକ୍ରୁଃ ସଦନଂ ସମସ୍ମୈ ମହି ତ୍ୱିଷୀମତ୍ ସୁକୃତୋ ବି ହି ଖ୍ୟନ୍ ।**
**ବିଷ୍କଭ୍ନନ୍ତଃ ସ୍କମ୍ଭନେନା ଜନିତ୍ରୀ ଆସୀନା ଊର୍ଧ୍ୱଂ ରଭସଂ ବି ମିନ୍ୱନ୍ ।।** (ଋ. ୩। ୩୧ ।୧୨)

[୨୦] **ମହୀ ଯଦି ଧିଷଣା ଶିଶ୍ନଥେ ଧାତ୍ ସଦ୍ୟୋବୃଧଂ ବିଭ୍ୱଂ ରୋଦସ୍ୟୋଃ ।**
**ଗିରୋ ଯସ୍ମିନ୍ନନବଦ୍ୟାଃ ସମୀଚୀର୍ବିଶ୍ୱା ଇନ୍ଦ୍ରାୟ ତବିଷୀରନୁତ୍ତାଃ ।।** (ଋ. ୩। ୩୧ ।୧୩)

[୨୧] **ମହି କ୍ଷେତ୍ରଂ ପୁରୁଶ୍ଚନ୍ଦ୍ରଂ ବିବିଦ୍ୱାନାଦିତ୍ ସଖିଭ୍ୟଶ୍ଚରଥଂ ସମୈରତ୍ ।**
**ଇନ୍ଦ୍ରୋ ନୃଭିରଜନଦ୍ ଦୀଦ୍ୟାନଃ ସାକଂ ସୂର୍ଯ୍ୟ-ମୁଷସଂ ଗାତୁମଗ୍ନିମ୍ ।।** (ଋ. ୩। ୩୧ ।୧୫)

[୨୨] **ତମଙ୍ଗିରସ୍ୱନ୍ନମସା ସପର୍ଯ୍ୟନ୍ ନବ୍ୟଂ କୃଣୋମି ସନ୍ୟସେ ପୁରାଜାମ୍ ।**
**ଦ୍ରୁହୋ ବି ଯାହି ବହୁଲା ଅଦେବୀଃ ସ୍ୱଶ୍ଚ ନୋ ମଘବନ୍ ସାତୟ ଧାଃ ।।** (ଋ. ୩।୩୧।୧୯)

[୨୩] **ମିହଃ ପାବକାଃ ପ୍ରତତା ଅଭୂବନ୍ ସ୍ୱସ୍ତି ନଃ ପିପୃହି ପାରମାସାମ୍ ।**
**ଇନ୍ଦ୍ର ତ୍ୱଂ ରଥିରଃ ପାହି ନୋ ରିଷୋ ମକ୍ଷୂମକ୍ଷୂ କୃଣୁହି ଗୋଜିତୋ ନଃ ।।** (ଋ. ୩।୩୧।୨୦)

[୨୪] **ଅଦେଦିଷ୍ଟ ବୃତ୍ରହା ଗୋପତିର୍ଗା ଅନ୍ତଃ କୃଷ୍ଣାଁ ଅରୁଷୈର୍ଧାମଭିର୍ଗାତ୍ ।**
**ପ୍ର ସୂନୃତା ଦିଶମାନ ଋତେନ ଦୁରଶ୍ଚ ବିଶ୍ୱା ଅବୃଣୋଦପ ସ୍ୱାଃ ।।** (ଋ. ୩।୩୧।୨୧)

କବିତାର ରହସ୍ୟମୟ ଓ ସମ୍ପୂର୍ଣ୍ଣ ମନସ୍ତାତ୍ତ୍ୱିକ ଚରିତ୍ରକୁ ବିସ୍ମୟକର ଭାବେ ଅବମୁକ୍ତ କରିଦିଏ ଏବଂ ଏହାରି ଦ୍ୱାରା ସରମାଙ୍କୁ ରୂପାୟିତ କରୁଥିବା ପ୍ରତୀକଗୁଡ଼ିକୁ ସ୍ପଷ୍ଟଭାବେ ଉପସ୍ଥାପିତ କରିହେବ । ଋଗ୍‌ବେଦରେ ସରମାଙ୍କ ସମ୍ପର୍କରେ ଅନ୍ୟ ଯେଉଁସବୁ ପ୍ରତିନିର୍ଦ୍ଦେଶ ଅଛି ସେଥିରେ ଏହି ଭାବନାଠାରୁ ଆଉ ଅଧିକ ଗୁରୁତ୍ୱପୂର୍ଣ୍ଣ କିଛି ମିଳେ ନାହିଁ । ୪।୧୬।୮ ଋକ୍‌ରେ ଏ ବିଷୟରେ ସଂକ୍ଷେପରେ କିଛି କୁହାଯାଇଥିବାର ଆମେ ଦେଖୁ । ''ଯେତେବେଳେ ହେ ଇନ୍ଦ୍ର (ପୁରୁହୂତ) ତୁମେ ପର୍ବତକୁ ଚିରି ତା'ମଧ୍ୟରୁ ଜଳଧାରା ନିଃସାରିତ କଲ ସେତିକିବେଳେ ତୁମ ସମ୍ମୁଖରେ ସରମା ଆବିର୍ଭୂତା ହେଲେ; ସେପରି କରି ତୁମେ ଆମର ନେତା ରୂପେ ବନ୍ଦୀ ଗୋଷ୍ଠଗୁଡ଼ିକୁ ଭାଙ୍ଗି ଅଙ୍ଗିରସମାନଙ୍କ ଦ୍ୱାରା ସ୍ତୁତ ହୋଇ ବଳପୂର୍ବକ ଆମ ପାଇଁ ପ୍ରଚୁର ସମ୍ପଦ ବାହାରକୁ ଆଣିଲ''[୨୫] । ଏହାହିଁ 'ସମ୍ୟୋଧ୍' ଯାହା ଦିବ୍ୟମନ ସମ୍ମୁଖରେ ତାହାର ଅଗ୍ରଗାମିନୀ ରୂପେ ଅଭିବ୍ୟକ୍ତା ହେବା ଫଳରେ ଜଳଧାରାଗୁଡ଼ିକ ବିମୁକ୍ତ ହୋଇ ଆସନ୍ତି, ଅର୍ଥାତ୍ 'ସତ୍ୟର ପ୍ରବହମାନ ଗତିବୃତ୍ତି ଯାହା 'ବୃତ୍ର'ଦ୍ୱାରା ପର୍ବତ ମଧ୍ୟରେ ଅନୁବନ୍ଧିତା ହୋଇ ରହିଥିଲା ତାହାର ଉତ୍ସରଣ ଘଟେ (ଋକ୍-୭); ଆଉମଧ୍ୟ ଏହି ସମ୍ୟୋଧ୍ ସାହାଯ୍ୟରେ ଏହି ଦେବତା (ଇନ୍ଦ୍ର) ଜ୍ୟୋତିଃର ଉଦ୍ଧାର କାର୍ଯ୍ୟରେ ଏବଂ ପଣିମାନଙ୍କ ଦୁର୍ଗଦ୍ୱାର ପଶ୍ଚାତରେ ପ୍ରସ୍ତର ମଧ୍ୟରେ ଲୁଚାହୋଇ ରହିଥିବା ପ୍ରଚୁର ସମ୍ପଦ ଜୟ କରିବାରେ ଆମର ନେତା ହୋଇଯା'ନ୍ତି ।

ପରାଶର ଶାକ୍ତ୍ୟଙ୍କର ଗୋଟିଏ ସୂକ୍ତ (୧।୭୨)ରେ ମଧ୍ୟ ଆମେ ସରମାଙ୍କ ଅନ୍ୟ ଏକ ପ୍ରସଙ୍ଗ ଦେଖିବାକୁ ପାଉ । ପରାଶରଙ୍କର ଅଧିକାଂଶ ସୂକ୍ତ, ଯେଉଁଗୁଡ଼ିକ ବୈଦିକ ରୂପକମାନଙ୍କର ଅର୍ଥ ସର୍ବାଧିକ ସ୍ପଷ୍ଟରୂପେ ପ୍ରକଟ କରନ୍ତି, ସେଇଭଳି ସୂକ୍ତମାନଙ୍କ ମଧ୍ୟରୁ ଏହା ଅନ୍ୟତମ; ପରାଶର ଜଣେ ଜ୍ୟୋତିଷ୍ମାନ୍ କବି ଯେ ସର୍ବଦା ରହସ୍ୟବାଦୀଙ୍କର ଅଚ୍ଛାଦନର ଏକ ପ୍ରାନ୍ତଭାଗ ଅପେକ୍ଷା ଆହୁରି ଅଧିକ କିଛି ଅପସାରଣ କରିଦେବାକୁ ଚାହାନ୍ତି । ଏହି ସୂକ୍ତଟି ସଂକ୍ଷିପ୍ତ, ମୁଁ ଏହାର ସମ୍ପୂର୍ଣ୍ଣ ଅନୁବାଦ କରିବି ।

**ନି କାବ୍ୟା ବେଧସଃ ଶଶ୍ୱତସ୍କର୍ହସ୍ତେ ଦଧାନୋ ନର୍ଯ୍ୟା ପୁରୂଣି ।**
**ଅଗ୍ନିର୍ଭୁବଦ୍ ରୟିପତୀ ରୟୀଣାଂ ସତ୍ରା ଚକ୍ରାଣୋ ଅମୃତାନି ବିଶ୍ୱା ।।୧।।**

''ନିଜ ହସ୍ତରେ ବହୁବିଧ ଶକ୍ତି (ନର୍ଯ୍ୟା ପୁରୂଣି – ଦିବ୍ୟପୁରୁଷଙ୍କ ଶକ୍ତିମାନଙ୍କୁ) ଧାରଣ କରି ସେ ନିଜ ଭିତରେ ବସ୍ତୁମାନଙ୍କର ଚିରବିଧାତାଙ୍କର ଦ୍ରଷ୍ଟୃଜ୍ଞାନ ସୃଷ୍ଟି କରିଛନ୍ତି; ଅଗ୍ନି ସମସ୍ତ ଅମୃତତ୍ୱ ଏକତ୍ର ସୃଷ୍ଟି କରି ଦିବ୍ୟସମ୍ପଦମାନଙ୍କର ଅଧିପତି ହେଉଛନ୍ତି ।''

**ଅସ୍ମେ ବତ୍ସଂ ପରି ଷନ୍ତଂ ନ ବିନ୍ଦନ୍ନିଚ୍ଛନ୍ତୋ ବିଶ୍ୱେ ଅମୃତା ଅମୂରାଃ ।**
**ଶ୍ରମୟୁବଃ ପଦବ୍ୟୋ ଧିୟଂଧାସ୍ତସ୍ଥୁଃ ପଦେ ପରମେ ଚାର୍ବଗ୍ନେଃ ।।୨।।**

''ଅଜ୍ଞାନତା ଦ୍ୱାରା ସୀମାବଦ୍ଧ ହୋଇ ନ ଥିବା ଅମର ପୁରୁଷମାନେ ତାଙ୍କୁ ପାଇବାକୁ ଇଚ୍ଛାକରି (ଗୋମାତା 'ଅଦିତି'ଙ୍କର) 'ବତ୍ସ'ରୂପେ ସର୍ବତ୍ର ଆମ ମଧ୍ୟରେ ବିଦ୍ୟମାନ ଥିବାର ତାଙ୍କୁ ଦେଖିଲେ; ପରିଶ୍ରମ ଦ୍ୱାରା ପରମ ଧାମ ଅଭିମୁଖରେ ଯାତ୍ରା କରି ଓ ଧୀକୁ ଧାରଣ କରି ପରମ ପଦ ମଧ୍ୟରେ ସେମାନେ ଅଗ୍ନିଙ୍କର ଭାସ୍ୱର ମହିମାରେ ଉପନୀତ ହେଲେ ।''

**ତିସ୍ରୋ ଯଦଗ୍ନେ ଶରଦସ୍ତ୍ୱାମିଚ୍ଛୁଚିଂ ଘୃତେନ ଶୁଚୟଃ ସପର୍ଯ୍ୟାନ୍ ।**
**ନାମାନି ଚିଦ୍ ଦଧିରେ ଯଜ୍ଞିୟାନ୍ୟସୂଦୟନ୍ତ ତନ୍ୱଃ ସୁଜାତାଃ ।।୩।।**

''ହେ ଅଗ୍ନି, ଯେତେବେଳେ ତିନୋଟି ବର୍ଷ ମଧ୍ୟଦେଇ (ତିନିଟି ପ୍ରତୀକାତ୍ମକ ଋତୁ ବା କାଳାଂଶ, ଯାହା ହୁଏତ ତିନି ମାନସିକ ସ୍ୱର୍ଗ ମଧ୍ୟଦେଇ ଯାତ୍ରା ସହ ସମ୍ପର୍କିତ) ସେହି ବିଶୁଦ୍ଧ ପୁରୁଷମାନେ ଶୁଦ୍ଧ ସ୍ୱରୂପ ତୁମକୁ ଘୃତ ଦ୍ୱାରା ପରିଚର୍ଯ୍ୟା କଲେ ସେତେବେଳେ ସେମାନେ ଯଜ୍ଞୀୟ ନାମମାନ ଧାରଣ ପୂର୍ବକ ସୁଜାତ ରୂପଗୁଡ଼ିକୁ (ପରମ ସ୍ୱର୍ଗ ଅଭିମୁଖେ) ସଞ୍ଚାଳନ କଲେ ।''

**ଆ ରୋଦସୀ ବୃହତୀ ବେବିଦାନାଃ ପ୍ର ରୁଦ୍ରିୟା ଜଭ୍ରିରେ ଯଜ୍ଞିୟାସଃ ।**
**ବିଦନ୍ମର୍ତ୍ତୋ ନେମଧିତା ଚିକିତ୍ୱାନଗ୍ନିଂ ପଦେ ପରମେ ତସ୍ଥିବାଂସମ୍ ।।୪।।**

---

[୨୫] **ଅପୋ ଯଦଦ୍ରିଂ ପୁରୁହୂତ ଦର୍ଦରାବିର୍ଭୁବଦ୍ ସରମା ପୂର୍ବ୍ୟ ତେ ।**
**ସ ନୋ ନେତା ବାଜମା ଦର୍ଷି ଭୂରିଂ ଗୋତ୍ରା ରୁଜନ୍ନଙ୍ଗିରୋଭିର୍ଗୃଣାନଃ ।।** (ଋ. ୪।୧୬।୮)

''ରୁଦ୍ରପୁତ୍ର ତଥା ଯଜ୍ଞପତି ସେମାନେ ବୃହତ୍ ସ୍ୱର୍ଗ ଓ ପୃଥିବୀର ଜ୍ଞାନ ଲାଭକରି ସେମାନଙ୍କୁ ସମ୍ମୁଖ ଦିଗରେ ଧାରଣ କଲେ, ମର୍ତ୍ତ୍ୟମାନବ ଅନ୍ତର୍ଦୃଷ୍ଟିର ସହ ଜାଗ୍ରତ୍ ହେଲା ଏବଂ ପରମ ପଦରେ ଦଣ୍ଡାୟମାନ ଅଗ୍ନିଙ୍କୁ ଲାଭ କଲା ।''

**ସଂଜାନାନା ଉପ ସୀଦନ୍ନଭିଜ୍ଞୁ ପତ୍ନୀବନ୍ତୋ ନମସ୍ୟଂ ନମସ୍ୟନ୍ ।**
**ରିରିକ୍ୱାଂସସ୍ତନ୍ୱଃ କୃନ୍ୱତ ସ୍ୱାଃ ସଖା ସଖ୍ୟୁର୍ନିମିଷି ରକ୍ଷମାଣାଃ ।।୫।।**

''ପୂର୍ଣ୍ଣରୂପେ (ଅଥବା, ସଙ୍ଗତିର ସହ) ଜ୍ଞାନଲାଭ କରିଥିବା ସେମାନେ ତାଙ୍କ ନିକଟରେ ନତଜାନୁ ହେଲେ; ସେମାନେ ନିଜ ପତ୍ନୀଙ୍କ (ଦେବତାଙ୍କ ସ୍ତ୍ରୀଶକ୍ତିଙ୍କ) ସହିତ ସେହି ନମସ୍ୟଙ୍କୁ ନମସ୍କାର କଲେ; ନିଜକୁ ପବିତ୍ର କରି (ଅଥବା, ସମ୍ଭବତଃ ସ୍ୱର୍ଗ ଓ ପୃଥିବୀର ସୀମା ଅତିକ୍ରମ କରି) ସେମାନେ ସଖାଙ୍କ ନିର୍ନିମେଷ ଦୃଷ୍ଟି ଦ୍ୱାରା ସୁରକ୍ଷିତ ହୋଇ ପ୍ରତ୍ୟେକଟି ସଖା ନିଜର (ସତ ବା ଦିବ୍ୟ) ରୂପସବୁକୁ ସୃଷ୍ଟି କଲେ ।''

**ତ୍ରିଃ ସପ୍ତ ଯଦ୍ ଗୁହ୍ୟାନି ତ୍ୱେ ଇତ୍ପଦାବିଦନିହିତା ଯଜ୍ଞିୟାସଃ ।**
**ତେଭୀ ରକ୍ଷନ୍ତେ ଅମୃତଂ ସଜୋଷାଃ ପଶୂଞ୍ଚସ୍ଥାତୃଞ୍ଚରଥଂ ଚ ପାହି ।।୬।।**

''ଯଜ୍ଞୀୟ ଦେବତାମାନେ ତୁମ ମଧ୍ୟରେ ପ୍ରଚ୍ଛନ୍ନ ତ୍ରି-ସପ୍ତ ଗୂଢ଼ ଆସନଗୁଡ଼ିକୁ ଦେଖିବାକୁ ପାଇଲେ; ସେମାନେ ସମହୃଦୟ ହୋଇ ସେମାନଙ୍କ ଦ୍ୱାରା ଅମୃତତ୍ୱକୁ ରକ୍ଷାକଲେ । ସ୍ଥିର ତଥା ଗତିମାନ୍ ପଶୁ-ଯୂଥଙ୍କୁ ତୁମେ ରକ୍ଷାକର ।''

**ବିଦ୍ୱାଁ ଅଗ୍ନେ ବୟୁନାନି କ୍ଷିତୀନାଂ ବ୍ୟାନୁଷକ୍ଛୁରୁଧୋ ଜୀବସେ ଧାଃ ।।**
**ଅନ୍ତର୍ବିଦ୍ୱାଁ ଅଧ୍ୱନୋ ଦେବୟାନାନତନ୍ଦ୍ରୋ ଦୂତୋ ଅଭବୋ ହବିର୍ବାଟ୍ ।।୭।।**

''ଜଗତମାନଙ୍କ ମଧ୍ୟରେ ସମସ୍ତ ଅଭିବ୍ୟକ୍ତିର (ଅଥବା, ଜନ୍ମର) ଜ୍ଞାନ ପ୍ରାପ୍ତ (ଅଥବା, ମନୁଷ୍ୟମାନଙ୍କର ସମସ୍ତ ଜ୍ଞାନର ବିଜ୍ଞାତା) ହେ ଅଗ୍ନି, ତୁମର ଶକ୍ତିଗୁଡ଼ିକୁ ଜୀବନ ପାଇଁ ସତତ ପ୍ରତିଷ୍ଠା କର । ଦେବତାମାନଙ୍କର ଯାତ୍ରାପଥ ସମ୍ପର୍କରେ ଅନ୍ତରରେ ଅବଗତ ହୋଇ ତୁମେ ସେମାନଙ୍କର ଅତନ୍ଦ୍ର ଦୂତ ଓ ହବ୍ୟବାହକ ହୋଇ ଉଠିଛ ।''

**ସ୍ୱାଧ୍ୟୋ ଦିବ ଆ ସପ୍ତ ଯହ୍ୱୀ ରାୟୋ ଦୁରୋ ବ୍ୟୃତଜ୍ଞା ଅଜାନନ୍ ।**
**ବିଦଦ୍ ଗବ୍ୟଂ ସରମା ଦୃଳ୍ହମୂର୍ବଂ ୟେନାନୁକଂ ମାନୁଷୀ ଭୋଜତେ ବିଟ୍ ।।୮।।**

''ଧୀକୁ ଯଥାର୍ଥରୂପେ ସ୍ଥାପନ କରିଥିବା, ଋତକୁ ଜାଣିଥିବା ଦ୍ୟୋଲୋକର ସପ୍ତ ମହତୀଗଣ (ନଦୀଗଣ) ସ୍ୱର୍ଗୀୟ ସମୃଦ୍ଧିର ଦ୍ୱାରଗୁଡ଼ିକ ବିଷୟରେ ଅବଗତ ହେଲେ, 'ସରମା' ଗୋମାନଙ୍କର ସେହି ଦୃଢ଼ତା ଓ ବିସ୍ତୃତିକୁ ଦେଖିବାକୁ ପାଇଲେ ଯଦ୍ଦ୍ୱାରା ମନୁଷ୍ୟ ବର୍ତ୍ତମାନ (ପରମ ସମ୍ପଦଗୁଡ଼ିକୁ) ଉପଭୋଗ କରୁଛି ।''

**ଆ ୟେ ବିଶ୍ୱା ସ୍ୱପତ୍ୟାନି ତସ୍ଥୁଃ କୃଣ୍ୱାସୋ ଅମୃତତ୍ୱାୟ ଗାତୁମ୍ ।**
**ମହ୍ନା ମହଦ୍ଭିଃ ପୃଥିବୀ ବି ତସ୍ଥେ ମାତା ପୁତ୍ରୈରଦିତିର୍ଧାୟସେ ବେଃ ।।୯।।**

ଯଥାର୍ଥ ଫଳପ୍ରସୂ ସକଳ ବିଷୟ ମଧ୍ୟରେ ପ୍ରବେଶ କରିଥିବା ସେମାନେ ଅମୃତତ୍ୱ ଦିଗରେ ପଥ ନିର୍ମାଣ କଲେ; ମହାନ୍ (ଦେବ)ବୃନ୍ଦଙ୍କ ଦ୍ୱାରା ଓ ମହତ୍ତ୍ୱ ଦ୍ୱାରା ପୃଥିବୀ ବିସ୍ତୃତ ହୋଇ ରହିଛି; ମାତା ଅଦିତି ନିଜ ପୁତ୍ରମାନଙ୍କ ସହିତ ତାହାକୁ ଊର୍ଦ୍ଧ୍ୱରେ ଧାରଣ କରିବାକୁ ଆସିଲେ ।''

**ଅଧି ଶ୍ରିୟଂ ନି ଦଧୁଶ୍ଚାରୁମସ୍ମିନ୍ ଦିବୋ ଯଦକ୍ଷୀ ଅମୃତା ଅକୃଣ୍ୱନ୍ ।**
**ଅଧ କ୍ଷରନ୍ତି ସିନ୍ଧବୋ ନ ସୃଷ୍ଟା ପ୍ର ନୀଚୀରଗ୍ନେ ଅରୁଷୀରଜାନନ୍ ।।୧୦।।**

''ଯେତେବେଳେ ଅମରମାନେ ଦ୍ୟୁଲୋକରେ ଚକ୍ଷୁଦ୍ୱୟକୁ (ବୋଧହୁଏ ଏ ଦୁଇଟି ସୂର୍ଯ୍ୟଙ୍କର ଦୁଇ ଦୃଷ୍ଟିଶକ୍ତିର, ଇନ୍ଦ୍ରଙ୍କର ଦୁଇ ଅଶ୍ୱର ସମାର୍ଥକ) ନିର୍ମାଣ କଲେ ସେତେବେଳେ ସେମାନେ ତାଙ୍କ ମଧ୍ୟରେ ଜାଜ୍ୱଲ ମହିମା ପ୍ରତିଷ୍ଠା କଲେ; ନଦୀଗୁଡ଼ିକ ସତେଯେପରି ମୁକ୍ତହୋଇ ନିମ୍ନକୁ ପ୍ରବାହିତ ହେଲେ; ହେ ଅଗ୍ନେ, ଯେଉଁ ଜ୍ୟୋତିଷ୍ମତୀଗଣ (ଗୋ-ସମୂହ) ଏଠାରେ ନିମ୍ନରେ ଥିଲେ ସେମାନେ ଏହା ଜାଣିଲେ ।''

ପରାଶରଙ୍କ ସୂକ୍ତଟି ଏହିଭଳି, ମୁଁ ଏହାର ଯଥାସମ୍ଭବ ଆକ୍ଷରିକ ଅନୁବାଦ କରିଛି, ଏଥିପାଇଁ ଅବଶ୍ୟ ଇଂରାଜୀ ଭାଷାରେ ପ୍ରକାଶର ଅସୌଷ୍ଠବତା କିଛି ରହିଛି । ଏହା ଉପରେ ପ୍ରଥମ ଦୃଷ୍ଟିପାତରେ ଏହା ସ୍ପଷ୍ଟ ହୋଇଯାଏ ଯେ ପ୍ରଥମରୁ ଶେଷଯାଏ ଏହା ହେଉଛି ଜ୍ଞାନର, 'ସତ୍ୟ'ର, ପରମ ଦେବତାଙ୍କଠାରୁ କୌଣସି ପାର୍ଥକ୍ୟ ବାରି ହେଉ ନ ଥିବା ଦିବ୍ୟ ଅଗ୍ନିଶିଖାର, ଦିବ୍ୟଶକ୍ତିରୂପୀ ଦେବଗଣଙ୍କ ଆରୋହଣର ସୂକ୍ତ,

ଯେଉଁଥିରେ ସେମାନେ ଯଜ୍ଞ ଦ୍ୱାରା ନିଜ ଦେବତ୍ୱ ପ୍ରତି, ସେମାନଙ୍କ ପରମ ନାମଗୁଡ଼ିକ ପ୍ରତି, ସେମାନଙ୍କ ଯଥାର୍ଥ ରୂପ ପ୍ରତି, ସେମାନଙ୍କ ପରଶ ନାମଗୁଡ଼ିକ ପ୍ରତି, ସେମାନଙ୍କ ଯଥାର୍ଥ ରୂପ ପ୍ରତି, ପରମ ଦେବଙ୍କର ତ୍ରିସପ୍ତ ଆସନଯୁକ୍ତ ସେମାନଙ୍କର ପ୍ରୋଜ୍ଜ୍ୱଳ ମହିମାର ପରମାବସ୍ଥା ପ୍ରତି ଉତ୍ତରଣ କରିଥାନ୍ତି । ଏହିପରି ଏକ ଉତ୍ତରଣର ଅର୍ଥ ମାନବ-ମଧ୍ୟସ୍ଥ ଦିବ୍ୟଶକ୍ତିମାନଙ୍କର ନିଜ ସାଧାରଣ ବିଶ୍ୱାତ୍ମକ ରୂପମଧ୍ୟରୁ ଊର୍ଦ୍ଧ୍ୱସ୍ଥ ଜ୍ୟୋତିର୍ମୟ ସତ୍ୟ ମଧ୍ୟକୁ ଆରୋହଣ ବ୍ୟତୀତ ଆଉକିଛି ହୋଇ ନ ପାରେ । ପରାଶର ସ୍ୱୟଂ ଆମକୁ ଯେପରି କହୁଛନ୍ତି, ଦେବତାମାନଙ୍କର ଏହି କ୍ରିୟା ଦ୍ୱାରା ମର୍ତ୍ତ୍ୟମନୁଷ୍ୟ ଜ୍ଞାନ ଦ୍ୱାରା ପ୍ରବୁଦ୍ଧ ହୁଏ ଓ ଅଗ୍ନିଙ୍କୁ ପରମ ପଦ ରୂପକ ଲକ୍ଷ୍ୟ ସ୍ଥାନରେ ଦଣ୍ଡାୟମାନ ହୋଇଥିବାର ଦେଖେ –

**ବିଦନ୍ ମର୍ତ୍ତୋ ନେମଧିତା ଚିକିତ୍ୱାନ୍ ଅଗ୍ନି ପଦେ ପରମେ ତସ୍ଥିବାଂସମ୍ ।**

ଏହିପରି ଏକ ସୂକ୍ତରେ ସରମା ଯଦି ସତ୍ୟର ଏକ ଶକ୍ତି ନ ହୁଅନ୍ତି, ତାଙ୍କର ଗୋମାନେ ଯଦି ଜ୍ୟୋତିଃର ଦିବ୍ୟ-ଉଷାଙ୍କର ରଶ୍ମିମାଳା ନ ହୁଅନ୍ତି ତେବେ ଏଠାରେ ତାଙ୍କ ଭୂମିକା ବା କ'ଣ ? ପ୍ରାଚୀନ ଯୁଦ୍ଧରତ ଗୋଷ୍ଠୀମାନଙ୍କର ଗୋବୃନ୍ଦ ଏବଂ ପରସ୍ପର ମଧ୍ୟରେ ଲୁଣ୍ଠନ ଓ ଗବାଦି-ଅପହରଣରତ ଆମର ଆର୍ଯ୍ୟ ଓ ଦ୍ରାବିଡ଼-ଦେଶୀୟ ପୂର୍ବପୁରୁଷମାନଙ୍କର ରକ୍ତାକ୍ତ ସଂଘର୍ଷଯୁକ୍ତ କଳହ ସହିତ ଅମୃତତ୍ୱ ଓ ଦେବତ୍ୱର ଜ୍ୟୋତିର୍ମୟ ସ୍ୱୟଂପ୍ରକାଶ ଜ୍ଞାନର ଆରୋପରେ କ'ଣ ସମ୍ପର୍କ ରହିପାରେ ? ଅଥବା ସତ୍ୟକୁ ଚିନ୍ତା କରୁଥିବା ଓ ଜାଣୁଥିବା ଏବଂ ପ୍ରଚ୍ଛନ୍ନ ଦ୍ୱାରଗୁଡ଼ିକୁ ଆବିଷ୍କାର କରିଦେଉଥିବା ସେହି ନଦୀଗୁଡ଼ିକର ସଂଜ୍ଞା ଅବା କ'ଣ ? ଅଥବା, ଆମେ ତେବେ କ'ଣ ତଥାପି କହିବା ଯେ ଏହି ନଦୀମାନେ ପଞ୍ଜାବର ନଦୀ, ଯାହା ଅନାବୃଷ୍ଟି ଦ୍ୱାରା ବା ଦ୍ରାବିଡ଼ମାନଙ୍କ ଦ୍ୱାରା ଅବରୁଦ୍ଧ ହୋଇଥିଲା, ଏବଂ ସରମା ହେଉଛନ୍ତି ଆର୍ଯ୍ୟମାନଙ୍କର ଦୌତ୍ୟକର୍ମ ବିଷୟକ ଏକ ପୌରାଣିକ ଉପାଖ୍ୟାନର ପାତ୍ରବିଶେଷ ବା କେବଳ ସେ ଏକ ଭୌତିକ 'ଉଷା' ?

ଦଶମମଣ୍ଡଳର ଗୋଟିଏ ସମ୍ପୂର୍ଣ୍ଣ ସୂକ୍ତ, ସରମାଙ୍କର ଏହି ''ଦୌତ୍ୟକର୍ମ'' ଉଦ୍ଦେଶ୍ୟରେ ପ୍ରଚୋଦିତ । ଏହା ସରମା ଓ ପଣିମାନଙ୍କ ମଧ୍ୟରେ ସଂଳାପ; କିନ୍ତୁ ଆମେ ପୂର୍ବରୁ ଏହାଙ୍କ ବିଷୟରେ ଯାହା ଜାଣିଛୁ ଏଠାରେ ତା'ଠାରୁ ଅଧିକ ବିଶେଷ କିଛି ନାହିଁ, ଅଥଚ ଏଥିରେ ଥିବା ପ୍ରଧାନ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି, ଗୁହା ମଧ୍ୟସ୍ଥ ସମ୍ପଦସବୁର ଅଧିପତିମାନଙ୍କ ସମ୍ବନ୍ଧରେ ଆମର ଧାରଣା ଆଣିଦେବାରେ ଏହା ଆମକୁ ସାହାଯ୍ୟ କରେ । ସେ ଯାହାହେଉ, ଆମେ ଲକ୍ଷ୍ୟ କରିପାରୁ ଯେ ଏହି ସୂକ୍ତ ତଥା ଅନ୍ୟାନ୍ୟ ସୂକ୍ତରେ ସରମା ଯେ ଦିବ୍ୟଶୁନୀ ଏ ବିଷୟରେ କୌଣସି ସାମାନ୍ୟତମ ସୂଚନା ନାହିଁ, ସମ୍ଭବତଃ ବୈଦିକ ରୂପକମାନଙ୍କର ପରବର୍ତ୍ତୀ ଅଂଶରେ ସରମାଙ୍କଠାରେ ସ୍ୱର୍ଗଶୁନୀ ବୋଲି ଆରୋପ କରାଯାଇଛି । ଏହା ନିଶ୍ଚିତ ଯେ ଇଏ ହେଉଛନ୍ତି ଜ୍ୟୋତିଷ୍ମତୀ ଶୋଭନ ପଦଯୁକ୍ତା ଦେବୀ, ପଣିମାନେ ଏହାଙ୍କ ଦ୍ୱାରା ଆକୃଷ୍ଟ ହୁଅନ୍ତି ଏବଂ ଏହାଙ୍କୁ ସେମାନେ ନିଜ ଭଗିନୀରୂପେ ପାଇବାକୁ କାମନା କରନ୍ତି – ସେମାନଙ୍କର ଗବାଦି ପଶୁମାନଙ୍କୁ ରକ୍ଷା କରିବା ନିମନ୍ତେ ଶୁନୀରୂପେ ନୁହେଁ, ପରନ୍ତୁ ସେମାନଙ୍କ ଧନରକ୍ଷଣରେ ଅଂଶଗ୍ରହଣ କରିବା ନିମନ୍ତେ ତାଙ୍କୁ ସେମାନେ ପାଇବାକୁ ଇଚ୍ଛା କରନ୍ତି । ସେ ଯାହା ବି ହେଉ, ସ୍ୱର୍ଗଶୁନୀର ଏହି ରୂପକଟି ଅତ୍ୟନ୍ତ ଉପଯୁକ୍ତ ଓ ମନୋହର ଏବଂ ଏହି ଉପାଖ୍ୟାନରୁ ଏହାର ବିକାଶ ଘଟିବା ଅବଶ୍ୟମ୍ଭାବୀ ଥିଲା । ପୂର୍ବବର୍ତ୍ତୀ ସୂକ୍ତମାନଙ୍କରୁ ଗୋଟିକରେ (୧।୬୨) ପ୍ରକୃତରେ ଗୋଟିଏ ପୁତ୍ର ବିଷୟରେ କୁହାଯାଇଛି ଯେ ସରମା ତାଙ୍କ ପାଇଁ ''ଅନ୍ନ ପାଇଥିଲେ'' । ଏହି ବାକ୍ୟାଂଶକୁ ସ୍ପଷ୍ଟ କରିବା ପାଇଁ ଏକ କଥାନକ ବି ଯୋଡ଼ି ଦିଆଯାଇଛି ଯେ, ସେ ହୃତ ଗୋମାନଙ୍କୁ ଖୋଜି ଆଣିବେ ଏଇ ସର୍ତ୍ତରେ ଯେ ଯଦି ଯଜ୍ଞରେ ତାଙ୍କ ସନ୍ତାନ ପାଇଁ ଅନ୍ନ ଦିଆଯାଏ – କିନ୍ତୁ ଏହି ଟୀକାକୁ ପ୍ରମାଣସିଦ୍ଧ କରିବା ପାଇଁ ଏହା ଏକ କଳ୍ପନା-ପ୍ରସୂତ କଥା, କାରଣ ସ୍ୱୟଂ ଋଗ୍‌ବେଦରେ ଏହାର କୌଣସି ଉଲ୍ଲେଖ ନାହିଁ । ବେଦର ଉକ୍ତି ଅନୁସାରେ –''ଯଜ୍ଞରେ'' ଅଥବା ଅଧିକ ସମ୍ଭବତଃ ଏହାର ଅର୍ଥ ''ଇନ୍ଦ୍ର ଓ ଅଙ୍ଗିରସ ଋଷିମାନଙ୍କର (ଗୋ-ମାନଙ୍କ ନିମନ୍ତେ) ଅନ୍ୱେଷଣ କାର୍ଯ୍ୟରେ ସରମା ଏହି 'ପୁତ୍ର' ପାଇଁ ଏକ ଭୂମି ଆବିଷ୍କାର କରିଥିଲେ'' – **ବିଦତ୍ ସରମା ତନୟାୟ ଧାସୀମ୍** (୧।୬୨।୩); କାରଣ ଏହାହିଁ 'ଧାସୀମ୍' ଶବ୍ଦର ଯେତେଦୂର ସମ୍ଭାବ୍ୟ ଅର୍ଥ । ଏଠାରେ ଯେଉଁ ତନୟର କଥା ଉଲ୍ଲେଖ କରାଯାଇଛି, ଏହାକୁ ସମସ୍ତ ସମ୍ଭାବ୍ୟ ଦୃଷ୍ଟିରୁ ଦେଖିଲେ ଇୟେ ହେଉଛନ୍ତି ଯଜ୍ଞଜାତ ପୁତ୍ର, ଯାହା ବୈଦିକ ରୂପକଳ୍ପର ଏକ ନିତ୍ୟ ଉପାଦାନ ଏବଂ ଏହା କଦାପି ସରମାଙ୍କଠାରୁ ଜାତ ଶ୍ୱାନ-ବଂଶର ନୁହେଁ । ଏହିପରି ଅନ୍ୟ ଏକ ବାକ୍ୟାଂଶ ମଧ୍ୟ ବେଦର (୧।୯୬।୪) ମନ୍ତ୍ରରେ ଅଛି – **ମାତରିଶ୍ୱା**

**ପୁରୁବାରପୁଷ୍ଟିଃ ବିଦଦ୍ ଗାତୁଂ ତନୟାସ ସ୍ୱର୍ବିତ୍**''– ''ମାତରିଶ୍ୱା (ପ୍ରାଣଦେବତା, ବାୟୁଦେବ) ନାନା ବାଞ୍ଛିତ ବିଷୟକୁ (ଜୀବନର ଉଚ୍ଚତର ଲକ୍ଷ୍ୟଗୁଡ଼ିକୁ) ବୃଦ୍ଧିକରି ଦିବ୍ୟ ପୁତ୍ର ନିମନ୍ତେ ପଥ ଆବିଷ୍କାର କଲେ, ସ୍ୱର୍ ଆବିଷ୍କାର କଲେ''। ଏଠାରେ ବିଷୟଟି ଏକାଭଳି କିନ୍ତୁ ପୁତ୍ର ସହିତ ଶ୍ୱାନଶାବକମାନଙ୍କର କୌଣସି ସମ୍ବନ୍ଧ ନାହିଁ।

ଦଶମ ମଣ୍ଡଳର ଅନ୍ତିମ ଭାଗସ୍ଥ ଗୋଟିଏ ସୂକ୍ତରେ ଯମଦୂତ ରୂପେ ଦୁଇଟି 'ସାରମେୟ' ଶ୍ୱାନ ବିଷୟରେ ଉଲ୍ଲେଖ ରହିଛି, କିନ୍ତୁ ସରମା ଯେ ସେମାନଙ୍କ ମା' ତାହାର କୌଣସି ଇଙ୍ଗିତ ସେଠାରେ ନାହିଁ। ଏବିଷୟଟି ପ୍ରସିଦ୍ଧ ଅନ୍ତ୍ୟେଷ୍ଟି ସୂକ୍ତ (୧୦।୧୪)ରେ ବିଦ୍ୟମାନ, ଏବଂ ଋଗ୍‌ବେଦରେ ଯମଙ୍କର ତଥା ତାଙ୍କର ଦୁଇ ଶ୍ୱାନଙ୍କର ପ୍ରକୃତ ସ୍ୱରୂପ କ'ଣ ତାହା ଲକ୍ଷଣୀୟ ବିଷୟ। ପରବର୍ତ୍ତୀ ବିଚାରଗୁଡ଼ିକରେ ଯମ ହେଉଛନ୍ତି ମୃତ୍ୟୁର ଦେବତା ଓ ତାଙ୍କ ନିଜର ଏକ ବିଶିଷ୍ଟ ଲୋକ ଥିବାର କଥା ଆସିଛି; କିନ୍ତୁ ଋଗ୍‌ବେଦ ଅନୁଯାୟୀ ମନେହୁଏ, ସେ ଥିଲେ ପ୍ରଥମେ ସୂର୍ଯ୍ୟଙ୍କର ଗୋଟିଏ ରୂପ – ଏପରିକି ପରବର୍ତ୍ତୀ କାଳର ଈଶୋପନିଷଦରେ ଆମେ ଦେଖୁ 'ଯମ' ନାମଟି ସୂର୍ଯ୍ୟଙ୍କ ସମବାଚୀ ଶବ୍ଦରୂପେ ପ୍ରୟୋଗ କରାଯାଇଛି – ପରେ ସେ ଅତି ଜ୍ୟୋତିଷ୍ମାନ୍ 'ସତ୍ୟାଧିପତି'ଙ୍କର ଯମଜ ସନ୍ତାନମାନଙ୍କ ମଧ୍ୟରୁ ଅନ୍ୟତମ ବୋଲି ପରିଗଣିତ। ସେ ଧର୍ମର, ସତ୍ୟନିୟମର, ସତ୍ୟଧର୍ମର ରକ୍ଷକ, ଯାହା ଅମୃତତ୍ୱର ଗୋଟିଏ ସର୍ତ୍ତ ଏବଂ ସେହି କାରଣରୁ ସେ ନିଜେ ଅମୃତତ୍ୱର ରକ୍ଷକ। ତାଙ୍କର ଲୋକ ହେଉଛି 'ସ୍ୱର୍', ଅମୃତଲୋକ, **ଅମୃତେ ଲୋକେ ଅକ୍ଷିତେ**, ଯେଉଁ ଲୋକରେ, ୯।୧୧୩।୭ ଋକ୍‌ରେ କୁହାଯିବା ପରି, ଅବିନଶ୍ୱର ଜ୍ୟୋତିଃ ବିଦ୍ୟମାନ ଏବଂ 'ସ୍ୱର୍' ପ୍ରତିଷ୍ଠିତ – **ଯତ୍ର ଜ୍ୟୋତିରଜସ୍ରମ୍, ଯସ୍ମିନ୍ ଲୋକେ ସ୍ୱର୍ ହିତମ୍**। ପ୍ରକୃତରେ କହିବାକୁ ଗଲେ ୧୦।୧୪ ସୂକ୍ତଟି ମୃତ୍ୟୁର ସୂକ୍ତ ହିସାବରେ ଯେତେ ନୁହେଁ, ସେତେ ବେଶୀ ପ୍ରାଣ ଓ ଅମୃତତ୍ୱର ସୂକ୍ତ। ଯମ ଓ ପ୍ରାଚୀନ ପିତୃଗଣ ସେହି ଲୋକର ପଥ ଆବିଷ୍କାର କରିଛନ୍ତି ଯାହା ଗୋମାନଙ୍କର ଚାରଣଭୂମି ଓ ଯେଉଁଠାରୁ ଶତ୍ରୁ ଜ୍ୟୋତିର୍ମୟ ଗୋଯୂଥଙ୍କୁ ଅପହରଣ କରିବାକୁ ଅସମର୍ଥ – **ଯମୋ ନ ଗାତୁଂ ପ୍ରଥମେ ବିବେଦ, ନୈଷା ଗବ୍ୟୂତିଃ ଅପହର୍ତବା ଉ, ଯତ୍ରା ନଃ ପୂର୍ବେ ପିତରଃ ପାରେୟୁଃ** (ଋକ୍ ୨)। ସ୍ୱର୍ଗାରୋହୀ ମର୍ତ୍ତ୍ୟର ଆତ୍ମାକୁ ''ଶୁଭ (ବା ଫଳପ୍ରସୂ ପଥରେ ଚତୁଃଅକ୍ଷି ବିଶିଷ୍ଟ ବିଚିତ୍ର ବର୍ଣ୍ଣର ଦୁଇ ସାରମେୟ ଶ୍ୱାନଙ୍କୁ ଡେଇଁ ଯିବାକୁ ଆଦେଶ ଦିଆଯାଇଛି (ଋକ୍ ୧୦)[୨୬]। ଏମାନେ ଏହି ସ୍ୱର୍ଗ ପଥର ଚତୁରକ୍ଷି ବିଶିଷ୍ଟ ମାର୍ଗରକ୍ଷୀ ଓ ଏମାନେ ନିଜର ଦିବ୍ୟଦୃଷ୍ଟି ଦ୍ୱାରା ମନୁଷ୍ୟକୁ ତା'ର ଯାତ୍ରାପଥରେ ରକ୍ଷା କରନ୍ତି – **ୟୌ ତେ ଶ୍ୱାନୌ ଯମ ରକ୍ଷିତାରୌ ଚତୁରକ୍ଷୌ ପଥିରକ୍ଷୀ ନୃଚକ୍ଷସୌ** (ଋକ୍ ୧୧) ଏବଂ ଆତ୍ମାକୁ ନିଜ ପଥରେ ଯିବାବେଳେ ଏମାନଙ୍କୁ ରକ୍ଷୀ ରୂପେ ପଠାଇବା ପାଇଁ ଯମଙ୍କୁ କୁହାଯାଇଛି। ଏହି କୁକୁରମାନେ ''ଚତୁର୍ଦିଗରେ ଭ୍ରମଣ କରନ୍ତି, ସହଜରେ ତୃପ୍ତ ହୁଅନ୍ତି ନାହିଁ'' ଏବଂ ଧର୍ମରାଜଙ୍କର ଦୂତରୂପେ ମନୁଷ୍ୟମାନଙ୍କ ମଧ୍ୟରେ ବିଚରଣ କରନ୍ତି।[୨୭] ଆଉ ମଧ୍ୟ ସୂକ୍ତଟିରେ ପ୍ରାର୍ଥନା କରାଯାଇଛି – ''ଏଠାରେ ଏହି ସୁଖହୀନ ଲୋକରେ ସେ ଦୁହେଁ (ଶ୍ୱାନ ଦ୍ୱୟ) ଆମକୁ ଆନନ୍ଦ **ପ୍ରତ୍ୟର୍ପଣ** କରନ୍ତୁ ଯା'ଫଳରେ ଆମେ ସୂର୍ଯ୍ୟଙ୍କୁ ଅବଲୋକନ କରିପାରିବୁ (ଋକ୍ ୧୨)[୨୮]। ଆମେ ତଥାପି ଏଠାରେ ପ୍ରାଚୀନ ବୈଦିକ ବିଚାରକ୍ରମ ମଧ୍ୟରେ ଅର୍ଥାତ୍ ଜ୍ୟୋତିଃ, ଆନନ୍ଦ ଓ ଅମୃତତ୍ୱର ବିଚାର ମଧ୍ୟରେ ରହିଛୁ ଏବଂ ଏହି ସାରମେୟ ଶ୍ୱାନଦ୍ୱୟ ସରମାଙ୍କର ମୂଳ ବୈଶିଷ୍ଟ୍ୟଗୁଡ଼ିକର ଅଧିକାରୀ, ଅର୍ଥାତ୍ ସେମାନଙ୍କର ଦୃଷ୍ଟିଶକ୍ତି, ବ୍ୟାପ୍ତ-ବିଚରଣ-କ୍ଷମ ଗତି, ଲକ୍ଷ୍ୟରେ ଉପନୀତ ହେବାକୁ ଥିବା ପଥ ଉପରେ ଭ୍ରମଣ କରିବାର ସାମର୍ଥ୍ୟ ଇତ୍ୟାଦି ରହିଛି। ସରମା ଗୋମାନଙ୍କ ବ୍ୟାପ୍ତି ମଧ୍ୟକୁ ଘେନିଯାନ୍ତି; ଏହି ଶ୍ୱାନଦ୍ୱୟ ସେହି ଅଭେଦ୍ୟ ଚାରଣ ଭୂମିର, ଅର୍ଥାତ୍ କ୍ଷେତ୍ରର ଯାତ୍ରାରେ ଆତ୍ମାକୁ ସୁରକ୍ଷା ଦିଅନ୍ତି। ଏହି ଭୂମି ହେଉଛି ଜ୍ୟୋତିର୍ମୟ ଓ ଅବିନଶ୍ୱର ଗୋଯୂଥଙ୍କ କ୍ଷେତ୍ର। ସରମା ଆମକୁ ସତ୍ୟ ଦିଗରେ ଓ ସୂର୍ଯ୍ୟ-ଦର୍ଶନ ଦିଗରେ ନେଇଯା'ନ୍ତି ଯାହା ଆନନ୍ଦ ଲାଭର ପଥ; ଏହି ଶ୍ୱାନଦ୍ୱୟ ଦୁଃଖମୟ ଇହ ଜଗତରେ ମନୁଷ୍ୟକୁ ସୁଖଶାନ୍ତି ଆଣିଦିଅନ୍ତି ଯାହାଦ୍ୱାରା ସେ ସୂର୍ଯ୍ୟ-ଦୃଷ୍ଟି ଲାଭକରିବାକୁ ସମର୍ଥ ହୁଏ। ସରମାଙ୍କୁ ପଥ ଉପରେ

---

[୨୬] **ଅତି ଦ୍ରବ ସାରମେୟୌ ଶ୍ୱାନୌ ଚତୁରକ୍ଷୌ ଶବଲୌ ସାଧୁନା ପଥା।** (୧୦।୧୪।୧୦)

[୨୭] **ଉରୂଣସାବସୁତୃପା ଉଦୁମ୍ବଲୌ ଯମସ୍ୟ ଦୂତୌ ଚରତୋ ଜନାଁ ଅନୁ।** (୧୦।୧୪।୧୨)

[୨୮] **ତାବସ୍ମଭ୍ୟଂ ଦୃଶୟେ ସୂର୍ୟାୟ ପୁନର୍ଦାତାମସୁମଦ୍ୟେହ ଭଦ୍ରମ ॥** (୧୦।୧୪।୧୨)

ଧାବମାନା ଶୋଭନ ପଦଯୁକ୍ତା ଦେବୀରୂପେ ଅଥବା ସ୍ୱର୍ଗର ଶୁନୀରୂପେ, ପଥ ମଧ୍ୟସ୍ଥ ଏହି ଦୂରଗାମୀ ପ୍ରହରୀମାନଙ୍କର ମାତାରୂପେ, ଅଥବା ଯେଉଁ ଭାବରେ ଚିତ୍ରଣ କରାଯାଉ ନା କାହିଁକି ସବୁ କ୍ଷେତ୍ରରେ ସେହି ସମାନ ଭାବର ପରିଚୟ ମିଳେ । ସେ ହେଉଛନ୍ତି 'ସତ୍ୟ'ର ଅନ୍ୱେଷିକା ତଥା ଆବିଷ୍କାରିଣୀ ଶକ୍ତି, ସେ ଅନ୍ତର୍ଦୃଷ୍ଟିର ଦିବ୍ୟଶକ୍ତିଙ୍କ ଦ୍ୱାରା ପ୍ରଚ୍ଛନ୍ନ ଜ୍ୟୋତିଃ ଓ ଅଲବ୍ଧ ଅମୃତତ୍ୱର ସନ୍ଧାନ ପାଆନ୍ତି । ପରନ୍ତୁ, ତାଙ୍କର କାର୍ଯ୍ୟ କେବଳ ଖୋଜିବା ଓ ସନ୍ଧାନ ପାଇବା ଭିତରେହିଁ ସୀମିତ ।

[ଶ୍ରୀଅରବିନ୍ଦଙ୍କ 'The Secret of the Veda' ଗ୍ରନ୍ଥର ବିଂଶ ଅଧ୍ୟାୟ ''The Hound of Heaven''ର ଓଡ଼ିଆ ଅନୁବାଦ । ଶ୍ରୀ ଚକ୍ରଧର ଦାଶଙ୍କ ଦ୍ୱାରା ଅନୂଦିତ, ସର୍ବଶ୍ରୀ ନିମାଇ ଚରଣ ମହାପାତ୍ର, କୃଷ୍ଣାଦେବୀ ଓ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ] ❖

One can progress through meditation, but through work provided it is done in the right spirit one can progress ten times more.

(*6 April 1954*) – THE MOTHER

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ORISSA)**

# ଶ୍ରୀଜଗନ୍ନାଥ କିଂବଦନ୍ତି : ଏକ ଭବିଷ୍ୟଦ୍ଧର୍ମୀ ପରଂପରା


## ଶ୍ରୀ ମନୋଜ ଦାସ


[ତା ୨୮ ଏପ୍ରିଲ ୨୦୧୩ ସନ୍ଧ୍ୟାରେ ଭୁବନେଶ୍ୱରଠାରେ 'ଆମ ଓଡ଼ିଶା' ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍କଳ ଗୌରବ ମଧୁସୂଦନଙ୍କ ଜନ୍ମ-ଦିବସ ସମାରୋହରେ ଲେଖକଙ୍କର ଅଲିଖିତ ବକ୍ତବ୍ୟର ପରବର୍ତ୍ତୀ ଲିଖିତ ରୂପ । — ସମ୍ପାଦକ]

ଆପଣମାନଙ୍କୁ ସ୍ୱାଗତ କରିବା ତଥା ମୋର ପରିଚୟ ପ୍ରଦାନ ଅବସରରେ ଯେତେବେଳେ ଏକାଧିକବାର କୁହାଗଲା ଯେ ଏ ବିପୁଳ ସୁଧୀ-ସମାବେଶର ଏକ ବୃହତ୍ ଅଂଶ ଏହି ବକ୍ତାଟି ପ୍ରତି ସ୍ନେହ-ଶ୍ରଦ୍ଧାବଶତଃ ଏଠାରେ ସମବେତ ହୋଇଛନ୍ତି, ସେତେବେଳେ ମୋର ସ୍ମୃତିରେ ଫୁଟି ଉଠିଲା ବହୁବର୍ଷ ତଳର ଏକ ସିନେମାର ଦୃଶ୍ୟ । ନାମ ମନେ ନାହିଁ । ନାୟକ ଚାର୍ଲିଚାପ୍ଲିନ୍ ଜଣେ ବାରବୁଲା ଅନାଶ୍ରିତ ଯୁବକ । ଗୋଟାଏ ସାର୍ବଜନୀନ ଉଦ୍ୟାନ ଏବଂ ରାଜପଥ ମଧ୍ୟବର୍ତ୍ତୀ ସିମେଣ୍ଟ ବେଞ୍ଚ୍ ଉପରେ ସେ ରାତିଟି ବିତାଇ ଦେଇ ଅଳସଭାବେ ଉଠିବସିଛନ୍ତି, ଦେଖିଲେ ରାଜପଥଦେଇ ଶୋଭାଯାତ୍ରାରେ ଯାଉଛି ଏକ ସୈନ୍ୟ-ବାହିନୀ । ପ୍ରତ୍ୟେକ ସୈନିକ ତାଙ୍କ ଆଗଦେଇ ଗଲାବେଳେ ତାଙ୍କୁ ସାଲ୍ୟୁଟ୍ ଦେବାକୁ ଲାଗିଲେ । ବିସ୍ମିତ ଚାପ୍ଲିନ ଚଟାପଟ୍ ଠିଆହୋଇପଡ଼ି ସେ ସାଲ୍ୟୁଟର ଉତ୍ତର ରୂପେ ନିଜେ ସାଲ୍ୟୁଟ୍ ଅବ୍ୟାହତ ରଖିଲେ ।

ସୈନ୍ୟଦଳଟି ଅଦୃଶ୍ୟ ହୋଇଯିବା ଅନ୍ତେ ଯାଇ ତାଙ୍କ ମନକୁ ଆଲୋଡ଼ିତ କଲା ଏ ପ୍ରଶ୍ନ : ହଠାତ୍ ସୈନିକମାନେ ତାଙ୍କୁ କାହିଁକି ଏ ସମ୍ମାନ ପ୍ରଦର୍ଶନ କଲେ ? ସେ ଏଣେତେଣେ ଏବଂ ପରେ ପଛକୁ ଅନାଇଲେ । ଅଦୂର ପଶ୍ଚାତରେ ଦଣ୍ଡାୟମାନ ଆବ୍ରାହାମ୍ ଲିଙ୍କନ୍‌ଙ୍କ ଏକ ବିରାଟ ପ୍ରତିମୂର୍ତ୍ତି !

ମୋ ପଟ୍ଟଭୂମିରେ ଦେଖୁଛି ଉତ୍କଳ ଗୌରବ ମଧୁସୂଦନଙ୍କ ସୁଦୃଶ୍ୟ ଚିତ୍ରପଟ । ଆଜି ତାଙ୍କର ଜନ୍ମଦିବସ । ତାଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ସଙ୍ଗେସଙ୍ଗେ 'ଆମ ଓଡ଼ିଶା'ର ଆହ୍ୱାନ, ସ୍ୱାଭିମାନ ଦିବସ ରୂପେ ଏ ତାରିଖକୁ ପାଳନ କରିବା ଦିଗରେ ଆପଣଙ୍କ ଆଗ୍ରହ, ଆୟୋଜକମାନଙ୍କ ସୌଖ୍ୟ — ଏମନ୍ତ ବହୁ ହେତୁର ସମ୍ମିଶ୍ରଣରେ ସମ୍ଭବ ହୋଇଛି ଏ ସମାବେଶ । ସଭିଙ୍କୁ ସ୍ୱାଗତ ।

ଅଧିକାଂଶ ବେଳେ ପ୍ରତିଷ୍ଠାନ ତରଫରୁ ଏ ଲେଖକଙ୍କୁ କୌଣସି ନିରୂପିତ ବିଷୟ ଉପରେ ତା'ର ବକ୍ତବ୍ୟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଥାଏ । ଯେତେବେଳେ ଏ ଲେଖକ ଉପରେ ବିଷୟ ନିର୍ବାଚନ ଛାଡ଼ିଦିଆଯାଏ, ସେତେବେଳେ ସେହି ମୁହୂର୍ତ୍ତରେ ଯେଉଁ ବିଷୟଟି ଭାବନାକୁ ଆନ୍ଦୋଳିତ କରୁଥାଏ, ସେ ତାହାରି ଉପରେ କିଛି କହିବାର ସିଦ୍ଧାନ୍ତ ନିଏ । ଆଜିର ଏ ଅନୁଷ୍ଠାନରେ ଓଡ଼ିଶାର ଐତିହ୍ୟ ସଂପର୍କରେହିଁ ବକ୍ତାଟି କହିବା ଲୋଡ଼ା । ଅର୍ଥାତ୍ ବିଷୟର ଭିତ୍ତି ନିରୂପିତ । ତାକୁହିଁ ସ୍ମରଣରେ ରଖି ନିକଟ ଅତୀତରେ କେତେକ ଜିଜ୍ଞାସୁଙ୍କ ପ୍ରଶ୍ନ ଅବଲମ୍ବନରେ ମନୋନୀତ କଲି ଯେଉଁ ବିଷୟ-ଶିରୋନାମା, ତାହା ହେଲା : ''ଶ୍ରୀଜଗନ୍ନାଥ କିଂବଦନ୍ତି : ଏକ ଭବିଷ୍ୟଦ୍ଧର୍ମୀ ପରଂପରା'' ।

ଏ ଅନୁଷ୍ଠାନର ଆବାହକ ''ଆମ ଓଡ଼ିଶା'' । ଓଡ଼ିଶା ଶବ୍ଦଟି ଉପରେ ମନଧ୍ୟାନ ଏକାଗ୍ର କରିବା ମାତ୍ରେ ଶବ୍ଦଟିର ବିଭୂତି ମହାକାଳର କାହିଁ କେଉଁ ସୁଦୂର ଦିଗ୍‌ବଳୟକୁ ନେଇଯାଏ । ରାମାୟଣ ଯୁଗର ଋଷି ଦୀର୍ଘତମା । ତାଙ୍କର ପାଞ୍ଚ ପୁତ୍ର : ଅଙ୍ଗ, ବଙ୍ଗ, କଳିଙ୍ଗ, ପୁଣ୍ଡ୍ର ଏବଂ ସମହ । ପ୍ରତ୍ୟେକେ ଏକ ଏକ ବିଶାଳ ପରିସର ଉପରେ ପ୍ରଭୁତ୍ୱ ବିସ୍ତାର କରିଥିଲେ । କଳିଙ୍ଗ ଏଡ଼େ ବିଶାଳ ଥିଲା ଯେ ତାକୁ ସମ୍ଭବତଃ ତିନିଭାଗରେ ବିଭକ୍ତ କରି ଶାସନ କରାଯାଉଥିଲା : ଉତ୍ତର କଳିଙ୍ଗ, ମଧ୍ୟ କଳିଙ୍ଗ ଓ ଦକ୍ଷିଣ କଳିଙ୍ଗ । ସମନ୍ୱିତ ତିନିଭୂଖଣ୍ଡକୁ କୁହାଯାଉଥିଲା ତ୍ରିକଳିଙ୍ଗ ।

'ଉତ୍କଳ' ନାମଟି କିନ୍ତୁ ଆହୁରି ପ୍ରାଚୀନ । ବୈବସ୍ୱତଙ୍କ ପୁତ୍ରବର୍ଗ ପୁରୁରବ ବିନତାସ୍ୱ ଇତ୍ୟାଦିଙ୍କ ମଧ୍ୟରେ ଅନ୍ୟତମ ଉତ୍କଳ । ଏମାନେ ବୈଦିକ ଚରିତ୍ର । ସେ ଯାହାହେଉ, କାଳକ୍ରମେ ଆଜିର ଏ ଓଡ଼ିଶାକୁ କେନ୍ଦ୍ରକରି ଏକଦା ଗଠିତ, ଖଣ୍ଡିତ, ପୁନର୍ଗଠିତ, କଦବା ପ୍ରସାରିତ କଦବା ସଙ୍କୁଚିତ ଭୂଖଣ୍ଡ ନାନା ନାମରେ ପରିଚିତ ହୋଇଛି : ଉତ୍କଳ, କଳିଙ୍ଗ, ଉଡ୍ର, କୋଶଳ, ତୋଷଳ ଇତ୍ୟାଦି ଇତ୍ୟାଦି ।

କେତେ ଅତୀତକୁ ବ୍ୟାପ୍ତ ଏହାର ସଂସ୍କୃତି ? ଆମେ ସାରଳା ଦାସଙ୍କ ମହାଭାରତକୁ ଆମ ସାହିତ୍ୟ ପରଂପରାର ପ୍ରାଥମିକ ଯୁଗର ବଳିଷ୍ଠ ଐଶ୍ୱର୍ଯ୍ୟ ରୂପେ ଦେଖୁ । ମୁଁ ଜାଣେନା, ବତ୍ସାଦାସଙ୍କ 'କଳସା ଚଉତିଶା' ବା ମାର୍କଣ୍ଡ ଦାସଙ୍କ 'କେଶବ କୋଇଲି' ସାରଳାଙ୍କ ପୂର୍ବବର୍ତ୍ତୀ ରଚନା କି ନୁହେଁ । କିନ୍ତୁ ଏ ପର୍ଯ୍ୟାୟର ସାହିତ୍ୟରେ ଭାଷାର ଯେଉଁ ଲଳିତ ତଥା ଅର୍ଥପୂର୍ଣ୍ଣ ଏବଂ ଅପ୍ରତ୍ୟାଶିତ ଭାବଗର୍ଭକ ପ୍ରୟୋଗ ହୋଇଛି ସେସବୁ ଆକସ୍ମିକ ହୋଇ ନଥାଇ ପାରେ । ଏସବୁର ପୂର୍ବରୁ ବହୁ କବିତା ରଚିତ ହୋଇଥିବ । ସେସବୁ ଲିଖିତ ହୋଇଥାଇ ନପାରେ; ହୋଇଥିଲେ ମଧ୍ୟ ବିଲୁପ୍ତ । କିନ୍ତୁ ସାରଳା ମହାଭାରତ ଭଳି ଏକ ପ୍ରସ୍ଫୁଟିତ, ପରିପକ୍ୱ ସାହିତ୍ୟ ବୃନ୍ତହୀନ ହୋଇ ନପାରେ ।

ତେବେ ଓଡ଼ିଶାର କୁଳୀନ ଭାଷା ଥିଲା ସଂସ୍କୃତ । ମୁଁ ଯଦି କହିବି ପ୍ରାଚୀନ କଳିଙ୍ଗର ଜଣେ ଅସାମାନ୍ୟ ପ୍ରତିଭା ସମଗ୍ର ସଭ୍ୟ ପୃଥିବୀର ସାହିତ୍ୟକୁ ପ୍ରଭାବିତ କରିଛନ୍ତି, ଆପଣମାନେ ହୁଏତ ଭାବିବେ ମୁଁ ଭାବପ୍ରବଣ ହୋଇ ଏପରି କହୁଛି । ତାହା ନୁହେଁ । ମୁଁ ମହାପଣ୍ଡିତ ବିଷ୍ଣୁଶର୍ମାଙ୍କ କଥା କହୁଛି । ସୁପ୍ରାଚୀନ ହିବ୍ରୁ ସାହିତ୍ୟ 'ଓଲ୍ଡ୍ ଟେଷ୍ଟାମେଣ୍ଟ୍' କଥା କୁହନ୍ତୁ, ଇସପଙ୍କ କାହାଣୀମାଳା କଥା କହନ୍ତୁ, ସଭ୍ୟ ଭୂଖଣ୍ଡସମୂହର ସବୁ କଥା-ସାହିତ୍ୟହିଁ ତାଙ୍କ ପାଖରେ ଋଣୀ । ସେ କଳିଙ୍ଗର ଅଧିବାସୀ ଥିଲେ ବୋଲି ମୋର ବିଶ୍ୱାସ । ସେ ବିଶ୍ୱାସ ପ୍ରତିପାଦିତ କଲାଭଳି ଯେତିକି ସାମାନ୍ୟ ଯୁକ୍ତି ମୋଠାରେ ରହିଛି, ତାହା ଉପସ୍ଥାପନ କରିବାର ଅବସର ଏହା ନୁହେଁ । ମୋର ଅନୁରୋଧ, ଏହା ଉପରେ ଗବେଷଣା ହେଉ ।

ହଁ – ତାତ୍ପର୍ଯ୍ୟପୂର୍ଣ୍ଣ ଶବ୍ଦ-ସଂଯୋଗ "ଆମ ଓଡ଼ିଶା" । ଓଡ଼ିଶା ସମ୍ପର୍କରେ ଭୂମିକା ପରେ ମୁଁ ଇତିହାସରୁ ଚାଲିଯାଉଛି ଅନ୍ୟ ଏକ ସ୍ତରକୁ । କିଏ ଏହି 'ଆମେ' – ଯେଉଁମାନେ ଓଡ଼ିଶାକୁ ଆମର ବୋଲି କହୁଛୁ ? ସେ, ଆପଣ, ମୁଁ – ସମଷ୍ଟିଗତ ଭାବେ ଆମେ । କିନ୍ତୁ ମୁଁ କ'ଣ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଓ କାଳରେ ସୀମିତ ? ମୁଁ ପୁନର୍ଜନ୍ମରେ ବିଶ୍ୱାସ କରେ । ଆମେ ଯେଉଁ ପରମାତ୍ମାରୁ ଏହି ଅଜ୍ଞାନ ତିମିର, ଏହି ପ୍ରକୃତିର ଲୀଳା କ୍ଷେତ୍ରକୁ ଅବତରିତ, ଜନ୍ମ ପରେ ଜନ୍ମ ନାନାବିଧ ଅଭିଜ୍ଞତାର ନିର୍ଯାସ ସଞ୍ଚୟ କରି, କ୍ରମାଗତ ଭାବରେ ଚେତନାର ପ୍ରଗତି ଦେଇ ସେହି ପରମାତ୍ମାଙ୍କୁ ପୁନର୍ବାର ଉପଲବ୍ଧି କରିବ ଆମର ଆତ୍ମା । 'ମନୋଜ ଦାସ' ନାମଧେୟ ଏ ସତ୍ତାଟିର ଦିନେ ଅବସାନ ହେବ । କଳେବରର ବିଲୟ ପରେ ପରେ ଶିକ୍ଷା ଦୀକ୍ଷା, ମାନ ଅଭିମାନ ସମ୍ବଳିତ ପ୍ରାଣ ଏବଂ ମନ ମଧ୍ୟ ନିଶ୍ଚିହ୍ନ ହୋଇଯିବେ । ରହିବ କେବଳ ଆତ୍ମା । ସେ ଭିନ୍ନ ଏକ ପରିବେଶରେ, ଭିନ୍ନ ଏକ ପରିଚୟ ସମ୍ବଳିତ ହୋଇ ଜନ୍ମ ଗ୍ରହଣ କରିବ । ଆତ୍ମାର ଜାତୀୟତା ନାହିଁ, ଭାଷା ନାହିଁ ।

ଯେଉଁ ପରିବେଶ ଏବଂ ସଂସ୍କୃତିରେ ମୁଁ ଏକ ନିର୍ଦ୍ଦିଷ୍ଟ ଜୀବନ-କାଳ ଅତିବାହିତ କରୁଛି, ସେହି ସଂସ୍କୃତିର ସର୍ବୋତ୍କୃଷ୍ଟ ନିର୍ଯାସ ଯଦି ମୁଁ ଆତ୍ମସ୍ଥ କରିନେଇପାରିବି, ତେବେ ସେ ଜନ୍ମଟି ସାର୍ଥକ ହେବ । ଚେତନାର ଏହି କ୍ରମାଗତ ଅଭିବୃଦ୍ଧିର ଗୋଟାଏ ସ୍ତରରେ ଉପନୀତ ହେଲେ ମୁଁ ମୋ ନିଜର ଏକ ନୂତନ ପରିଚୟ ପାଏ । ମୁଁ ମୋ ସ୍ୱଧର୍ମ ସଂପର୍କରେ ଜାଗିଉଠେ । ଜନ୍ମ ଜନ୍ମ ଧରି ଅବ୍ୟାହତ ଥିବା ଜଣକର ବ୍ୟକ୍ତିଗତ କ୍ରମ-ବିକାଶରେ ଏହି ଜାଗରଣ ଏକ ନୂତନ ପର୍ଯ୍ୟାୟ ଆନୟନ କରେ । ନିଜର ଚେତନାରେ ନିଜ ଆତ୍ମପରିଚୟ ଫୁଟିଉଠେ – ଅନ୍ତତଃ ସେ ଦିଗରେ ଭୂମିକା ପ୍ରସ୍ତୁତ ହୋଇଯାଏ ।

ସ୍ୱଧର୍ମ ସମ୍ପର୍କରେ ସାରଳା ମହାଭାରତରେ ରହିଛି ଏକ ତାତ୍ପର୍ଯ୍ୟପୂର୍ଣ୍ଣ କାହାଣୀ । ଜଣେ ଗ୍ରାମବାସୀ ବଣରୁ ଜାଳେଣି-କାଠ ସଂଗ୍ରହ କରି ଗ୍ରାମବାସୀମାନଙ୍କୁ ଯୋଗାଏ । ସେମାନେ ଯାହା ଦିଅନ୍ତି, ସେଥିରେ କଷ୍ଟେମଷ୍ଟେ ତା' ପରିବାର ଚଳୁଥାଏ ।

ଥରେ କ୍ରମାଗତ ବର୍ଷା ହେଲା ଏକପକ୍ଷକାଳ । ପ୍ରତିବେଶୀମାନଙ୍କୁ ସେ ଶୁଖିଲା କାଠ ଯୋଗାଇ ପାରିଲା ନାହିଁ । ଫଳରେ ନିଜ ଘରକୁ କିଛି ଆମଦାନି ହେଲା ନାହିଁ । ପରିବାର ଭୋକ-ଉପାସରେ ରହିବା ଭଳି ଅବସ୍ଥା ହେଲା । ଚିନ୍ତିତ ଲୋକଟିର ମୁଣ୍ଡକୁ ଆସିଗଲା ଗୋଟାଏ ବୁଦ୍ଧି । ଗାଁ ପ୍ରାନ୍ତରେ ମନ୍ଦିର । ତହିଁ ପୂଜିତ ବିଶାଳ ବିଗ୍ରହଙ୍କ ଉପାଦାନ କାଠ ।

ନିଶାର୍ଦ୍ଧ । ନିଛାଟିଆ ମନ୍ଦିରରେ ସେ କୁଠାର ହସ୍ତେ କଲା ପ୍ରବେଶ । ବିଗ୍ରହକୁ ଆଠଦଶ ଫାଳ କଲେ ବହନ କରିନେଇଯିବା ହେବ ସୁବିଧାଜନକ । ସେ କୁଠାର ଉଦ୍ୟତ କଲା ।

ହଠାତ୍ ସେ ଶୁଣିଲା ଏକ ବଳିଷ୍ଠ କଣ୍ଠ-ନିଃସୃତ ବାଣୀ : "ଥୟ ଧର ବାବୁ, ଥୟ ଧର ।"

ସେ ରହିଗଲା ।

ସେ ଶୁଣିଲା ପୁନର୍ବାର : "ତୋର ଲୋଡ଼ା ବିତ୍ତ । ବେଶ୍ । ସକାଳେ ନଦୀରେ ବୁଡ଼ ପକାଇ ଉଠିବା ବେଳକୁ ତୋ ହାତମୁଠାରେ ଖଣ୍ଡେ ସୁନା ଥିବ । ଯା' ଏଥର ।"

ବିଗ୍ରହକୁ ଅକ୍ଷତ ରଖି ସେ ଘରକୁ ଫେରିଲା ।

ସେ ଅଲୌକିକ ବାଣୀ ସତ୍ୟ ପ୍ରତିପାଦିତ ହେଲା ।

ନଈରେ ବୁଡ଼ଦେଇ ପ୍ରତ୍ୟହ ପ୍ରଭାତରେ କାଠ ବିକାଳି ଲାଭକରେ ଖଣ୍ଡିଏ ସୁନା । ମାସ କେତୋଟିରେ ସେ ବନିଗଲା ସେ ମୁଲକର ସବୁଠୁଁ ଧନୀ-ଲୋକ ।

ପ୍ରତିବେଶୀଟି ତା'ର ଗରିବ ପୂଜକଟିଏ । ବଡ଼ ଦୁଃଖରେ ହୁଏ ତା' ପରିବାରର ଦିନାତିପାତ । ପୂଜକ-ପତ୍ନୀଜଣକ କିନ୍ତୁ ବୁଦ୍ଧିମତୀ । ଧନୀ ପ୍ରତିବେଶୀର ପତ୍ନୀସହ ସୌଖ୍ୟ କରି ସେ ସେମାନଙ୍କ ସୌଭାଗ୍ୟର ରହସ୍ୟଟି ଜାଣିନେଲା । ବୁଝାଇଲା ସ୍ୱାମୀକୁ : ଯାଅ କୁଠାର ଧରି ମନ୍ଦିରକୁ, ଧମକ ଦିଅ ଠାକୁରଙ୍କୁ ।

ବହୁ ପ୍ରକାରେ ଆପତ୍ତି କଲେ ପୂଜକ । କିନ୍ତୁ ଜିଦ୍‌ରେ ଅବିଚଳ ପତ୍ନୀ । ଅତଏବ କୁଠାର ଧରି ମଧରାତ୍ରିରେ ମନ୍ଦିରରେ ପ୍ରବିଷ୍ଟ ହେଲେ ପୂଜକ । ଗମ୍‌ଗମ୍ ଝାଳ ବହିଯାଉଛି । ମୃଦୁ ପ୍ରଦୀପ ଆଲୋକରେ ବିଗ୍ରହ ଦେଖାଯାଉଛନ୍ତି ଜୀବନ୍ତ — ଯେମିତି ଅପଲକ ନେତ୍ରରେ ତାକୁ ଲକ୍ଷ୍ୟ କରୁଛନ୍ତି ! କୁଠାର ଉଦ୍ୟତ କରିବାକୁ ଯାଇ ପୂଜକ ଚେତାହରାଇ ତଳେ ପଡ଼ିଗଲେ ।

ଶୁଣିଲେ ସେ ଦିବ୍ୟବାଣୀ : ମୂଢ଼ ! ତୁ ଏ କାମଟି କରିପାରିବୁ ବୋଲି ଭାବିଲୁ କେମିତି ? ତୋ' ଚେତନା କ'ଣ ତୋତେ ତାହା କରାଇ ଦିଅନ୍ତା ? ତୋ ପ୍ରତିବେଶୀ ଏଡ଼େ ଅଜ୍ଞାନ ଯେ ଦୈବବାଣୀ ମଧ ତା' ଭିତରେ କିଛି ଭାବାନ୍ତର ଆଣିଲା ନାହିଁ । ଅଜ୍ଞାନ ଜ୍ଞାନୀକୁ ଅନୁସରଣ କରିବ ନା ଜ୍ଞାନୀ ଅଜ୍ଞାନକୁ ଅନୁସରଣ କରିବ ? ଯା, ଦୁଃଖକଷ୍ଟରେ ଜୀବନଯାପନ ମାଧ୍ୟମରେହିଁ ତୋର ଚେତନାର ପ୍ରଗତି ହେବ ।

ଚେତା ଫେରିପାଇ ପୂଜକ ଭୀତ କିନ୍ତୁ କୃତଜ୍ଞ ଚିତ୍ତରେ କଲେ ଗୃହ ପ୍ରତ୍ୟାବର୍ତ୍ତନ ।

କାହାଣୀଟି ଅବଶ୍ୟ ମୁଁ ଏଠାରେ ମୋ ନିଜ ରୀତିରେ ପରିବେଷଣ କଲି । କିନ୍ତୁ ତା'ର ଅନ୍ତର୍ନିହିତ ତାତ୍ପର୍ଯ୍ୟ ଅପରିବର୍ତ୍ତିତ ।

ଓଡ଼ିଶାର ସାମୂହିକ ଚିତ୍ତ ଉପରେ ଯେଉଁ ସଂସ୍କୃତିର ପ୍ରଭାବ ସର୍ବାଧିକ, ତାହା ଶ୍ରୀଜଗନ୍ନାଥ ସଂସ୍କୃତି । ସାଧାରଣ, ସାର୍ବଜନୀନ ମାନସରେ ଶ୍ରୀଜଗନ୍ନାଥ ଭଗବାନ୍ ଏବଂ ଓଡ଼ିଶା ତଥା ଓଡ଼ିଶା ବାହାରର ଅଗଣନ ନରନାରୀ ତାଙ୍କ ଭକ୍ତ । ରଥଯାତ୍ରା ଏବଂ ଦିଅଙ୍କୁ କେନ୍ଦ୍ରକରି ପାଳିତ ହେଉଥିବା ପର୍ବପର୍ବାଣିରେ ଭାଗନେବାରେ ସେ ଭଗବାନ୍-ଭକ୍ତ ସଂପର୍କ ସୀମାବଦ୍ଧ । ସେଥିରେ ଭକ୍ତି ଅଛି, ଆବେଗ ଅଛି, ଉତ୍ସାହ ଉଦ୍ଦୀପନା ଅଛି, କିନ୍ତୁ ସଂସ୍କୃତି-ମାନସିକତା ନାହିଁ । ଶ୍ରୀଜଗନ୍ନାଥ-କୈନ୍ଦ୍ରିକ କିଂବଦନ୍ତି ଏବଂ ଇତିହାସରୁ ଆମ ଆନ୍ତର୍ସତ୍ତା କି ଶିକ୍ଷା ଲାଭ କରିପାରେ, ଆମେ ତଦ୍ଦ୍ୱାରା କେତେ ଅନୁପ୍ରାଣିତ, ଆଲୋକିତ ଅନୁଭବ କରିପାରବା ସେତିକି ନିରୂପଣ କରିପାରିବାହିଁ ହେବ ଆମ ସଂସ୍କୃତି-ସଚେତନାର ପ୍ରମାଣ ।

ପ୍ରଥମେ ଦେଖାଯାଉ ଶ୍ରୀଜଗନ୍ନାଥଙ୍କ ସ୍ୱାତନ୍ତ୍ର୍ୟ ବା ବୈଶିଷ୍ଟ୍ୟ । ଭାରତବର୍ଷର ଚାରି ମୁଖ୍ୟଧାମ ହେଲେ ବଦ୍ରିନାଥ, ଦ୍ୱାରକା, ରାମେଶ୍ୱରମ୍ ଏବଂ ପୁରୀ । ପ୍ରଥମୋକ୍ତ ତିନି ଧାମର ଅଧିଷ୍ଠାତାଙ୍କ ପରିଚୟକୁ ନେଇ କୌଣସି ଦ୍ୱନ୍ଦ୍ୱ ଅଥବା ଯୁକ୍ତିତର୍କର ଅବସର ନାହିଁ । ବଦ୍ରିନାଥର ଦିଅଁ ବଦ୍ରିବିଷ୍ଣୁ; ଦ୍ୱାରକାର ଶ୍ରୀକୃଷ୍ଣ, ରାମେଶ୍ୱରମ୍‌ର ଶ୍ରୀରାମଚନ୍ଦ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଶିବ । କିନ୍ତୁ ଶ୍ରୀଜଗନ୍ନାଥ ? ଶ୍ରୀକୃଷ୍ଣଙ୍କର ସେ ଏକ ରୂପ ବୋଲି ଆମେ ଗ୍ରହଣ କରୁଛୁ । କିନ୍ତୁ ଶ୍ରୀକୃଷ୍ଣଙ୍କର ସୁପରିଚିତ ବହୁରୂପ ଭିତରୁ ଏମନ୍ତ ରୂପର ଦ୍ୱିତୀୟ ଦୃଷ୍ଟାନ୍ତ ନାହିଁ । ଇତିହାସରେ କେବଳ ମାତ୍ର ପୁରୀଧାମରେ ଏ ରୂପ ପ୍ରକଟିତ । ପୁରୀର ଦୃଷ୍ଟାନ୍ତ ଅନୁସରଣ କରି ପରବର୍ତ୍ତୀକାଳରେ ଭକ୍ତମାନେ ଏମନ୍ତ ମୂର୍ତ୍ତି ଅନ୍ୟାନ୍ୟ ସ୍ଥାନରେ ପ୍ରତିଷ୍ଠିତ କରିବା ଭିନ୍ନ କଥା ।

ଏହି ରୂପଧାରୀ ଶ୍ରୀଜଗନ୍ନାଥଙ୍କ ଉପରେ ନିଜ ନିଜର ଦାବି ସାବ୍ୟସ୍ତ କରିବାର ପ୍ରୟାସ କରିଛନ୍ତି ବିଭିନ୍ନ ମତର ଅନୁଧାବକମାନେ । ସେମାନଙ୍କ ଅନ୍ତର୍ଭୁକ୍ତ ଜୈନ, ବୌଦ୍ଧ, ଶୂନ୍ୟବାଦୀ ଏବଂ ତାନ୍ତ୍ରିକ । ଶ୍ରୀଜଗନ୍ନାଥଙ୍କ ଇତିହାସ — ଶତାବ୍ଦୀ ଶତାବ୍ଦୀର ଆକର୍ଷଣର ଇତିହାସ । ବିକର୍ଷଣର ଦୃଷ୍ଟାନ୍ତ ଦୁଇ । ଗୋଟିଏ ସର୍ବଜନବିଦିତ : କଳାପାହାଡ଼ ଭାବରେ କୁଖ୍ୟାତ ଆକ୍ରମଣକାରୀର ଉତ୍ପାତ । ଦ୍ୱିତୀୟଟି ଆକର୍ଷଣରହିଁ ଏକ ବିକୃତ ପରିପ୍ରକାଶ । ସତ୍ୟ ମହିମା ଧର୍ମର ପ୍ରତିଷ୍ଠାତା ମହିମା ଗୋସାଇଙ୍କ କିଞ୍ଚିତ୍ ପ୍ରଭାବ ହେଲା ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ । ୧୮୨୬ରେ ପୁରୀଠାରୁହିଁ ସେ ତାଙ୍କ ଅଭିନବ ଧର୍ମର ପ୍ରଚାର ଆରମ୍ଭ କଲେ । ଓଡ଼ିଶାର ବହୁ ଅଞ୍ଚଳ ଭ୍ରମଣ କରିବା ସଙ୍ଗେ ସଙ୍ଗେ ବଙ୍ଗ, ଆସାମ, ବିହାର, ଆନ୍ଧ୍ର ଏବଂ ମଧ୍ୟପ୍ରଦେଶ ଯାଏ ସେ ତାଙ୍କ ମତପ୍ରଚାର କରିବା ଅନ୍ତେ ୧୮୭୬ରେ ଦେହତ୍ୟାଗ କଲେ । ୧୮୮୧ ମସିହା ମାର୍ଚ୍ଚ ପହିଲା ଦିନ ପୁରୀ ମନ୍ଦିର ପ୍ରାଙ୍ଗଣରେ ଘଟିଗଲା ଗୋଟିଏ ବିଚିତ୍ର କାଣ୍ଡ । ଦାସରାମ ନାମକ ଜଣେ ମହିମା ନେତା ବାରଜଣ ପୁରୁଷ ଏବଂ ଚାରିଜଣ ନାରୀ ଅଲେଖ ମତବାଦୀଙ୍କୁ ଧରି ମନ୍ଦିର ଭିତରକୁ ପ୍ରବେଶ କଲେ ଏମନ୍ତ ଉଦ୍ଦାମ ଉତ୍ସାହରେ ଯାହା ଆକ୍ରମଣ ବୋଲି ମନେହେଲା । ସେମାନଙ୍କ ମତରେ ଭଗବାନ୍

ଶୂନ୍ୟ; ଅତଏବ ଏ ପ୍ରଭାବଶାଳୀ ଦିଅଁତ୍ରୟ ଶୂନ୍ୟରେ ପରିଣତ ହେବା ଲୋଡ଼ା ।

ମନ୍ଦିରର ବିସ୍ମିତ ସେବକମାନେ ସେମାନଙ୍କୁ ବାଧା ଦେଲେ । ହେଲା ସଂଘର୍ଷ; ଦାସରାମଙ୍କର ପ୍ରାଣ ଗଲା ।

ବ୍ୟାପାରଟିର ବ୍ୟାଖ୍ୟା ଅଦ୍ୟାବଧି ରହସ୍ୟମୟ । ମହିମାବାଦୀମାନେ ଅହିଂସ; ଭାରସାମ୍ୟହୀନ ଏକ ଉଦ୍ଦାମ ଆହ୍ୱାନରେ ସେମାନେ ଭଗବାନଙ୍କୁ ଶୂନ୍ୟ ରୂପରେ ପରିଣତ କରିବାକୁ ବ୍ୟାକୁଳ ଥିଲେ । ସମ୍ଭବତଃ ଏକ ଉଗ୍ର ଆକର୍ଷଣ ବିକର୍ଷଣର ରୂପନେଲା ।

ସେ ଯାହାହେଉ, ଆକର୍ଷଣର ଇତିହାସ ଭିନ୍ନ ଭିନ୍ନ ଦର୍ଶନ ବା ମତବାଦର ଦାବିରେ ସୀମାବଦ୍ଧ ନୁହେଁ । ଯାହା ତାହାଠାରୁ ଅଧିକ ଜାଜ୍ୱଲ୍ୟମାନ ଭାବରେ ପ୍ରତିଭାତ ହୁଏ, ତାହାହେଲା ପ୍ରତି ବ୍ୟକ୍ତିଗତ ଭକ୍ତର ବିଶ୍ୱାସ ଅନୁସାରେ ଶ୍ରୀଜଗନ୍ନାଥଙ୍କ ଭିତରେ ତା' ନିଜ ଆରାଧ୍ୟର ଉପଲବ୍ଧି । ଅସଂଖ୍ୟ ଦୃଷ୍ଟାନ୍ତ ଭିତରୁ କେତୋଟି ଉପରେ ଦୃଷ୍ଟିପାତ କରାଯାଉ । ଜ୍ଞାନ-ତପସ୍ୱୀ ଶଙ୍କରାଚାର୍ଯ୍ୟ ତାଙ୍କ ରୂପରେ ଦେଖିଲେ କଦାଚିତ୍ କାଳିନ୍ଦୀ ତଟ ବିପିନରେ ଲୀଳାରତ, ଭୁଜରେ ବେଣୁ, ଶିରରେ ଶିଖୀପୁଚ୍ଛ ସୁଶୋଭିତ କୃଷ୍ଣ; ସେତିକି ନୁହେଁ, ଚକାଡ଼ୋଳାରେ ସେ ପୁଣି ଦେଖିଲେ କଟାକ୍ଷର ତଡ଼ିତ୍ !

ଅଭୁଲା ପୁଣି ସନ୍ଥ ତୁଳସୀଦାସଙ୍କ ଅଭିଜ୍ଞତା ।

ବାରାଣସୀରୁ ସନ୍ଥ ଆସିଥିଲେ – ଜଗନ୍ନାଥ ଯେହେତୁ କୃଷ୍ଣଙ୍କର ଏକ ରୂପ, ତେଣୁ ସେ ଜଗନ୍ନାଥଙ୍କ ଭିତରେ ଶ୍ରୀରାମଙ୍କୁ ଅନୁଭବ କରିପାରିବେ । ଉଭୟ ରାମ ଏବଂ କୃଷ୍ଣ ତ ବିଷ୍ଣୁଙ୍କର ଅବତାର ! କିନ୍ତୁ ତ୍ରିମୂର୍ତ୍ତି ଉପରେ ଦୃଷ୍ଟିପାତ କରି ସେ ରାମଙ୍କ ଉପସ୍ଥିତିର ସ୍ପନ୍ଦନ ତିଳେ ମଧ୍ୟ ଅନୁଭବ କରିପାରିଲେ ନାହିଁ । ହତାଶ ହେଲେ ।

ଷୋଡ଼ଶ ଶତାବ୍ଦୀର ଏକ ସାଧାରଣ ଦିନ । ଶ୍ରୀମନ୍ଦିରରେ ଭିଡ଼ ନାହିଁ । ସନ୍ଧ୍ୟା ନଇଁ ଆସୁଛି । ସନ୍ଥ ମହାଶୟ ବାଇଶ ପାହାଚ ଦେଇ ଅବତରଣ କରୁଛନ୍ତି, ଅଚାନକେ ମାଙ୍କଡ଼ଟିଏ ଡେଇଁ ଡେଇଁ ଆସି ତାଙ୍କ ଉତ୍ତରୀୟ ଖଣ୍ଡିକ ଅପହରଣ କରିନେଇ ଚାଲିଗଲା । ବାରାଣସୀର ନାଗରିକ ରୂପେ ମାଙ୍କଡ଼ର ଏ ଆଚରଣରେ ସନ୍ଥ ଅବଶ୍ୟ ବିସ୍ମିତ ହୋଇ ନଥିବେ – ଅସ୍ୱସ୍ତି ଅନୁଭବ କରିବା ସତ୍ତ୍ୱେ ।

କିନ୍ତୁ ସେ ବିସ୍ମିତ ହେଲେ ପର ମୁହୂର୍ତ୍ତରେ । ବାଇଶ ପାହାଚର ଅନ୍ୟ ଦିଗରେ ଦେଖାଦେଲେ ଜଣେ ଜ୍ୟୋତିର୍ମୟ ପୁରୁଷ । ସେ ଦୃଷ୍ଟିର ଅନ୍ତରାଳକୁ ଚାଲିଯାଇଥିବା ବାନର ବାପୁଡ଼ାକୁ ଦେଲେ କୌଣସି ନିର୍ଦ୍ଦେଶ । ତତ୍‌କ୍ଷଣାତ୍ ବାନରଟି ସନ୍ଥଙ୍କ ନିକଟକୁ ଆସି ଉତ୍ତରୀୟଟି ତାଙ୍କୁ ସବିନୟ ପ୍ରତ୍ୟାର୍ପଣ କରି ଅଦୃଶ୍ୟ ହୋଇଗଲା ।

ରାତ୍ରିରେ ସ୍ୱପ୍ନରେ ସନ୍ଥଙ୍କୁ ଦେଖାଦେଲେ, ତାଙ୍କ ଇଷ୍ଟଦେବତା ଶ୍ରୀରାମ । ସେ କହିଲେ, ''ସ୍ଥୂଳରୂପର ଆବରଣ ଭେଦକରି ବିଗ୍ରହ ଅଭ୍ୟନ୍ତରରେ ଅଭିନିବିଷ୍ଟ ହୋଇପାରିବା ଭଳି ଧୈର୍ଯ୍ୟ ହରାଇଲୁ ବତ୍ସ ?''

ଯଥାର୍ଥ ପ୍ରସ୍ତୁତି ସହ ପରଦିନ ସନ୍ଥ ପ୍ରବେଶ କଲେ ଶ୍ରୀମନ୍ଦିରରେ । ଏକାଗ୍ର ହେଲେ ତ୍ରିମୂର୍ତ୍ତି ଉପରେ । ଶ୍ରୀରାମ, ଲକ୍ଷ୍ମଣ ଏବଂ ମାତା ସୀତାଙ୍କ ଦିବ୍ୟରୂପ ତାଙ୍କୁ କଲା ଅଭିଭୂତ । ସେ କୃତାର୍ଥ ହେଲେ ।

ଦକ୍ଷିଣ ଭାରତର ଜଣେ ଗଣେଶ ଭକ୍ତ, ନାମଟି ତାଙ୍କର ଗଣପତି ମିଶ୍ର, ଶ୍ରୀଜଗନ୍ନାଥଙ୍କ ରୂପରେ ସେ ଦେଖିଲେ ବକ୍ରତୁଣ୍ଡ ଦେବ କିଶୋର ।

ଅର୍ଥାତ୍ ଶ୍ରୀଜଗନ୍ନାଥଙ୍କର ରୂପ ଗତାନୁଗତିକ ଶ୍ରୀକୃଷ୍ଣ-ବିଗ୍ରହମାନଙ୍କ ଭଳି ହୋଇଥିଲେ ଭିନ୍ନ ଭିନ୍ନ ଭକ୍ତଙ୍କ ବିଶ୍ୱାସ, ଆଶା ଓ ଶକ୍ତି ଅନୁସାରେ ସେ ଭିନ୍ନ ଭିନ୍ନ ପ୍ରକାରେ ପ୍ରତିଭାତ ହୁଅନ୍ତେ ନାହିଁ ହୁଏତ ।

*

ଶ୍ରୀଜଗନ୍ନାଥଙ୍କ ପ୍ରାଚୀନତା ସମ୍ପର୍କରେ ଶାସ୍ତ୍ରରେ ବହୁ ତଥ୍ୟ ରହିଛି ବୋଲି ପଣ୍ଡିତମାନେ କହନ୍ତି । ଏପରିକି ଋଗ୍ ବେଦର ଦଶମ ମଣ୍ଡଳର ଏକ ସୂକ୍ତକୁ ପ୍ରଖ୍ୟାତ ବୈଦିକ ବ୍ୟାକରଣବିତ୍ ସାୟଣାଚାର୍ଯ୍ୟ ବ୍ୟାଖ୍ୟା କରିଛନ୍ତି ଏହି ପ୍ରକାର : ''ସମୁଦ୍ର କୂଳରେ ଦାରୁନିର୍ମିତ ପୁରୁଷୋତ୍ତମ ବିଗ୍ରହ ବିଦ୍ୟମାନ'' । ସେ ମୂଳ ସୂକ୍ତଟିରେ – ତାହା ଦଶମ ମଣ୍ଡଳର ୧୫୫ ସୂକ୍ତ – 'ଅପୁରୁଷମ୍' ଶବ୍ଦ ଦେଖୁଛି – ପୁରୁଷୋତ୍ତମ ନୁହେଁ । ସେ ଯାହାହେଉ ଅଷ୍ଟାଦଶ ମହାପୁରାଣକୁ ଛାଡ଼ିଦେଲେ ବାକି ସବୁପୁରାଣ – ଉପପୁରାଣ, ସ୍ଥଳ ପୁରାଣ ଇତ୍ୟାଦି – ସେସବୁର ଲେଖକବର୍ଗଙ୍କ ବ୍ୟକ୍ତିଗତ ଅଭିଜ୍ଞତା, ବିଶ୍ୱାସ ସହିତ କିଂବଦନ୍ତି ସମୂହର ସମାବେଶ । ଏପରିକି ଅଷ୍ଟାଦଶ ମହାପୁରାଣର ବର୍ତ୍ତମାନ ମିଳୁଥିବା ସଂସ୍କରଣସବୁ ମୌଳିକ ନୁହେଁ ବୋଲି ବିଶ୍ୱାସ କରିବା ସପକ୍ଷରେ ବହୁ ପ୍ରମାଣ ରହିଛି ।

ଅତଏବ କେହି କେହି ପୁରାଣରେ ଯେଉଁ ସମସ୍ତ ବିବରଣୀ ରହିଛି, ସେସବୁ ଜନଶ୍ରୁତି ଏବଂ କିଂବଦନ୍ତି ତୁଳନାରେ

ଅଧିକ ମୂଲ୍ୟବାନ୍ ବୋଲି ଭାବିବାର କାରଣ ନାହିଁ । ଶ୍ରୀଜଗନ୍ନାଥଙ୍କ ଆଦି ପର୍ଯ୍ୟାୟ ସମ୍ପର୍କିତ କିଂବଦନ୍ତି ଉପରେ ମୁଁ ଗୁରୁତ୍ୱ ଦେଉଛି । ସେ କିଂବଦନ୍ତିର ମଧ୍ୟ ଅନେକ ପୃଥକ୍ ରୂପ ରହିଛି । ତେବେ ସେସବୁର ଭିତ୍ତି ରୂପଟିହିଁ ଗୁରୁତ୍ୱପୂର୍ଣ୍ଣ । ଏଠାରେ ଗୋଟାଏ ବିଷୟ ଉପରେ ମୁଁ ବିଶେଷ ଗୁରୁତ୍ୱ ଦେଉଛି – କିଂବଦନ୍ତି ପଛରେ ତଥ୍ୟଗତ ସତ୍ୟ କେତେ ରହିଛି, ତାହା ଖୁବ୍ ବଡ଼ କଥା ନୁହେଁ । କିଂବଦନ୍ତିଟିଏ ଯଦି ପୁରୁଷ ପୁରୁଷ ଧରି ଆମକୁ ପ୍ରଭାବିତ କରିଥିବ, ଆମ ବିଶ୍ୱାସ, ଧ୍ୟାନ-ଧାରଣାରେ ରେଖାପାତ କରିଥିବ, ତେବେ ତାହା ତଥ୍ୟ ଭାବରେ ଘଟିଥିବା ଯେକୌଣସି ଘଟଣା ତୁଳନାରେ ବହୁତ ଅଧିକ ଗୁରୁତ୍ୱପୂର୍ଣ୍ଣ ।

ଶ୍ରୀଜଗନ୍ନାଥ ସମ୍ପର୍କୀୟ କିଂବଦନ୍ତିମାଳାର କେନ୍ଦ୍ର ବ୍ୟାଖ୍ୟାନ ଗୋଟିକ ଏହିପରି :

ଉଜ୍ଜୟିନୀର ରାଜା ଇନ୍ଦ୍ରଦ୍ୟୁମ୍ନ କୌଣସି ଦୈବୀ ପ୍ରେରଣାରେ ପରିଚାଳିତ ହୋଇ ସସ୍ତ୍ରୀକ, ସବାନ୍ଧବ ଉପନୀତ ହେଲେ ପୁରୀରେ । ପ୍ରାକ୍-ଜଗନ୍ନାଥ ପୁରୀର ହୁଏତ କୌଣସି ପବିତ୍ର ଐତିହ୍ୟ ରହିଥିଲା । ସେହିଠାରେ ସେ ଶିବିର ସ୍ଥାପନ କରି ଚାରିଜଣ ସୁନିର୍ବାଚିତ ଅମାତ୍ୟଙ୍କୁ ସେ ଚାରିଦିଗକୁ ପ୍ରେରଣ କଲେ ଏକ ଅସାଧାରଣ ସନ୍ଧାନର ଦାୟିତ୍ୱ ଅର୍ପଣ କରି । ରାଜାଙ୍କର ଅନ୍ତର୍ବୋଧ କହୁଥିଲା, ଅଦୂରରେ କେଉଁଠି ହେଲେ ଗୁପ୍ତଭାବେ ରହିଛି ଏକ ପ୍ରଚଣ୍ଡ ଦିବ୍ୟଶକ୍ତିର ପ୍ରତୀକ । ସେ ଶକ୍ତି ବର୍ତ୍ତମାନ ସର୍ବ-ସାଧାରଣରେ ପ୍ରକଟିତ ହେବାର ସମୟ ଉପସ୍ଥିତ । ତା'ର ଆବିଷ୍କାର, ରୂପାୟନ ଏବଂ ଅଧିଷ୍ଠାନ କରି ନପାରିଲେ ରାଜାଙ୍କ ଜୀବନ ବୃଥା ।

ଇନ୍ଦ୍ରଦ୍ୟୁମ୍ନ ଉଜ୍ଜୟିନୀରୁ ଆସିଥିଲେ ନା ସେ ଉଡ୍ଡୀୟାନର ରାଜା – ଅର୍ଥାତ୍ ପୁରୀହିଁ ଥିଲା ତାଙ୍କ ରାଜଧାନୀ – ସେକଥା କହିହେବ ନାହିଁ । ଯଦି ସେ ଥିଲେ ମାଳବରୁ ଆଗନ୍ତୁକ, ତେବେ କଳିଙ୍ଗର ରାଜା ତାଙ୍କୁ ଆତିଥ୍ୟ ଦେବା ସ୍ୱାଭାବିକ ହୋଇଥା'ନ୍ତା । କିନ୍ତୁ କିଂବଦନ୍ତିରେ କଳିଙ୍ଗ ରାଜାଙ୍କର କୌଣସି ଭୂମିକା ନାହିଁ । ସମ୍ଭବତଃ ସେଯୁଗରେ – ଅନ୍ତତଃ ଅଶୋକ କଳିଙ୍ଗ ଆକ୍ରମଣ କରିବା ପର୍ଯ୍ୟନ୍ତ ଏ ଭୂଖଣ୍ଡ ଏକ ପ୍ରକାର ଅର୍ଦ୍ଧ-ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଭିନ୍ନ ''ମଣ୍ଡଳ'' ଯୋଗେ ଶାସିତ ହେଉଥିଲା । କଳିଙ୍ଗ-ସମର ଯେଉଁ ବିଭ୍ରାଟ ସୃଜି ଥିବ, ବାତାବରଣରେ ଯେଉଁ ପ୍ରଚଣ୍ଡ ହା'ହୁତାଶ ଖେଳାଇ ଦେଇଥିବ, ସେହି ପଟ୍ଟଭୂମିରେ ରାଜ୍ୟକୁ ପୁନଃବିନ୍ୟସ୍ତ ଏବଂ ସୁସଂଗଠିତ କରିବା ନିମନ୍ତେ ପ୍ରକୃତି ଖାରବେଳଙ୍କ ଭଳି ଜଣେ ବଳିଷ୍ଠ ବ୍ୟକ୍ତିତ୍ୱର ଅଭ୍ୟୁଦୟ ସମ୍ଭବ କଲା ।

ଇନ୍ଦ୍ରଦ୍ୟୁମ୍ନଙ୍କ ଅନ୍ୟତମ ସାଧକ-ଦୂତ ବିଦ୍ୟାପତି ଯାଇ ଅରଣ୍ୟ ବସତିର ମୁଖ୍ୟ ବିଶ୍ୱାବସୁଙ୍କ ଅତିଥି ହୋଇଛନ୍ତି, ସୁକନ୍ୟା ଲଳିତା ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି, ବିଶ୍ୱାବସୁ କୌଣସି ଅଜ୍ଞାତ ଗୁମ୍ଫାରେ ପ୍ରତ୍ୟହ କୌଣସି ଅଜ୍ଞାତ ଦିବ୍ୟବସ୍ତୁକୁ ପୂଜାର୍ପଣ କରିବା ସମ୍ପର୍କରେ ଅବହିତ ହୋଇଛନ୍ତି, କୌଶଳ କ୍ରମେ ତା'ର ସନ୍ଧାନ ନେଇଛନ୍ତି; ନିଜର ସାଧନା-ସିଦ୍ଧ ଅନ୍ତର୍ବୋଧ ଦ୍ୱାରା ବୁଝିଛନ୍ତି ଯେ ସେ ଆସିଥିଲେ ସେହି ବସ୍ତୁଟିର ସନ୍ଧାନରେ; ତାକୁ ଧରି ପଳାଇ ଆସିଛନ୍ତି ପୁରୀ; ଇନ୍ଦ୍ରଦ୍ୟୁମ୍ନଙ୍କର ମଧ୍ୟ ହୃଦୟଙ୍ଗମ ହୋଇଛି ଯେ ବିଦ୍ୟାପତି-ଆନୀତ ବସ୍ତୁହିଁ ଥିଲା ତାଙ୍କ ଅଭୀପ୍ସିତ ଦିବ୍ୟ ଐଶ୍ୱର୍ଯ୍ୟ ।

ଭାସମାନ ଦାରୁ କୂଳସ୍ଥ ନହୁଅନ୍ତେ ଇନ୍ଦ୍ରଦ୍ୟୁମ୍ନ ଅରଣ୍ୟକୁ ଯାଇ ବିଶ୍ୱାବସୁଙ୍କ ସହଯୋଗ ପ୍ରାର୍ଥନା କରିବା, ଲୁକ୍କାୟିତ ଦିବ୍ୟସତ୍ତା ସର୍ବସମାଜରେ ପ୍ରକଟିତ ହେବା ଅନିବାର୍ଯ୍ୟ ଥିଲା ବୋଲି ବିଶ୍ୱାବସୁଙ୍କୁ ବୁଝାଇବା, ପ୍ରାଜ୍ଞ ବିଶ୍ୱାବସୁ ରାଜାଙ୍କୁ ସହାୟତା ଦେବା, ଦାରୁକୁ ବିଅଁରେ ରୂପାୟିତ କରିବା ନିମନ୍ତେ ଜଣେ ବୃଦ୍ଧ ଶିଳ୍ପୀଙ୍କ ଆଗମନ, ମୂର୍ତ୍ତି ନିର୍ମାଣ ଶେଷ ହେବା ପୂର୍ବରୁ ତାଙ୍କ କୋଠରି ଭିତରକୁ କେହି ପ୍ରବେଶ କରିବେ ନାହିଁ ବୋଲି ତାଙ୍କର ସର୍ତ୍ତ, ମହାରାଣୀ ଗୁଣ୍ଡିଚା ଧୈର୍ଯ୍ୟ ହରାଇ କୋଠରି ଦ୍ୱାର ଖୋଲିଦେବା ଫଳରେ ମୂର୍ତ୍ତି ଅସମ୍ପୂର୍ଣ୍ଣ ରଖି ସେ ରହସ୍ୟମୟ ଶିଳ୍ପୀ ବିଶ୍ୱକର୍ମାଙ୍କର ଅନ୍ତର୍ହିତି – କିଂବଦନ୍ତିର ଏ ସମସ୍ତ ଦିଗ ଆମକୁ ଜଣା । ଜନଶ୍ରୁତି ବାହାରେ ଏ ସମ୍ପର୍କରେ ଯେତେ ବିବରଣୀ ପ୍ରଣୀତ ହୋଇଛି, ଶିଶୁ କୃଷ୍ଣଙ୍କର 'ଦେଉଳ ତୋଳା' ତହିଁ ଭିତରେ ସମ୍ଭବତଃ ସବୁଠାରୁ ଜନପ୍ରିୟ । ବର୍ତ୍ତମାନ ପ୍ରଶ୍ନ ହେଲା, କ'ଣ ଏ କିଂବଦନ୍ତିର ତାତ୍ପର୍ଯ୍ୟ ? ଏହା ଭିତରେ ପ୍ରଚ୍ଛନ୍ନ ରହିଛି କେଉଁ ପ୍ରଣିଧାନଯୋଗ୍ୟ ଇଙ୍ଗିତ ?

କାଳଜୟୀ କିଂବଦନ୍ତିଟିଏ ଭିତରେ ନିହିତ ଥାଏ ଏକ ବିଶେଷ ସତ୍ୟ । ମୋର ବିଶ୍ୱାସ, ବିଶ୍ୱାବସୁ ଆଉ କେହି ନୁହନ୍ତି, ଜରାଶବରଙ୍କ ବଂଶଧର । ପ୍ରଭାସ କ୍ଷେତ୍ରରେ ଜରାଶବର ଶ୍ରୀକୃଷ୍ଣଙ୍କ ଦେହାବସାନର ହେତୁ ହେବା ଅନ୍ତେ, ବିଷଣ୍ଣ ଚିତ୍ତରେ ସ୍ୱଗ୍ରାମ ତ୍ୟାଗକରି ଉପକୂଳେ କୂଳେ ଆସି କଳିଙ୍ଗର ଏକ ଅରଣ୍ୟ ଭିତରେ ଆଶ୍ରୟ ନେଇଛନ୍ତି । ତାଙ୍କୁ ଅନୁସରଣ କରିଛନ୍ତି ତାଙ୍କ କୁଳ-କୁଟୁମ୍ବ; ସେମାନଙ୍କ ସହ ଯୋଗ ଦେଇଛନ୍ତି ତାଙ୍କ ଅନୁଗତବର୍ଗ । ବସତିଟିଏ ଗଢ଼ିଉଠିଛି । ଜରା ଶବର ନିଜ

ସାଥିରେ ଆଣିଥିବା ଚିତାଲବ୍ଧ ଶ୍ରୀକୃଷ୍ଣଙ୍କ ଶ୍ରୀତନୁସ୍ମାରକୀ (Relics) ସାଇତି ରଖିଛନ୍ତି ଏକାନ୍ତ ଗୋପନରେ । ତାଙ୍କ ବଂଶଧରମାନେ – ବିଶ୍ୱାବସୁଙ୍କ ପର୍ଯ୍ୟନ୍ତ, ତାହାକୁ ଗୋପନରେହିଁ ପୂଜା କରିଛନ୍ତି ।

ଅବଶେଷରେ ତାକୁ ହସ୍ତଗତ କରିଛନ୍ତି ବିଦ୍ୟାପତି – ଉପସ୍ଥାପନ କରିଛନ୍ତି ଇନ୍ଦ୍ରଦ୍ୟୁମ୍ନଙ୍କ ଛାମୁରେ ।

ଶ୍ରୀତନୁ-ସ୍ମାରକୀରୂପକ ବ୍ରହ୍ମ ଜୀବନ୍ୟାସ ଦେବ ଦାରୁ ବିଗ୍ରହକୁ । ଦାରୁହିଁ ଏକଦା ଥିଲା ଏ ନିର୍ଜୀବ ସ୍ଥୂଳ ପୃଥିବୀରେ ଚେତନାର ଆଦିମତମ ଆତ୍ମପ୍ରକାଶ । ତହିଁ ପରଠୁ ଅବ୍ୟାହତ ରହିଛି କ୍ରମବିକାଶ । ଦାରୁରୁ ପ୍ରାଣିଜଗତ୍; ତହିଁରୁ ସବୁଠାରୁ ପ୍ରଗତିଶୀଳ ପ୍ରାଣୀ ମଣିଷ । ବିଶ୍ୱକର୍ମା – ବିଶ୍ୱବ୍ୟାପ୍ତ କ୍ରମବିକାଶର ଶିଳ୍ପୀ, ଦାରୁକୁ ରୂପାୟିତ କରୁଛନ୍ତି – ତାଙ୍କ ଦୃଷ୍ଟିରେ ସମ୍ପୂର୍ଣ୍ଣ ଏକ ସତ୍ତାରେ । କିନ୍ତୁ କର୍ମ ତାଙ୍କର ଅସମ୍ପୂର୍ଣ୍ଣ ରହିଗଲା – ମହାରାଣୀ ରୂପକ ପ୍ରକୃତି ନିହିତ ଅବିଶ୍ୱାସ ଓ ଅବସ୍ଥାର ହସ୍ତକ୍ଷେପ ଫଳରେ ।

ଏହା ଦୁର୍ଘଟଣା ଭଳି ମନେହୋଇପାରେ ଆମ ଧାନ-ଧାରଣା ସ୍ତରରେ । କିନ୍ତୁ ଏହା ବାସ୍ତବତାର ଏକ ନିର୍ଭୁଲ ଚିତ୍ର । ଜଗନ୍ନାଥ ଏ ପୃଥିବୀରେ ବିକାଶଶୀଳ ପୂର୍ଣ୍ଣତାର ପ୍ରତୀକ; ସେ ମଧ୍ୟ ମଣିଷ ଭିତରେ ଚାଲୁଥିବା ସେହି ବିକାଶ ପ୍ରକ୍ରିୟାର ପ୍ରତୀକ । ସେ ଭଗବାନ୍, କିନ୍ତୁ ମଣିଷ ସହ ଏକୀଭୂତ । ସେ ଜ୍ୱରରେ ପୀଡ଼ିତ ହୁଅନ୍ତି; ତାଙ୍କ ଚିକିତ୍ସାର ପ୍ରୟୋଜନ ହୁଏ; ସେ କଳେବର ତ୍ୟାଗ କରନ୍ତି; ଜ୍ଞାତି କୁଟୁମ୍ବବର୍ଗ (ବିଦ୍ୟାପତି-ଲଳିତାଙ୍କ ବଂଶଧରଗଣ ମୁଖ୍ୟତଃ) କ୍ରନ୍ଦନ କରନ୍ତି; ତାଙ୍କର ହୁଏ ନବକଳେବର ବା ପୁନର୍ଜନ୍ମ । ସେ ମଣିଷର ଅପୂର୍ଣ୍ଣତାର ପ୍ରତୀକ; ସେ ପୁଣି ମଣିଷର ଭବିଷ୍ୟତ୍ ପୂର୍ଣ୍ଣତାର ପ୍ରତିଶ୍ରୁତି ।

ତାତ୍ପର୍ଯ୍ୟପୂର୍ଣ୍ଣ ବିଷୟ ହେଲା, ସେ ନିଦ୍ରାଯିବା ପୂର୍ବରୁ ଶ୍ରବଣ କରନ୍ତି ଗୀତଗୋବିନ୍ଦ । ଏ ରଚନାର ଆରମ୍ଭ ଦଶାବତାର ଦେଇ । କିଂବଦନ୍ତି ମାତ୍ରେ ଅତୀତରେ ସମାପ୍ତ ଏକ ଘଟଣା । ସାରା ପୃଥିବୀରେ ଦଶାବତାରହିଁ ଏକମାତ୍ର କିଂବଦନ୍ତି ଯାହା ଭବିଷ୍ୟତରେ ସମାପ୍ତ ! ଅବତାର ଅର୍ଥ ମହାସୃଜନୀ ଓ ବିବର୍ତ୍ତନୀ ଶକ୍ତିର ଏକ ଏକ ମାତ୍ରାର ଅବତରଣ : ଜଳରେ ପ୍ରାଣଶକ୍ତିର ପ୍ରଥମ ଅବତରଣ – ପ୍ରତୀକ ଯା'ର ମତ୍ସ୍ୟାବତାର; ଜଳ ଓ ସ୍ଥଳ ଭିତରେ ସେ ଶକ୍ତିର ବିଚରଣ, କୂର୍ମାବତାର; ଜୀବନୀ-ଶକ୍ତିର ଏକ ବଳିଷ୍ଠ ରୂପାୟନ ବରାହ ଅବତାର; ପ୍ରାକ୍-ମାନବିକ ପ୍ରାଣୀରୁ ମାନବ ସ୍ତରକୁ ଉତ୍ତୀର୍ଣ୍ଣ ହେବାର ସମ୍ଭାବନା ନୃସିଂହ ଅବତାର; ମାନବର ଆଦିମ ବିକାଶ ବାମନ ଅବତାର, ପୂର୍ଣ୍ଣାଙ୍ଗ ବିକାଶ ପରଶୁରାମ – ତେଜୋଦ୍ଦୀପ୍ତ ପୁଣି ପରିପାର୍ଶ୍ୱ ଉପରେ ଆଧିପତ୍ୟ ବିସ୍ତାରର ପ୍ରତୀକରୂପୀ କୁଠାର ଶୋଭିତ – ସେ ପ୍ରଚଣ୍ଡ ପରାକ୍ରମକୁ ନୈତିକ ଜ୍ଞାନ ଦ୍ୱାରା ନିୟନ୍ତ୍ରିତ କରିବାର ଶକ୍ତିଧାରୀ ଅବତାର ଶ୍ରୀରାମଚନ୍ଦ୍ର, ଆଧ୍ୟାତ୍ମିକ ପ୍ରଜ୍ଞାର ସର୍ବୋତ୍ତମ ପରିପ୍ରକାଶ ଶ୍ରୀକୃଷ୍ଣ; ଅଦ୍ୟାବଧି ଧାରାବାହିକ ବିବର୍ତ୍ତନ ଧାରାରୁ ଖସିଯିବା ନିମନ୍ତେ ଅଧୀର ବ୍ୟକ୍ତିମାନଙ୍କୁ ନିର୍ବାଣର ପଥ ପ୍ରଦର୍ଶକ ବୁଦ୍ଧ – ଏମାନେ ସଭିଏଁ ଅତୀତ । କିନ୍ତୁ ନିର୍ବାଣହିଁ ସୃଷ୍ଟିର ଏକମାତ୍ର ଆଭିମୁଖ୍ୟ ହୋଇପାରେନା; ବସ୍ତୁତଃ ତାହା ଏକ ପଳାୟନ । ସୃଷ୍ଟିର ଆଭିମୁଖ୍ୟ ହେଲା ଅଜ୍ଞାନ, ଅବିଦ୍ୟା, ମୃତ୍ୟୁ ବିବର୍ଜିତ ଏକ ପର୍ଯ୍ୟାୟ । ଏହିସବୁ ନେତିବାଚକ ଗୁଣର ସମଷ୍ଟି ମ୍ଲେଚ୍ଛତ୍ୱ । ପରବର୍ତ୍ତୀ ଅବତାର ମ୍ଲେଚ୍ଛସଂହାର କରିବେ । ସେ କଳ୍କୀ । କିନ୍ତୁ ମ୍ଲେଚ୍ଛସଂହାର ପ୍ରକ୍ରିୟାରୁ ପ୍ରାୟ କେହି ବର୍ତ୍ତିବେ ନାହିଁ । ଅତଏବ ମ୍ଲେଚ୍ଛ ସଂହାର ନୁହେଁ, ମ୍ଲେଚ୍ଛତ୍ୱର ଅନ୍ତ । ଶ୍ରୀଅରବିନ୍ଦଙ୍କ ଭାଷାରେ ରୂପାନ୍ତର । ତାହାହିଁ ମାନବତାର ଭବିଷ୍ୟତ୍ ।

ଆଜିର ଅଜ୍ଞାନ-ଅଧ୍ୟୁଷିତ ଅପୂର୍ଣ୍ଣ ମଣିଷ ଦିନେ ପରିପୂର୍ଣ୍ଣତା ଲାଭ କରିବ; ମାନସୋତ୍ତର ଏକ ଦିବ୍ୟମାନବରେ ପରିଣତ ହେବ । ଭବିଷ୍ୟଦ୍‌ବାଦୀ 'ଦଶାବତାର' ପ୍ରତି ନିଜର ଅନୁରକ୍ତି ପ୍ରକାଶ କରି ଶ୍ରୀଜଗନ୍ନାଥ ସତେ ଅବା ଆମକୁ ସେହି ଅନାଗତ ଦିନ ଉପରେ ଆସ୍ଥା ରଖିବାକୁ ଇଙ୍ଗିତ ଦେଉଛନ୍ତି; ଯେଉଁ ଆସ୍ଥାର ଅଭାବ ଯୋଗୁଁ ତାଙ୍କ କଳେବର ଅସମ୍ପୂର୍ଣ୍ଣ, ସେହି ଆସ୍ଥାରେ ସମୃଦ୍ଧି ହେଲେ ମଣିଷ ଦିନେ ପୂର୍ଣ୍ଣତାର ଦ୍ୱାରଦେଶରେ ହେବ ଉପନୀତ ।

ଶ୍ରୀଜଗନ୍ନାଥ ସମସ୍ତ ଆନୁଷ୍ଠାନିକ ଧର୍ମର ଊର୍ଦ୍ଧ୍ୱରେ । ଯେକୌଣସି ଭକ୍ତ – ସେ ଯେଉଁ ମତବାଦର ଆଶ୍ରୟ ନେଇଥାଉନା କାହିଁକି, ତାଙ୍କ ସହ ସ୍ଥାପନ କରିପାରିବ ନିଜସ୍ୱ ଅନନ୍ୟ ସମ୍ପର୍କ ।

ଏକଦା ଓଡ଼ିଶାର ଆଧ୍ୟାତ୍ମିକ ବାତାବରଣରେ ଏହି ସତ୍ୟର ବିଶେଷ ଭୂମିକା ଥିଲା ବୋଲି ମନେହୁଏ । ସତ୍ୟଟିର ଏକ କାହାଣୀ ରୂପ ସାରଳା ମହାଭାରତ ପରିବେଷଣ କରିଛି । ଅବିକଳ ନହେଲେ ବି ବିଷୟସାରଟି ଏହିପରି :

ମହାଭାରତ ସମର ଅନ୍ତେ ଶ୍ରୀକୃଷ୍ଣ ଦ୍ୱାରକାରେ ଯାପନ କରୁଛନ୍ତି ଶାନ୍ତ ସ୍ୱାଭାବିକ ଜୀବନ । ଦିନେ ତାଙ୍କ ରାଜସଭା ଭିତରକୁ ପଶି ଆସିଲା ବାଳକଟିଏ । ଅଭିଯୋଗ ତା'ର –

ତା'ସହ ଖେଳୁଥିବା ଅନ୍ୟ ଏକ ବାଳକ ତାକୁ ମାରିଛି ପ୍ରଚଣ୍ଡ ଚାପୁଡ଼ା ।

ଶ୍ରୀକୃଷ୍ଣ ଦେଖିଲେ ବାଳକର ଚିବୁକରେ ତା'ର ଦାଗ । ସତେ ଅବା ସେ ପ୍ରବଳ ଉତ୍ତେଜିତ ! ସିଂହାସନରୁ ଉଠି ପଡ଼ିଲେ । ''କାହିଁ ଗଲା ସେ ଦୁଷ୍ଟ ?'' ଏ ପ୍ରଶ୍ନକରି ସେ ରାଜପଥକୁ ନିଷ୍କ୍ରାନ୍ତ ହେଲେ । ସଭାସଦ୍‌ବର୍ଗ ତଟସ୍ଥ । ଯେଉଁ ଶ୍ରୀକୃଷ୍ଣ ଯୁଦ୍ଧକ୍ଷେତ୍ରରେ ମଧ୍ୟ ଧୀର ସ୍ଥିର, ସାମାନ୍ୟ ପିଲାଖେଳରେ ଗୋଟିଏ ବାଳକର ବିଚ୍ୟୁତି ତାଙ୍କୁ କ୍ରୁଦ୍ଧ କରିବା ପୁଣି ସମ୍ଭବ ହେଲା !

ଶ୍ରୀକୃଷ୍ଣ ରାଜପଥରେ ସେ ଦୁଷ୍ଟ ପିଲାର ଅଭିଭାବକର ସନ୍ଧାନରେ ବହିର୍ଭୂତ । ନିର୍ବାକ ସଭାସଦ୍‌ମାନେ ତାଙ୍କୁ ଅନୁସରଣ କରୁଛନ୍ତି । କେହି ଜଣେ ଯାଇ, ସହର ଉପାନ୍ତରେ, ଶିବ ମନ୍ଦିର ନିକଟରେ ଥିବା କୁଟୀରରେ ପିଲାଟିର ପିତାମହକୁ ଖବର ଦେଇ ଦେଲାଣି : ହାୟ ବୃଦ୍ଧ ! ତୋର ସବୁ ସରିଲା । ରାଜା ସ୍ୱୟଂ ଆସୁଛନ୍ତି — ତୋତେ ଦେବେ ଦଣ୍ଡ; ପ୍ରାଣଦଣ୍ଡ ନହେଲେ ହେଲା ।

ବୃଦ୍ଧଟି ଥରିଥରି କୁଟୀରରୁ ବାହାରି ଆସି କରଯୋଡ଼ି ଅପେକ୍ଷା କରୁଥାଏ । ଶ୍ରୀକୃଷ୍ଣ ଆସି ପହଞ୍ଚିଲେ । ସବୁ ନିସ୍ତବ୍ଧ । ବୃଦ୍ଧର ବଦନ ଉପରେ ଦୃଷ୍ଟି ନିବଦ୍ଧ କରି ଶ୍ରୀକୃଷ୍ଣ ଗମ୍ଭୀର କଣ୍ଠରେ ଶୁଣାଇଲେ ତାଙ୍କ ନିର୍ଦ୍ଦେଶ : ''ଦେଖ ବାବୁ ଦେଖ — ତୁମ ନାତି ଏ ପିଲାଟିର କ'ଣ କରିଛି । ଦେଖ !''

ବାସ୍ । ତା'ପରେ ସେ ଫେରିପଡ଼ିଲେ । ଚୁପ୍‌ଚାପ୍ ଚାଲି ଆସିଲେ ସଭାକକ୍ଷକୁ ।

ସଭାସଦ୍‌ବର୍ଗ ଆଚମ୍ବିତ । ଏତିକି କହିବା ସକାଶେ ସ୍ୱୟଂ ରାଜା ବରଣ କଲେ ଏ କ୍ଳେଶ ? ପ୍ରହେଳିକା !

ସଭିଙ୍କ ପାଇଁ ପ୍ରହେଳିକା ନିଶ୍ଚୟ — କେବଳ ଶ୍ରୀକୃଷ୍ଣ ଏବଂ ସେ ବୃଦ୍ଧକୁ ବାଦ୍ ଦେଲେ । ବୃଦ୍ଧ ଏକାନ୍ତ କୃଷ୍ଣଭକ୍ତ । ଦୂର ଗାଁରୁ ଆସି ଦ୍ୱାରକା ଉପାନ୍ତରେ ରହିଛି — କେବେକେବେ ଶ୍ରୀକୃଷ୍ଣଙ୍କ ରଥର ଧ୍ୱନି — ଭାଗ୍ୟରେ ଥିଲେ ଶ୍ରୀକୃଷ୍ଣ କେବେ ଶିବ ମନ୍ଦିରକୁ ଆସିଲେ ତାଙ୍କ କଣ୍ଠଧ୍ୱନି — ଶୁଣିପାରିବା ଆଶାରେ । ତାଙ୍କୁ ସେ ଦେଖି ପାରିବାର ସମ୍ଭାବନା ନଥିଲା; କାରଣ ସେ ଅନ୍ଧ ।

ଯେଉଁ ମୁହୂର୍ତ୍ତରେ ଶ୍ରୀକୃଷ୍ଣ କହିଲେ, ''ଦେଖ ବାବୁ ଦେଖ !'' ସେହି ମୁହୂର୍ତ୍ତରେ ସେ ପାଇଗଲା ଦୃଷ୍ଟି ଶକ୍ତି; ଦିବ୍ୟ-ଦୃଷ୍ଟି ଶକ୍ତି ମଧ୍ୟ ।

କିନ୍ତୁ ଭକ୍ତ ଏବଂ ଭଗବାନ୍ ଭିତରେ ସେ ଆଦାନପ୍ରଦାନ ବିଷୟ ଜାଣିଲେ ନାହିଁ ଆଉ କେହି । ତା'ର ପ୍ରୟୋଜନ ନଥିଲା । ସେ ସମ୍ପର୍କ ଏକାନ୍ତ ବ୍ୟକ୍ତିଗତ ।

ଏହା ଆଧ୍ୟାତ୍ମିକତାର ଏକ ମହତ୍ ସତ୍ୟ । ଆଚାର ଅନୁଷ୍ଠାନ, ଆନୁଷ୍ଠାନିକ ଧର୍ମାଚରଣ, ଏସବୁ ସ୍ଥୂଳ ଶୃଙ୍ଖଳାଠାରୁ ବହୁ ପୃଥକ୍ ଆମ ଆନ୍ତରଜୀବନର ଗତି ଓ ପ୍ରଗତି — ଦିବ୍ୟ ଶକ୍ତି ସହ ଆମ ସମ୍ପର୍କ ।

ଆମେ ପୂର୍ବରୁ ଦେଖିଛୁ, ଏହିଭଳି ବ୍ୟକ୍ତିଗତ ସମ୍ପର୍କର କିଂବଦନ୍ତିରେ କେଡ଼େ ସମୃଦ୍ଧ ଶ୍ରୀଜଗନ୍ନାଥ ପରମ୍ପରା ।

ଶ୍ରୀଅରବିନ୍ଦଙ୍କର ରାଜନୈତିକ ଜୀବନର ଏକ ବିରଳ ବଙ୍ଗଳା ନିବନ୍ଧର ନାମ ''ଜଗନ୍ନାଥେର ରଥ୍'' । ତାହାର ଶେଷ ଅଂଶଟି ଉଦ୍ଧୃତ କରୁଛି :

''ଯେଉଁଦିନ ଜ୍ଞାନ, କର୍ମ ଓ ଭାବର ସାମଞ୍ଜସ୍ୟ ଓ ଏକୀକରଣ ଯୋଗେ ଆତ୍ମଗତ ଐକ୍ୟ ଦେଖାଦେବ, ସମଷ୍ଟିଗତ ବିରାଟ ପୁରୁଷଙ୍କ ଇଚ୍ଛାଶକ୍ତିର ପ୍ରେରଣାରେ ସେଦିନ ଜଗନ୍ନାଥଙ୍କ ରଥ ଜଗତର ପଥରେ ବାହାରି ଦଶଦିଗ ଆଲୋକିତ କରିବ । ସତ୍ୟଯୁଗ ଅବତରି ଆସିବ ପୃଥିବୀବକ୍ଷରେ, ମର୍ତ୍ତ୍ୟମାନବର ପୃଥିବୀ ହେବ ଦେବତାଙ୍କ ଲୀଳାର ଶିବିର, ଭଗବାନଙ୍କ ମନ୍ଦିର ନଗରୀ, ଆନନ୍ଦପୁରୀ ।'' ✤

ତୁମର ଚେତନା ଯେତିକି ଅଧିକ ବ୍ୟାପକ ଓ ବିସ୍ତୃତ ହେବ, ଊର୍ଦ୍ଧ୍ୱରୁ ଗ୍ରହଣ କରିବା ପାଇଁ ତୁମେ ସେତିକି ଅଧିକ ସକ୍ଷମ ହେବ ।

— ଶ୍ରୀଅରବିନ୍ଦ

# ଶରୀରର ଜୀବକୋଷରେ ଯୋଗ

## ମମତା ଦାଶ

ଏହି ବିଶ୍ୱର ବିବର୍ତ୍ତନକୁ ଆଗେଇ ନେଇ ଏଠାରେ ମାନବୋତ୍ତର ଏକ ନୂତନ ପ୍ରଜାତିକୁ ପ୍ରତିଷ୍ଠିତ କରିବା ନିମିତ୍ତ ଶ୍ରୀଅରବିନ୍ଦ ଓ ଶ୍ରୀମା 'ପୂର୍ଣ୍ଣଯୋଗ'ର ପ୍ରବର୍ତ୍ତନ କରିଥିଲେ । ସେମାନେ କହିଥିଲେ ଯେ ମାନସ-ଚେତନା ଯେପରି ମନୁଷ୍ୟକୁ ଏହି ସୃଷ୍ଟିରେ ଅଭିବ୍ୟକ୍ତ କରିଛି ସେହିପରି ଏହି ନୂତନ ପ୍ରଜାତିର ଚେତନା ହେବ 'ଅତିମାନସ ଚେତନା' । ଏହା ମାନବ-ଚେତନାର ଅଭିବୃଦ୍ଧି ଭାବରେ ପ୍ରକାଶିତ ହେବ ନାହିଁ, ଏହା ହେବ ମାନବ ଚେତନାଠାରୁ, ମନର ଶକ୍ତିଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଶ୍ରୀମା ଓ ଶ୍ରୀଅରବିନ୍ଦ ଏକନିଷ୍ଠଭାବେ ଯୋଗସାଧନା କରି ଏହି ଶକ୍ତିକୁ ପୃଥିବୀପୃଷ୍ଠରେ କ୍ରିୟାଶୀଳ କରାଇବାର ଦୀର୍ଘ ସମୟ ବିତିଗଲାଣି । କିନ୍ତୁ ଏପର୍ଯ୍ୟନ୍ତ ନୂତନ ପ୍ରଜାତି ସଶରୀରେ ପୃଥିବୀରେ ଆବିର୍ଭୂତ ହୋଇ ନାହିଁ ବୋଲି ବୁଝିବାକୁ ହେବ ।

ପୂର୍ଣ୍ଣଯୋଗ ସାଧନା କରିବା ଦ୍ୱାରା ମଣିଷ ସଚେତନ ଭାବରେ ପ୍ରକୃତିର ଏହି ବିବର୍ତ୍ତନ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବ ବୋଲି ଶ୍ରୀମା ଓ ଶ୍ରୀଅରବିନ୍ଦ ଘୋଷଣା କରିଥିଲେ । ନଚେତ୍ ପ୍ରକୃତି ତା'ର ମନ୍ଥର ଗତିରେ ଦିନେ ମନୁଷ୍ୟକୁ ଅତିକ୍ରମ କରି ଏହି ପ୍ରଜାତିକୁ ସୃଷ୍ଟି କରିପାରେ । ଏହି ମହାନ୍ କର୍ମରେ ସାମିଲ୍ ହେବା ପାଇଁ, ମନୁଷ୍ୟ ଚେତନାର ଆମୂଳଚୂଳ ରୂପାନ୍ତର ଆବଶ୍ୟକ । ତା'ର ମନ, ପ୍ରାଣ ଓ ଶରୀରର ପୂର୍ଣ୍ଣ ରୂପାନ୍ତର ଦ୍ୱାରା ଏହି କର୍ମ ସମ୍ପାଦିତ ହେବ । ଶରୀରର ରୂପାନ୍ତରହିଁ ଏହି ଯୋଗର ଶେଷ ପର୍ଯ୍ୟାୟ ଓ ସିଦ୍ଧି ।

ମନ ଓ ପ୍ରାଣର ରୂପାନ୍ତର ସମ୍ବନ୍ଧରେ ଶ୍ରୀମା' ଓ ଶ୍ରୀଅରବିନ୍ଦ ବହୁଳ ଓ ବିଶଦ ଭାବରେ ବୁଝାଇଛନ୍ତି । କିନ୍ତୁ ଶ୍ରୀଅରବିନ୍ଦଙ୍କର ମହାପ୍ରୟାଣ ପରେ ଶ୍ରୀମା ୧୯୫୦ ମସିହାଠାରୁ ୧୯୭୩ ମସିହା ପର୍ଯ୍ୟନ୍ତ ନିଜ ଶରୀରର ଜୀବକୋଷମାନଙ୍କ ମଧ୍ୟରେ ଏହି ପ୍ରଗାଢ଼ ସାଧନା ଆରମ୍ଭ କରିଥିଲେ । ଏହି ସାଧନା ଏତେ ଦୁରୂହ ଯେ ଯଦି ମା' ଏହାକୁ ଆମମାନଙ୍କ ନିମିତ୍ତ କରି-ନଥା'ନ୍ତେ, ତେବେ ଆମେମାନେ ଏଥିରେ ପ୍ରଥମ ପଦକ୍ଷେପ ପକାଇ ପାରିବାର ଦୁଃସାହସ କରିପାରନ୍ତୁ ନାହିଁ ।

ଶରୀରକୁ ରୂପାନ୍ତର କରିବା ପାଇଁ ଆମକୁ ପ୍ରଥମେ ଏହି ଶରୀର ସମ୍ବନ୍ଧରେ ସଚେତନ ହେବାକୁ ହେବ ଏବଂ ଏହା ଭିତରେ ବାସ କରିବାକୁ ହେବ । ଅତୀତର ଯୋଗପନ୍ଥାରେ ଏହି ଶରୀର ପ୍ରତି ବୀତସ୍ପୃହ ହେବା, ଏହାକୁ ତ୍ୟାଗ କରିଯିବା ଦ୍ୱାରାହିଁ ଈଶ୍ୱରପ୍ରାପ୍ତି, ମୋକ୍ଷପ୍ରାପ୍ତି ବା ନିର୍ବାଣପ୍ରାପ୍ତି ସମ୍ଭବପର ହେବ ବୋଲି ସିଦ୍ଧାନ୍ତ ଦିଆଯାଇଥିଲା । ଆମ ରୂପାନ୍ତର ଯୋଗର ଲକ୍ଷ୍ୟ କିନ୍ତୁ ଭିନ୍ନ । ଶ୍ରୀମା କହିଛନ୍ତି – "... ...to have the body experience you must live in your body ! It is why the ancient sages or saints didn't know what to do with the body, because they went out of it and sat, and then the body is no more concerned." (March 30, 1966)

ଅର୍ଥାତ୍, ''ଶାରୀରିକ ଅଭିଜ୍ଞତା ଲାଭ କରିବାକୁ ହେଲେ ତୁମକୁ ତୁମର ଶରୀର ମଧ୍ୟରେ ବାସ କରିବାକୁ ହେବ । ସେଥିପାଇଁ ପ୍ରାଚୀନ କାଳରେ ସାଧୁ, ସନ୍ଥମାନେ ଏହି ଶରୀରକୁ ନେଇ କ'ଣ କରିବେ ଜାଣି ନଥିଲେ : ସେମାନେ ଏଥିରୁ ବାହାରି ଯାଇ ଧ୍ୟାନରେ ବସି ଯାଉଥିଲେ ଏବଂ ଶରୀର ଏସବୁଥିରୁ ଅଲଗା ହୋଇଯାଉଥିଲା ।''

ଆମେମାନେ ତେବେ କ'ଣ ଆମ ଶରୀର ଭିତରେ ବାସ କରୁ ନାହୁଁ ? ମା' କହିଛନ୍ତି ଆମେ ଆମର ମନ ଓ ପ୍ରାଣରେ ରହି ଶରୀରକୁ ବ୍ୟବହାର କରୁ । ଆମେ 'ଶରୀର ଚେତନା' ସମ୍ବନ୍ଧରେ, ଏହି ସ୍ଥୂଳଦେହ ସମ୍ବନ୍ଧରେ ବିଶେଷ କିଛି କଥା ଜାଣୁ ନାହିଁ । ଆମେ ଭାବୁ ଯେ ମୃତ୍ୟୁପରେ ଏହି ଦେହ ନଷ୍ଟ ହୋଇଯାଏ । କିନ୍ତୁ ମା' କହିଛନ୍ତି : "The body is really a wonderful instrument; it's capable of widening and of becoming vast. ..." (January 28, 1960)

ଅର୍ଥାତ୍, ''ଶରୀର ଗୋଟିଏ ଚମତ୍କାର ଯନ୍ତ୍ର, ବିଶାଳ ଓ ବିସ୍ତୃତ ହୋଇଯିବାର କ୍ଷମତା ଏହାର ରହିଛି ।...''

ଶରୀର ମଧ୍ୟରେ ବାସ କରିବାର ଅର୍ଥ ନୁହେଁ ଯେ କୌଣସି ଯୌଗିକ କୌଶଳ ଅବଲମ୍ବନ କରି ଏଥିରେ ପୂର୍ଣ୍ଣତା ଆଣିବା, ଯେପରି ହଠଯୋଗ ଦ୍ୱାରା ଅନେକ ସିଦ୍ଧି ଆସିଥାଏ । କିନ୍ତୁ ଏହା ସହିତ ରୂପାନ୍ତରର କୌଣସି ସମ୍ବନ୍ଧ ନାହିଁ । ଶ୍ରୀମା କହିଛନ୍ତି ଏଥିପାଇଁ ଆମକୁ ଆମର ସମସ୍ତ ପୁରାତନ ଅଭ୍ୟାସ,

ନିୟମ, ବିଶ୍ୱାସକୁ ଭୁଲିଯିବାକୁ ହେବ । ଆମେ ଜାଣିଥିବା ସମସ୍ତ କାର୍ଯ୍ୟକାରଣ ସମ୍ବନ୍ଧକୁ ଅସ୍ୱୀକାର କରିବାକୁ ହେବ । ଆମକୁ ବିଶ୍ୱାସ କରିବାକୁ ହେବ ଯେ ଏକ ବିଶୁଦ୍ଧ ଜୀବକୋଷ ଭିତରେହିଁ ପରମାଚେତନା ଅନ୍ତର୍ନିହିତ ହୋଇ ରହିଛନ୍ତି ତାଙ୍କର ସମସ୍ତ ଶକ୍ତି ଓ ଗୁଣାବଳୀ ସହିତ । ଏହି ବିଶୁଦ୍ଧ ଜୀବକୋଷକୁ ଘେରି ରହିଥିବା ଆବରଣସବୁକୁ ପରିଷ୍କାର କରିବାପରେହିଁ ଆମେ ଅତିମାନସ ଚେତନାକୁ ସ୍ଥୂଳଭାବରେ ଅଭିବ୍ୟକ୍ତ କରିବାର ସୂତ୍ର ଖୋଜିପାଇବା ।

ଶରୀର-ଚେତନାକୁ ବିଶୁଦ୍ଧ ଭାବରେ ଅନୁଭବ କରିବାକୁ ହେଲେ ଆମକୁ ମନ ଓ ପ୍ରାଣର ସମସ୍ତ ପ୍ରତିକ୍ରିୟାକୁ ରୁଦ୍ଧ କରିବାକୁ ହେବ । ଏହି ଭୌତିକ ଜୀବନକୁ ଆମେ ଯେଉଁ ଭାବରେ ଦେଖିଆସିଛୁ ସେଥିରୁ ମୁକ୍ତ ହେବାକୁ ହେବ ।

ଏହି ବିଶ୍ୱର ସମସ୍ତ ଜୀବନ୍ତସତ୍ତା – ଉଦ୍ଭିଦ ଜଗତ୍, ପଶୁପକ୍ଷୀ, କୀଟପତଙ୍ଗ, ଜଳଚର ଜୀବ ଓ ସରୀସୃପମାନେ ଅସଂଖ୍ୟ ଜୀବକୋଷଙ୍କ ଦ୍ୱାରା ଗଠିତ । ଗୋଟିଏ ଜୀବକୋଷ ଦ୍ୱାରା ଗଠିତ ଥିବା ପ୍ରାଣୀ ମଧ୍ୟ ରହିଛନ୍ତି । ୧୬୬୫ ମସିହାରେ ପ୍ରଥମେ ରବର୍ଟ ହୁକ୍ ନାମରେ ଜଣେ ବୈଜ୍ଞାନିକ ଜୀବକୋଷକୁ ଆବିଷ୍କାର କରିଥିଲେ । ପରେ ପରେ ଅନେକ ପ୍ରାଣୀ ବୈଜ୍ଞାନିକ ଜୀବକୋଷ-ମାନଙ୍କ ଉପରେ ଗବେଷଣାମୂଳକ ତଥ୍ୟ ହାସଲ କରିଥିଲେ ।

ଶ୍ରୀମା ଏହି ଜୀବକୋଷର ପ୍ରାଣୀ ବୈଜ୍ଞାନିକ ତଥ୍ୟଠାରୁ ଭିନ୍ନ ଏକ ଜ୍ଞାନଲାଭ କରିଥିଲେ ତାଙ୍କର ଯୋଗସାଧନା ମାଧ୍ୟମରେ । ସେ କହିଥିଲେ ଯେ ବୈଜ୍ଞାନିକ ତଥ୍ୟ ଅନୁସାରେ ଜୀବକୋଷ ଭିତରେ ପରିବର୍ତ୍ତନ ବା mutation ହେଲେହିଁ ଆଗାମୀ ପ୍ରଜାତି ସୃଷ୍ଟି ହୋଇପାରିବ । କିନ୍ତୁ ଏହା ସମ୍ଭବ ହେବ ବିଶୁଦ୍ଧ ଜୀବକୋଷଗତ ଚେତନାରେ ପହଞ୍ଚିବା ଦ୍ୱାରା । ମା' ପ୍ରତ୍ୟକ୍ଷ କରିଥିଲେ ଯେ ଆମର ବିଶୁଦ୍ଧ ଜୀବକୋଷ ଉପରେ ଆହୁରି ଚାରିଗୋଟି ଆବରଣ ରହିଛି । (୧) ବୌଦ୍ଧିକ ମାନସର ସ୍ତର (୨) ଆବେଗଗତ ମାନସର ସ୍ତର (୩) ଇନ୍ଦ୍ରିୟଗତ ମାନସ ସ୍ତର (୪) ଭୌତିକ ମାନସର ସ୍ତର । ଏହି ଚାରୋଟି ଆବରଣ ପରେ ରହିଛି ଜୀବକୋଷଗତ ମାନସ (Cellular mind) । ଏହିସବୁ ସ୍ତର ମାନସ ଚେତନା ବା ମାନସ ଶକ୍ତି ଦ୍ୱାରା ଗଠିତ ହୋଇଛି ।

୧. ବୌଦ୍ଧିକ ମାନସର ସ୍ତର – ଆମେମାନେ ମୁଖ୍ୟତଃ ଏହି ସ୍ତରରେହିଁ ବାସକରୁ । ଆମର ସମସ୍ତ ଚିନ୍ତା, ଧାରଣା, ଦର୍ଶନ, ଧର୍ମ ଏବଂ ଅନ୍ୟାସବୁ କିଛି ତଥ୍ୟ, ତତ୍ତ୍ୱ, ବିଶ୍ୱାସ ଏହି ସ୍ତରରେହିଁ ରହିଥାଏ । ଶରୀର ସହିତ ଏସବୁର କିଛି ସମ୍ପର୍କ ନଥାଏ । ତେଣୁ ଜୀବକୋଷର ଚେତନାକୁ ଖୋଜି ପାଇବା ପୂର୍ବରୁ ପ୍ରଥମେ ଏହି ସ୍ତରଟିକୁ ନୀରବ କରିବାକୁ ହେବ । ମନକୁ ସମ୍ପୂର୍ଣ୍ଣ ଭାବରେ ନୀରବ କରିବାକୁ ଶିଖିଗଲେ, ଏହି ସ୍ତରଟିରୁ ଆବରଣଟି ଖସି ପଡ଼ିବ ।

୨. ଆବେଗଗତ ମନର ସ୍ତର – ଏହା ଏକ ଅଠାଳିଆ ଆବରଣ । ଯେତେ ମହାନ୍, ଯେତେ ସୁନ୍ଦର, ଯେତେ କରୁଣ ଓ ଯନ୍ତ୍ରଣାଦାୟକ ଆବେଗ ହୋଇଥିଲେ ବି ଜୀବକୋଷ ସହିତ ଏସବୁର କିଛି ସମ୍ପର୍କ ନଥାଏ । ଏହି ଆବେଗଗୁଡ଼ିକୁ ନୀରବ କରିବା ଖୁବ୍ କଷ୍ଟକର ବ୍ୟାପାର । କିନ୍ତୁ ଏହାକୁ କିଭଳି ଭାବରେ ନୀରବ କରିବାକୁ ହେବ ସେସମ୍ବନ୍ଧରେ ଶ୍ରୀମା ବିଶଦ ଆଲୋଚନା କରିଛନ୍ତି । ଆମର କୌଣସି ଆବେଗକୁ ଆଉ ବିଶ୍ୱାସ କରିବାକୁ ହେବ ନାହିଁ । ସେସବୁଠାରୁ ନିଜକୁ ଦୂରେଇ ନେବାକୁ ହେବ ।

୩. ଇନ୍ଦ୍ରିୟଗତ ମାନସର ସ୍ତର – ଏହା ଆମର ପ୍ରତିକ୍ରିୟାଗୁଡ଼ିକୁ ଧରିରଖିଥାଏ । ଆମକୁ ଜୀବନର ସମସ୍ତ ପ୍ରତିକ୍ରିୟାଗୁଡ଼ିକୁ ଅଗ୍ରାହ୍ୟ କରିବାକୁ ହେବ । ସମସ୍ତ ଭୟ, ଯନ୍ତ୍ରଣାବୋଧ, ଆମୋଦ, ଖୁସି, ସୁଖ, ଖିଆଲ, କ୍ଳାନ୍ତି, ଆଳସ୍ୟ, ପସନ୍ଦ, ଅପସନ୍ଦ, ଆକର୍ଷଣ-ବିକର୍ଷଣ, ଆସକ୍ତି-ଅନାସକ୍ତି ସବୁକିଛି ଏହିଠାରେ ଘୂରି ବୁଲୁଥା'ନ୍ତି । ଏସବୁ ଶରୀରର ବିଶୁଦ୍ଧ ଜୀବକୋଷ ଉପରେ ଲାଖିରହି ଶରୀର ଚେତନାକୁ ଆବୃତ କରିଥା'ନ୍ତି । ଏହାକୁ ପରିଷ୍କାର କରିବାକୁ ହେଲେ ଆମକୁ ପ୍ରତିକ୍ରିୟାବିହୀନ ହେବାକୁ ହେବ । ଅର୍ଥାତ୍ ଯାହାକିଛି ଆସୁଛି ସେସବୁକୁ ପୂର୍ଣ୍ଣ ନିରପେକ୍ଷତା ସହିତ ତଥା ସମତାର ଭାବ ସହିତ ସାମନା କରିବାକୁ ହେବ । ଆମେ ଯଦି କୌଣସି ଘଟଣା, ମନୁଷ୍ୟ, ବସ୍ତୁ, ପରିବେଶକୁ ଅସ୍ୱୀକାର କରିବାକୁ ଚାହିଁବା, ତେବେ ଏହି ସ୍ତର ପୁଣି ତିଆରି ହୋଇଯିବ । ତେଣୁ ଏହା ଏକପ୍ରକାର ଯୁଦ୍ଧକ୍ଷେତ୍ର ପରି । ପ୍ରତି ମୁହୂର୍ତ୍ତରେ ଆମକୁ ସତର୍କ ରହିବାକୁ ହେବ । ଆମକୁ ବୁଝିବାକୁ ହେବ ଯେ ଯାହାକିଛି ଆଘାତ, ଯନ୍ତ୍ରଣା ଆମ ନିକଟକୁ ଆସୁଛି, ସବୁକିଛିକୁ ଗ୍ରହଣ କରିବା ଦ୍ୱାରାହିଁ ଆମର ଅଭିବୃଦ୍ଧି ଘଟିବ । ଏହି ସ୍ତରଟିକୁ କିଛିଟା ପରିଷ୍କାର କରିବା ପରେ ଆମେ ଚତୁର୍ଥ ସ୍ତରରେ ପହଞ୍ଚିବା । ଏହାର ନାମ ହେଉଛି 'ଭୌତିକ ମାନସ' । ଏହି 'ଭୌତିକ ମାନସ'ର ସ୍ତରକୁ ଅତିକ୍ରମ କରିବା ସବୁଠାରୁ କଷ୍ଟକର । ଶ୍ରୀମା ଏହା ନିମିତ୍ତ ଦୀର୍ଘକାଳ ପ୍ରଚେଷ୍ଟା କରିଥିଲେ । ଏହି ସ୍ତରଟିହିଁ

ବିଶୁଦ୍ଧ ଗୋଟିଏ ଜୀବକୋଷର ଚେତନାକୁ ଆବୃତ କରି ମନୁଷ୍ୟର ଶରୀରକୁ ଗଠନ କରିଛି । ମଣିଷ ଜୀବନର ସଂଘର୍ଷ ଏହାପରଠାରୁହିଁ ଆରମ୍ଭ ହୋଇଛି । ମାନସିକ ଶକ୍ତି ଯାହାକି ବିଭାଜନର ଶକ୍ତି – ତାହା ଏହିଠାରୁହିଁ କାର୍ଯ୍ୟକାରୀ ହୋଇଛି । ତେଣୁ ଭୌତିକ ମାନସର ପରିଚୟ ଓ ତାହାକୁ ପରିଷ୍କାର କରିବାର ଦୀର୍ଘ ପ୍ରକ୍ରିୟା ସମ୍ବନ୍ଧରେ ଆଗାମୀ ସଂଖ୍ୟାରେ ଆଲୋଚନା କରିବା ।

(କ୍ରମଶଃ)

ଶିଷ୍ୟ : ଗତକାଲି ସଂଧ୍ୟା ପରେ ମୁଁ ଅନୁଭବ କରିଥିଲି ବସ୍ତୁସବୁକୁ ନେଇ ଭଗବତ୍ ବିଧାନରେ ଏକ ସ୍ୱାଗତଯୋଗ୍ୟ ବିପ୍ଳବ ସଂଘଟିତ ହୋଇଛି । ମୁଁ ଧ୍ୟାନରେ ଯୋଗ ଦେଇଥିଲି ଓ ଅନୁଭବ କରିଥିଲି ଯେ ସମୁଦାୟ ସ୍ଥାନଟି ଏକ ଶାନ୍ତି ଓ ନୀରବତାରେ ଭରିଯାଇଛି । ଏକ ଅସୀମ ବ୍ୟାପ୍ତିର ବିପୁଳତା ଭିତରେ ମୁଁ ଏକାକୀ ଧ୍ୟାନରେ ବସିଛିବୋଲି ମୋର ମନେହେଲା । ସମସ୍ତ ସାଧକ ଯେପରି ଏକ ହୋଇଯାଇଛନ୍ତି, ଏକ ଘନପୁଞ୍ଜରେ ପରିଣତ ହୋଇଛନ୍ତି ଓ ଏକତ୍ର ପୁଞ୍ଜୀଭୂତ ସେହି ଶରୀର ଉପରେ ଏକ ଜ୍ୟୋତିଃ ଆତଯାତ ହେଉଛି ବିଦ୍ୟୁତ୍ ଝଲକ ଖେଳାଇ । ସବୁକିଛି ନିସ୍ତବ୍ଧ, ନୀରବ, ଶାନ୍ତ ଓ ନିଶ୍ଚଳ ରହିଥିଲା । ଅବିଳମ୍ବେ ମୋ ଭିତରେ ଅସଂଖ୍ୟ ପଦ୍ମଫୁଲ ଦେଖିବାକୁ ପାଇଲି । ତା'ପରେ ଦେଖିଲି ଜଣେ ବିରାଟ ମହାପୁରୁଷ ଅବତରଣ କଲେ । ଆକାର ଅନୁପାତରେ ଯେପରି ହିମାଳୟ, ରୂପ ଥିଲା ଶ୍ରୀଅରବିନ୍ଦଙ୍କର । ଯେପରିକି ତାଙ୍କର ଗୁରୁଭାରକୁ ପୃଥିବୀ ସହିବା ପାଇଁ ଅସମର୍ଥ ଦେଖି ସେ ମା'ଙ୍କ ପଛରେ ଛିଡ଼ା ହେଲେ ଏବଂ ତାଙ୍କର ହସ୍ତଦ୍ୱୟକୁ ମା'ଙ୍କ କାନ୍ଧ ଉପରେ ରଖିଲେ । ସମଗ୍ର ପୃଥିବୀ ନୀରବତା ଓ ଆନନ୍ଦରେ ଆପ୍ଲୁତ ହୋଇଯାଇଥିଲା । ଏ ଦୃଶ୍ୟଟିକୁ ବର୍ଣ୍ଣନା କରିବା ମୋର ସାଧ୍ୟାତୀତ । ମୋ ଭିତରକୁ ଏକ ଅପରିମେୟ ଶକ୍ତି ଲହରୀ ପରେ ଲହରୀ ହୋଇ ପ୍ରବେଶ କଲା । ମୋର ଶ୍ୱାସ-ପ୍ରଶ୍ୱାସ ଦ୍ରୁତ ଓ ଛୋଟ ହୋଇ ଆସିଲା । ଧୀରେ ଧୀରେ ସବୁକିଛି ଉପରେ ଏକ ନୀରବତା ଆଚ୍ଛନ୍ନ ହୋଇଗଲା । ଏହା ମୋ ଭିତରେ ଏହି ଭାବନା ଆଣିଦେଲା ଯେ ମା' ଆମମାନଙ୍କୁ ଏକ ଯୋଗନିଦ୍ରା ଭିତରେ ଛାଡ଼ି ଦେଇ ଚାଲିଯାଇଥିବେ । ଏହା ପରେ ମୁଁ ଏକ ସତର୍କ ଚୋର ପରି ଚୁପ୍ ଚୁପ୍ ମୋର ଆଖି ଖୋଲିଲି ଓ ମୋ ଆଗରେ ଦେଖିଲି ହିମମୟ, ଶାନ୍ତ, ନିଶ୍ଚଳ, କଠିନ ମୂର୍ତ୍ତି ପରି ଏକ ଧବଳ ଆକୃତି, ମନେହେଲା ଯେପରି ତାହା ନିର୍ଜୀବ । ମୋର ଏହି ଅନୁଭୂତି କ'ଣ ସତ ?

**ଶ୍ରୀଅରବିନ୍ଦ** : ତୁମର ଅନୁଭୂତିଟି ସତ ଥିଲା, କାରଣ ସେଦିନର ଧ୍ୟାନରେ ଏପରି କିଛିର ଅବତରଣ ହୋଇଥିଲା, ଯାହା ପୂର୍ବରୁ କେବେ ଅବତରଣ କରି ନଥିଲା । ଏବଂ ସେହି ଅବତରଣହିଁ ତୁମ ଚେତନାରେ ଏହିପରି ଏକ ରୂପ ନେଇଥିଲା । ଏହି ଭାବରେ ତୁମେ ଯେ ସେ ସମ୍ପର୍କରେ ସଚେତ ହୋଇପାରିଲ, ତାହାହିଁ ଦର୍ଶାଏ ଯେ ତୁମର ଏଠାରେ ରହିବାଟା ତୁମ ପାଇଁ ଖୁବ୍ ଲାଭଜନକ ହୋଇଛି ଓ ଯଥାର୍ଥ ଉପଲବ୍ଧି ପାଇଁ ଏହା ତୁମର ଚେତନାକୁ ପ୍ରସ୍ତୁତ କରିଚାଲିଛି । ବର୍ତ୍ତମାନ ଏଥିପାଇଁ ତୁମର ସାମର୍ଥ୍ୟ ରହିଛି । ତୁମର ଭବିଷ୍ୟତ୍ ସାଧନା ଅନୁଭୂତିରୁ ଉପଲବ୍ଧି ଦିଗରେ ଏକ ଅଗ୍ରଗତି ଓ ବିକାଶ ହେବା ବାଞ୍ଛନୀୟ ।

୧୧ ସେପ୍ଟେମ୍ବର, ୧୯୩୬

পূর্ଣଯୋଗର ଭିତ୍ତି, ପ୍ରସ୍ତୁତି ଓ ପରିଣତି (୨୯)

# ମାନବଜୀବନ ଓ ସମାଜରେ ପୂର୍ଣ୍ଣଯୋଗର ପୂର୍ଣ୍ଣାଙ୍ଗ ପ୍ରୟୋଗ

ଶ୍ରୀପତି ଦାସ

ମାନବ-ବ୍ୟକ୍ତିତ୍ୱ ଦ୍ୱାରା ଉପଲବ୍ଧ ସକଳ ଶିକ୍ଷା ବା ଜ୍ଞାନକୁ ସାଧାରଣତଃ ତିନିଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମତଃ ମାନବଜୀବନର ବ୍ୟକ୍ତିତ୍ୱ ସମ୍ବନ୍ଧରେ ଆହାର, ଶ୍ରମ ଓ ବ୍ୟାୟାମ, ନିଦ୍ରା ଓ ବିଶ୍ରାମ, ସ୍ୱାସ୍ଥ୍ୟସମ୍ମତ ଅଭ୍ୟାସ (hygienic habits) ଓ ଆନ୍ତର ସମତା (inner poise) ସମ୍ବନ୍ଧେ ଜାଣିବା ଓ ସେସବୁକୁ ଅଭ୍ୟାସ କରିବାର ଆବଶ୍ୟକତା ରହିଛି । ଦ୍ୱିତୀୟତଃ କେବଳ ବ୍ୟକ୍ତିକ ନୁହେଁ, ସାମୂହିକ ବା ସାମାଜିକ ତଥା ଜାଗତିକ ସକଳ ଜ୍ଞାନାର୍ଜନର ପ୍ରୟୋଜନ ହୋଇଥାଏ । ତୃତୀୟତଃ ବ୍ୟକ୍ତି ଓ ଜାଗତିକ ଜ୍ଞାନର ଊର୍ଦ୍ଧ୍ୱସ୍ଥ ଐଶ୍ୱରିକ ବା ପରମାତ୍ମିକ, ଏବଂ ବିଶ୍ୱାତୀତ ଜ୍ଞାନର ପ୍ରୟୋଜନୀୟତା ଅନୁଭୂତ ହୁଏ । ଏହି ତ୍ରିବିଧ ଜ୍ଞାନକୁ ନେଇ ମାନୁଷୀ ଶିକ୍ଷା ପୂର୍ଣ୍ଣତା  ଲାଭ କରିଥାଏ । ଏହି ପୂର୍ଣ୍ଣାଙ୍ଗ ମାନୁଷୀ ଶିକ୍ଷା ହେଉଛି : ଶାରୀରିକ, ପ୍ରାଣିକ, ମାନସିକ, ଚୈତ୍ୟ ଓ ଆଧାତ୍ମିକ (ବ୍ୟକ୍ତିଗତ, ବିଶ୍ୱଗତ ଓ ବିଶ୍ୱାତୀତ) ତଥା ଅତିମାନସ ଶିକ୍ଷା । ଏହି ପତ୍ରିକାର ପୂର୍ବବର୍ତ୍ତୀ ସଂଖ୍ୟାରେ ଶାରୀରିକ ଶିକ୍ଷା ସମ୍ବନ୍ଧେ କିଛି ଆଲୋଚିତ ହୋଇଛି । ବର୍ତ୍ତମାନ ଆମେ ଏହାର ପରବର୍ତ୍ତୀ ଆବଶ୍ୟକତା ପ୍ରାଣିକ ଶିକ୍ଷା ସମ୍ବନ୍ଧେ ଆଲୋଚନା କରିବା । କାରଣ ପ୍ରାଣିକ ଶିକ୍ଷା ହେଉଛି ମାନସିକ, ଚୈତ୍ୟ, ଆଧାତ୍ମିକ ଓ ଅତିମାନସ ଶିକ୍ଷାର ଅପରିହାର୍ଯ୍ୟ ଭିତ୍ତି ।

## ପ୍ରାଣିକ ଶିକ୍ଷା :

ଏହି ଶିକ୍ଷାର ଆବଶ୍ୟକତାକୁ କଦାପି ପ୍ରତ୍ୟାଖ୍ୟାନ କରାଯାଇପାରିବ ନାହିଁ । କାରଣ ମାନବ-ବ୍ୟକ୍ତିତ୍ୱର ପୂର୍ଣ୍ଣାଙ୍ଗ ବିକାଶ ସକାଶେ ସୌନ୍ଦର୍ଯ୍ୟ, ଶକ୍ତି, ଜ୍ଞାନ ଓ ପ୍ରେମ ଏକାନ୍ତ ଆବଶ୍ୟକ ଯହିଁରୁ କୌଣସିଟିକୁ ଅବହେଳା କରାଯାଇପାରିବ ନାହିଁ । ପ୍ରାଣିକ ଶିକ୍ଷା ହେଉଛି ଶକ୍ତିଲାଭ ଶିକ୍ଷା ଯାହା ବ୍ୟତୀତ ଅନ୍ୟକୌଣସି ଶିକ୍ଷାର ଅସ୍ତିତ୍ୱ ଅସମ୍ଭବ ।

ପ୍ରାଣର ଭିତ୍ତି ହେଉଛି ଶରୀର ବା ଜଡ଼ବସ୍ତୁ । ପୁନଶ୍ଚ ପ୍ରାଣକୁ ଭିତ୍ତିକରି ମାନସିକ ଜ୍ଞାନ ଓ ଚୈତ୍ୟିକ ତଥା ଆଧାତ୍ମିକ ପ୍ରେମ ପ୍ରତିଷ୍ଠିତ ହୋଇଥାଏ । ଏହି ପ୍ରାଣିକ ଶିକ୍ଷା ସର୍ବାପେକ୍ଷା ଅଧିକ ମହତ୍ତ୍ୱପୂର୍ଣ୍ଣ କାରଣ ପ୍ରାଣ ବ୍ୟତୀତ ମନ, ଚୈତ୍ୟସତ୍ତା ଓ ଅଧ୍ୟାତ୍ମସତ୍ତାର ପ୍ରଗତି ସମ୍ଭବ ନୁହେଁ । ଅସ୍ୱୀକାର କରାଯାଇପାରିବ ନାହିଁ ଯେ ଏଥିପାଇଁ ଆମର ସହନଶୀଳତା, ଅଧ୍ୟବସାୟ ଓ ନିଷ୍ଠା ଏକାନ୍ତଭାବେ ଆବଶ୍ୟକ । ମାନୁଷୀ ପ୍ରକୃତିରେ ଦେଖାଯାଏ ଯେ ଏହା ସର୍ବଦା ପ୍ରାଣର ଆକାଙ୍କ୍ଷା, ଲାଳସା, ସୁଖ-ସମ୍ଭୋଗ ଓ ଅସରନ୍ତି ନାନା ଦାବି ପୂରଣ କରିବାରେ ବ୍ୟସ୍ତ ରହେ । ବିଶେଷତଃ ପାଶ୍ଚାତ୍ୟ ସଭ୍ୟତା ଦ୍ୱାରା ପ୍ରଭାବିତ ହୋଇ ଜୀବନକୁ ସୁଖମୟ କରିବାକୁ ଯେଉଁ ଅପ୍ରତିହତ ଅନୁଭୂତି ହୋଇଥାଏ, ତାହାକୁ ବଦଳାଇବା ସାଧାରଣ ମନୁଷ୍ୟ ପକ୍ଷରେ ଅସମ୍ଭବ ବୋଲି ମନେହୁଏ । କିନ୍ତୁ ଏହାର ରୂପାନ୍ତର ନହେଲେ ମନୁଷ୍ୟ ବିବର୍ତ୍ତନ ଧାରାରେ ଅଗ୍ରଗତି କରିପାରିବ ନାହିଁ ଯେଉଁ ବିବର୍ତ୍ତନ ସୃଷ୍ଟି ବିକାଶ ନିମିତ୍ତ ଅବଶ୍ୟମ୍ଭାବୀ । ତେଣୁ ପୂର୍ଣ୍ଣଯୋଗର ସାଧକମାନଙ୍କ ସକାଶେ ପୂର୍ଣ୍ଣାଙ୍ଗ ଶିକ୍ଷା ଏକାନ୍ତଭାବେ ଅନୁସରଣୀୟ, କାରଣ ଏହା ପୂର୍ଣ୍ଣଯୋଗର ଏକ ଅପରିହାର୍ଯ୍ୟ ଅଙ୍ଗ ।

ପ୍ରାଣିକ ଶିକ୍ଷା ସମ୍ବନ୍ଧେ ଅନୁଧ୍ୟାନ କଲେ ଦେଖାଯିବ ଯେ ସାଧାରଣ ଲୋକଙ୍କର ପ୍ରାଣିକ ଶିକ୍ଷା ସମ୍ବନ୍ଧେ ସ୍ପଷ୍ଟ ଧାରଣା ନଥାଏ । କାରଣ ପ୍ରାଣକୁ ରୂପାନ୍ତରିତ କରିବା ଏକ ଦୁରୂହ ବ୍ୟାପାର । ଏଥିପାଇଁ ବିଶେଷ ଧୈର୍ଯ୍ୟ, ସହିଷ୍ଣୁତା, ଦୃଢ଼ ସଂକଳ୍ପ ଏବଂ ନିଷ୍ଠା ଆବଶ୍ୟକ । ଶୈଶବ ଅବସ୍ଥାରୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ପ୍ରାଣ-ଶକ୍ତିକୁ ନିତ୍ୟ ସକ୍ରିୟ ରଖିବା ମଧ୍ୟ ପ୍ରାଣିକ ଶିକ୍ଷାର ଅନ୍ତର୍ଗତ । ପୃଥିବୀ ବର୍ତ୍ତମାନ ଯେଉଁ ଅବସ୍ଥାରେ ଅଛି, ସେଥିରେ ନାନା ଅସୁଖ-ଅସୁବିଧାର ସମ୍ମୁଖୀନ ହେବାକୁ ହୁଏ ଏବଂ ଏଥିପାଇଁ ପ୍ରାଣସତ୍ତାକୁ ସର୍ବଦା ସଚେତନ ରଖି ଜୀବନର ଲକ୍ଷ୍ୟ ଯେଉଁ ସତ୍ୟୋପଲବ୍ଧି ତାହାକୁ ପ୍ରାଣିକ ଶିକ୍ଷା ଦ୍ୱାରା ହାସଲ କରିବାକୁ ହେବ । ଏଥିରେ ଅବହେଳା କଲେ ଦୁଃଖ-ଦୁର୍ଦ୍ଦଶା, ହତାଶା ଏବଂ ଭୟଙ୍କର ବିପର୍ଯ୍ୟୟ ଭୋଗିବାକୁ ହୋଇଥାଏ । ପ୍ରାଣିକ ନିଶ୍ଚେତନାକୁ ସଚେତନତାରେ ପରିଣତ କରିବା ଏକ

ଅସମ୍ଭବ ବିଷୟ ଏବଂ ଏହି ନିଶ୍ଚେତନାଜନିତ ଦୁଃଖଭୋଗ କରିବା ବ୍ୟତୀତ ଗତ୍ୟନ୍ତର ନାହିଁ ବୋଲି ଅନେକଙ୍କର ଧାରଣା । କିନ୍ତୁ ଏହା କଦାପି ସତ୍ୟ ନୁହେଁ । ପ୍ରାଣିକ ରୂପାନ୍ତର-ଶିକ୍ଷାକୁ ସାଧନା ଦ୍ୱାରା ସମ୍ଭବ କରାଯାଇପାରେ ।

ପ୍ରାଣିକ ଶିକ୍ଷାର ସୁଫଳ ଲାଭ କରିବା ସକାଶେ କେବଳ ବ୍ୟକ୍ତିଗତ ପ୍ରଚେଷ୍ଟା ଯଥେଷ୍ଟ ନୁହେଁ, ଏଥିପାଇଁ ଆବଶ୍ୟକ ଭଗବତ୍ ସମର୍ପଣ, ଅହଂରାକ୍ଷସର ପ୍ରତ୍ୟାଖ୍ୟାନ ଏବଂ ଭଗବତ୍ ଆଶୀର୍ବାଦ ଓ ସହାୟତା ସହିତ ନିରନ୍ତର ସଚେଷ୍ଟତା । ପ୍ରାଣିକ ଶିକ୍ଷାର ଦୁଇଟି ପ୍ରଧାନ ଦିଗ ରହିଛି ଏବଂ ଉଭୟ ସମାନ ଭାବରେ ମୂଲ୍ୟବାନ୍ । ପ୍ରଥମଟି ହେଉଛି ଇନ୍ଦ୍ରିୟସକଳର ପୁଷ୍ଟିସାଧନ ଏବଂ ସଦ୍‌ବ୍ୟବହାର । ଦ୍ୱିତୀୟଟି ହେଉଛି ନିଜର ପ୍ରାଣ-ପ୍ରକୃତି ସମ୍ବନ୍ଧେ ସମ୍ପୂର୍ଣ୍ଣ ଜ୍ଞାନ ଏବଂ କର୍ତ୍ତୃତ୍ୱ ସ୍ଥାପନ ତଥା ରୂପାନ୍ତର । ଶିଶୁମାନଙ୍କୁ ଶିକ୍ଷାଦାନ କରିବାକୁ ହେବ ପ୍ରାଣସତ୍ତାର ସକଳ ଟିକିନିଖି କ୍ରିୟାକଳାପ ସମ୍ବନ୍ଧେ ଏବଂ ଜାଗ୍ରତ୍ କରାଇବାକୁ ହେବ ସୁବିଚାର, ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟବୋଧ ଯଦ୍ଦ୍ୱାରା ଶିଶୁ ବିଶୁଦ୍ଧ, ସ୍ୱାସ୍ଥ୍ୟକର, ସରଳ ଓ ସୁସମଞ୍ଜସ ଜୀବନ ସମ୍ବନ୍ଧେ ସଚେତନ ହୋଇପାରେ ।

ମାନବସମାଜର ସାମ୍ପ୍ରତିକ ଅବସ୍ଥାରେ ଜୀବନ ଅସ୍ଥିର, ଅସାର, ଦୁର୍ବିଷହ, ଅଶ୍ଳୀଳ ଓ କୁରୁଚିସମ୍ପନ୍ନ ହୋଇଉଠିଛି । ଏଥିରୁ ରକ୍ଷାପାଇ ସତ୍ୟଦୀପ୍ତ ଜୀବନଯାପନ ସକାଶେ ଆବଶ୍ୟକ ବିଶୁଦ୍ଧ ରୁଚି, ମାର୍ଜିତ ସ୍ୱଭାବ ଯାହା ଜୀବନରେ ଆଣିଦେଇପାରେ ବିକୃତ ଗତିବୃତ୍ତିରୁ ମୁକ୍ତି । ପ୍ରାଣ-ପ୍ରକୃତିର କୁକର୍ମରୁ ରକ୍ଷା ପାଇବା ସକାଶେ କେତେକ ସ୍ଥଳରେ ଦେଖାଯାଏ ଏହାର ଦମନ ଓ କୃଚ୍ଛ୍ର ସାଧନା ଯଦ୍ଦ୍ୱାରା ସଜୋରେ ଏହାକୁ ଅବଦମିତ କରାଯାଇପାରେ । କିନ୍ତୁ ଅନେକ ସ୍ଥଳରେ ଦେଖାଯାଏ ଯେ ଏହାର ପରିଣାମ ସୁଫଳ ହେବା ପରିବର୍ତ୍ତେ କୁଫଳ ହୋଇଥାଏ । କାରଣ ଏହାଦ୍ୱାରା ପ୍ରାଣ-ପ୍ରକୃତି ଉପରେ ଜୋର୍ କରି କିଛି ଲଦିଦେବା ଫଳରେ ଏହା ତହିଁରୁ ମୁକ୍ତହେବା ସକାଶେ ଉଗ୍ର ପ୍ରକୃତିବିଶିଷ୍ଟ ହୋଇଉଠେ ଏବଂ ଶିକ୍ଷକମାନଙ୍କର ତଥା ନୈତିକ ଶିକ୍ଷାର ବିରୁଦ୍ଧାଚରଣ କରି ସତ୍‌କର୍ମ ପରିବର୍ତ୍ତେ ଅସତ୍‌କର୍ମ ସମ୍ପାଦନ କରିଥାଏ । ଅନେକ ସ୍ଥଳରେ ନୈତିକ ଶିକ୍ଷାର ସ୍ଥାୟୀ ପରିଣାମ ମିଳି ନଥାଏ । ବୟସର ବୃଦ୍ଧି ସଙ୍ଗେ ସଙ୍ଗେ ଶିଶୁ ଏହି ଶିକ୍ଷାର ବିରୁଦ୍ଧାଚରଣ କରିଥାଏ । ପ୍ରାଣଶକ୍ତିର ସତ୍ ପ୍ରୟୋଗ ସକାଶେ ଆବଶ୍ୟକ ଶିଶୁର ସ୍ୱାଧୀନତା, ସତ୍‌ବିଶ୍ୱାସ, ସ୍ୱପ୍ରଚେଷ୍ଟା ଏବଂ କଠିନ ନୈତିକ ନିୟମରୁ ଅବ୍ୟାହତି ।

ପ୍ରାଣଶକ୍ତିର ସୁପ୍ରକାଶ ସକାଶେ ଆବଶ୍ୟକ ପ୍ରାଣର ସକଳ ଗତିବୃତ୍ତି ଉପରେ ସଚେତନ ହୋଇଉଠିବା । ଶିଶୁକୁ ବା ଶିକ୍ଷାର୍ଥୀକୁ ଶିଖାଇବାକୁ ହେବ କିପରି ନିଜର ସକଳ କ୍ରିୟାକଳାପର ପର୍ଯ୍ୟବେକ୍ଷଣ କରିବା, ନିଜର ପ୍ରତିକ୍ରିୟା ଓ କୁପ୍ରବୃତ୍ତିର କାମନା-ବାସନା ଓ ଆବେଗ-ଉତ୍ତେଜନାର ସତର୍କ ନିରପେକ୍ଷ ନିରୀକ୍ଷଣ କରିବାକୁ ହୁଏ । ଶିକ୍ଷାଦାନ ସଙ୍ଗେ ସଙ୍ଗେ ଶିଶୁ ବା ଶିକ୍ଷାର୍ଥୀଠାରୁ ସମ୍ପୂର୍ଣ୍ଣ ସୁଫଳ ଆଶା କରାଯାଇନପାରେ । ତାକୁ ସଚେତନଭାବେ ସ୍ୱାଧୀନ ହେବାକୁ ସୁଯୋଗ ଦେଲେ ସେ କ୍ରମଶଃ ନିଶ୍ଚିତଭାବେ ନିଜର ପ୍ରାଣସତ୍ତାର ସକଳ କୁପ୍ରବୃତ୍ତିରୁ ମୁକ୍ତ ହୋଇପାରିବ । ଗୋଟିଏ କଥା ନିଶ୍ଚିତଭାବେ ମନେ ରଖିବାକୁ ହେବ ଯେ ଶିଶୁକୁ ଯାହା ଶିକ୍ଷାଦେବାକୁ ହେବ, ତାହାହେଲା ଶିକ୍ଷକ, ଉପଦେଷ୍ଟା ଓ ପିତାମାତାଙ୍କର ଆଦର୍ଶ ଉଦାହରଣ । ସେମାନେ ଯଦି ନିଜେ ଶିକ୍ଷାଦାନର ବିରୁଦ୍ଧାଚରଣ କରନ୍ତି ତେବେ ସେହି ଶିକ୍ଷା ନିରର୍ଥକ ହୋଇଉଠିବ ।

ଶିଶୁକୁ ସକଳ ଭୟ, ସନ୍ଦେହ ଓ ଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ନିର୍ଭୟ, ନିଃସନ୍ଦିଗ୍ଧ ଓ ନିର୍ଦ୍ୱନ୍ଦ୍ୱଭାବେ ଶିକ୍ଷାଗ୍ରହଣ କରିବାକୁ ହେବ । ଏହାହିଁ ଶିକ୍ଷାଦାନର ପ୍ରକୃଷ୍ଟ ପନ୍ଥା । ଏହା ଫଳରେ ଶିଶୁ ବା ଶିକ୍ଷାର୍ଥୀ ସର୍ବଦା ଆତ୍ମମର୍ଯ୍ୟାଦା ଓ ଆତ୍ମ-ସମ୍ମାନ ରକ୍ଷାକରି ସତ୍ୟଭାବାତ୍ମକ ଦୃଷ୍ଟାନ୍ତ ହେବାକୁ ସଚେଷ୍ଟ ହେବ । ଶିକ୍ଷାର୍ଥୀକୁ ଏହିସବୁ ସତ୍‌ଶିକ୍ଷା ଓ ସତ୍ୟ-ସାଧନାରୁ କେବେ ବି ନିବୃତ୍ତ ହେବାକୁ ହେବ ନାହିଁ । କାରଣ ନିରନ୍ତର ଦୃଢ଼ ପ୍ରଚେଷ୍ଟାହିଁ ଶେଷରେ ସାଧନାରେ ସୁନିଶ୍ଚିତଭାବେ ଭଗବତ୍ ଆଶୀର୍ବାଦ ଫଳରେ ନେଇଆସିବ ବିଜୟ । କାରଣ ଅଧ୍ୟବସାୟହିଁ ସକଳ କୃତକାର୍ଯ୍ୟ ଓ ବିଜୟର ଭିତ୍ତି ।

ଏହି ପ୍ରାଣିକ ସତ୍ତାର ଶକ୍ତି, ଉତ୍ସାହ ଓ ପ୍ରକୃତରେ ଫଳ ଫଳାଇ ପାରୁଥିବା ଗତିଶୀଳତା ରହିଥିବାରୁ ଅନେକ ମନୁଷ୍ୟ ଭୀରୁଙ୍କ ପରି ତାହାକୁ ଭାରି ସମ୍ମାନ କରନ୍ତି ଏବଂ ତାହାକୁ ସର୍ବଦା ପ୍ରସନ୍ନ ଓ ସନ୍ତୁଷ୍ଟ କରି ରଖିବାକୁ ଚେଷ୍ଟା କରନ୍ତି । ମାତ୍ର ତାହା ଏପରି ଏକ ପ୍ରଭୁ ଯାହାକୁ କେହି କେବେ ବି ସନ୍ତୁଷ୍ଟ କରିପାରିବେ ନାହିଁ ଏବଂ ତାହା ପ୍ରକୃତରେ ଅସରନ୍ତି ଭାବରେ ଆପଣାର ଦାବିଗୁଡ଼ିକୁ ପୂରଣ କରିବାରେ ଲାଗିଥାଏ । ବିଶେଷତଃ ପାଶ୍ଚାତ୍ୟ ଜଗତରେ ଏପରି ଦୁଇଟି ବିଚାର ଅତ୍ୟନ୍ତ ବ୍ୟାପକ ଭାବରେ ପ୍ରଚାରିତ ହୋଇ ରହିଥିବାରୁ ପ୍ରାଣିକ ସତ୍ତାର ଏହି ଶାସନ ଓ ଅଧିକାର-ଶକ୍ତିକୁ ତାହା ଅପରାଜିତ କରି ରଖିଛି । ତନ୍ମଧ୍ୟରୁ ଗୋଟିଏ ବିଚାର ହେଉଛି ଯେ ସୁଖୀ ହୋଇ ରହିବା ହେଉଛି ଜୀବନର ସର୍ବପ୍ରଧାନ ଲକ୍ଷ୍ୟ ଏବଂ ଅନ୍ୟଟି ହେଉଛି

ପ୍ରତ୍ୟେକ ମନୁଷ୍ୟ ଏକ ନିର୍ଦ୍ଦିଷ୍ଟ ସ୍ୱଭାବ ଓ ଚରିତ୍ରକୁ ବହନ କରି ପୃଥିବୀ ପୃଷ୍ଠରେ ଜନ୍ମଗ୍ରହଣ କରିଛି ଯହିଁରେ କୌଣସି ପରିବର୍ତ୍ତନ ଘଟାଇବା ଏକାନ୍ତଭାବେ ଅସମ୍ଭବ ।

ପ୍ରଥମ ବିଚାରଟିରେ ଏକ ଅତ୍ୟନ୍ତ ଗଭୀର ସତ୍ୟକୁ ଅତି ପିଲାଳିଆଭାବେ ବିକୃତ କରି ଦିଆଯାଇଛି । ସେହି ସତ୍ୟଟି ହେଉଛି ଏହି ଯେ ସକଳ ସଂସାର ଓ ସକଳ ଅସ୍ତିତ୍ୱ ସତ୍ତାଗତ ଆନନ୍ଦ ଉପରେହିଁ ଆଧାରିତ ହୋଇ ରହିଛି ଏବଂ ସେହି ଆନନ୍ଦ ବ୍ୟତୀତ ଯଥାର୍ଥତଃ କୌଣସି ଜୀବନ ଆଦୌ ସମ୍ଭବ ହୋଇ ନଥା'ନ୍ତା । ଏହି ସତ୍ତାଗତ ଆନନ୍ଦ ହେଉଛି ସେହି ପରମ ଦିବ୍ୟ ସତ୍ତାଙ୍କରହିଁ ଏକ ଗୁଣ । ଆମେ ନିଜ ଜୀବନରେ ଯେଉଁ ସୁଖର ଅନୁସରଣ କରୁଥାଉ ତାହା ଅଧିକାଧିକଭାବେ ନାନାପ୍ରକାର ପରିସ୍ଥିତି ଉପରେ ନିର୍ଭରଶୀଳ ହୋଇ ରହିଥାଏ ଏବଂ ସେହି କାରଣରୁ ସେହି ଆନନ୍ଦକୁ ଏହି ସୁଖ ସହିତ କଦାପି ଏକ ବୋଲି ବିଚାର କରାଯାଇପାରିବ ନାହିଁ । ମନୁଷ୍ୟର ସୁଖୀ ହେବାଲାଗି ପୂର୍ଣ୍ଣ ଅଧିକାର ରହିଛି – ଏପରି ଏକ ପ୍ରତ୍ୟୟ ପ୍ରାୟ ଅତି ସ୍ୱାଭାବିକ ଭାବରେହିଁ କୌଣସି ଉପାୟରେ ''ନିଜର ଜୀବନକୁ ବଞ୍ଚିବା''ର ଇଚ୍ଛା ମଧ୍ୟକୁ ଆମକୁ ପରିଚାଳିତ କରିଥାଏ । ଏହି ଦୃଷ୍ଟିକୋଣହିଁ ନିଜର ଅସ୍ପଷ୍ଟ ଏବଂ ଅତି ଉଗ୍ର ଅହଂକାର ଦ୍ୱାରା ପରିଚାଳିତ ହୋଇ ଆମକୁ ସବୁପ୍ରକାର ଦ୍ୱନ୍ଦ୍ୱ ଓ ଦୁଃଖ ମଧ୍ୟକୁ ଟାଣି ନେଇଥାଏ, ଆମକୁ ସକଳ ନୈରାଶ୍ୟ ଓ ଉତ୍ସାହଶୀଳତା ମଧ୍ୟରେ ନାନା ପ୍ରକାର ଅସୁବିଧାରେ ପକାଇଥାଏ ।

ବର୍ତ୍ତମାନ ଆମର ଏହି ପୃଥିବୀ ଯେପରି ଅବସ୍ଥାରେ ରହିଛି ସେଥିରେ ବ୍ୟକ୍ତିଗତ ସୁଖଲାଭ କରିବା ଆଦୌ ଆମ ଜୀବନର ଲକ୍ଷ୍ୟ ହେବା ଉଚିତ ନୁହେଁ । ନିଜକୁ ସର୍ବଦା ସେହି ପରମ ସତ୍ୟ-ଚେତନା ମଧ୍ୟକୁ ଉତ୍ତରୋତ୍ତର ଉତ୍ତୋଳିତ କରି ନେଇଯିବାହିଁ ଜୀବନର ଲକ୍ଷ୍ୟ ହେବା ଉଚିତ ।

ସର୍ବପ୍ରଥମେ ଜୀବନର ସଂକଳ୍ପଟିର ଏକ ସୁଦୃଢ଼ ପ୍ରତିଷ୍ଠା ହୋଇପାରିଲେ ଆମକୁ କେବଳ ଦୃଢ଼ତା ଓ ଅଟଳତା ସହ ଅଗ୍ରସର ହେବାକୁ ହେବ । କୌଣସି ପରାଜୟକୁ ଆମେ କେବେ ବି ଚୂଡ଼ାନ୍ତ ଅବସ୍ଥା ବୋଲି ସ୍ୱୀକାର କରିବା ନାହିଁ । ନିଜକୁ ଦୁର୍ବଳ କରି ପକାଉଥିବା ଏବଂ ପଛକୁ ହଟାଇ ରଖୁଥିବା ସକଳ ସ୍ଥିତିକୁ ଏଡ଼ାଇ ରଖିବାକୁ ହେଲେ ଆମକୁ ଏକ ମହତ୍ତ୍ୱପୂର୍ଣ୍ଣ କଥାକୁ ସର୍ବଦା ସ୍ମରଣ ରଖିବାକୁ ହେବ । ତାହା ହେଉଛି ବିଧିବଦ୍ଧଭାବେ ଅଧିକରୁ ଅଧିକ ଫଳଦାୟକ ବ୍ୟାୟାମ କରିବା ଦ୍ୱାରା ଯେପରି ଆମ ମାଂସପେଶୀଗୁଡ଼ିକର କର୍ଷଣ ଓ ବିକାଶ ସମ୍ଭବ ହୋଇପାରୁଛି, ଠିକ୍ ସେହିପରି ଆମେ ଆମ ଇଚ୍ଛାର କର୍ଷଣ ଓ ବିକାଶ ମଧ୍ୟ କରିପାରିବା । କୌଣସି ମହତ୍ତ୍ୱ ନଥିବା ପରି ମନେ ହେଉଥିବା କୌଣସି କିଛି ସାଧାରଣ କର୍ମ ସକାଶେ ଆମେ ଆମ ଇଚ୍ଛାଟିଠାରୁ ସର୍ବାଧିକ ପ୍ରଚେଷ୍ଟା ଦାବି କରିବା ବିଷୟରେ ଆଦୌ ପଶ୍ଚାତ୍‌ପଦ ହେବା ନାହିଁ । କାରଣ କେବଳ ପ୍ରଚେଷ୍ଟା ବଳରେହିଁ ତାହାର ସାମର୍ଥ୍ୟ ବୃଦ୍ଧିପାଇବ ଏବଂ ଏପରିକି ସବୁଠାରୁ ଅଧିକ ଆୟାସସାଧ୍ୟ ହୋଇ ରହିଥିବା କ୍ଷେତ୍ରଗୁଡ଼ିକରେ ମଧ୍ୟ ନିଜକୁ ପ୍ରୟୋଗ କରିପାରିବାର ଶକ୍ତିକୁ ଧୀରେ ଧୀରେ ଅର୍ଜନ କରିପାରିବ । ଯେଉଁ କାର୍ଯ୍ୟଟି କରିବ ବୋଲି ତୁମେ ନିଷ୍ପତ୍ତି ନେଇଛ ଯାହା ହେଲେ ମଧ୍ୟ ତୁମକୁ ସେହି କାର୍ଯ୍ୟଟିକୁ କରିବାକୁ ହେବ । ସେହି ପ୍ରଚେଷ୍ଟା ଦ୍ୱାରାହିଁ ତୁମର ଇଚ୍ଛା ଅଧିକ ଶକ୍ତିଶାଳୀ ହୋଇପାରିବ ।

ପ୍ରାଣିକ ଶିକ୍ଷାର ଉପାଦେୟତା ସମ୍ବନ୍ଧେ ଶ୍ରୀମା'ଙ୍କର ଏକ ହୃଦୟସ୍ପର୍ଶୀ ବାଣୀ ଆମ୍ଭମାନଙ୍କର ସର୍ବଦା ସ୍ମରଣୀୟ ହେବା ଆବଶ୍ୟକ :

''... ପ୍ରାଣିକ ସତ୍ତାକୁ ଆଦୌ କୌଣସି ଶିକ୍ଷା ନଦେଇ ତାହାକୁ କୌଣସି ପ୍ରକାରେ ପରିମାର୍ଜିତ ନକରି ତାକୁ ସେମିତି ଛାଡ଼ି ଦେଇଥିବା ସମୟରେ ତାହା ପ୍ରାୟ ସ୍ୱତଃପ୍ରେରିତ ଭାବରେ ଯେପରି ଅଶିଷ୍ଟ, ଅହଂକାରପ୍ରେରିତ ଓ ବିକୃତ ହୋଇ ରହିଥାଏ, ତାହାକୁ ଉଚିତ ଭାବରେ କର୍ଷଣଯୁକ୍ତ ଏବଂ ସନ୍ଦୀପିତ କରି ରଖିପାରିଲେ ତାହା ଅନ୍ୟ ପକ୍ଷରେ ଠିକ୍ ସେହିପରି ସ୍ୱତଃପ୍ରେରିତ ଭାବରେ ଶୀଳଯୁକ୍ତ, ବୀରୋପମ ଏବଂ ଆସକ୍ତିମୁକ୍ତ ମଧ୍ୟ ହୋଇପାରିବ ।...''

(ମାତୃରଚନାବଳୀ, ଦ୍ୱାଦଶଖଣ୍ଡ, ଶିକ୍ଷାପ୍ରସଙ୍ଗ ପୃଷ୍ଠା. ୮୮)

ପରିଶେଷରେ ସାରାଂଶ କହିବାକୁ ଗଲେ, ଆମେ ପ୍ରଥମେ ଆମ ଚରିତ୍ର ବିଷୟରେ ପୂର୍ଣ୍ଣ ସଜ୍ଞାନତା ଅର୍ଜନ କରିବା ଏବଂ ତା'ପରେ ଯେଉଁ ଉପାଦାନଗୁଡ଼ିକ ଉପରେ ସମ୍ପୂର୍ଣ୍ଣ ପ୍ରଭୁତ୍ୱ ହାସଲ କରି ସେଗୁଡ଼ିକର ରୂପାନ୍ତର ସାଧନ କରିବା ଆବଶ୍ୟକ, ତାହା ସକାଶେ ଆମକୁ ନିଜର ଯାବତୀୟ ଗତିସ୍ପନ୍ଦନ ଉପରେ ନିୟନ୍ତ୍ରଣ ଅର୍ଜନ କରିବାକୁ ହେବ । ପ୍ରଭୁତ୍ୱ-ଅର୍ଜନ ଓ ରୂପାନ୍ତର-ସାଧନର ଏହି ପ୍ରୟାସ ପ୍ରକୃତରେ ଯେଉଁ ଆଦର୍ଶଟିକୁ ବାସ୍ତବାୟିତ କରିବାକୁ ଚାହୁଁଛି, ତାହାରି ଉପରେହିଁ ସବୁକିଛି ନିର୍ଭର କରିବ । ଆମ ଆଦର୍ଶର ମୂଲ୍ୟ ଉପରେ ମଧ୍ୟ ଆମର ସବୁ ପ୍ରୟାସ ଓ ସେଥିରୁ ମିଳୁଥିବା ପରିଣାମଟି ନିର୍ଭର କରିବ ।

(କ୍ରମଶଃ)

# ବିଭକ୍ତ ଭାରତ

## ଶ୍ରୀ ବିମଳ ପ୍ରସନ୍ନ ଦାସ

ଯୁଗପୁରୁଷ ଶ୍ରୀଅରବିନ୍ଦଙ୍କ ପବିତ୍ର ଜନ୍ମତିଥିରେ ଏକ ସ୍ୱାଧୀନ ରାଷ୍ଟ୍ର ଜନ୍ମ ଗ୍ରହଣ କରିବା କେବଳ ଆକସ୍ମିକତା ହୋଇ ନପାରେ । ଦେଶ, କାଳର ବ୍ୟାପ୍ତି ଭିତରେ ତାହା ହୋଇପାରେ ଏକ ବିସ୍ମୟ, ଏକ ଅଲୌକିକତା । ଅଗଷ୍ଟ ୧୫, ୧୮୭୨ – ପୂର୍ବ ନିର୍ଦ୍ଧାରିତ ଏକ ଦେବ ମୁହୂର୍ତ୍ତରେ ଯାହାଙ୍କର ଆବିର୍ଭାବରେ ଏ ପୃଥିବୀ ଧନ୍ୟ ହୁଏ, ପରିପୂର୍ଣ୍ଣ ହୁଏ ତା'ର ନୀରବ ପ୍ରାର୍ଥନା; ସାର୍ଥକ ହୁଏ ତା'ର ଅନନ୍ତ ପ୍ରତୀକ୍ଷା, ସମସ୍ତ ଦ୍ୱନ୍ଦ୍ୱ, ସଂଶୟ ଓ ଅବିଶ୍ୱାସର ଅବସାନ ହୁଏ । ସେହି ଦିବ୍ୟସତ୍ତାର ସୂର୍ଯ୍ୟୋଦୟକୁ ସଶ୍ରଦ୍ଧ ପ୍ରଣତି ।

ଅଗଷ୍ଟ ୧୫, ୧୯୪୭ ସ୍ୱାଧୀନ ଭାରତର ଜନ୍ମ । ୭୫ ବର୍ଷ ଅବଧି ହୁଏତ ଏକ ସମ୍ଭାବନାକୁ ବହୁ ସଂଘାତ ଓ ସଂଘର୍ଷ ଭିତରେ ଅବିଚଳିତ ଅପେକ୍ଷା କରି ରହିଥିଲା, ନିର୍ଦ୍ଧାରିତ ହୋଇ ରହିଥିଲା ଅନିବାର୍ଯ୍ୟ ଭାବରେ ପ୍ରକଟ ହେବା ପାଇଁ । ଭାରତ-ବର୍ଷକୁ ଏକ ଭୂଖଣ୍ଡ, ଏକ ନଦୀ, ଗିରି, ବନ କାନ୍ତାରର ସମାହାର ଭାବରେ ସେ ଗ୍ରହଣ ନକରି ତାକୁ ଏକ ବିବିଧବର୍ଣ୍ଣା, ପ୍ରଜ୍ଞାମୟୀ, ମମତାମୟୀ, ସମ୍ବେଦନଶୀଳା ମାତୃରୂପା ଦେବୀ ରୂପେ ଉପାସନା କରୁଥିଲେ । ତା'ର ଗୌରବୋଜ୍ଜ୍ୱଳ ଅତୀତକୁ ଅନନ୍ତ ସମ୍ଭାବନାମୟ ଭବିଷ୍ୟତ୍ ସହିତ ସଂଯୁକ୍ତ କରିବା ତାଙ୍କ ଜୀବନର ବ୍ରତ ଭାବରେ ସ୍ୱୀକୃତ ହୋଇଥିଲା, ଏହି ଲକ୍ଷ୍ୟ ଥିଲା ତାଙ୍କର କର୍ମମୟ, ସଂଘର୍ଷମୟ ଓ ଯୋଗମୟ ତପସ୍ୟାର ପ୍ରତିବଦ୍ଧତା । ଅଗଷ୍ଟ ୧୫, ୧୯୪୭ରେ ଭାରତ ସ୍ୱାଧୀନ ହେବା ତା'ର ପ୍ରଥମ ଫଳଶ୍ରୁତି । ଏହାର ପରିଣାମ ସ୍ୱରୂପ ରାଷ୍ଟ୍ର ଓ ରାଷ୍ଟ୍ର ନାୟକଙ୍କ ଯୁଗ୍ମ ଜୟନ୍ତୀ ଏହି ଦିନରେ ପାଳିତ ହେଉଥିବ ଚିରକାଳ । ଏହି ଆକାଙ୍କ୍ଷିତ ଅବସରରେ ସେ ଦେଶବାସୀଙ୍କୁ ଏକ ବେତାର ବାର୍ତ୍ତାରେ କହିଥିଲେ ଭାରତ ସ୍ୱାଧୀନତା ପାଇଛି ସତ, ମାତ୍ର ତାହା ବିଖଣ୍ଡିତ ଓ ବିଭକ୍ତ । ଏହା ଏକ ରାଜନୈତିକ ସାମୟିକ ନିଷ୍ପତ୍ତି । ଏହି ଉକ୍ତିକୁ ଦିବ୍ୟଜନନୀ ଶ୍ରୀମା ଆହୁରି ସ୍ପଷ୍ଟ କରି ଦେଇଥିଲେ, ''Consequently, the division was not decreed, it was a human deformation. It is beyond question a human deformation.'' (MCW, Vol. 8, p. 32) ''ଫଳସ୍ୱରୂପ, ଏହି ବିଭକ୍ତୀକରଣ ବିଧିନିର୍ଦ୍ଦିଷ୍ଟ ନଥିଲା, ଏହା ଥିଲା ଏକ ମାନବୀୟ ବିକୃତି । ଏହା ପ୍ରଶ୍ନାତୀତ ଏକ ମାନବୀୟ ବିକୃତି ।'' ଏହି ମାନୁଷୀ ବିକୃତି ଏକ ମୀମାଂସିତ ଅବସ୍ଥା ଆଦୌ ହୋଇ ନପାରେ । ଜର୍ମାନୀ ଓ କୋରିଆ ପରି ଏ ବିଭାଜନ ଅପସାରିତ ହେବ । କେବଳ ସମୟର ଅନୁକୂଳତାକୁ ପ୍ରତୀକ୍ଷା । ମହାକାବ୍ୟ ସାବିତ୍ରୀରେ ଋଷି ଶ୍ରୀଅରବିନ୍ଦ ଉଲ୍ଲେଖ କରିଛନ୍ତି ପ୍ରତ୍ୟେକ ଘଟଣା ପାଇଁ ସମୟ ନିର୍ଦ୍ଧାରିତ । ''A date is fixed in the calendar of the Unknown,'', ଯେତେବେଳେ ଆମେ କିଛି ଦେଖିପାରୁନା ଅଥଚ ଭାସିବୁଲୁ ଓ ନିର୍ଯାତିତ ହେଉ, ସେତେବେଳେ ଏକ ମହାନ୍ ଦିଗ୍‌ଦର୍ଶନ ସବୁ ମଧ୍ୟଦେଇ ବି ଆମକୁ ପଥପ୍ରଦର୍ଶନ କରେ । ''When nothing we can see but drift and bale, / A mighty Guidance leads us still through all.'' (ସାବିତ୍ରୀ ମହାକାବ୍ୟ, ପୃ. ୫୯) ତାଙ୍କ ଦିବ୍ୟଦୃଷ୍ଟିରେ : ଯେକୌଣସି ଉପାୟରେ ହେଉ, ଯେକୌଣସି ପନ୍ଥାରେ ହେଉ, ଏ ବିଭାଜନ ନିଶ୍ଚୟ ଲୋପ ପାଇବ । ଯେକୌଣସିମତେ ଐକ୍ୟ ପ୍ରତିଷ୍ଠା କରିବାକୁ ପଡ଼ିବ । କାରଣ ଭାରତର ଭାବୀ ମହାନତା ପାଇଁ ଏହା ଅପରିହାର୍ଯ୍ୟ । ନତୁବା ଭାରତ ହୁଏତ ଶୋଚନୀୟ ଓ ଦୁର୍ବଳ ହୋଇପଡ଼ିବ – ଏପରିକି ପଙ୍ଗୁ ହୋଇଯାଇପାରେ । କିନ୍ତୁ ଏହା ଯେପରି ନଘଟୁ ଓ ବିଭାଜନ ନିଶ୍ଚୟ ଦୂର ହେଉ । ବିଶ୍ୱାସ ରଖିବା ଯେପରି ଏହି ଏକତ୍ରୀକରଣ ସ୍ୱାଭାବିକ ଭାବେ ଆସିପାରେ କେବଳ ଶାନ୍ତି, ସମୃଦ୍ଧି ଓ ସଂହତି ପାଇଁ ।

ଏହି ପ୍ରେକ୍ଷାପଟରେ ବିଗତ ୧୬ ବର୍ଷ ଭିତରେ ବିଭିନ୍ନ ଘଟଣାପ୍ରବାହ କିପରି ଋଷିବାଣୀର ଅବ୍ୟର୍ଥତା ପ୍ରମାଣ କରୁଛି, ତା'ର ପର୍ଯ୍ୟବେକ୍ଷଣ ଆବଶ୍ୟକ :

ପ୍ରଥମତଃ ପାକିସ୍ତାନର ପ୍ରତିଷ୍ଠାତା ଜନାବ ମହମ୍ମଦ ଅଲ୍ଲି ଜିନ୍ନା ମୃତ୍ୟୁଶଯ୍ୟାରେ ସ୍ୱୀକାର କରିଗଲେ, ''ଭାରତର ବିଭାଜନ ଓ ପାକିସ୍ତାନ ଗଠନ ଏକ ସାଂଘାତିକ ତ୍ରୁଟି ।''

ଦ୍ୱିତୀୟତଃ ଯେଉଁ ମୁସଲମାନ ଭାଇମାନେ ଅଧିକ ସୁଖ, ସୁବିଧା ଓ ସମ୍ଭୋଗ ଆଶାରେ ଆଲୋଡ଼ିତ ହୋଇ ରାତାରାତି ଶାନ୍ତି ଓ ସନ୍ତୋଷର ଦେବଭୂମି ଭାରତକୁ ପ୍ରତ୍ୟାଖ୍ୟାନ କରି ପାକିସ୍ତାନକୁ ଚାଲିଗଲେ, ସେମାନଙ୍କ ସଂଖ୍ୟା ନଗଣ୍ୟ ନୁହେଁ । ତଥାପି ସେମାନେ ''ମୁଜାହିଦ'' ଭାବରେ ଅଭିହିତ ହୋଇ

ସିନ୍ଧୁ ପ୍ରଦେଶର ମୁସଲମାନମାନଙ୍କ ଦ୍ୱାରା ନିର୍ଯାତିତ ହେଉଥିବା ''ମୁଜାହିଦ-କ୍ୱାମି-ମୁଭମେଣ୍ଟ''ର (ଏମ୍. କ୍ୟୁ. ଏମ୍) ନେତା ଜନାବ ଆଲତାବ ହୁସେନ ସ୍ପଷ୍ଟ କହିଛନ୍ତି । ସେ ମଧ୍ୟ ସ୍ୱୀକାର କରିଛନ୍ତି ବିଭାଜନ ଏକ ସାଂଘାତିକ ତ୍ରୁଟି ଓ ତା'ର ଫଳ ମୁଜାହିଦମାନେ ଭୋଗ କରୁଛନ୍ତି । ପାକିସ୍ତାନର ଶାସନ ମୁଖ୍ୟତଃ ପଞ୍ଜାବୀମାନଙ୍କ ହାତରେ ଥିବା ହେତୁ ସେମାନେ ମଧ୍ୟଯୁଗୀୟ ଜମିଦାରମାନଙ୍କ ପରି ବ୍ୟବହାର କରୁଛନ୍ତି ।

ତୃତୀୟତଃ ୨୦୦୦ ମସିହା ଜୁଲାଇ ୨୫ରୁ ଅଗଷ୍ଟ ୪ ତାରିଖ ମଧ୍ୟରେ ଏକ ଅନୁଧ୍ୟାନମୂଳକ ଆଲୋଚନାଚକ୍ରରେ ''ମାର୍କିନ ପ୍ରତିରକ୍ଷା ବ୍ୟବସ୍ଥା ପ୍ରତି ଏସୀୟ ଦେଶମାନଙ୍କର ଆହ୍ୱାନ'' ଉପରେ ପ୍ରସ୍ତୁତ ଏସିଆ ୨୦୨୫ ଶୀର୍ଷକ ଆଲୋଚନାର ବିବରଣୀରେ (ପୃଷ୍ଠା-୧୪୭) ଯେଉଁ ସମ୍ମିଳିତ ତଥ୍ୟ ପ୍ରକାଶ ପାଇଛି ତା' ବିଶେଷ ପ୍ରଣିଧାନଯୋଗ୍ୟ । ''ଆଉଟ ଲୁକ୍'' ପତ୍ରିକାର ଏକ ବିଶେଷ ରିପୋର୍ଟରେ ପ୍ରକାଶିତ ଏହି ତଥ୍ୟ ହେଲା ୨୦୧୨ ମସିହାରେ ଆମେରିକା $B_2$ ବୋମାବର୍ଷୀ ବିମାନ ସାହାଯ୍ୟରେ ପାକିସ୍ତାନର ପରମାଣୁ ଘାଟିଗୁଡ଼ିକୁ ଧ୍ୱଂସ କରିଦେବା ପରେ ପର୍ଯ୍ୟାୟକ୍ରମେ ପାକିସ୍ତାନ ଖଣ୍ଡ ବିଖଣ୍ଡ ହୋଇ ସତ୍ତା ହରାଇବା ସହିତ ୨୦୧୫ ବେଳକୁ ଭାରତ ଅଧୀନକୁ ଆସିବ ବୋଲି ରୋଡ଼ ଆଇଲାଣ୍ଡର ନିୟୁପୋର୍ଟସ୍ଥିତ ନାଭାଲଓ୍ୱାର କଲେଜରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଯୋଗ ଦେଇଥିବା ମାର୍କିନ ବିଶେଷଜ୍ଞମାନେ ଉକ୍ତ ଭବିଷ୍ୟଦ୍‌ବାଣୀ କରିଛନ୍ତି । ''ଏସ୍.ଏଣ୍ଡର୍ସ. ଓ୍ୱିୟର୍ସ''ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅନୁଧ୍ୟାନମୂଳକ ଆଲୋଚନାଚକ୍ରରେ ୧୪ ଜଣ ବିଖ୍ୟାତ ବିଶେଷଜ୍ଞ ଯୋଗ ଦେଇଥିଲେ । ଏଥିରେ ମତ ପ୍ରକାଶ ପାଇଥିଲା ଯେ ଭାରତ ପରମାଣୁ ପରୀକ୍ଷା ଓ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ଏକ ସୁପରଷ୍ଟାର ଭାବରେ ପ୍ରତିଭାତ ହେବା ଦୃଷ୍ଟିରୁ ଭାରତ ସହ ଆମେରିକା ମେଣ୍ଟ ଓ ବନ୍ଧୁତା କରିବା ପାଇଁ ପସନ୍ଦ କରିବ । ସନ୍ତ୍ରାସବାଦ ଓ ଅରାଜକତାକୁ ନେଇ ଭାଗ ଭାଗ ହେବା ପରେ ଭାରତ ତାକୁ ଅଧିକାର କରିବ । ୨୦୨୫ ବେଳକୁ ଭାରତ ଓ ଆମେରିକାର ବନ୍ଧୁତ୍ୱ ଯୋଗୁଁ ପାକିସ୍ତାନ ତା'ର ସତ୍ତା ସମ୍ପୂର୍ଣ୍ଣ ହରାଇବ ଓ ସେତେବେଳକୁ ପାକିସ୍ତାନ ସନ୍ତ୍ରାସବାଦୀଙ୍କ ନିୟନ୍ତ୍ରଣକୁ ଯାଇ ଅଚଳ ଅବସ୍ଥାକୁ ଆସିଯିବ । ଏପରିକି ଅନୁପ୍ରବେଶକାରୀଙ୍କୁ ରୋକିବା ପାଇଁ ଭାରତର ଦାବିକୁ ପାକିସ୍ତାନ ଶୁଣିବା ଅବସ୍ଥାରେ ନଥିବ । ଫଳତଃ, ଭାରତ ଆଜାଦ-କାଶ୍ମୀର ଅଞ୍ଚଳରେ ପ୍ରବେଶ କରିବା ପାଇଁ ବାଧ୍ୟ ହେବ । ଅବଶ୍ୟ ଏହି ଅଞ୍ଚଳରୁ ସୈନ୍ୟ ପ୍ରତ୍ୟାହାର ପାଇଁ ପାକିସ୍ତାନ ଧମକ ଦେବ । ଏଥିରେ ଚୀନ ମଧ୍ୟ ପାକିସ୍ତାନକୁ ସମର୍ଥନ କରି ମିଜୋରାମ, ଆସାମ ଓ ସିକିମ୍‌ରେ ଥିବା ଭାରତର ଘାଟି ଆଡ଼କୁ ସୈନ୍ୟ ପ୍ରେରଣକରି ଭାରତ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନର ଧମକ ଦେବ । ମାତ୍ର ଏହି ସମୟରେ ଭାରତ ମହାସାଗରକୁ ଆମେରିକା ତା'ର ନୌସେନା ପଠାଇ ଚୀନକୁ ସାମରିକ କାର୍ଯ୍ୟାନୁଷ୍ଠାନରୁ ନିବୃତ୍ତ କରିଦେବ । ଅନ୍ୟ ପକ୍ଷରେ, ପାକିସ୍ତାନ ଭାରତ ଆକ୍ରମଣ କରିପାରେ, ଏହି ଆଶଙ୍କାରେ ଯେ ଭାରତ ପାକିସ୍ତାନର ପରମାଣୁ ପ୍ରତିଷ୍ଠାନ ଉପରେ କାଳେ ଆକ୍ରମଣ କରିବ । ଯଦିଓ ପାକିସ୍ତାନ ପ୍ରତିଆକ୍ରମଣ କରିବାକୁ ଚାହିଁବ, ଅଥଚ ସେତେବେଳକୁ ପାକିସ୍ତାନର ପରମାଣୁ ଅସ୍ତ୍ରାଗାର ସନ୍ତ୍ରାସବାଦୀଙ୍କ ନିୟନ୍ତ୍ରଣକୁ ଚାଲି ଯାଇଥିବ । ଆମେରିକା $B_2$ ବୋମାବର୍ଷୀ ବିମାନ ପାକିସ୍ତାନର ସମସ୍ତ ପରମାଣୁ-ଘାଟି ନଷ୍ଟ କରିଦେବ । ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ପାକିସ୍ତାନ ଭିତରକୁ ଭାରତୀୟ ସେନା ପ୍ରବେଶ କରି ସ୍ୱାଭାବିକତା ଫେରାଇ ଆଣିବେ । ଭାରତର ଏହି କାର୍ଯ୍ୟାନୁଷ୍ଠାନ ପରେ ପାକିସ୍ତାନର ସିନ୍ଧ, ବେଲୁଚିସ୍ଥାନ ଓ ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶର ପାର୍ଲିଆମେଣ୍ଟ ଭାରତ ନେତୃତ୍ୱରେ ପ୍ରତିଷ୍ଠିତ ହେବାକୁ ଥିବା ସଂଘ ସପକ୍ଷରେ ଭୋଟ ଦେବେ । ଏକଘରିକିଆ ହୋଇଯାଇଥିବା ପଞ୍ଜାବ ପ୍ରଦେଶ ବାଧ୍ୟହୋଇ ଭାରତ ସହିତ ସଂଯୁକ୍ତ ହେବ ଏବଂ ଭାରତରେ ପଞ୍ଜାବ ସହିତ ଏହାର ଏକତ୍ରୀକରଣ ଘଟିବ । ଏହି କ୍ରମରେ ୨୦୨୦ ବେଳକୁ ପାକିସ୍ତାନ ସମ୍ପୂର୍ଣ୍ଣ ଲୋପ ହୋଇ ଭାରତ ଅଧୀନକୁ ଆସିବ ଏବଂ ଭାରତ ଏସିଆ ମହାଦେଶରେ ଏକ ମର୍ଯ୍ୟାଦାପୂର୍ଣ୍ଣ ଆସନ ଲାଭକରିବ । ଜର୍ମାନୀ ଓ କୋରିଆ ପରି ଭାରତ ଭୂଖଣ୍ଡରେ ଆଉ ଏକ ମହାସଂଘ (Confederation) ଗଠିତ ହେବ ଯେଉଁଥିରେ ଭାରତ ସହିତ ପାକିସ୍ତାନ ସଂଘବଦ୍ଧଭାବେ ରହିବା ଅସମ୍ଭବ ହେବ ନାହିଁ ।

୪. ତାଲିବାନ ନେତା ବୈତୁଲା ମେରସୁଦଙ୍କ ଧମକରେ ରାଷ୍ଟ୍ରପତି ଆସଫ ଅଲ୍ଲି ଜର୍ଦାରୀ ''ନିଜାମ-ଇ-ଆଦଲ''କୁ ସ୍ୱୀକୃତି ଦେବା ଫଳରେ ସେଠାରେ ଭିନ୍ନ ଆଇନ କାର୍ଯ୍ୟକାରୀ ହେବାରୁ ତାଲିବାନ ଅଞ୍ଚଳରେ ଜଣେ ଯୁବତୀଙ୍କ ଆଚରଣଗତ ତ୍ରୁଟି ଯୋଗୁଁ ତାଙ୍କୁ ସର୍ବସାଧାରଣରେ ଚାବୁକମାଡ଼ର ଚିତ୍ର ଗଣ-ମାଧ୍ୟମରେ ପ୍ରଚାରିତ ହେବା ପରେ ଆନ୍ତର୍ଜାତୀୟ ସ୍ତରରେ ଆଲୋଡ଼ନ ସୃଷ୍ଟି ହୋଇଛି ।

୫. ରାଷ୍ଟ୍ରପତି ଜର୍ଦାରୀ ବାରଂବାର ସ୍ୱୀକାର କଲେଣି ଯେ ଭାରତ ପାକସ୍ତାନର ଶତ୍ରୁ ନୁହେଁ । ପ୍ରକୃତ ଶତ୍ରୁ ହେଉଛନ୍ତି ଆତଙ୍କବାଦୀ । ତାଙ୍କର ଆହୁରି ଚାଞ୍ଚଲ୍ୟକର ସ୍ୱୀକାରୋକ୍ତି ହେଉଛି ''ଉଗ୍ରବାଦକୁ ସୃଷ୍ଟି କରିଛି ପାକିସ୍ତାନ'', ତାକୁ ପାଳି ପୋଷି ପରିପୁଷ୍ଟ କରିଛି । କ୍ଷଣିକ ସୁବିଧା ପାଇଁ ଏପରି କରାଯାଇଛି ବୋଲି ଜର୍ଦାରୀ କହିଛନ୍ତି । ସମଗ୍ର ବିଶ୍ୱର ଆତଙ୍କ ଓସମା-ବିନ-ଲାଦେନଙ୍କୁ ଯେପରି ଭାବରେ ପାକିସ୍ତାନ ସୁରକ୍ଷିତ ରଖି ସମଗ୍ର ଜଗତକୁ ବିଶେଷତଃ ଆମେରିକାକୁ ଭୁଆଁ ବୁଲାଉ ଥିଲା ତାହା ୨୦୧୧ ମେ ମାସ ଦୁଇ ତାରିଖ ରାତି ୧୧.୩୦ରେ ଲାଦେନକୁ ଆବାଟାବାଦରେ ଆମେରିକା ହତ୍ୟା କରିବା ଘଟଣା ସମ୍ପୂର୍ଣ୍ଣ ପ୍ରମାଣିତ କରି ଇତିହାସରେ ପରିଣତ ହୋଇଗଲା । ପାକିସ୍ତାନ ମଧ୍ୟ ଏହା ଜାଣି ପାରିଲା ନାହିଁ । ସମଗ୍ର ବିଶ୍ୱ ଆଶ୍ୱସ୍ତ ହେଲା ।

୬. ରୁଷିଆର ଏକା ଟେରିନବର୍ଗରେ ଅନୁଷ୍ଠିତ ଶିଖର ବୈଠକରେ ଆମ ପ୍ରଧାନ ମନ୍ତ୍ରୀ ଡଃ. ମନୋମୋହନ ସିଂହ, ରାଷ୍ଟ୍ରପତି ଜର୍ଦାରୀଙ୍କୁ କହିଥିଲେ, ''I am extremely happy to meet you, but my agenda is limited to telling you that the territory of Pakisthan must not be allowed to be used for terrorism against India.''(Times of India, 17.6.09) ପାକିସ୍ତାନ ଯେ ସନ୍ତ୍ରାସବାଦୀ ରାଷ୍ଟ୍ର ଏହା ବିଶ୍ୱବିଦିତ । ନିଜ ଅସ୍ତ୍ରରେ ସେ ନିଜେ ଧ୍ୱଂସ ହେବାହିଁ ହୁଏତ ତା'ର ଭବିତବ୍ୟ – ଯାହା ଦିନେ ସମୟ ପ୍ରମାଣ କରିବ ।

ଶ୍ରୀଅରବିନ୍ଦଙ୍କ ସ୍ୱପ୍ନ ଓ ପ୍ରତିଶ୍ରୁତି ହେଉଛି ଅଖଣ୍ଡ ଭାରତ । ବର୍ତ୍ତମାନର ବାସ୍ତବତା ଏକ ବିପରୀତ ଚିତ୍ର ଉପସ୍ଥାପନ କଲେ ମଧ୍ୟ ତା'ର ଅନ୍ତରାଳରେ କ'ଣ ରୂପ ଗ୍ରହଣ କରୁଛି ତାହା ଆମେ ଆମର ଦେହ, ପ୍ରାଣ, ମନର ଅପୂର୍ଣ୍ଣତା ଓ ମୋହ ଅଜ୍ଞାନତା ହେତୁ ଜାଣିବା ବା ନିରୀକ୍ଷଣ କରିବା ସମ୍ଭବ ନୁହେଁ । ବିଶ୍ୱାସ ଓ ବାସ୍ତବତା, ଈଶ୍ୱର ଓ ସଂସାର ମଧ୍ୟରେ ରହି ଆସିଥିବା ଦ୍ୱନ୍ଦ୍ୱ, ସଂଶୟ, ସଂଘାତ ଓ ସଂଘର୍ଷର ସୁନ୍ଦର ତଥା ସାର୍ଥକ ସମନ୍ୱୟ ସେ କରିଛନ୍ତି । ମହାକାବ୍ୟ ସାବିତ୍ରୀରେ ଅମୃତଦ୍ରଷ୍ଟା ଋଷିକବିଙ୍କ କାଳଜୟୀ ଲେଖନୀରୁ ଝରି ପଡ଼ିଛି, ''All contraries prepare her harmony;'' (ସକଳ ବୈପରୀତ୍ୟ ବସ୍ତୁ ତାଙ୍କ ସୁସଙ୍ଗତି ସକାଶେ ଏକ ପ୍ରସ୍ତୁତିପର୍ବ;) (ସାବିତ୍ରୀ, ୩୧୪ ପୃଷ୍ଠା)

ତଥାପି ଆମେ ବିଭକ୍ତି ଓ ବିଭାଜନ ବିଦ୍ୟାରେ ସତେ ଯେପରି ବିଦଗ୍ଧ । ବିଚ୍ୟୁତି ନାହିଁ, ବିରତି ବା ବିଭକ୍ତି ମଧ୍ୟ ନାହିଁ । ଯେଉଁ ମହାନ୍ ଦେଶରେ ରହିଛି ଚେତନାର ଅମୃତ ଦିଗନ୍ତ, ଯାହାର ଆତ୍ମା ସ୍ୱୟଂ ମା' ଭବାନୀ, ଆମେ ଏଡ଼େ ନିର୍ବୋଧ ଯେ ତାକୁ ଖଣ୍ଡ ବିଖଣ୍ଡିତ କରିବାରେ ବ୍ୟସ୍ତ ବିବ୍ରତ ! ଆନ୍ଧ୍ର ପ୍ରଦେଶର ବିଭାଜନ ସ୍ୱତନ୍ତ୍ର ତେଲେଙ୍ଗାନା ପାଇଁ ସେ ଅଞ୍ଚଳର ମାନ୍ୟବର ସାଂସଦଗଣଙ୍କ ଅନଶନ, ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ରାଜ୍ୟ ଭାବରେ ଦାବି ନେଇ ଗୋଟିଏ ରାଜନୈତିକ ଦଳର ମାନ୍ୟବର ସାଂସଦମାନଙ୍କ ବିକ୍ଷୋଭ ପରି ଅନ୍ୟାନ୍ୟ କେତେ ରାଜ୍ୟ ଅନୁରୂପ ସଂକଳ୍ପରେ ଅଟଳ । ଏଣେ ଚାଇନା ଡୋମ-ଗେକ ନିକଟରେ ଅବାଧରେ ଭାରତ ଭିତରକୁ ପ୍ରବେଶ କରି ରାସ୍ତା ଓ ରେଳଲାଇନ ନିର୍ମାଣ କରୁଛି । ୧୯୬୨ ଓ ୧୯୬୮ରେ ସେ ଦେଶ ଦୁଇଥର ଆକ୍ରମଣ କରିଛି ଭାରତକୁ । ଏସବୁ ପ୍ରତି ଆମେ ସଚେତନ ନୁହଁ । ସୁତରାଂ, ଭାରତକୁ ପ୍ରଥମେ ଭାରତୀୟଙ୍କଠାରୁ ରକ୍ଷା କରିବାକୁ ହେବ ଓ ସର୍ବଭାରତୀୟ ଚେତନାରେ ଅଭିମନ୍ତ୍ରିତ ହୋଇ ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ଅକ୍ଷୁଣ୍ଣ ରଖିବାହିଁ ଆଜିର ପରମ ଆହ୍ୱାନ ।

ଭାରତମାତାଙ୍କର ଜୟ ହେଉ । ❖

ଶ୍ରୀଅରବିନ୍ଦ ପୃଥିବୀପୃଷ୍ଠରେ ଆବିର୍ଭୂତ ହୋଇଛନ୍ତି ଅତୀତର ଧାର୍ମିକ ଶିକ୍ଷା ବା ଧର୍ମମତରାଜି ସହ ପ୍ରତିଯୋଗିତା କରି ଅନ୍ୟ ଏକ ଧର୍ମଶିକ୍ଷା ବା ସମ୍ପ୍ରଦାୟ ପ୍ରତିଷ୍ଠା କରିବା ପାଇଁ ନୁହେଁ, ବରଂ ସେ ଆସିଛନ୍ତି ବାସ୍ତବରୂପେ ଦେଖାଇ ଦେବା ପାଇଁ ଯେ ଅତୀତକୁ କିପରି ପୂର୍ଣ୍ଣରୂପେ ଅତିକ୍ରମ କରି ଏକ ଅନିବାର୍ଯ୍ୟ ଓ ଆସନ୍ନ ଭବିଷ୍ୟତର ଦ୍ୱାର ଉଦ୍‌ଘାଟନ କରିବାକୁ ହେବ ।

– ଶ୍ରୀମା

ପୃଥିବୀ-ଚେତନା ପାଇଁ ସାଧନା (୩୫)

# ପଣ୍ଡିଚେରୀ : 'ତପସ୍ୟାର ଗୁହା'

### ଅଭିନବ ରୀତିରେ ଦୀକ୍ଷା :

ଅମୃତଙ୍କର 'ସ୍ମୃତିକଥା'ରୁ : ''ଯେଉଁ ମୁହୂର୍ତ୍ତରୁ ମୁଁ ଗୁରୁ ଶ୍ରୀଅରବିନ୍ଦଙ୍କର କୃପାଦୃଷ୍ଟିର ଆଲିଙ୍ଗନ ଲାଭ କଲି, ସେହି ମୁହୂର୍ତ୍ତରୁ ମୋର ଅଜ୍ଞାତସାରରେ ମୋ ଜୀବନର ଗତିପଥ ନିର୍ଦ୍ଧାରିତ ହୋଇଯାଇଥିଲା । ...ଏଥିରେ ମୋର କୌଣସି କର୍ତ୍ତୃତ୍ୱ ନଥିଲା, ମୁଁ ଥିଲି କେବଳ ଏକ ଉପଲକ୍ଷ, ଏକ ଯନ୍ତ୍ର, 'ନିମିତ୍ତ ମାତ୍ରମ୍' ।...

''୧୯୧୫ରେ ମ୍ୟାଟ୍ରିକ୍ ପରୀକ୍ଷା ଦେବାକୁ ମୁଁ ମାନ୍ଦ୍ରାଜ ଗଲି । ସେଠାରେ ମାତ୍ର ଦିନେ, ଦୁଇଦିନ ରହି ପଣ୍ଡିଚେରୀକୁ ଫେରି ଆସି ମୁଁ ପ୍ରଥମେ ଶ୍ରୀଅରବିନ୍ଦଙ୍କୁ ଭେଟିଲି ।... ପରୀକ୍ଷା ଫଳ ଶୁଣିବା ମାତ୍ରେ ସେ ମୋତେ ଅଧିକ ପଢ଼ାପଢ଼ି କରିବା ପାଇଁ ଉତ୍ସାହିତ କଲେ । ... ମାନ୍ଦ୍ରାଜରେ ମୁଁ ଥିଲି ଏକେବାରେ ଅଚିହ୍ନା । ଶ୍ରୀଅରବିନ୍ଦଙ୍କୁ ଏହା ଅଗୋଚର ନଥିଲା । ସେ ଗୋଟିଏ ଛୋଟ କାଗଜରେ ଧାଡ଼ିଏ କି ଦୁଇଧାଡ଼ି ମୋ ପାଇଁ ଏକ ପରିଚୟ-ପତ୍ର ଲେଖି ସେଇଟିକୁ ମାନ୍ଦ୍ରାଜରେ ପ୍ରକାଶିତ 'ହିନ୍ଦୁ' କାଗଜର ତତ୍କାଳୀନ ସଂପାଦକ କସ୍ତୁରୀରଙ୍ଗା ଆୟେଙ୍ଗାରଙ୍କୁ ଦେଖାଇବା ପାଇଁ କହିଲେ । ଶ୍ରୀଅରବିନ୍ଦଙ୍କର ମୋ ପ୍ରତି ଅପାର କରୁଣାରୁ ଆଇନ କଲେଜର ସାମନାରେ ୧୪ନଂ ବେକାର୍ ଷ୍ଟ୍ରୀଟ୍‌ରେ ମୋ ସକାଶେ ଏକ ବାସଗୃହର ଯୋଗାଡ଼ ହୋଇପାରିଥିଲା ।...

''ମାନ୍ଦ୍ରାଜରେ ମୁଁ ୧୯୧୫ରୁ ୧୯୧୯ ପର୍ଯ୍ୟନ୍ତ ଥିଲି । ଯଦିଓ ସେଠାରେ ବାସ କରୁଥିଲି, ତଥାପି ସର୍ବଦା ଗୁରୁଙ୍କର ଉପସ୍ଥିତି ମୋତେ ପରିଚାଳିତ କରୁଥିଲା ।...

''ମୋର ମାନ୍ଦ୍ରାଜକୁ ଚାଲିଆସିବାର ଚାରି, ପାଞ୍ଚ ମାସ ପୂର୍ବରୁ ଶ୍ରୀଅରବିନ୍ଦ କେବେ କେବେ କଥାଛଳରେ ମୋତେ କହିଥିଲେ, 'ଯାହା ବି ଘଟୁ ନା କାହିଁକି, ଘଟଣାରାଜିରୁ ନିଜକୁ ପୃଥକ୍ କରିନେବ, ଏବଂ ସେସବୁକୁ ସାକ୍ଷିପୁରୁଷ ସଦୃଶ ଦେଖିବ । ନିଜକୁ କେବେହେଲେ ସେସବୁଥିରେ ଜଡ଼ିତ କରିବ ନାହିଁ ।' ଯଦିଓ ସେତେବେଳେ ତାଙ୍କର ମୋ ପ୍ରତି ପ୍ରଦତ୍ତ ଏହି ଦୀକ୍ଷା-ମନ୍ତ୍ରର ସଂପୂର୍ଣ୍ଣ ତାତ୍ପର୍ଯ୍ୟ ମୁଁ ହୃଦୟଙ୍ଗମ କରିପାରି ନଥିଲି ତଥାପି ତାଙ୍କ ମୁଖନିଃସୃତ ସେଇ ବାଣୀ ମୋ ହୃଦୟରେ ଏକ ଗଭୀର ଛାପ ପକାଇଥିଲା । ତାଙ୍କରି ପ୍ରଦତ୍ତ ଏହି ଏକମାତ୍ର ମନ୍ତ୍ର ମୋର ମାନ୍ଦ୍ରାଜରେ ଚାରି, ପାଞ୍ଚ ବର୍ଷ ରହଣି ଭିତରେ ମୋତେ ଏକ ଅବ୍ୟର୍ଥ ଶକ୍ତିପ୍ରଦାନ କରିଥିଲା ।...

''ଗୁରୁଙ୍କର ମୋ ପ୍ରତି ଏହି ଦୀକ୍ଷାଦାନ କେବେହେଲେ ଚିରାଚରିତ ପ୍ରଥାରେ ସମ୍ପନ୍ନ ହୋଇନଥିଲା ଏବଂ ମୁଁ ଯାହାଙ୍କୁ ଦୀକ୍ଷାମନ୍ତ୍ର ବୋଲି କହିଛି, ଯାହାକି ଥିଲା ଗୁରୁଙ୍କର ମୋ ପ୍ରତି ବାରଂବାର ଆଦେଶ,– ଏହି ମନ୍ତ୍ରଟିକୁ ବି ସେ ମୋତେ ଗତାନୁଗତିକ ପଦ୍ଧତିରେ ଦେଇ ନଥିଲେ... ଶ୍ରୀଅରବିନ୍ଦଙ୍କ ରୀତି ଥିଲା ସଂପୂର୍ଣ୍ଣ ଭିନ୍ନ । ତାଙ୍କ ସହିତ ଆମର ଅନ୍ତରଙ୍ଗତା, ଘନିଷ୍ଠତା ବୃଦ୍ଧି ହେବା ସଙ୍ଗେ ସଙ୍ଗେହିଁ ଆମେ ଆମ ଭିତରେ ଅନୁଭବ କରିପାରୁଥିଲୁ ଯେ ସେ ଆମକୁ ଗ୍ରହଣ କରିନେଇଛନ୍ତି ଏବଂ ଆମ ଭିତରେ ସାଧନା ଆରମ୍ଭ ହୋଇଯାଇଛି । ଗୁରୁଙ୍କର କୃପା ଏବଂ ଶିଷ୍ୟର ଏହି କୃପାଲାଭ – ଏହା ଥିଲା ଏକ ସ୍ୱତଃସ୍ଫୂର୍ତ୍ତ ମୌନ ବିକାଶ, ଶବ୍ଦଟିଏ ବି ଉଚ୍ଚାରଣର ଆବଶ୍ୟକତା ନଥିଲା । ... ଆମେ ପ୍ରତ୍ୟେକେ ନିଜ ନିଜର ଯୋଗ୍ୟତା ଓ ସ୍ୱଧର୍ମ ଅନୁଯାୟୀ, ନିଜର ବୈଶିଷ୍ଟ୍ୟମୂଳକ ମାର୍ଗରେ ଲାଭ କରୁଥିଲୁ ଗୁରୁଙ୍କର ନୀରବ ଅନୁପ୍ରେରଣା ବା ଦିବ୍ୟପ୍ରତ୍ୟାଦେଶ ।...

'' 'ମିଛ କୁହ ନାହିଁ । ଚୋରି କର ନାହିଁ । କୁବାକ୍ୟ କହି କାହାରି ମନରେ ଆଘାତ ଦିଅ ନାହିଁ ।'– ଶ୍ରୀଅରବିନ୍ଦଙ୍କୁ ଏହିସବୁ ନୀତି ଉପଦେଶ ଦେବାର ମୁଁ କେବେ ବି ଶୁଣି ନାହିଁ । ବରଂ ମୋତେ ଏବଂ ଅନ୍ୟ ସମସ୍ତଙ୍କୁ ସେ ଏଇ ଧରଣର କଥା କହିବାର ଶୁଣିଛି : 'ଧ୍ୟାନରେ ବସି ଚେତନାକୁ ମସ୍ତିଷ୍କର ଊର୍ଦ୍ଧ୍ୱରେ ତୋଳି ଧର, ବ୍ୟକ୍ତିଗତ ସକଳ ପ୍ରଚେଷ୍ଟା ତ୍ୟାଗପୂର୍ବକ ଊର୍ଦ୍ଧ୍ୱସ୍ଥ ଶକ୍ତି ସହିତ ମିଳିତ ହୁଅ, ସେହି ମହାଶକ୍ତିଙ୍କୁ ତୁମ ଭିତରେ ଅବାଧରେ କାର୍ଯ୍ୟ କରିବାକୁ ଦିଅ, ସେହିଁ ତୁମ ପାଇଁ ସବୁକିଛି କରିଦେବେ ।'...

''ମୋର ମାନ୍ଦ୍ରାଜକୁ ଚାଲିଆସିବାର ଦଶ, ବାରଦିନ ପୂର୍ବରୁ ମୋର ବାରଂବାର ଅନୁରୋଧ ଫଳରେ ଶ୍ରୀଅରବିନ୍ଦ ଯୋଗ-ସାଧନା ସମ୍ବନ୍ଧରେ ଦୁଇ, ଚାରି ପଦ କିଛି କହିବାକୁ ସମ୍ମତ ହୋଇଥିଲେ । ମୁଁ ପ୍ରତିଦିନ ତାଙ୍କ ପାଖକୁ ଉପରଓଳି ତିନିଟାରୁ ସାଢ଼େ ତିନିଟା ଭିତରେ ଯାଉଥିଲି । ସେହି ସମୟରେ ସେ ମୋତେ ଯୋଗ-ସାଧନା ସମ୍ପର୍କରେ ସରଳଭାବରେ

କହୁଥିଲେ । ମୁଁ ତାଙ୍କ କହିବାର ମୁଖ୍ୟ ଅଂଶଗୁଡ଼ିକ ଲେଖି ନେଉଥିଲି ।

''ତାଙ୍କର ସେହି ବାଣୀଗୁଡ଼ିକୁ ମୁଁ ଦୁଇଟି ଛୋଟ ନୋଟ୍ ଖାତାରେ ଟିପି ରଖୁଥିଲି । ମୋର ମାନ୍ଦ୍ରାଜରେ ଚାରି, ପାଞ୍ଚ ବର୍ଷ ରହଣି ଭିତରେ ସେହି ଖାତା ଦୁଇ ଖଣ୍ଡ ସର୍ବଦା ଦିଶାରୀ ସଦୃଶ ଅହରହ ମୋ ସଙ୍ଗେ ସଙ୍ଗେ ରହିଥିଲା । ରାତ୍ରିରେ, ଶୋଇବା ସମୟରେ, ସେହି ଦୁଇଟିକୁ ମୁଁ ମୋର ତକିଆ ତଳେ ରଖୁଥିଲି । ସାରାଦିନ ସେ ଦୁଇଟି ମୋ ପକେଟରେ ରହୁଥିଲା ଏବଂ ମୁଁ ସେସବୁକୁ ବାର ବାର ପଢୁଥିଲି ।

''ଶ୍ରୀଅରବିନ୍ଦ ତାଙ୍କ ମହାପ୍ରୟାଣର ବେଶ୍ କିଛି ବର୍ଷ ପୂର୍ବରୁ ମୋ ନିକଟରୁ ଲିପିବଦ୍ଧ ହୋଇ ରହିଥିବା ମୋର ସେହି ଟିପାଖାତା ଦୁଇଟିକୁ ଫେରାଇ ନେଇଥିଲେ । ବୋଧହୁଏ କେବଳ ମୋ ପ୍ରତି ଉଦ୍ଦିଷ୍ଟ ଯୋଗର ସେହି ଗୁପ୍ତ ରହସ୍ୟାବଳି ଅନ୍ୟମାନଙ୍କ ନିକଟରେ ପ୍ରକାଶ ପାଉ ବୋଲି ସେ ଚାହୁଁ ନଥିଲେ ।...

''ପଣ୍ଡିଚେରୀକୁ ଆସିବା ମାତ୍ରେ ଶ୍ରୀଅରବିନ୍ଦଙ୍କ ଆଗରେ ମାନ୍ଦ୍ରାଜରେ ମୁଁ ଯାହା ଯାହା କରିଥାଏ ସେସବୁର ଏକ ବିସ୍ତାରିତ ବିବରଣୀ ଦେଉଥିଲି । ତାଙ୍କ ଆଗରେ ନିଜକୁ ଏହିପରି ଭାବରେ ଖୋଲି ଧରିବା ପରେ ମୁଁ ସ୍ପଷ୍ଟ ଅନୁଭବ କରୁଥିଲି ଯେପରି ମୁଁ ଏକ ଶୀତଳ ସ୍ନାନ କରିଉଠିଲି, ମୋ ଭିତରେ ଏକ ନୂତନ ଜୀବନ, ନୂତନ ଶକ୍ତିର ସଞ୍ଚାର ହୋଇଛି, ମୁଁ ଯେପରି ଏକ ନବଜନ୍ମ ଲାଭ କରିଛି ।

''ନିଶ୍ଚିନ୍ତରେ ପୁଣି ମାନ୍ଦ୍ରାଜ ଫେରି ଯାଉଥିଲି ସମ୍ପୂର୍ଣ୍ଣରୂପେ ଏକ ନୂତନ ମଣିଷ ହୋଇ । ସାଧନା ସମ୍ପର୍କରେ କିଛି ପ୍ରଶ୍ନ ପଚାରିଲେ ଶ୍ରୀଅରବିନ୍ଦଙ୍କଠାରୁ ଯାହା ପ୍ରାୟ ଶୁଣୁଥିଲି ତା'ର ପ୍ରଧାନ କଥା ହେଉଛି, 'ନିଜ ମସ୍ତକର ଟିକିଏ ଉର୍ଦ୍ଧ୍ୱକୁ ଉଠିଯାଅ, ସେଠାରେ ରହିଛି ଅତିମାନସ ସ୍ତର, ଏହାରି ଉପରେ ଏକାଗ୍ର ହୁଅ, ତୁମର ଯାହାକିଛି ଆବଶ୍ୟକ ତୁମେ ସେଇଠାରୁହିଁ ପାଇବ ।'

''ମାନ୍ଦ୍ରାଜରେ ଥିବାବେଳେ ଶ୍ରୀଅରବିନ୍ଦଙ୍କ ନିର୍ଦ୍ଦେଶାନୁସାରେ ରାତ୍ରିରେ ଶୋଇବା ପୂର୍ବରୁ ଏବଂ ଭୋରରୁ ସ୍ନାନାଦି ନିତ୍ୟକର୍ମ ପରେ ପନ୍ଦର ମିନିଟ କରି ଏକାଗ୍ରତା ଅଭ୍ୟାସ କରୁଥିଲି । ଏହାଫଳରେ ରାତ୍ରିରେ ହେଉଥିଲା ଗଭୀର ସୁନିଦ୍ରା ଏବଂ ଦିନତମାମ କାର୍ଯ୍ୟକ୍ରମରେ ପାଉଥିଲି ନିୟତ ଏକ ଶକ୍ତି ଏବଂ ଶାନ୍ତି । ଅବଶ୍ୟ ଥରେ କି ଦୁଇଥର ବିନା କାରଣରେ ମୋତେ ଉତ୍କଣ୍ଠା ଓ ବିଷଣ୍ଣତା ଭୋଗିବାକୁ ପଡ଼ିଥିଲା । ବେଶ୍ କିଛି ବର୍ଷ ପରେ ମୁଁ ବୁଝିପାରିଲି ଯେ ଏହା ହୋଇଥିଲା ସର୍ବଦା ଯଥାସମ୍ଭବ ଶ୍ରୀଅରବିନ୍ଦଙ୍କୁ ସ୍ମରଣରେ ରଖିପାରୁ ନଥିଲି ବୋଲି ।...''

ପରବର୍ତ୍ତୀ କାଳରେ ବନ୍ଧୁମାନଙ୍କ ସବିନୟ ଅନୁରୋଧରେ ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ ବର୍ଣ୍ଣନା କରିବାକୁ ଯାଇ ଅମୃତ କିଂକର୍ତ୍ତବ୍ୟବିମୂଢ଼ ହୋଇ କେବଳ ଏତିକି କହିଥିଲେ : ''ମୁଁ ଯେତେବେଳେ ତାଙ୍କ ସମ୍ମୁଖରେ ଯାଇ ଛିଡ଼ା ହେଉଥିଲି ବା ତାଙ୍କର ଅତି ନିକଟସ୍ଥ ହେଉଥିଲି, ମୋର ମନେ ହେଉଥିଲା, ସତେ ଯେପରି ମୁହୂର୍ତ୍ତେ ମାତ୍ର କାଳବିଳମ୍ବ ନକରି ଅତି ସହଜରେ ସେ ତାଙ୍କର ଉତ୍ତୁଙ୍ଗ ଶିଖରରୁ ମୋ ସ୍ତରକୁ ଓହ୍ଲାଇ ଆସି ମୋ ସହିତ ଏକାକାର ହୋଇଯାଇଛନ୍ତି । ତଥାପି ମୋର ପ୍ରତ୍ୟେକ ଥର ଏହି ଅନୁଭବ ହେଉଥିଲା ଯେପରି ମୁଁ ଏକ କୂଳବିହୀନ ଅନନ୍ତ ସମୁଦ୍ର ସମ୍ମୁଖରେ, ଅନନ୍ତବ୍ୟାପୀ ମହାଶୂନ୍ୟ ସମ୍ମୁଖରେ ଛିଡ଼ା ହୋଇଛି ଏବଂ ଯାହାକିଛି ବ୍ୟକ୍ତ ଏବଂ ଯାହାକିଛି ଅବ୍ୟକ୍ତ, ସେସବୁର ଉତ୍ସ ଏବଂ ଧାତ୍ରୀ ଅସୀମଙ୍କର, ଏକ ଭୂମା ପୁରୁଷଙ୍କର ସ୍ପର୍ଶଲାଭର ଏକ ଇନ୍ଦ୍ରିୟବୋଧ ଅନୁଭୂତି ଲାଭ କରୁଥିଲି ।

''ତଥାପି ଆଉ ଗୋଟିଏ କଥା । ଯଦିଓ ଆମ ସମ୍ମୁଖରେ ସେ ଠିକ୍ ଆମରି ପରି, ତଥାପି ଆମେ ଦେଖିପାରୁ ଏବଂ ଅନୁଭବ କରିପାରୁ ଯେ ତାଙ୍କରି ସାମୀପ୍ୟରେ ତାଙ୍କରି ଅପାର କରୁଣାରେ ଆମର ବ୍ୟକ୍ତିତ୍ୱର ଛାୟାମୂର୍ତ୍ତିଟି ଧୀରେ ଧୀରେ ଖସିପଡୁଛି ଏବଂ ଆମର ଯଥାର୍ଥ ସତ୍ତାଟି ଦିବ୍ୟ ଆଲୋକ, ଶକ୍ତି ଓ ଆନନ୍ଦରେ ପ୍ଳାବିତ ହୋଇଉଠୁଛି । ଏହି ଅନୁଭୂତି ମୁଁ ଅତି ସ୍ପଷ୍ଟରୂପେ ଓ ନିଃସନ୍ଦେହ ଭାବରେ ଲାଭ କରିଛି ।''

ଶ୍ରୀଅରବିନ୍ଦଙ୍କ ସହିତ ପ୍ରାରମ୍ଭିକ ସମ୍ପର୍କ ସ୍ଥାପନର ସମୟର କଥା ମନେ ପକାଇ ଅମୃତ କହୁଥିଲେ; ''ସ୍କୁଲ ଛୁଟି ହେବା ମାତ୍ରେ ମୁଁ କ୍ଳାନ୍ତ ହୋଇ ଆସି ଶ୍ରୀଅରବିନ୍ଦଙ୍କ ବାସଭବନକୁ ଛୁଟି ଆସୁଥିଲି ଏବଂ ମସିଣା ଉପରେ ଚିତ୍ ହୋଇ ଶୋଇ ପଡୁଥିଲି ଆଉ ଶ୍ରୀଅରବିନ୍ଦ ମୋ ପାଖରେ ସେଇ ମସିଣା ଉପରେ ବସି ଧୀରେ ଧୀରେ ତାଙ୍କର ବରଦହସ୍ତ ମୋ ଦେହରେ ବୁଲାଇ ଦେଉଥିଲେ । ସେତେବେଳେ ମୁଁ ସ୍ପଷ୍ଟରୂପେ ଆଘ୍ରାଣ କରୁଥିଲି ଏକ ବିଶେଷ ଧରଣର ସୁବାସ, ଯାହାକି ଶ୍ରୀଅରବିନ୍ଦଙ୍କ ଶରୀରରୁ ମହକୁଥାଏ । ପରେ ଶ୍ରୀମା କହିଥିଲେ ଯେ ଶ୍ରୀଅରବିନ୍ଦଙ୍କ ଶରୀରରୁ ପଦ୍ମପୁଷ୍ପର ଏକ ମନ୍ଦମଧୁର ସୁବାସ ସଦାବେଳେ ମହକୁ ଥାଏ ।''

ଏବେ ଟି. କୋଦଣ୍ଡରାମରାଓ ତାଙ୍କର ସ୍ମୃତିକଥାରେ ବର୍ଣ୍ଣନା କରିଛନ୍ତି : ‘‘... ଏକ ଅଦମ୍ୟ ଆନ୍ତର ପ୍ରେରଣାରେ ୧୯୨୦ର ଡିସେମ୍ବର ଶେଷ ସପ୍ତାହରେ ଶ୍ରୀଅରବିନ୍ଦଙ୍କର ପ୍ରଥମ ଦର୍ଶନ ଲାଭ ନିମିତ୍ତ ମୁଁ ପଣ୍ଡିଚେରୀ ଅଭିମୁଖୀ ହେଲି । ତାଙ୍କୁ ପ୍ରଥମ ଦର୍ଶନରେ ମୋର ସ୍ପଷ୍ଟରୂପେ ବୋଧ ହେଲା ଯେ ସେ ହେଉଛନ୍ତି ମୋର ବହୁଦିନର ଆରାଧ୍ୟ ଦେବତା ଦେବ ଦେବ ମହାଦେବ, ସ୍ୱୟଂ ଶିବ । ତାଙ୍କର ଶରୀର ଥିଲା ସୁବର୍ଣ୍ଣ; ମୁଁ ଆଳଙ୍କାରିକ ଭାଷାରେ ଏକଥା କହୁ ନାହିଁ, ସେ ପ୍ରକୃତରେ ଥିଲେ ସୁବର୍ଣ୍ଣମୟ (ହିରଣ୍ୟ ବର୍ଣ୍ଣମ୍, ହିରଣ୍ମୟମ୍) । ଚତୁଃପାର୍ଶ୍ୱରେ ଜ୍ୟୋତିଃ ବିକିରଣ କରୁଥିବା ଏକ ସାବଲୀଳ ସୁଷମ ହିରଣ୍ୟ ଶରୀରରେ ଉଜ୍ଜ୍ୱଳ ଆଭାମଣ୍ଡିତ କେଶଗୁଚ୍ଛ ତାଙ୍କର ସ୍କନ୍ଧ ପର୍ଯ୍ୟନ୍ତ ଲମ୍ବି ଆସିଥିଲା ଏବଂ ଗଭୀର ଅନ୍ତର୍ଭେଦୀ ଥିଲା ତାଙ୍କର ଦୀପ୍ତିମାନ୍ ନୟନଯୁଗଳ । ତାଙ୍କର ଅତ୍ୟୁତ୍ତମ ରାଜକୀୟ ଦିବ୍ୟ ଉପସ୍ଥିତିରେ ସେ ଥିଲେ ମହିମମୟ ।...

‘‘ଚାରିମାସ ପରେ ପୁଣି ମୁଁ ତାଙ୍କର ଦର୍ଶନ ଲାଭ କରିଥିଲି । ପରେ ଜୁଲାଇ ୧୯୨୧ରୁ ତିନିବର୍ଷ ଧରି ମୁଁ ତାଙ୍କର ନିକଟ ସାନ୍ନିଧ୍ୟରେ ବିତାଇଥିଲି । ସେତେବେଳେ ସେ ସକାଳେ ୯ଟାରୁ ୧୦ଟା ବେଳେ ଦର୍ଶନାର୍ଥୀମାନଙ୍କୁ ସାକ୍ଷାତ୍ ହେଉଥିଲେ । ଏହି ସମୟରେ ତାଙ୍କର ଦିବ୍ୟ-ଉପସ୍ଥିତିରେ ମୁଁ ପଦ୍ମର ସୌରଭ ପାଉଥିଲି । ସେତେବେଳେ ତାଙ୍କ ଟେବୁଲ୍ ଉପରେ କୌଣସି ପୁଷ୍ପଗୁଚ୍ଛ ରଖାଯାଉ ନଥିଲା, ପଦ୍ମ ପୁଷ୍ପ ତ ନିଶ୍ଚିତ ରୂପେ ନଥିଲା, ତଥାପି ମୁଁ ତୀବ୍ରଭାବରେ ପଦ୍ମପୁଷ୍ପର ସୁଗନ୍ଧ ପାଉଥିଲି । ମୁଁ ଏକଥା ମୋର କେତେକ ସାଧକ-ବନ୍ଧୁଙ୍କୁ କହିବାରୁ ସେମାନେ ମୋତେ କହିଲେ ଯେ ଏହା ତୁମ ଚୈତ୍ୟ-ଚେତନାର ବୋଧ ବ୍ୟତୀତ ଅନ୍ୟ କିଛି ନୁହେଁ । ସେମାନେ ମୋତେ ଏହାର ଯଥାର୍ଥ କାରଣ ସମ୍ବନ୍ଧେ କିଛି ବୁଝାଇ ପାରି ନଥିଲେ । ପରେ ମୁଁ ‘ରାଜଯୋଗ’ ସମ୍ବନ୍ଧେ କେତେକ ପୁସ୍ତକ ପଢ଼ି ଏହାର ଯଥାର୍ଥ କାରଣ ସମ୍ବନ୍ଧେ ଜାଣିଲି – ମହାନ୍ ଯୋଗୀମାନଙ୍କର ଦିବ୍ୟଶରୀରରୁ ଏହି ଧରଣର ପଦ୍ମର ସୁଗନ୍ଧ ସର୍ବଦା ନିର୍ଗତ ହୋଇଥାଏ ।...’’

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

ଆମକୁ ଆହୁରି ଦୂରକୁ ଯିବାକୁ ହେବ, ଆମକୁ ଅଗ୍ରସର ହେବାକୁ ହେବ, ବିଶାଳତର ଉଚ୍ଚତା ଅଭିମୁଖରେ ଉତ୍ଥିତ ହେବାକୁ ହେବ, ସୁଖ ଓ ନିଜର ବ୍ୟକ୍ତିଗତ କୁଶଳ ପାଇଁ ସମସ୍ତ କ୍ଷୁଧାତୁର ବାସନାକୁ ଅତିକ୍ରମ କରିବାକୁ ହେବ, କୌଣସି ଶାସ୍ତି, ଏପରିକି ପାରଲୌକିକ ଶାସ୍ତିର ଭୟରେ ନୁହେଁ – ଏହା କରିବାକୁ ହେବ ଏକ ନୂତନ ସୌନ୍ଦର୍ଯ୍ୟବୋଧର ବିକାଶ ଦ୍ୱାରା, ସତ୍ୟ ଓ ଆଲୋକର ଏକ ପିପାସା ଦ୍ୱାରା ଏବଂ ଏହା ବୁଝିବା ଦ୍ୱାରା ଯେ କେବଳ ନିଜକୁ ପ୍ରସାରିତ କରିବା ଦ୍ୱାରା, ନିଜକୁ ଆଲୋକିତ କରିବା ଦ୍ୱାରା, ଅଗ୍ରଗତି ପାଇଁ ଆବେଗପୂର୍ଣ୍ଣ ଉତ୍ସାହର ଆଲୋକ ଜାଳି ନିଜକୁ ଉଦ୍ଭାସିତ କରିବା ଦ୍ୱାରାହିଁ ଆମେ ତହିଁ ସଙ୍ଗେ ସଙ୍ଗେ ଯୁଗପତ୍ ଆନ୍ତର ଶାନ୍ତି ଓ ଦୀର୍ଘସ୍ଥାୟୀ ଆନନ୍ଦ ପାଇପାରିବୁ ।

ଆମକୁ ଊର୍ଦ୍ଧ୍ୱୋତ୍ଥିତ ହେବାକୁ ହେବ, ଏବଂ ନିଜକୁ ପ୍ରସାରିତ କରିବାକୁ ହେବ – ଊର୍ଦ୍ଧ୍ୱୋତ୍ଥିତ ହେବାକୁ ହେବ ... ପ୍ରସାରିତ କରିବାକୁ ହେବ ।

– ଶ୍ରୀମା

ସାଧନା-ପରମ୍ପରା

# ରାଗାନୁଗାଭକ୍ତି ଓ ଶ୍ରୀଚୈତନ୍ୟ

## (୫)

ଈଶ୍ୱରପୁରୀ ମହୋଦୟ ବିଦ୍ୟାନଗରୀ ନବଦ୍ୱୀପରେ ପ୍ରଥମଥର ପାଇଁ ପହଞ୍ଚିଲେ ଯେବେ, ତାଙ୍କର ସମ୍ଭବତଃ ଇଚ୍ଛା ଥିଲା ଭକ୍ତିତତ୍ତ୍ୱ ତଥା ଭଗବତ୍ ପ୍ରସଙ୍ଗରେ ସ୍ୱରଚିତ ଗ୍ରନ୍ଥଟିକୁ କୌଣସି ବିଦ୍ୱାନ୍ ଦ୍ୱାରା ସମର୍ଥିତ କରାଇନେବେ । ନବଦ୍ୱୀପରେ ସେ ନିମାଇ ପଣ୍ଡିତଙ୍କର ଅପୂର୍ବ ବିଦ୍‌ବତ୍ତାର ପ୍ରଶଂସା ଶୁଣି ତାଙ୍କୁ ଗ୍ରନ୍ଥଟି ଆମୂଳଚୂଳ ପାଠକରି ସଜାଡ଼ିଦେବା ପାଇଁ କହିଲେ । ମାତ୍ର ନିମାଇ ଅତିଶୟ ବିନୟର ସହ ନିଜର ଅସାମର୍ଥ୍ୟ ଜଣାଇଦେଲେ ଏଇ ଯୁକ୍ତି ଦେଖାଇ ଯେ ତାଙ୍କର ବିଦ୍ୟା ନ୍ୟାୟଦର୍ଶନ ଓ ବ୍ୟାକରଣ ତଥା ତର୍କ-ବିତର୍କ କ୍ଷେତ୍ରରେହିଁ ସୀମାବଦ୍ଧ ଏବଂ ସେ ଭଗବତ୍ ଓ ଭକ୍ତି – ଏଇ ଉଭୟ ତତ୍ତ୍ୱରେ ପ୍ରବେଶ କରିବାକୁ ଅନଧିକାରୀ, ତାଙ୍କ ପକ୍ଷେ ଏ ଧୃଷ୍ଟତା ଅପରାଧ ମାତ୍ର । ତା' ସତ୍ତ୍ୱେ ବି ଈଶ୍ୱରପୁରୀ ଯୁବକଟିର ସ୍ପଷ୍ଟବାଦିତା ଓ ମୁଖମଣ୍ଡଳରେ ମେଧାର ଭାସ୍ୱରତା ତଥା ବିନମ୍ରତାରେ ଆକୃଷ୍ଟ ହୋଇ ପୁଣି ଥରେ ଅନୁରୋଧ କଲେ ଯେ ଅନ୍ତତଃ ଭାଷାଗତ ଓ ବ୍ୟାକରଣଗତ କିଛି ଅଶୁଦ୍ଧି ଥିଲେ ତାହା ନିର୍ମୂଳ କରି ସଜାଡ଼ି ଦେବା ପାଇଁ । ତେଣୁ ନିମାଇ ଗ୍ରନ୍ଥଟି ଗ୍ରହଣ କରି ଆରମ୍ଭରୁ ଶେଷଯାଏଁ ପାଠକରି ସ୍ୱୀୟ ମତାମତ ଜଣାଇଦେଲେ ଗୁରୁପ୍ରତିମ ଈଶ୍ୱରପୁରୀଙ୍କୁ ।

ସେଇ କିୟତ୍‌କାଳ ଈଶ୍ୱରପୁରୀଙ୍କ ସଙ୍ଗଲାଭ ଓ ତାଙ୍କ କୃତ ରଚନାରୁ ଭଗବାନ୍ ଓ ଭକ୍ତିବିଷୟକ ତତ୍ତ୍ୱର ସାରଗର୍ଭ ନିମାଇଙ୍କର ମର୍ମଭେଦ କରିଥିଲା । ବରଂ ତାଙ୍କର ମନେହେଲା ଯେ ବିଦ୍ୟାଚର୍ଚ୍ଚାରେ ସିଏ ଶସ୍ୟର ଚୋପା ବା ଖୋସାକୁ ନେଇ ଏତେଦିନ ଧରି କାରବାର କରିଛନ୍ତି ଶସ୍ୟ ଭିତରର ସାରବସ୍ତୁ ତଣ୍ଡୁଳକୁ ଅବଜ୍ଞା କରି । ତର୍କପ୍ରତିଷ୍ଠିତ ସେଇ କୃତିତ୍ୱ ଉପରୁ ଅନୁରାଗ ତୁଟିଗଲା । ଏତେଦିନ ଧରି ଅସାରବିଦ୍ୟାରୂପୀ ବସ୍ତୁ ପଛରେ ଧାଇଁଛନ୍ତି; ଅସଲ ବିଦ୍ୟାନିଧି ତାହାହିଁ ଯାହା ଅସ୍ମିତାରୁ, ଅହଂବୋଧରୁ ମୁକ୍ତିଦିଏ । ସଂସାରର ସବୁକିଛି ଏଣିକି ତାଙ୍କୁ ବିସ୍ୱାଦ ଲାଗିଲା, ନିଜକୁ ହୀନବୁଦ୍ଧି ବୋଲି ଧିକ୍କାରିଲେ ସିଏ, ସେଇ ପରିବେଶରୁ ପୃଥକ୍ ହୋଇ ଆତ୍ମଚିନ୍ତନ ପାଇଁ ଅବକାଶ ଖୋଜିଲେ ।*

ଯା'ହେଉ, ସ୍ୱୀୟ ପିତୃଦେବ ତଥା ପିତୃପୁରୁଷଗଣଙ୍କୁ ପିଣ୍ଡଦାନ କରିବା ଉଦ୍ଦେଶ୍ୟରେ ଗୟାଧାମକୁ ଯାତ୍ରା କରିବା ସ୍ଥିରହେଲା । ସଙ୍ଗରେ ଗଲେ ନବଦ୍ୱୀପରୁ ଅଭିଭାବକ ସଦୃଶ ତାଙ୍କ ମଉସା, କେତେଜଣ ଛାତ୍ର ଓ ସଙ୍ଗୀ କେଇଜଣ । ସେମାନେ ବର୍ଦ୍ଧମାନ ବାଟଦେଇ ରାଜଗୃହ ଅଭିମୁଖେ ବାହାରିଲେ । ପଥ ମଧ୍ୟରେ ମନ୍ଦର ପର୍ବତ ପଡ଼ିଲା, ଯାହାକୁ ଲୋକେ କହିଥା'ନ୍ତି – ସମୁଦ୍ରମନ୍ଥନ କାଳରେ ଦେବାସୁରଗଣ ମନ୍ଥନ-ଦଣ୍ଡରୂପେ ଉପଯୋଗ କରିଥିଲେ । ସ୍ଥାନଟି ପବିତ୍ର, ରାଜଗୃହଠାରୁ ୮୦ ମାଇଲ ହେବ । ସେସ୍ଥାନରେ ମଧୁସୂଦନଙ୍କର ଏକ ସୁନ୍ଦର ପ୍ରତିମା ଥିବା ବିଷ୍ଣୁମନ୍ଦିର ରହିଛି । ପ୍ରତିମାଟି ଏତେ ଆକର୍ଷଣୀୟ ଯେ ଦେଖିଲେ ଚକ୍ଷୁସ୍ଥିର ହୋଇଯିବ । ନିମାଇ ମନ୍ଦିର ଦୁଆରମୁହଁ ପାଖରେ ଠିଆହୋଇ ଚାହିଁରହିଲେ ଅପଲକ ନେତ୍ରରେ, ତାଙ୍କ ମନପ୍ରାଣ ସମଗ୍ର ସତ୍ତା ଏତେ ବିଗଳିତ ହୋଇଗଲା ଯେ ପାଦତଳର ପ୍ରସ୍ତର ବି ତରଳିଗଲା ଓ ତାଙ୍କ ପାଦଚିହ୍ନ ଅଙ୍କିତ ହୋଇଗଲା । ଏହାର ଅନେକଦିନ ପରେ କିଂବଦନ୍ତୀ ଉକ୍ତ ପାଦଚିହ୍ନଯୁକ୍ତ ପ୍ରସ୍ତରଟିକୁ ପ୍ରଭୁପାଦ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଉଠାଇନେଇ ଗୌଡ଼ୀୟ ମଠରେ ବହୁସମ୍ମାନର ସହ ସ୍ଥାପନ କରିଥିଲେ । ସେସମୟରେ ରାଜଗୃହର ନାମ ଥିଲା

* ଈଶ୍ୱରପୁରୀଙ୍କ ସହ ସାକ୍ଷାତ୍ ନିମାଇଙ୍କର ଶ୍ରେୟଃବୋଧକୁ ଜଗାଇଦେଲା । ସେଇତକ ଭାବବିନିମୟ ଯଥେଷ୍ଟ ଥିଲା । ତା' ପୂର୍ବରୁ ସେ ତର୍କକଳାରେ ଏତେ ପଟୁଥିଲେ, ତାଙ୍କୁ ଦେଖିଲେ ବିଦ୍ୱଜ୍ଜନଗଣ ବାଟ କାଟୁଥିଲେ; କେଉଁଠି ଧର୍ମପ୍ରସଙ୍ଗ ବା ଭଗବତ୍ ଚରିତ କେହି ତାଙ୍କ ଆଗରେ ଉତ୍ଥାପନ କଲେ ସେ ଯୁକ୍ତିବଳରେ ବ୍ୟଙ୍ଗ କରି ଉଡ଼ାଇ ଦେଉଥିଲେ । ସେଥିପାଇଁ ତାଙ୍କର ଯଥାର୍ଥ ଶୁଭେଚ୍ଛୁ ବନ୍ଧୁବାନ୍ଧବ ଖେଦ ପ୍ରକାଶ କରୁଥିଲେ ତାଙ୍କ ପଶ୍ଚାତ୍‌ରେ : ''ଏପରି ଭକ୍ତିମାନ୍ ପିତାମାତା, ଭକ୍ତ ପରିବାରରେ ଜନ୍ମହୋଇ ନିମାଇ ଶେଷକୁ ଗୋଟାଏ 'ବିଚାରମଲ୍ଲ' ହେଲା ! ଏତେ ବିଦ୍ୟାବୁଦ୍ଧି, ଏଭଳି ବିଚକ୍ଷଣତା ଥିବା ସତ୍ତ୍ୱେ ତାର ଅହଂକାରହିଁ ତାକୁ ଶେଷରେ ଗୋଟାଏ ତର୍କବୀରରେ ପହଞ୍ଚାଇଲା !'' (ଶ୍ରୀରାମକୃଷ୍ଣ ମିଶନ୍ ପ୍ରକାଶିତ 'ଶ୍ରୀଶ୍ରୀଚୈତନ୍ୟଦେବ')

ରାଜଗିରି । କଥିତ ଅଛି ଯେ ମହାଭାରତ ଯୁଗରେ ତାହାହିଁ ଜରାସନ୍ଧଙ୍କର ମଗଧ ସାମ୍ରାଜ୍ୟର ରାଜଧାନୀ ଥିଲା । ଏବେଯାଏଁ ଏକ ବିରାଟ ହର୍ମ୍ୟର ସ୍ଥାପତ୍ୟ-ଶିଳ୍ପର ନମୁନା ରହିଯାଇଛି, ଜଣା ନାହିଁ ତାହା କେଉଁଯୁଗରୁ ବା କିଏ ତା'ର ନିର୍ମାତା; ତଥାପି କଥା ରହିଯାଇଛି ସେଇଟିର ନାମ 'ଜରାସନ୍ଧର ବୈଠକଖାନା' ଓ ମହାଭାରତ ସମୟରେ ସ୍ଥାନଟିର ନାମ ଥିଲା ଗିରିବ୍ରଜ । ନିମାଇ ପଥରେ ଏ ସମସ୍ତ ଦେଖି ଗୟାରେ ପହଞ୍ଚିଲେ, ସେଠାରେ ପୀଠକୁ ଲାଗି ଯେଉଁ ନଦୀଟିଏ ପ୍ରବାହିତା, ତାହା ଫଲ୍‌ଗୁ ନଦୀ ନାମରେ କଥିତ । ପିଣ୍ଡଦାନ ଉଦ୍ଦେଶ୍ୟରେ ଯେଉଁମାନେ ଯା'ନ୍ତି ସେଇଠାରେହିଁ ସ୍ନାନ, ଆହ୍ନିକ ଆଦି କରନ୍ତି ।

ଏସବୁ କାର୍ଯ୍ୟ ଶେଷକରି ନିମାଇ ମନ୍ଦିରରେ ପ୍ରବେଶ କଲେ, କେଉଁ ଯୁଗରୁ ସେଇ ମନ୍ଦିରରେ ବିଷ୍ଣୁ ପଦଦ୍ୱୟ ପୂଜିତ ହେଉଛନ୍ତି । ଶ୍ରୀପାଦ କମଳ ଦୁଇଟି ପାଖରେ ପୂଜକ ବ୍ରାହ୍ମଣଗଣ ଭକ୍ତି ଗଦ୍‌ଗଦ ହୋଇ ଉଚ୍ଚସ୍ୱରରେ ବିଷ୍ଣୁଙ୍କର ପ୍ରଶସ୍ତି ଗାନ କରୁଛନ୍ତି । ଏଇ ମନ୍ତ୍ରର ଗମ୍ଭୀର ଧ୍ୱନି ଓ ଗୁଞ୍ଜନ ନିମାଇଙ୍କ ଅନ୍ତଃକରଣକୁ ଭେଦି ମର୍ମରେ ପ୍ରବେଶକଲା । ସେ ପିତୃଶ୍ରାଦ୍ଧର କାର୍ଯ୍ୟସବୁ ଶାସ୍ତ୍ରବିଧି ମୁତାବକ ଶେଷ କଲେ, ପିଣ୍ଡଦାନ କଲେ, ଅକ୍ଷୟ ବଟ ନିକଟରେ ଅନ୍ୟାନ୍ୟ ଦାନକର୍ମ କଲେ, ତତ୍ପରେ ପ୍ରଭୁ ଗଦାଧର ଓ ଦେବୀ ଗୟେଶ୍ୱରୀଙ୍କୁ ବିଧିବିଧାନ ସହ ଦର୍ଶନ ଓ ପୂଜାକଲେ । ପୁଣି ଆସି ବିଷ୍ଣୁପାଦପଦ୍ମ ନିକଟରେ ଉପବେଶନ କଲେ ଓ ନାରାୟଣଙ୍କର ସ୍ତବସ୍ତୁତି ଶୁଣିବାରେ ମଗ୍ନ ହୋଇ ଯାଉଥିଲେ ଓ ତାହାର ଅର୍ଥ ସହିତ ସେ ଏତେ ଗଦ୍‌ଗଦ ହୋଇଗଲେ ଯେ ତାଙ୍କର ଅଶ୍ରୁଧାରା ବହିଚାଲିଲା, ସେ ବି ମୁକ୍ତ କଣ୍ଠରେ ସେମାନଙ୍କ ସହ ସ୍ତବସ୍ତୁତି କଲେ, ତାଙ୍କ ସୁନ୍ଦର ଗୌରତନୁ ରୋମାଞ୍ଚିତ, ପୁଲକିତ ହେଲା । ପୂଜକ ବ୍ରାହ୍ମଣଗଣ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ସେଠାରେ ଥିଲାବେଳେ ଶୁଣିବାକୁ ପାଇଲେ ଯେ ଭଗବାନ୍ ଈଶ୍ୱରପୁରୀ ମଧ୍ୟ ସେଇ କ୍ଷେତ୍ରରେ ଅବସ୍ଥାନ କରୁଛନ୍ତି ଓ ପ୍ରତ୍ୟହ ସାୟାହ୍ନରେ ତାଙ୍କୁ ଘେରି ଭଗବତ୍ ପ୍ରସଙ୍ଗ ହେଉଛି । ନିମାଇ ସେଠାକୁ ଯିବାକୁ ଲାଗିଲେ ଓ ତାଙ୍କ ମୁଖନିଃସୃତ ଅମୃତବାଣୀ ଆକଣ୍ଠ ପାନ କଲେ । ଏହା ଫଳରେ ତାଙ୍କର ଉଦ୍‌ବେଳିତ ଅନ୍ତର ପ୍ରଶମିତ ହେଲା । ପୂର୍ବଥର ନବଦ୍ୱୀପରେ ସାକ୍ଷାତ୍ କାଳରେ ନିମାଇ ଥିଲେ ମାତ୍ର ଜିଜ୍ଞାସୁ, ତାହା ଥିଲା ପ୍ରସ୍ତୁତିର ପର୍ବ, ଇତ୍ୟବସରରେ ସେଇ ଅନୁସନ୍ଧିତ୍ସା ଏକ ଦୃଢ଼ ପ୍ରତ୍ୟୟର ଅପେକ୍ଷାରେ ଥିଲା । ଈଶ୍ୱରପୁରୀଙ୍କ ସହ ପୁନରାୟ ସାକ୍ଷାତ୍ ହେବାରୁ ଭଗବତ୍ ପଥର ଅନୁଭବୀ ନିର୍ଦ୍ଦେଶକ ସ୍ୱୟଂ ଭଗବାନଙ୍କ ଦ୍ୱାରା ପ୍ରେରିତ ବୋଲି ସେ ବୋଧ କଲେ । ଆଉ ବିଳମ୍ବ ନକରି ଦିନେ ପ୍ରବଚନ ଶେଷକରି ଈଶ୍ୱରପୁରୀ ଉଠିବାକୁ ଯାଉଛନ୍ତି, ନିମାଇ ତାଙ୍କ ପାଦତଳେ ଭୂମିଷ୍ଠ ପ୍ରଣାମ କରି 'ମୋତେ କୃଷ୍ଣରସରେ ଦୀକ୍ଷିତ କରନ୍ତୁ' ବୋଲି ନିବେଦନ କଲେ । ଗୁରୁପ୍ରତିମ ଈଶ୍ୱରପୁରୀ ମଧ୍ୟ ସେଇ ଉଜ୍ଜ୍ୱଳକାନ୍ତି ମେଧାବୀ, ବିନୟ-ସମ୍ପନ୍ନ ଯୁବକଟିକୁ ସ୍ୱପଦତଳୁ ଉଠାଇ କୁଶଳାଦି ପଚାରିଲେ । ଦୁହିଙ୍କର ମିଳନ ଯେପରି ବିଧିନିର୍ଦ୍ଦିଷ୍ଟ ଥିଲା, ଯୁବକଟିର ଆନ୍ତର ଆକୁଳତା ତା'ର ମୁଖମଣ୍ଡଳରେ, ତା'ର ଆଚରଣରେ ଫୁଟି ଉଠୁଥିଲା । ଶୁଭକ୍ଷଣ ନିର୍ଦ୍ଦିଷ୍ଟ କରି ଗୁରୁ ଦଶାକ୍ଷରୀ ଗୋପାଳ ମନ୍ତ୍ରରେ ନିମାଇଙ୍କୁ ଦୀକ୍ଷିତ କଲେ । ଦୀକ୍ଷା ଶେଷରେ ନିମାଇ ବୋଧକଲେ ସେ ସର୍ବାନ୍ତଃକରଣରେ ନିଜକୁ ଗୁରୁଚରଣରେ ନିବେଦନ କରିଛନ୍ତି, ପୂର୍ବର ଅଭିମାନ ବା ପରିଚୟ କିଛି ବି ରଖିଲେ ନାହିଁ । ଯେତେଦିନ ଗୁରୁଦେବ ଗୟାରେ ଥିଲେ ନିମାଇ ପ୍ରତିଦିନ ତାଙ୍କ ପ୍ରବଚନରେ ନିଜକୁ ହଜାଇ ଦେଉଥିଲେ । ସତେ ଯେମିତି ତାଙ୍କର ନବଜନ୍ମ ହେଲା । ଦିନେ ସେ ଗୁରୁଦେବଙ୍କୁ ନିଜ ବାସସ୍ଥଳୀକୁ ଆମନ୍ତ୍ରଣ କରି ଭିକ୍ଷା ଦେଇଥିଲେ ସ୍ୱହସ୍ତରେ ରନ୍ଧନ କରି । ଗୁରୁଦେବ ଆଶୀର୍ବାଦ କରିବାରୁ ଶିଷ୍ୟ ନିମାଇ କହିଲେ, ''ମହୋଦୟ, ମୋର ତୀର୍ଥଦର୍ଶନ ଆପଣଙ୍କ ଶ୍ରୀପାଦ ଦର୍ଶନ କରି ପୂର୍ଣ୍ଣ ହେଲା, ମୋର ଅସାର ଜୀବନତରୀ କୂଳରେ ଲାଗିଲା । ଯାହାଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କଲି, ସେ ତ ବିଷ୍ଣୁପାଦରେ ସ୍ଥାନ ପାଇଲେ, ମୁକ୍ତ ହୋଇଗଲେ, ମାତ୍ର ଯେଉଁ ମୁହୂର୍ତ୍ତରେ ଆପଣଙ୍କ କୃପାଦୃଷ୍ଟି ମୋ ଉପରେ ପଡ଼ିଲା, ସେଇ ମୁହୂର୍ତ୍ତରେ କୋଟି କୋଟି ପୂର୍ବ ପୁରୁଷ ମୋର ଏ ଭବଲୋକରୁ ପାର ହୋଇଗଲେ । ଆପଣଙ୍କ ଭଳି ସଜ୍ଜନଙ୍କ ପାଇଁ ତୀର୍ଥ ତୀର୍ଥ ବୋଲାଏ, ଏହାଛଡ଼ା ଆପଣ ସ୍ୱୟଂ ସକଳତୀର୍ଥଠାରୁ ବଳିକରି 'ମହତ୍ ତୀର୍ଥ' ।''

ଦୀକ୍ଷାଲାଭ କରିବା ପରେ ତାଙ୍କର କୃଷ୍ଣ ଦର୍ଶନ ଲାଳସା ତୀବ୍ର ହୋଇଗଲା, ସାଧାରଣ ବୁଦ୍ଧିଜ୍ଞାନ ତାଙ୍କର ରହିଲା ନାହିଁ, ସକାଳ, ସନ୍ଧ୍ୟା, ନିଦ୍ରା, ଜାଗରଣ – ଏହା ଭିତରେ ଭେଦ ବୁଝିପାରିଲେ ନାହିଁ । ଗୁରୁଦେବ ବିଦାୟ ନେବା ପୂର୍ବରୁ ନିମାଇ କହିଲେ ତାଙ୍କୁ : 'ହେ ମହାଭାଗ ! ମୋ କର୍ଣ୍ଣରେ କି ମନ୍ତ୍ର ଦେଲେ ଆପଣ, ଯାହା ମୋର ଆନ୍ତର ସତ୍ତାକୁ ତ ସଂଜୀବିତ କଲା, ମୋର ବାହ୍ୟ ସତ୍ତାକୁ ବି ଆନ୍ଦୋଳିତ କରିଦେଲା, ଅସ୍ମିତାବୋଧ ମୋର ଚାଲିଗଲା, ସମଗ୍ର ସତ୍ତା କୃଷ୍ଣପ୍ରେମରେ

ପ୍ଳାବିତ ହେଲା, ଇନ୍ଦ୍ରିୟମାନେ ସେଇ ପ୍ରେମ ଅନୁଭବ କରିବା ପାଇଁ ସତୃଷ୍ଣ ହୋଇଉଠିଲେ । ମୋର କେବଳ ହସିବାକୁ, କାନ୍ଦିବାକୁ, ନାଚିବାକୁ ଇଚ୍ଛା ହେଉଛି, ପୁଣି ଶ୍ରୀହରିଙ୍କ ବିରହ ମୋତେ ନିର୍ଜୀବ କରିଦେଉଛି । ମୋତେ ଲାଗୁଛି ଏଇ ମୁହୂର୍ତ୍ତରେ କୃଷ୍ଣ ବିରହରେ ମୂର୍ଚ୍ଛିତ ହୋଇଯିବି ପରା – ଏଇପରି ଘନ ଘନ ବିପରୀତ ପ୍ରତିକ୍ରିୟାରେ ମୋର ସମୁଦାୟ ଅସ୍ତିତ୍ୱ ଅସ୍ଥିର ହେଉଛି ।' ଈଶ୍ୱରପୁରୀ ପ୍ରିୟ ଶିଷ୍ୟଙ୍କୁ 'ଏ ସମସ୍ତ ସାମୟିକ, ତୁମେ ପ୍ରକୃତିସ୍ଥ ହେବ ସ୍ୱାଭାବିକ ଭାବେ' ବୋଲି ଅଭୟ ଦେଲେ ।

ନିମାଇ ଗୟାଧାମରୁ ସିଧା ମଥୁରା ଯିବାକୁ ଜିଦ୍ ଧରିଲେ ତାଙ୍କର ସହଯାତ୍ରିଗଣ ବୁଝାଇବା ସତ୍ତ୍ୱେ ବି, ସ୍ୱଦେଶକୁ ବାହୁଡ଼ିବାକୁ ଇଚ୍ଛା କରୁ ନଥିଲେ । ମାତ୍ର ଏକ ଶୂନ୍ୟବାଣୀ ତାଙ୍କ-ପ୍ରତି ହେଲା ଯାହା ତାଙ୍କୁ ଜନନୀ ଓ ଜନ୍ମଭୂମିକୁ ଫେରି ଯିବାକୁ ନିର୍ଦ୍ଦେଶ କଲା । ସେମାନେ ନବଦ୍ୱୀପ ଦିଗରେ ଯାତ୍ରାରମ୍ଭ କଲେ । କିଛି ବାଟ ଆସିବା ପରେ 'କାନାଇ ନାଟଶାଳା' ନାମକ ସ୍ଥାନରେ ସେମାନେ ବିଶ୍ରାମ ନେଲେ । ନିମାଇଙ୍କ ମନରେ ବିଷାଦ ଓ ଉଚ୍ଚାଟନ ଉଭୟ ଭାବର ସମ୍ମିଶ୍ରଣ ଥିଲା; ଏକ ମନରେ ସେ ଜପ କରିବାକୁ ଲାଗିଲେ ଦୀକ୍ଷିତ ମନ୍ତ୍ରକୁ । କିଛି ସମୟ ପରେ ଅଦୂରରେ ବହୁ ସମୟ ଧରି ବେଣୁବାଦନରତ କିଶୋର କୃଷ୍ଣଙ୍କୁ ଉପବିଷ୍ଟ ଥିବାର ଦେଖିଲେ, ସେଇ ବେଣୁ ସ୍ୱନ ଯେପରି ତାଙ୍କୁ ଆହ୍ୱାନ କରୁଥିଲା । ତାଙ୍କର ଅଶାନ୍ତ ଆଧାର ଶାନ୍ତ ହୋଇଗଲା, ଅସ୍ଥିରତା କୁଆଡ଼େ ଚାଲିଗଲା । ଶ୍ରୀକୃଷ୍ଣ ଯେ ସନ୍ନିକଟରେ, ତାଙ୍କଠାରୁ ଅଭିନ୍ନ – ଏପରି ଏକ ଭାବର ପ୍ରତ୍ୟୟ ଜାଗି ଉଠିଲା । ତା' ସହିତ ଗୋପୀ ଭାବର ଜାଗରଣ ହେଲା – ମିଳନର ଉତ୍କଣ୍ଠା ଓ ମିଳନର ଆନନ୍ଦ ଉଭୟ ଏକତ୍ର ତାଙ୍କଠାରେ ଅନୁଭୂତ ହେଲା । ସମ୍ଭବତଃ ସେ ବୃନ୍ଦାବନଚନ୍ଦ୍ରଙ୍କୁ ପ୍ରେମାସ୍ପଦ ରୂପେ, ପରମ ପ୍ରିୟତମ ରୂପେ ଅନୁଭବ କଲେ । ଏକାନ୍ତଭାବେ କୃଷ୍ଣପ୍ରେମ ରସରେ ସେ ତଲ୍ଲୀନ ହୋଇଯିବାକୁ ଇଚ୍ଛା କରୁଥିଲେ, ଯେହେତୁ ଗୁରୁଙ୍କ ଅନୁକମ୍ପାରେ ଭକ୍ତିର ପ୍ରାବଲ୍ୟ ବେଳକୁ ବେଳ ବଢ଼ି ଚାଲିଥିଲା ଠିକ୍ ଯେପରି ଗୋପରମଣୀଙ୍କର ନନ୍ଦକିଶୋରଙ୍କ ଅବର୍ତ୍ତମାନରେ, ଅଦର୍ଶନରେ ବ୍ୟଥା ଅନୁଭୂତ ହେଉଥିଲା । ତାହା ଏକ ମିଶ୍ର ଅନୁଭବ । କାନ୍ତ ଭାବରେ ଶ୍ରୀକୃଷ୍ଣଙ୍କୁ ଦେଖିବାର ଆନନ୍ଦ ଓ ସେଇ କ୍ଷଣିକ ଆନନ୍ଦ ପର୍ଯ୍ୟାପ୍ତ ନହେଉଥିବାରୁ ନିଜର ଭାଗ୍ୟ ବିଧାତାକୁ ନିନ୍ଦିବା –

ଏ ମାଧୁର୍ଯ୍ୟାମୃତ ସଦା ସେଇ ପାନ କରେ ।
ତୃଷ୍ଣା ଶାନ୍ତ ନହେ ତୃଷ୍ଣା ବାଢ଼େ ନିରନ୍ତରେ ॥
ଅତୃପ୍ତ ହଇୟା କରେ ବିଧିରେ ନିନ୍ଦନ ।
ଅବିଦଗ୍ଧ ବିଧି ଭାଲ ନା ଜାନେ ସୃଜନ ॥
କୋଟି ନେତ୍ର ନାହି ଦିଲ ସବେ ଦିଲ ଦୁଇ ।
ତାହାତେ ନିମେଷେ କୃଷ୍ଣ କି ଦେଖିବ ମୁଇଁ ॥
(ଚୈ. ଚ. - ୪ର୍ଥ ପରିଚ୍ଛେଦ, ଆଦ୍ୟଲୀଳା)

ଈଶ୍ୱରପୁରୀଙ୍କ ନିକଟରୁ ନିମାଇ ଏପରି କ'ଣ ଲାଭ କଲେ, ଯାହା ତାଙ୍କ ଜୀବନରେ ନୂତନ ରଙ୍ଗ, ନୂତନ ଲକ୍ଷ୍ୟ ଆଣି ଦେଇଥିଲା ଏହାର ସବିଶେଷ ଉଲ୍ଲେଖ ନାହିଁ । ସଂକ୍ଷେପରେ କହିଲେ : ଭଗବାନଙ୍କ ପ୍ରତି ପ୍ରୀତି ଭାବନାରେ ଦୁଇଟି ବିଶେଷ ଜିନିଷ ଦେଖିବାକୁ ମିଳେ । ଗୋଟିଏ ହେଉଛି ଆସ୍ୱାଦ୍ୟ-ତତ୍ତ୍ୱ, ଯାହାର ଆଧାର ଶ୍ରୀରାଧା ଏବଂ ଦ୍ୱିତୀୟଟି ଆସ୍ୱାଦକ ତତ୍ତ୍ୱ, ଯାହାର ପୂର୍ଣ୍ଣ ସ୍ୱରୂପ ହେଉଛନ୍ତି ଶ୍ରୀକୃଷ୍ଣ । ତେଣୁ ଭକ୍ତ ମାତ୍ରେହିଁ ଶ୍ରୀରାଧାଙ୍କ ଅଂଶ ବିଶେଷ ଏବଂ ତା'ର ଉପାସ୍ୟ ଆନନ୍ଦମୟ ପୁରୁଷ ଭଗବାନ୍ ଶ୍ରୀକୃଷ୍ଣ । ବୈଷ୍ଣବ ଦର୍ଶନରେ ଭଗବାନଙ୍କ ସ୍ଥାନ ସର୍ବୋପରି, ଏପରିକି ପରମାତ୍ମାଙ୍କ ଉପରେ, ପୁନରାୟ ବ୍ରହ୍ମଙ୍କ ଉର୍ଦ୍ଧ୍ୱରେ ମଧ୍ୟ । ପୂର୍ଣ୍ଣ ଭଗବତ୍ ତତ୍ତ୍ୱ ହେଉଛନ୍ତି – ବ୍ରହ୍ମ, ପରମାତ୍ମା ଏବଂ ଭଗବାନ୍ – ଏଇ ତ୍ରିବିଧ ବିଭାବରେ ସେ କଥିତ ହୁଅନ୍ତି । ଯେତେବେଳେ ସେଇ ପରମ ତତ୍ତ୍ୱ ତାହାର ସର୍ବବିଧ ଶକ୍ତ୍ୟାଦିରୁ ରହିତ ସ୍ଥିତିରେ ନିର୍ବିଶେଷ ଭୂମିରେ ଅବସ୍ଥାନ କରନ୍ତି, ସେ ହୁଅନ୍ତି ବ୍ରହ୍ମ । ଶକ୍ତି ଓ ଐଶ୍ୱର୍ଯ୍ୟର ନ୍ୟୂନତମ ପ୍ରକାଶ ଯେଉଁଠି ତାହାହିଁ ବ୍ରହ୍ମ; ସେ ନିର୍ଗୁଣ, ନିରାକାର, ମନୋବଚନର ଅତୀତ, ଅବ୍ୟକ୍ତ, ନିରାଧାର, ସର୍ବ ସମ୍ପର୍କହୀନ ନିରାଲମ୍ବ ଓ ଅସଙ୍ଗ । ପୁଣି ଯେବେ ସିଏ ହୁଅନ୍ତି ଶକ୍ତ୍ୟାଦିରେ ସଂଯୁକ୍ତ, ସେ ସର୍ବୋତ୍ତମ ପ୍ରକାଶ ସମନ୍ୱିତ, ଓ ଜୀବ ଜଗତର ସ୍ରଷ୍ଟା, ବିଧାତା, ପାଳନକର୍ତ୍ତା, ସର୍ବଜୀବର ପ୍ରିୟତମ, ସର୍ବଗୁଣାକର, ସର୍ବଶୋଭାକର, ସର୍ବୈଶ୍ୱର୍ଯ୍ୟମୟ ଭଗବାନ୍ । ସେ ସୃଷ୍ଟି ସର୍ଜନା କରନ୍ତି, ବିକାଶ କରନ୍ତି ଓ ବିନାଶ ବି କରନ୍ତି ନବସୃଜନ ଉଦ୍ଦେଶ୍ୟରେ; ସେ ଲୀଳାମୟ, ଇଚ୍ଛାମୟ – ତାଙ୍କ ସହିତ ସମ୍ବନ୍ଧ ରଖା ଯାଇପାରେ । ସେ ଅଭେଦ ହୋଇ ମଧ୍ୟ ଭେଦର ରସ ନିଅନ୍ତି, ଗୋଟିଏ ବାକ୍ୟରେ କହିଲେ : ସେ ସବୁକିଛି । ବିଶେଷ ରୂପ ଧାରଣ କରି ଅନ୍ୟାନ୍ୟ ଶକ୍ତିସମୂହର ମୂଳାଶ୍ରୟ, ସର୍ବାଧାର ମଧ୍ୟ । ଅନନ୍ତ ଶକ୍ତି-ବିଶେଷଣ ଦ୍ୱାରା ବିଶିଷ୍ଟ ବୋଲି ସେ 'ଭଗବାନ୍'

ଶବ୍ଦର ବାଚ୍ୟ । ଏକମାତ୍ର 'ବିଶେଷ୍ୟ' କହିଲେ ସେଇ ଭଗବାନଙ୍କୁ ବୁଝାଏ ଏବଂ ଶକ୍ତି ଓ ଗୁଣସମୂହ ତାଙ୍କର ବିଶେଷଣ । ତାଙ୍କର ଲୀଳା ଅଖଣ୍ଡ, ଆବିର୍ଭାବ ଅଖଣ୍ଡ ହୋଇଥିବାରୁ ସେ ଅଖଣ୍ଡ ତତ୍ତ୍ୱସ୍ୱରୂପ, ପରମହଂସ ଋଷିଗଣ ତାଙ୍କୁ ଆନନ୍ଦମୟ ପୁରୁଷ ରୂପେ ଆରାଧନା କରନ୍ତି । ସେ ପୂର୍ଣ୍ଣ, ପରିପୂର୍ଣ୍ଣ ଓ ସର୍ବଭାବରେ ସମ୍ପୂର୍ଣ୍ଣ । ପରସ୍ପର ବିରୋଧ ଅନନ୍ତଗୁଣର ନିଧି ସେ ସ୍ଥୂଳ, ସୂକ୍ଷ୍ମ, ବିଲକ୍ଷଣ ସ୍ୱରୂପଭୂତ ଶ୍ରୀବିଗ୍ରହ ।

ପରମାତ୍ମାଙ୍କର ଜୀବ ସହିତ ଓ ଜଗତ୍ ସହିତ ସମ୍ବନ୍ଧ । ସିଏ ଜୀବାଖ୍ୟ ତଟସ୍ଥାଶକ୍ତିର ଏବଂ ଜଗତ୍ ପ୍ରପଞ୍ଚର ମୂଳୀଭୂତ ମାୟାଶକ୍ତିର ଆଶ୍ରୟ । ଜୀବର ଜନ୍ମ-ଜନ୍ମାନ୍ତରର ବିଧାୟକ ଓ ଜଗତ୍‌ର କ୍ରମବିକାଶର ନିୟନ୍ତା ହେଉଛନ୍ତି ପରମାତ୍ମା ।

ଏଇ ତତ୍ତ୍ୱରେ ବୈଷ୍ଣବ ଦର୍ଶନ ସର୍ବଗୁଣସମ୍ପନ୍ନ ଭଗବାନଙ୍କୁ ଶ୍ରେଷ୍ଠ ଓ ପ୍ରେଷ୍ଠ ବୋଲି ସ୍ୱୀକାର କରୁଛି, କାରଣ ସେ ବୈଭବ, ଐଶ୍ୱର୍ଯ୍ୟ ଓ ସକଳ ଶକ୍ତିକୁ ଧାରଣ କରିଥା'ନ୍ତି । ଏବଂ ଜୀବ ସ୍ୱରୂପରେ ସେଇ ଆଦି ପରମତତ୍ତ୍ୱ ହେଲେ ବି ପ୍ରକାଶରେ କ୍ଷୁଦ୍ର ସସୀମ । ସେଥିପାଇଁ ଭକ୍ତ କହିଥାଏ : ଚରମରେ 'ତୁମେ ଓ ମୁଁ' ଅଭେଦ ହୋଇଥିବାରୁ ସର୍ବଦା 'ମୁଁ ତୁମର', କିନ୍ତୁ 'ତୁମେ ମୋର ବା ଏକାନ୍ତ ଭାବେ ତୁମେ ମୋର' – 'ଏକଥା ମୁଁ କହିପାରିବି ନାହିଁ ।' ଶ୍ରୀ ଚୈତନ୍ୟ ବୈଷ୍ଣବ ଦର୍ଶନର ଚର୍ଚ୍ଚା ସର୍ବତ୍ର କରୁ ନଥିଲେ । ରୂପ ସନାତନଙ୍କୁ ଶିକ୍ଷା ଦେବା ଉଦ୍ଦେଶ୍ୟରେ, କାଶୀରେ ଅଦ୍ୱୈତବାଦୀ ସମ୍ପ୍ରଦାୟରେ ପ୍ରକାଶାନନ୍ଦ ସରସ୍ୱତୀଙ୍କ ନିକଟରେ ଭକ୍ତିମାର୍ଗର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାକୁ ଏହା କହିଥିଲେ । ଅନ୍ୟତ୍ର ଖୁବ୍ ବେଶୀ ହେଲେ ସେ ଶ୍ରୀରାଧାଙ୍କୁ 'ମହାଭାବ' ଓ ଶ୍ରୀକୃଷ୍ଣଙ୍କୁ 'ରସରାଜ' ଏବଂ ଜୀବକୁ 'ମାୟାବଶ' ଏବଂ ଭଗବାନଙ୍କୁ 'ମାୟାଧୀଶ' ବୋଲି ସଂକ୍ଷେପରେ କହିଥା'ନ୍ତି ।

ଗୟା ଯିବା ପଥରେ ଓ ନବଦ୍ୱୀପକୁ ପ୍ରତ୍ୟାବର୍ତ୍ତନ ପଥରେ ସେ ଭାରତର ତତ୍କାଳୀନ ଲୋକସମାଜର ଧର୍ମ ପ୍ରତି ଆସ୍ଥାହୀନତା ଲକ୍ଷ୍ୟ କରି ଦୁଃଖିତ ହୋଇଥିଲେ ଓ କହିଥିଲେ ଭାରତର ବିପର୍ଯ୍ୟୟ ଓ ଦୁରବସ୍ଥା ଏଇ ଗ୍ଲାନି ଯୋଗୁଁହିଁ ହୋଇଛି ଏବଂ ଏହା ବି ଲକ୍ଷ୍ୟ କଲେ ଯେ ସମାଜର ଉଚ୍ଚ-ନୀଚ, ଧନୀ-ଦରିଦ୍ର, ହିନ୍ଦୁ-ମୁସଲମାନ, ବୌଦ୍ଧ-ଜୈନ, ତାନ୍ତ୍ରିକ-କାପାଳିକ – ନାନାବିଧ ସମ୍ପ୍ରଦାୟର ଲୋକ କୌଣସି ଏକ ପନ୍ଥାର ଆଶ୍ରୟରେ ସଂସାରର ଦ୍ୱନ୍ଦ୍ୱାକୁଳ ସ୍ଥିତିରୁ ମୁକୁଳିବାକୁ ଆକୁଳ ହେଉଛନ୍ତି – ସଂସାରର ସାର ହେଉଛି ଦୁଃଖ, ଏଥିରେ ବ୍ୟଥିତ ହୋଇ ସେମାନେ ମାୟାଜାଲରୁ ମୁକ୍ତ ହେବାକୁ ଚାହାନ୍ତି । ଚୈତନ୍ୟ କହିଲେ : 'ସାଧୁ-ଶାସ୍ତ୍ର କୃପାୟ ଯଦି କୃଷ୍ଣୋନ୍ମୁଖ ହୟ । ସେଇ ଜୀବ ନିସ୍ତାରେ, ମାୟା ତାହାରେ ଛାଡ଼ୟ ।' ପରଂବ୍ରହ୍ମ ପରମାତ୍ମାଙ୍କ ଅଧୀନରେ ଥିବା ସତ୍ତ୍ୱେ ଜୀବ ମାୟାଗ୍ରସ୍ତ ହୁଏ କାହିଁକି ? ଏବଂ ଏ ଜଗତ୍ କ'ଣ ଖାଲି ଜଡ଼ମାୟା ଦ୍ୱାରା ସୃଷ୍ଟ ? ଏଇ ପ୍ରଶ୍ନ ଅନେକେ ତାଙ୍କୁ ପଚାରୁଥିଲେ ଯେତେବେଳେ ସେ ପରିବ୍ରାଜକ ଭାବେ ତୀର୍ଥରୁ ତୀର୍ଥାନ୍ତରକୁ ଯାଉଥିଲେ । ତାଙ୍କ ଅନୁଭବରୁ ସେ କହୁଥିଲେ :

''ଜଡ଼ରୂପା ପ୍ରକୃତି ନୁହେଁ ବ୍ରହ୍ମାଣ୍ଡ କାରଣ ।
ଜଡ଼ ହେତେ ସୃଷ୍ଟି ନହେ ଈଶ୍ୱରଶକ୍ତି ବିନେ ।।''

ନିମାଇ ପଦବ୍ରଜରେ ଆସି ନବଦ୍ୱୀପରେ ପହଞ୍ଚିଲେ ସଙ୍ଗିସାଥୀଙ୍କ ସହ ପ୍ରେମ-ବିଗଳିତ-ଚିତ୍ତ ଅନ୍ୟ ଏକ ବ୍ୟକ୍ତି-ବିଶେଷ ସଂସାର ନିର୍ମୁକ୍ତ ଆତ୍ମା ହୋଇ ।

ନବଦ୍ୱୀପରେ ଅଦ୍ୱୈତାଚାର୍ଯ୍ୟ, ନରୋତ୍ତମ, ମୁରାରି, ଶ୍ରୀବାସ, ଶ୍ୟାମାନନ୍ଦ, ଶ୍ରୀନିବାସ, ସ୍ୱରୂପ ଦାମୋଦର ଏବଂ ମୁକୁନ୍ଦ ଆଦି ଭକ୍ତିଧର୍ମରେ ବିଶ୍ୱାସ ରଖୁଥିଲେ । ଶ୍ରୀଚୈତନ୍ୟ ଗୟାରୁ ଫେରିଆସିବା ପରେ କତିପୟ ଭକ୍ତଙ୍କୁ ନେଇ ଏଇ ଭକ୍ତିଧର୍ମର ପ୍ରଥମ ସଂଗଠନ କରାଇଲେ ନିଜେ କେନ୍ଦ୍ରରେ ରହି । ନିତ୍ୟାନନ୍ଦ ସେ ସମୟରେ ରାଢ଼ଦେଶରୁ (ପୂର୍ବବଙ୍ଗ) ଆସିଲେ ଏବଂ ଏମାନଙ୍କ ସହ ମିଳିତ ହେଲେ; ଆଉ ଆସିଲେ ଯବନ ହରିଦାସ, (ଯାହାଙ୍କୁ ପରେ 'ଠାକୁର ହରିଦାସ' ବୋଲି ଭକ୍ତମାନେ ଡାକୁଥିଲେ) । ନିଜେ ସେ ଗୋପୀଭାବରେ ଭଗବତ୍ ପ୍ରେମରେ ମଜ୍ଜିବାକୁ ଲାଗିଲେ ଓ ଦିନକୁ ଦିନ ତାଙ୍କର ଇହଜୀବନ ଶ୍ରୀଗୋବିନ୍ଦଙ୍କ ଚରଣରେ ବିକ୍ରିତ ହେଲା, ନିଜର ସ୍ୱତନ୍ତ୍ର ସତ୍ତା, ତାଙ୍କର ଅଧ୍ୟାପନା ଓ ବିଦ୍ୟାଳୟ, ସେଇ ଅନୁରାଗୀ ଛାତ୍ରଗୋଷ୍ଠୀ ଆଉ କିଛି ରହିଲା ନାହିଁ । ପତ୍ନୀ ଓ ଜନନୀ ଚିନ୍ତିତ ହୋଇପଡ଼ିଲେ, ନିମାଇଙ୍କ ନିରୁତ୍ତାପ ଜୀବନ-ଯାପନ ପ୍ରଣାଳୀ ଦେଖି । ଶ୍ରୀଚୈତନ୍ୟ ଚରିତାମୃତରେ ରହିଛି :

ଇହାକେ କହିୟେ କୃଷ୍ଣେ ଦୃଢ଼ ଅନୁରାଗ,
ସ୍ୱଚ୍ଛ ଧୌତ ବସ୍ତ୍ରେ ଯୈଛେ ନାହି କୋନ୍ ଦାଗ ।।
(ଚୈ. ଚ. ଚତୁର୍ଥ ପରିଚ୍ଛେଦ, ଆଦ୍ୟଲୀଳା)

(କ୍ରମଶଃ)

ସଂଗ୍ରହ ଓ ଉପସ୍ଥାପନା : କୃଷ୍ଣାଦେବୀ

# ମୃତ୍ୟୁ ପରେ ଅନ୍ତଃସତ୍ତାର ଅଗ୍ରଗତି

ଶ୍ରୀମା

*ପ୍ରଶ୍ନ : ମୃତ୍ୟୁ ପରେ ଅନ୍ତର୍ସତ୍ତା କ'ଣ ଅଗ୍ରଗତି କରି ଚାଲିଥାଏ ?*

**ଶ୍ରୀମା :** ଏହା ପୂରାପୂରି ବ୍ୟକ୍ତି ଉପରେ ନିର୍ଭର କରେ । ପ୍ରତ୍ୟେକ ଲୋକ ପାଇଁ ଏହା ଭିନ୍ନ ଭିନ୍ନ ହୋଇଥାଏ । ଏପରି ଅନେକ ଲୋକ ଅଛନ୍ତି, ଉଦାହରଣ ସ୍ୱରୂପ, ଲେଖକ, ସଂଗୀତଜ୍ଞ ଓ ଚାରୁକଳାର ଶିଳ୍ପୀମାନେ, ଯେଉଁମାନେ ବୁଦ୍ଧିଜୀବୀ ଜୀବନର ଉଚ୍ଚସ୍ତରରେ ରହିଥାଆନ୍ତି, ଯେଉଁମାନେ ଅନୁଭବ କରନ୍ତି ଯେ ସେମାନଙ୍କର ଆଉକିଛି କରିବାକୁ ବାକି ଅଛି ଓ ସେମାନେ ଯେଉଁ କାମଟିକୁ ହାତକୁ ନେଇଥିଲେ ତାହା ସଂପନ୍ନ କରିପାରି ନାହାନ୍ତି, ନିଜ ପାଇଁ ଯେଉଁ ଲକ୍ଷ୍ୟ ସ୍ଥାପନ କରିଥିଲେ ସେଠାରେ ପହଞ୍ଚିପାରି ନାହାନ୍ତି; ସେମାନେ ତେଣୁ ପ୍ରସ୍ତୁତ ହୋଇଥାଆନ୍ତି ପୃଥିବୀର ବାତାବରଣରେ ରହିବାକୁ, ଯେତେ ଅଧିକ ଦିନ ସମ୍ଭବ ସେତେ ଅଧିକ ଦିନ ରହିବାକୁ, ଯେତେ ଅଧିକ ସମ୍ଭବ ସଂଗତି ଓ ସଂଯୋଜନାର ଶକ୍ତି ନେଇ ଏବଂ ସେମାନେ ଚେଷ୍ଟା କରିଥାଆନ୍ତି ନିଜକୁ ପ୍ରକାଶ ଓ ଅଭିବ୍ୟକ୍ତ କରିବାକୁ ଏବଂ ଅନ୍ୟାନ୍ୟ ମନୁଷ୍ୟ ଶରୀର ଭିତର-ଦେଇ ନିଜର ଅଗ୍ରଗତିକୁ ଅବ୍ୟାହତ ରଖିବା ପାଇଁ ।

ମୁଁ ଏପରି ଅନେକ ଦୃଷ୍ଟାନ୍ତ ଦେଖିଛି । ମୁଁ ଜଣେ ସଂଗୀତଜ୍ଞଙ୍କର ସଂପର୍କରେ ଅତ୍ୟନ୍ତ କୌତୂହଳପ୍ରଦ ଏକ ଘଟଣା ଦେଖିଛି । ସେ ଥିଲେ ଜଣେ ପିଆନୋ ବାଦକ (ଅତି ଉଚ୍ଚ କୋଟିର ପିଆନୋ ବାଦକ) ଓ ତାଙ୍କର ହାତ ଦୁଇଟିରେ ଅସାଧାରଣ କଳା କୌଶଳ, ନିପୁଣତା, ସୁନିର୍ଦ୍ଦିଷ୍ଟତା, ଶକ୍ତି ଓ ଦ୍ରୁତ ଅଂଗୁଳି ଚାଳନାର ଦକ୍ଷତା ଆଦି ଭରି ରହିଥିଲା । ବାସ୍ତବିକ ଏହା ଥିଲା ଖୁବ୍ ଉଲ୍ଲେଖଯୋଗ୍ୟ । ଏହି ବ୍ୟକ୍ତିଜଣକ ଅପେକ୍ଷାକୃତ ତରୁଣ ବୟସରେ ଦେହତ୍ୟାଗ କରିଥିଲେ ଏପରି ଏକ ଭାବାନୁଭୂତି ନେଇ ଯେ ଯଦି ସେ ବଞ୍ଚିରହିଥାଆନ୍ତେ, ତା'ହେଲେ ସଂଗୀତର ପ୍ରକାଶ ଓ ଅଭିବ୍ୟକ୍ତି କ୍ଷେତ୍ରରେ ତାଙ୍କର ଆହୁରି ଅନେକ ଅଗ୍ରଗତି ହୋଇଥାଆନ୍ତା । ଏବଂ ତାଙ୍କର ଏହି ଅଭୀପ୍ସା ଏତେ ତୀବ୍ର ଥିଲା ଯେ ସୂକ୍ଷ୍ମସ୍ତରରେ ତାଙ୍କ ହାତଦୁଇଟିର ଗଠନ ଓ ଆକୃତି ମୃତ୍ୟୁ ପରେ କ୍ଷୟ ଓ ବିନଷ୍ଟ ହୋଇ ନ ଯାଇ ପୂର୍ବଭଳି ସେମିତି ରହିଥିଲା । ଏବଂ ସେ ଯଦି ଏପରି କୌଣସି ବ୍ୟକ୍ତିଙ୍କୁ ଭେଟୁଥିଲେ ଯିଏ ଟିକେ ଗ୍ରହଣଶୀଳ ଓ ତାଙ୍କ କାମରେ ବାଧା ନ ଦେଉଥିବା ଏକ ଉତ୍ତମ ସଂଗୀତଜ୍ଞ, ତା'ହେଲେ ତାଙ୍କର ସୂକ୍ଷ୍ମ ହାତଦୁଇଟି, ସଂଗୀତ ବାଦନ କରୁଥିବା ସେହି ବ୍ୟକ୍ତିଙ୍କର ହାତରେ ପ୍ରବେଶ କରୁଥିଲା । ସେତେବେଳେ ଦେଖାଯାଉଥିଲା ଯେ ବେଶ୍ ଭଲ, କିନ୍ତୁ ସାଧାରଣ ଭାବରେ ବଜାଉଥିବା ସେହି ବାଦକଟି ତା'ର ବଜାଇବା ସମୟରେ ଖାଲି ଏକ ସୁଦକ୍ଷ ବାଦକ ନୁହେଁ, ହଠାତ୍ ଏକ ବିସ୍ମୟକର ଶିଳ୍ପୀରେ ପରିଣତ ହୋଇଛନ୍ତି । ପ୍ରକୃତରେ ଏହା ହେଉଛି ପୂର୍ବୋକ୍ତ ସେହି ଅନ୍ୟ ସଂଗୀତଜ୍ଞଙ୍କ ସୂକ୍ଷ୍ମହାତର କରାମତି ଯାହାକି ଏହି ଶିଳ୍ପୀଙ୍କୁ ବ୍ୟବହାର କରୁଥିଲା । ଏହି ଧରଣର ଅନେକ ବୈଚିତ୍ର୍ୟମୟ ଘଟଣା ବିଷୟରେ ମୁଁ ଜାଣେ । ମୁଁ ସେହି ସମାନ ଜିନିଷ ଦେଖିଛି ଜଣେ ଚିତ୍ରାଙ୍କନ ଶିଳ୍ପୀଙ୍କ କ୍ଷେତ୍ରରେ, ସେଠାରେ ମଧ୍ୟ ତାଙ୍କ ହାତଗୁଡ଼ିକ ଭିତରଦେଇ ଏହା ଘଟୁଥିଲା । କେତେକ ଲେଖକଙ୍କ କ୍ଷେତ୍ରରେ ମଧ୍ୟ ତାହାହିଁ ଘଟିଥାଏ । ଏବଂ ସେ କ୍ଷେତ୍ରରେ ମସ୍ତିଷ୍କଟି ଏକ ସୂକ୍ଷ୍ମ, ସୁନିର୍ଦ୍ଦିଷ୍ଟ ଗଠନ ରଖିଥାଏ ଏବଂ ତାହା ଅନ୍ୟଜଣେ ସୁଲେଖକଙ୍କ ମସ୍ତିଷ୍କରେ ପ୍ରବେଶ କରେ ଯିଏ ଯଥେଷ୍ଟ ଗ୍ରହଣଶୀଳ ଥାଆନ୍ତି ଏବଂ ହଠାତ୍ ଦେଖାଯାଏ ଯେ ସେ ଏପରିସବୁ ଅସାଧାରଣ ଲେଖା ଲେଖୁଛନ୍ତି ଯାହାକି ତାଙ୍କର ପୂର୍ବ ଲେଖାଗୁଡ଼ିକଠାରୁ ବହୁଗୁଣରେ ଅଧିକ ସୁନ୍ଦର । ଏହିପରି ଭାବରେ ଜଣେ ସୂକ୍ଷ୍ମଭାବରେ ଅନ୍ୟଜଣକୁ ଅଧିକାର କରିବା ମୁଁ ଦେଖିଥିଲି । ଏହା ଘଟିଥିଲା ସଂଗୀତ-ରଚନାର କ୍ଷେତ୍ରରେ— ସଂଗୀତ-ବାଦନର କ୍ଷେତ୍ରରେ ନୁହେଁ, ସଂଗୀତ ରଚନାର କ୍ଷେତ୍ରରେ, ଯେପରି ବିଥୋଭେନ୍, ବାକ୍, ସିଜାର୍ ଫ୍ରାଙ୍କ୍ ପ୍ରମୁଖ ସଂଗୀତ ରଚନା କରିଥାଆନ୍ତି, କିନ୍ତୁ ସିଜାର୍ ଫ୍ରାଙ୍କ୍ ସଂଗୀତ ବାଦନ ମଧ୍ୟ କରୁଥିଲେ । ସଂଗୀତ ରଚନା ଏକ ଅତ୍ୟନ୍ତ ମସ୍ତିଷ୍କ-ପ୍ରଧାନ କାର୍ଯ୍ୟ । ଏ କ୍ଷେତ୍ରରେ ଜଣେ ମହାନ୍ ସଂଗୀତଜ୍ଞଙ୍କ ମସ୍ତିଷ୍କ ସୂକ୍ଷ୍ମଭାବରେ ଅନ୍ୟଜଣେ ସଂଗୀତ-ରଚୟିତାଙ୍କ ସଂପର୍କରେ ଆସିଥିଲା । ସେ ଅପେରା ସଂଗୀତ-ରଚନାରେ ନିଯୁକ୍ତ ଥିଲେ କିନ୍ତୁ ଏହା ଘଟିବା ପରେ ସେ ଆଶ୍ଚର୍ଯ୍ୟଜନକ ରଚନାସବୁ ତିଆରିକଲେ ଏବଂ ସେଗୁଡ଼ିକର

ସମସ୍ତ ଅଂଶକୁ ସେ କାଗଜ ପୃଷ୍ଠାରେ ସଜାଇ ରଖୁଥିଲେ। ସେ ବ୍ୟସ୍ତ ଥିଲେ ଏକ ଅପେରା ସଂଗୀତ ରଚନାରେ ଏବଂ ସଂଗୀତ ରଚୟିତାଙ୍କ ଚିନ୍ତାଗୁଡ଼ିକୁ ନିଜ ବାଜଣା ଭିତରେ ଫୁଟାଇବା ବାଦକମାନଙ୍କ ପାଇଁ ଅତ୍ୟନ୍ତ ଜଟିଳ ଏକ କାମ। କିନ୍ତୁ ମୁଁ ଜାଣିଥିବା ସେହି ସଂଗୀତ ରଚୟିତା ଯେତେବେଳେ ସେ ପୂର୍ବୋକ୍ତ ମହାନ୍ ସଂଗୀତଜ୍ଞଙ୍କ ରଚନାର ଏହି ଗଠନସବୁକୁ ସୂକ୍ଷ୍ମଭାବରେ ପାଇଲେ ସେଗୁଡ଼ିକୁ ସେ ତାଙ୍କ ଆଗରେ ପଡ଼ିଥିବା ଏକ ସାଦା କାଗଜରେ ଲେଖିବାକୁ ଆରମ୍ଭ କଲେ। ସେ ତାହା ଲେଖୁଥିବାର ମୁଁ ଦେଖିଛି, ଏକ ଖୁବ୍ ବଡ଼ ଆକାରର କାଗଜ ପୃଷ୍ଠା ଉପରେ, ବିଭିନ୍ନ ରେଖା ଓ ପଙ୍‌କ୍ତିସବୁକୁ ଓ ତା'ପରେ କେତେକ ରେଖାଚିତ୍ରକୁ ସଜାଇ ଲେଖୁଥିଲେ ଏବଂ ଶେଷରେ ଲେଖୁଲେଖୁ ଯେତେବେଳେ ସେ ପୃଷ୍ଠାଟିର ତଳ ଅଂଶରେ ଆସି ପହଞ୍ଚିଲେ, ସେତେବେଳକୁ କୌଣସି ଏକ ଦୃଶ୍ୟ ପାଇଁ ବିଶେଷ ସୁରପ୍ରାଧାନ୍ୟ ଥିବା ଅର୍କେଷ୍ଟ୍ରା ବା ସମବେତ ସଂଗୀତର ରଚନା ପୂରା ଶେଷ ହୋଇ ଲିପିବଦ୍ଧ ହୋଇ ସାରିଲାଣି। (ଅର୍କେଷ୍ଟ୍ରା ରଚନାର ଅର୍ଥ ହେଉଛି ବିଭିନ୍ନ ବାଦ୍ୟଯନ୍ତ୍ରର ବାଦନ ବେଳେ ପ୍ରତ୍ୟେକଙ୍କ ପାଇଁ ରଚିତ ସଂଗୀତର କିଛି ବିଶେଷ ଅଂଶ ବା ପଙ୍‌କ୍ତି ବଣ୍ଟନ କରିବା)। ଏବଂ ସେହି ସଂଗୀତରଚୟିତା ଜଣକ ଏକ ବିସ୍ମୟକର ମାନସିକ ଶକ୍ତି ଦ୍ୱାରା କେବଳ ଏକ କାଗଜ ପୃଷ୍ଠା ଉପରେ ଏହା କରୁଥିଲେ ଏବଂ ଏହି ମାନସିକ ଶକ୍ତିଟି କେବଳ ତାଙ୍କ ନିଜର ନ ଥିଲା, ଏହା ତାଙ୍କ ଭିତରକୁ ଆସୁଥିଲା ଅନ୍ୟଜଣେ ମହାନ୍ ସଂଗୀତଜ୍ଞଙ୍କ ମନରୁ ଯାହା ତାଙ୍କ ମାଧମରେ ଅଭିବ୍ୟକ୍ତ ହେଉଥିଲା। ...ମୁଁ ଯେତେବେଳେ ସେଠାରେ ଉପସ୍ଥିତ ଥିଲି, ମୋ ଆଖି ଆଗରେହିଁ ସେ ଏହିପରି ଏକ ପୃଷ୍ଠା ଲେଖୁଥିବାର ଦେଖିଥିଲି। ଏଥିପାଇଁ ତାଙ୍କୁ ପ୍ରାୟ ଅଧଘଣ୍ଟାଏ ବା ୪୫ମିନିଟ ସମୟ ଲାଗିଥିବ। ଏବଂ ତାଙ୍କର ଏପରି ଖ୍ୟାତି ହୋଇଥିଲା ଯେ ଏପରିକି ଜଣାଶୁଣା ବିଖ୍ୟାତ ସଂଗୀତଜ୍ଞମାନେ ମଧ୍ୟ ସମବେତ ସଂଗୀତକୁ ରୂପ ଦେବା ପାଇଁ ସେମାନଙ୍କ ରଚନାଗୁଡ଼ିକୁ ତାଙ୍କ ନିକଟକୁ ଆଣୁଥିଲେ। ସେ ଅନ୍ୟ ଯେକୌଣସି ଲୋକଙ୍କ ଅପେକ୍ଷା ଏହାକୁ ଅଧିକ ଉତ୍ତମରୂପେ କରୁଥିଲେ ସେହିପରି କାଗଜ ପୃଷ୍ଠାରେ ଲେଖିଲେଖି। ତାଙ୍କର କୌଣସି କିଛି ବାଦ୍ୟ ଶୁଣିବାର ଆବଶ୍ୟକତା ନ ଥିଲା। ପରେ ଏଗୁଡ଼ିକୁ ବାଦ୍ୟଯନ୍ତ୍ରରେ ବଜାଇ ପରୀକ୍ଷା କରାଯାଉଥିଲା ଏବଂ ବରାବର ତାହା ଖୁବ୍ ଚମତ୍କାର ବୋଲି ସ୍ୱୀକୃତ ହେଉଥିଲା। ଏକ ସମବେତ ସଂଗୀତରେ ଏତେଗୁଡ଼ିଏ ବେହେଲା ଥାଏ, ଏତେଗୁଡ଼ିଏ ସେଲୋ ଓ ଆଲ୍‌ଟସ୍ ଆଦି ବାଦ୍ୟଯନ୍ତ୍ର ଥାଏ, ଏତେଗୁଡ଼ିଏ ବାଦ୍ୟଯନ୍ତ୍ର : କେଉଁଟିରେ ଅମୁକ ଧାଡ଼ିଟି ବଜାଯିବ, ଅନ୍ୟ କେଉଁ ବାଦ୍ୟଯନ୍ତ୍ରରେ ସମୁକ ଧାଡ଼ିଟି ବଜାଯିବ, ଆହୁରି ଅନ୍ୟମାନେ ମଧ୍ୟ ସେମାନଙ୍କ ବାଦ୍ୟଯନ୍ତ୍ରରେ ଅନ୍ୟକିଛି ବଜାଇବେ, କେତେବେଳେ ସମସ୍ତେ ଏକତ୍ର ବଜାଇବେ, ଅନ୍ୟ କେତେବେଳେ ଜଣକପରେ ଜଣେ ବଜାଇବେ, (ଏହା ଆଦୌ ସହଜ ନୁହେଁ, ଖୁବ୍ ଜଟିଳ ଜିନିଷ) ବାସ୍, ସେତେବେଳେ ବଜାଇଲା ବେଳେ ବା ଶୁଣିବାବେଳେ ବା ଲିଖିତ ରଚନାଟିକୁ ପଢ଼ିଲାବେଳେ ସେ ଜାଣୁଥିଲେ କାହାକୁ କେଉଁ ବାଦ୍ୟଯନ୍ତ୍ର ପାଇଁ, ରଚନାର କେଉଁ ଅଂଶଟି କିପରି ବଣ୍ଟନ କରାଯିବ, କେଉଁ ସୁର ବା ମୂର୍ଚ୍ଛନାଟିକୁ କିଏ ବଜାଇବେ ଓ ଅନ୍ୟଟିକୁ କିଏ ବଜାଇବେ ଇତ୍ୟାଦି। ଏବଂ ଅତି ସ୍ପଷ୍ଟଭାବରେ ତାଙ୍କର ଏହି ଅନୁଭୂତି ଥିଲା ଯେ ତାଙ୍କ ଭିତରେ ଅନ୍ୟକିଛି ପ୍ରବେଶ କରୁଛି ଓ ତାଙ୍କୁ ସାହାଯ୍ୟ କରୁଛି। ❖

ଶ୍ରୀଅରବିନ୍ଦ ପରମଙ୍କର ଏକ ପ୍ରକାଶ ଯିଏକି ପୃଥିବୀପୃଷ୍ଠକୁ ଆସିଥିଲେ ଏକ ନୂତନ ମାନବଜାତି ଓ ଏକ ନୂତନ ଅତିମାନସ ଜଗତର ଅଭିବ୍ୟକ୍ତି ସଂପର୍କରେ ଘୋଷଣା କରିବାକୁ।

ଆସ ଆମ୍ଭେମାନେ ସମସ୍ତ ଆନ୍ତରିକତା ଓ ଆଗ୍ରହର ସହ ସେଥିଲାଗି ନିଜକୁ ପ୍ରସ୍ତୁତ କରିବା।

— ଶ୍ରୀମା

# ସଂପାଦକୀୟ ....

ମା’ ଯେତେବେଳେ ଶେଷ ଆଡ଼କୁ ଆଉ ତାଙ୍କ ପ୍ରକୋଷ୍ଠରୁ ବାହାରୁ ନ ଥିଲେ ସେତେବେଳେ ଛୋଟ ଛୋଟ କାଗଜରେ ନାନା ବିଷୟ ଉପରେ ଟିପ୍ପଣୀମାନ ଲେଖୁଥିଲେ । ପରେ ଶିଷ୍ୟମାନଙ୍କ ସଂଗେ ସେହି ଟିପ୍ପଣୀଗୁଡ଼ିକ ଉପରେ ମଧ୍ୟ କଥୋପକଥନ ହେଉଥିଲା । ମା’ଙ୍କର ଏହିପରି ଏକ ଟିପ୍ପଣୀ ଥିଲା ‘‘Why do men want to worship ? It is much better to become than to worship.’’– ‘‘ଲୋକମାନେ କାହିଁକି ପୂଜା କରିବାକୁ ଚାହାନ୍ତି ? ପୂଜା କରିବା ଅପେକ୍ଷା ହୋଇଉଠିବା ଅନେକ ଅଧିକ ଶ୍ରେୟସ୍କର ।’’ ପରେ ଜଣେ ଶିଷ୍ୟଙ୍କ ସଙ୍ଗେ ଏହି ଟିପ୍ପଣୀ ଉପରେ କଥୋପକଥନ ପ୍ରସଙ୍ଗରେ ମା’ କହୁଥିଲେ– ‘‘Some people wrote to me letters and did all kinds of things to express their adoration and so on, and I felt so clearly that it is out of a laziness to change that they worship !’’ ‘‘କେତେକ ଲୋକ ମୋ ପାଖକୁ ଚିଠି ଲେଖନ୍ତି ଓ ତହିଁରେ ମୋ ପ୍ରତି ସେମାନଙ୍କର ପୂଜା ଆରାଧନାର ଭାବ ଆଦିକୁ ପ୍ରକାଶ କରିବା ପାଇଁ ନାନା ଭାବେ ତତ୍ପର ହୋଇ ଉଠିଥାଆନ୍ତି ଏବଂ ମୁଁ ଖୁବ୍ ସ୍ପଷ୍ଟ ଭାବରେ ଅନୁଭବ କରିଥିଲି ଯେ ପରିବର୍ତ୍ତନ ପାଇଁ ନିଜର ଆଳସ୍ୟ ଯୋଗୁଁହିଁ ସେମାନେ ପୂଜା ଆରାଧନା କରନ୍ତି ।’’

ମା’ଙ୍କର ଏହି କଥାଗୁଡ଼ିକରେ ଆମ ପ୍ରକୃତିର ଏକ ପ୍ରଧାନ ଦୁର୍ବଳତା ‘ପରିବର୍ତ୍ତନ ପାଇଁ ଆଳସ୍ୟ’ ପ୍ରତି ଯେଉଁଭଳି ନିର୍ଦ୍ଦେଶ କରାଯାଇଛି ତାହାର ଯାଥାର୍ଥ୍ୟ ଆମେ ନିତିଦିନ ଅଙ୍ଗେ ଲିଭାଇଥାଉ । ଆମ ସତ୍ତା ଓ ପ୍ରକୃତିର ପୂର୍ଣ୍ଣ ସମର୍ପଣ, ଦିବ୍ୟ ରୂପାନ୍ତର, ଅହଂର ସଂପୂର୍ଣ୍ଣ ବିଲୋପ ଓ ମୂଳୋତ୍ପାଟନ ଆଦି ସାଧନାର ବଡ଼ବଡ଼ କଥାଗୁଡ଼ିକ ଆମର ପୂରା ମୁଖସ୍ଥ, ତା’ଉପରେ ଭାଷଣ ଦେଉ, ପ୍ରବନ୍ଧ ଲେଖୁ, ସାଥୀସାଧକମାନଙ୍କ ସଂଗେ ଆଳାପ ଆଲୋଚନାରେ ମାତିଯାଉ କିନ୍ତୁ ଯେତେବେଳେ ଅସଲ ପରିବର୍ତ୍ତନର କାମଟିକୁ ମା’ଙ୍କ ଶକ୍ତିର କ୍ରିୟା ଆମ ଆଗରେ ଆଣି ରଖିଦିଏ, ସେତେବେଳେ ନାନା ଆଳର ଆଶ୍ରୟ ନେଇ ଆମେ ତହିଁରୁ ପଛଘୁଞ୍ଚା ଦେଉ, କାମଟିକୁ ସ୍ଥଗିତ ରଖୁ, ‘‘ଆମେତ ସବୁକିଛି ମା’ଙ୍କୁ ସମର୍ପଣ କରିଦେଇଛୁ, ସମୟ ଅନୁସାରେ ତାହା ଆପେ ଆପେ ହେବ’’ ଆଦି କେତେ ସ୍ତୋକ ବାକ୍ୟ ଆଉଡାଇ ଚାଲୁ । ଏପରିକି ନିଜକୁ ଆଶ୍ୱାସନା ଦେବା ପାଇଁ ନାନା ବାହ୍ୟ ପୂଜା ଉପଚାର, ନାନା ଆଚାର ଅନୁଷ୍ଠାନ, ମା’ଙ୍କ ଫଟୋରେ ଫୁଲ ଧୂପ ଚଢ଼ାଇ, ନିଜ ଅହଂ ଓ କାମନା ବାସନାର ପୂର୍ତ୍ତି ସୂଚକ ନାନା ଅର୍ଜି ଦାଖଲ କରୁ । ଅବଶ୍ୟ ଏଗୁଡ଼ିକର ମୂଲ୍ୟ ରହିଛି ଓ ଭଗବାନଙ୍କ ସଙ୍ଗେ ସଂଯୋଗ ସ୍ଥାପନ ପାଇଁ ବାହ୍ୟ ଓ ଆନ୍ତର ଯେକୌଣସି ଗତିବୃତ୍ତିର ମୂଲ୍ୟ ରହିଛି ବୋଲି ଶ୍ରୀଅରବିନ୍ଦ କହିଛନ୍ତି; କିନ୍ତୁ ଅନ୍ତରର ଗତିବୃତ୍ତିକୁ ପ୍ରାଧାନ୍ୟ ଦେଇ ଅନ୍ତରରୁ ବାହାର ଆଡ଼କୁ ଗତି ଉପରେହିଁ ସାଧନାର ସାଫଲ୍ୟ ନିର୍ଭର କରେ ବୋଲି ସେ ଜୋର୍ ଦେଇ ଆସିଛନ୍ତି । ତେଣୁ ପରିବର୍ତ୍ତନର ଅସଲ କାମଟିକୁ ପ୍ରଥମେ ଭିତରେ ସଂପନ୍ନ କରି ବାହାରେ ତାହାର ପ୍ରକାଶ ପାଇଁ ଅପେକ୍ଷା କରିବାହିଁ ସାଧନାର ମୂଳ ଚାବିକାଠି । ନହେଲେ ଆମେ କେବଳ ବାହ୍ୟ ଉପଚାର ଭିତରେ ଅଟକି ରହିଯିବା । ନିଜ ଚୈତ୍ୟସତ୍ତାର ଆବିଷ୍କାରଠାରୁ ଆରମ୍ଭ କରି ଭଗବତ୍ ମିଳନ ପର୍ଯ୍ୟନ୍ତ ସବୁକିଛି ତ ପ୍ରଥମେ ଅନ୍ତର୍ଚେତନାରେହିଁ ସଂଘଟିତ ହୋଇଥାଏ, ଆତ୍ମୋପଲବ୍ଧି ହେଉ ବା ବ୍ରହ୍ମୋପଲବ୍ଧି ହେଉ ବା ସବୁକିଛିକୁ ଭଗବାନଙ୍କ ଭିତରେ ଦେଖିବା ଓ ଭଗବାନଙ୍କୁ ସବୁକିଛି ଭିତରେ ଦେଖିବା ଆଦି ପ୍ରତ୍ୟକ୍ଷ, ନିଷ୍ପତ୍ତିମୂଳକ ଉପଲବ୍ଧି ସବୁତ ପ୍ରଥମେ ଅନ୍ତଶ୍ଚେତନାରେହିଁ ହୋଇଥାଏ । ଆମ ସତ୍ତା ଓ ପ୍ରକୃତିର ପରିବର୍ତ୍ତନ ଓ ଆରମ୍ଭ ଏହିସବୁ ଉପଲବ୍ଧିକୁ ଭିତ୍ତିକରି । କିନ୍ତୁ ଆମର ଅଭୀପ୍ସାକୁ ଏହିସବୁ ଉପଲବ୍ଧି ପାଇଁ ଆମ ଅନ୍ତଶ୍ଚେତନାରେ କେତେଦୂର ଏକାଗ୍ର କରିରଖୁଛୁ ? ଆମ ନିଜ ଭିତରେ ଅହରହ ଯନ୍ତ୍ରଚାଳିତ ପରି ଚାଲୁଥିବା ଚିନ୍ତା-ଭାବନା, ଆବେଗ-ଅନୁଭୂତି, କ୍ରିୟା-ପ୍ରତିକ୍ରିୟା ଓ କର୍ମପ୍ରବୃତ୍ତି ଆଦି ଆଡ଼କୁ ଯଦି ଆନ୍ତରିକଭାବରେ ଦୃଷ୍ଟିଦେଉ, ସେତେବେଳେ ଆମେ କରୁଥିବା ବାହ୍ୟ ପୂଜା-ଉପଚାର ସବୁ ଅସଲ କାମଟି ନକରିବା ଦିଗରେ ଏକ ଆଳସ୍ୟ ଓ କାଳକ୍ଷେପଣର ନୀତି ବୋଲି ମା’ ଯାହା କହିଛନ୍ତି ତାହାର ସତ୍ୟକୁ ହୃଦୟଙ୍ଗମ କରିବା କଷ୍ଟକର ନୁହେଁ ।

ଶ୍ରୀଅରବିନ୍ଦ ମଧ୍ୟ ଆମକୁ ସତର୍କ କରିଦେଇଛନ୍ତି ଯେ ଅନ୍ତଶ୍ଚେତନା ଓ ଆନ୍ତରଜୀବନକୁ ଅବହେଳା କରି କେବଳ ବାହ୍ୟ ଆଚାର-ଅନୁଷ୍ଠାନ ଓ ପୂଜା ଉପଚାର ଆଦି ଉପରେ ମନୋଯୋଗ ଦେଲେ ଆମେ ଯଥାର୍ଥ ଆଧ୍ୟାତ୍ମିକତାଠାରୁ ଦୂରେଇ ଯିବାର ବିପଦ ରହିଛି । ଆମେ ଆଧ୍ୟାତ୍ମିକ ଲକ୍ଷ୍ୟ

ଘୋଷଣା କରି ଗୁଡ଼ିଏ ସଂସ୍ଥା, ଅନୁଷ୍ଠାନ ଓ ପ୍ରତିଷ୍ଠାନ ଗଢୁ । ପ୍ରାଣ ଓ ମନର ନାନା ଚାହିଦା ଓ ନିଜର ନାନା ଅଭିଳାଷ ପୂରଣ, ପ୍ରତିଷ୍ଠା ଓ ପ୍ରତିପତ୍ତି ଲାଭ ରହିଥାଏ ଆମ କର୍ମୋତ୍ସାହର ପ୍ରଚ୍ଛଦପଟରେ । ଆଧ୍ୟାତ୍ମିକ ଜୀବନ ଯାପନର ଅଭୀପ୍ସା ଆମ ଆଗରେ ଯେଉଁସବୁ ପ୍ରଚେଷ୍ଟା ଓ ପ୍ରସ୍ତୁତିର ଦାୟିତ୍ୱ ରଖେ ହୁଏତ ସେଗୁଡ଼ିକୁ ଏଡ଼ାଇଦେଇ ଆଧ୍ୟାତ୍ମିକତା ପାଇଁ ଆମର ଆନୁଗତ୍ୟ ପ୍ରକାଶ ଦିଗରେ ଏଗୁଡ଼ିକୁ ବ୍ୟବହାର କରୁ । ଆମ ଲକ୍ଷ୍ୟ ଓ ଆଦର୍ଶକୁ ଉଚ୍ଚସ୍ୱରରେ ଘୋଷଣା କରୁଥାଉ କିନ୍ତୁ ଆମର ବାସ୍ତବ ଜୀବନ ସହ ସେହି ଆଧ୍ୟାତ୍ମିକ ଲକ୍ଷ୍ୟ ଓ ଆଦର୍ଶର ବିଶେଷ କିଛି ସଂପର୍କ ନଥାଏ । ଶ୍ରୀଅରବିନ୍ଦଙ୍କ କଥାରେ ‘‘The holding of an ideal becomes almost an excuse for not living according to the ideal; the existence of its institutions is sufficient to abrogate the need of insisting on the spirit that made the institutions. But spirituality is in its very nature a thing subjective and not mechanical; it is nothing if it is not lived inwardly and if the outward life does not flow out of this inward living. Symbols, types, conventions, ideas are not sufficient. A spiritual symbol is only a meaningless ticket, unless the thing symbolised is realised in the spirit. A spiritual convention may lose or expel its spirit and become a falsehood. A spiritual type may be a temporary mould into which spiritual living may flow, but it is also a limitation and may become a prison in which it fossilises and perishes. A spiritual idea is a power, but only when it is both inwardly and outwardly creative.’’

(*The Human Cycle page* - 262)

— ‘‘କୌଣସି ଏକ ଆଦର୍ଶକୁ ଧରି ରଖିବାଟାକୁ ସେହି ଆଦର୍ଶ ଅନୁସାରେ ଜୀବନ ଯାପନ ନ କରିବା ପାଇଁ ପ୍ରାୟ ଏକ ଆଳରୂପେ ବ୍ୟବହାର କରାଯାଇପାରେ; ଅନୁଷ୍ଠାନଗୁଡ଼ିକୁ ବଜାୟ ରଖିପାରିଲେ ସତେଯେପରି ତାହାହିଁ ଯଥେଷ୍ଟ ବୋଲି ମନେକରାଯାଏ; ଯେଉଁ ମୂଳଭାବଗୁଡ଼ିକ ଉପରେ ସେହିସବୁ ଅନୁଷ୍ଠାନ ଗଢ଼ିଉଠିଥିଲା, ସେହିଭାବ ଉପରେ ଆଉ କୌଣସି ଗୁରୁତ୍ୱ ଦେବାର ଆବଶ୍ୟକତା ଅନୁଭବ କରାଯାଏ ନାହିଁ । କିନ୍ତୁ ଆଧ୍ୟାତ୍ମିକତା ତା’ର ମୂଳ ସ୍ୱଭାବରେ ଏକ ଆତ୍ମଭାବ ସଂପନ୍ନ ଆଶୟଗତ ଜିନିଷ, ଏହା ଏକ ଯନ୍ତ୍ର ପରି କ୍ରିୟା କରେ ନାହିଁ, ଆନ୍ତରଜୀବନରେ ତାହାକୁ ନେଇ ବଞ୍ଚି ନ ପାରିଲେ ଏବଂ ସେହି ଆନ୍ତରଜୀବନରୁହିଁ ବାହ୍ୟ ଜୀବନ ପ୍ରବାହିତ ହୋଇ ନ ଆସିଲେ ତାହାର କିଛି ଅର୍ଥ ନାହିଁ, ତାହା ଆଉ ଆଧ୍ୟାତ୍ମିକତା ହୋଇ ରହେନାହିଁ । ପ୍ରତୀକ, ରୀତି, ପ୍ରଥା ଓ ଭାବନା ସବୁ ଯଥେଷ୍ଟ ନୁହେଁ । ଆଧ୍ୟାତ୍ମିକ ପ୍ରତୀକଟି ଏକ ଅର୍ଥହୀନ ଟିକଟ ମାତ୍ର, ଯଦି ସେହି ପ୍ରତୀକ ପଛରେ ରହିଥିବା ସତ୍ୟଟିକୁ ଚେତନାରେ ଉପଲବ୍ଧି କରା ନ ଯାଏ । ଏକ ଆଧ୍ୟାତ୍ମିକ ପ୍ରଥା ବା ପରମ୍ପରା ନିଜର ସତ୍ୟଟିକୁ ନିଜଭିତରୁ ବହିଷ୍କାର କରି ଦେଇପାରେ, ତାହାକୁ ହରାଇ ବସିପାରେ ଓ ତାହା ଏକ ମିଥ୍ୟାଚାରରେ ପରିଣତ ହୋଇପାରେ । କୌଣସି ଆଧ୍ୟାତ୍ମିକ ରୀତିର ଛାଞ୍ଚ ସାମୟିକ ଭାବରେ ଏକ ଛାଞ୍ଚ ହୋଇ ରହିପାରେ ଯାହା ଭିତରକୁ ଆଧ୍ୟାତ୍ମିକ ଜୀବନ ଧାରଣର ସତ୍ୟ କିଛି ସମୟ ପାଇଁ ପ୍ରବାହିତ ହୋଇ ଆସିପାରେ, କିନ୍ତୁ ତାହା ମଧ୍ୟ ଏକ ସୀମିତତା ଏବଂ ରୀତିର ଏହି ଛାଞ୍ଚଟି ଏକ କାରାଗାରରେ ପରିଣତ ହୋଇପାରେ ଯେଉଁଠି ତାହା ଜୀବାଶ୍ମ ପାଲଟିଯାଇ ଶେଷରେ ଲୋପ ହୋଇଯାଏ । ଆଧ୍ୟାତ୍ମିକ ଭାବନାଟି ଏକ ଶକ୍ତି ନିଶ୍ଚୟ, କିନ୍ତୁ ଯେପର୍ଯ୍ୟନ୍ତ ତାହା ଆମ ଅନ୍ତରରେ ଓ ବାହାରେ ସୃଜନଶୀଳ ହୋଇ କ୍ରିୟା କରୁଥାଏ ।’’

ଶ୍ରୀଅରବିନ୍ଦଙ୍କର ଏହିସବୁ ସତର୍କ ବାଣୀ ପ୍ରତି ଧ୍ୟାନ ଦେବା ସଙ୍ଗେ ସଙ୍ଗେ ଏହା ମଧ୍ୟ ମନେ ରଖିବାକୁ ହେବ ଯେ ମୂଳରୁ ଜାଣିଶୁଣି କେହି ଏହି ବିଚ୍ୟୁତିର ପଥ ନେଇ ନ ଥାଏ । ଆମ ଭିତରୁ ଅନେକେ ଅନ୍ତରର ଆହ୍ୱାନ ପାଇ ଏହି ପଥ ଗ୍ରହଣ କରିଛନ୍ତି । ନିଜର ବ୍ୟକ୍ତିଗତ ସାଧନା କ୍ଷେତ୍ରରେ ହେଉ ବା ଅନୁଷ୍ଠାନ, ପ୍ରତିଷ୍ଠାନ ଗଠନ ଓ ପ୍ରସାର ପାଇଁ କାମ କରିବାର କ୍ଷେତ୍ରରେ ହେଉ ଏକ ଆନ୍ତରିକ ଓ ଉତ୍ସର୍ଗୀକୃତ ମନୋଭାବ ନେଇ ଆଗେଇ ଯିବା ପାଇଁ ଉଦ୍ୟମ କରୁଛନ୍ତି । ନାନା ସ୍ଖଳନ ଓ ତ୍ରୁଟି ବିଚ୍ୟୁତି ଆସିଲେ ମଧ୍ୟ ସେଗୁଡ଼ିକୁ ସଂଶୋଧନ କରିବା ପାଇଁ ଆନ୍ତରିକ ଭାବେ ପ୍ରଚେଷ୍ଟା କରୁଛନ୍ତି ।

ପ୍ରକୃତ ଅସୁବିଧାଟି ଆସେ ଅହଂକୁ କେନ୍ଦ୍ରକରି । କାରଣ ଯଦିଓ ଏହି ଯୋଗର ପଥ ବାଛି ନେଲାବେଳେ ଆମ

ଚେତନାରେ ଚୈତ୍ୟସତ୍ତାର ସ୍ପର୍ଶ ରହିଥାଏ, କିନ୍ତୁ ମନ, ପ୍ରାଣ ଓ ଦେହର ଯେଉଁ ଯନ୍ତ୍ରଟି ନେଇ ଆମେ କର୍ମ ଓ ସାଧନାରେ ପ୍ରବୃତ୍ତ ହେଉ, ଅହଂଚାଳିତ ସେହି ଯନ୍ତ୍ରଟିରେ କ୍ରିୟାରତ ମନ, ପ୍ରାଣ ଓ ଦେହର ନାନା ତ୍ରୁଟି ଓ ଦୋଷ ଦୁର୍ବଳତା ସହ ଆମେ ନିଜକୁ ଏକ ବୋଲି ଭାବୁ ଓ ଆମ ବ୍ୟକ୍ତିସତ୍ତା ତହିଁରେ ପ୍ରଭାବିତ ହୁଏ । ସେହିସବୁ ପଙ୍କରେ ଲାଖି ଆମେ କେତେବେଳେ କେଉଁଠି ଅଟକିଗଲୁଣି ତାହା ମଧ୍ୟ ଜାଣି ପାରୁ ନାହିଁ । ଆମ ସାଧନାରେ ବହୁଦିନ ଧରି ରହିଥାଏ ମନର ନେତୃତ୍ୱ । ତା' ପାଖରେ ସତ୍ୟର ଆଲୋକ ନ ଥିବାରୁ ନାନା ଭାବନା, ଏପରିକି ପରସ୍ପର ବିରୋଧୀ ବିଚାର ସବୁ ସମାନ ଯୁକ୍ତି ନେଇ ତା ଆଗକୁ ଆସିଲା ବେଳେ ସେ କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼େ । ସେ ବୁଝି ପାରେନା କେଉଁଟା ସତ୍ୟ, କେଉଁଟା ମିଥ୍ୟା, କେଉଁଟା ଠିକ୍ ଓ କେଉଁଟା ଭୁଲ୍ । ମନ କ୍ଷେତ୍ରରେ ଅଟକି ଯିବାର ଆଉ ଏକ ବିପଦ ମଧ୍ୟ ଆସିପାରେ ଠିକ୍ ବିପରୀତ ଦିଗରୁ । ନାନା ଶାସ୍ତ୍ର, ଗ୍ରନ୍ଥ ଅଧ୍ୟୟନ କରିଥିବା ଏକ ସମର୍ଥ ମନ ଆଗରେ ଆଧ୍ୟାତ୍ମିକ ତତ୍ତ୍ୱସବୁ ଏପରି ସ୍ପଷ୍ଟ ଓ ପ୍ରାଞ୍ଜଳ ହୋଇଯାଏ ଯେ ସେ କେବଳ ସେହି ଜ୍ଞାନକୁ ନେଇ, ତତ୍ତ୍ୱର ସେହି ସ୍ୱଚ୍ଛତାକୁ ଉପଭୋଗ କରି ତହିଁରେ ସନ୍ତୁଷ୍ଟ ରହିଯାଏ । ତାହାକୁ ନିଜର ବାସ୍ତବ ଜୀବନ ଓ ସାଧନାରେ ଫୁଟାଇବା ପାଇଁ ତତ୍ପର ହୁଏ ନାହିଁ । କିନ୍ତୁ ଶ୍ରୀଅରବିନ୍ଦଙ୍କ କଥାରେ "ଯୋଗ ପାଇଁ ଏହି ଜ୍ଞାନର କୌଣସି ମୂଲ୍ୟ ନାହିଁ ଯଦି ଏହା କେବଳ ଏକ ବୌଦ୍ଧିକ ଓ ତାତ୍ତ୍ୱିକ ଧାରଣା ମାତ୍ର ହୋଇଥାଏ ଏବଂ ତହିଁରେ ଜୀବନର କୌଣସି ସ୍ଥାନ ନ ଥାଏ... କେବଳ ଏକ ମାନସିକ ଉପଲବ୍ଧି ଜିଜ୍ଞାସୁ ସାଧକ ପାଇଁ ଯଥେଷ୍ଟ ନୁହେଁ, କାରଣ ଯୋଗ ଯେଉଁ ଜିନିଷଟି ଖୋଜୁଥାଏ ତାହା କେବଳ ଭାବନାର ସତ୍ୟ ନୁହେଁ ବା କେବଳ ମନର ସତ୍ୟ ନୁହେଁ, ଆମର ଯୋଗ ଖୋଜିଥାଏ ଏକ ଜୀବନ୍ତ ଓ ପ୍ରକାଶକ୍ଷମ ଆଧ୍ୟାତ୍ମିକ ଅନୁଭୂତିର ଗତିଶୀଳ ସକ୍ରିୟ ସତ୍ୟ ।" ସେହିପରି ପ୍ରାଣ କ୍ଷେତ୍ରରେ ରଜୋଗୁଣ-ସଂପନ୍ନ ବିପୁଳ ଉଦ୍ଦୀପନା ଓ ଉତ୍ସାହନେଇ ଏହା ମାତିଯାଏ ନିଜ ଅହଂକୁ ଭଲ ଲାଗୁଥିବା କାମଗୁଡ଼ିକରେ, ଆଗ ପଛକୁ ବିଚାର ନ କରି, ତାହା ପଛରେ ସତ୍ୟ-ଚେତନାର ସ୍ୱୀକୃତି ଅଛି କି ନାହିଁ ତାହା ବିଚାରକୁ ନ ନେଇ । କର୍ମ ପ୍ରେରଣାଟିଏ ଆସିଲେ, ତାହା କେଉଁଠୁ ଆସିଲା ତାହା ନ ଭାବି – ହୁଏତ ତାହା ଆସି ପାରିଥାଏ ନିଜର କାମନା-ବାସନା, ଉଚ୍ଚାଭିଳାଷ ଓ ବଡ଼ିମାକୁ ଚରିତାର୍ଥ କରିବାର ପ୍ରେରଣାରୁ – ସେ ଉଦ୍ଦାମ ପ୍ରାଣ-ସ୍ଫୂର୍ତ୍ତି ନେଇ ତହିଁରେ ଲାଗିପଡ଼େ ଯେପର୍ଯ୍ୟନ୍ତ କୌଣସି ଦାରୁଣ ଆଘାତ ପାଇ, ବ୍ୟର୍ଥ ବିଫଳ ହୋଇ ସେ ଭାଙ୍ଗି ନ ପଡ଼ିଛି । କେତେକ ସମୟରେ ଦିବ୍ୟକୃପା ମଧ୍ୟ କ୍ରିୟା କରେ ସେହି ବିଫଳତା ଆଣିଦେବା ପାଇଁ ଯାହା ଫଳରେ ତା'ର ଚୈତନ୍ୟୋଦୟ ହୋଇ ଭୁଲ୍‌ବାଟରେ ସେ ଆଉ ଅଧିକ ଅଗ୍ରସର ନ ହେବ । ଆଉ ଦୈହିକ ଚେତନାର ମୂଳ ଭିତ୍ତିହିଁ ହେଉଛି ଜଡ଼ତା ଓ ତମୋଭାବ । କୌଣସି କିଛି ନୂଆ ଜିନିଷକୁ ଗ୍ରହଣ କରିବାକୁ ଓ ନିଜର ଧରାବନ୍ଧା ଅଭ୍ୟାସ ଛାଡ଼ିବାକୁ ସେ ବରାବର କୁଣ୍ଠିତ ହୋଇ ରହିଥାଏ । ମନ ଓ ପ୍ରାଣର ତାଗିଦ୍ ହୁଏତ ଜୋର୍ ଜବରଦସ୍ତି ତାହାକୁ କର୍ମରେ ପ୍ରବୃତ୍ତ କରାଏ ।

ଏହାହିଁ ହେଉଛି ଆମର ବ୍ୟକ୍ତିସତ୍ତା ବ୍ୟବହାର କରୁଥିବା ଅହଂଚାଳିତ ଯନ୍ତ୍ରଟିର ବର୍ତ୍ତମାନର ରୂପ । ଯେପର୍ଯ୍ୟନ୍ତ ଆମ ବ୍ୟକ୍ତିସତ୍ତା ଅହଂର କର୍ତ୍ତୃତ୍ୱାଧୀନ ହୋଇ ରହିଛି ସେପର୍ଯ୍ୟନ୍ତ ସାଧନାରେ ଆମର ଅଗ୍ରଗତି ମନ୍ଥର, ଅନିଶ୍ଚିତ ଓ ବ୍ୟାହତ ହେବାକୁ ବାଧ୍ୟ । ତେଣୁ ଆମର ସମସ୍ତ ପ୍ରଚେଷ୍ଟାକୁ ଏକାଗ୍ର କରିବାକୁ ହେବ ଅହଂ ବଦଳରେ ଆମ ସତ୍ତାର ଦିବ୍ୟାଂଶ ଚୈତ୍ୟ ପୁରୁଷକୁ ନେତୃତ୍ୱର ଆସନରେ ବସାଇବା ପାଇଁ । ଏହି କାମଟି ମଧ୍ୟ ଆୟାସପୂର୍ଣ୍ଣ, ଦୀର୍ଘ ଓ ସମୟସାପେକ୍ଷ । ମା'ଙ୍କ କଥାରେ "କେବଳ ପୂର୍ଣ୍ଣ ଆନ୍ତରିକତା ଦ୍ୱାରାହିଁ ଏହା ସଂପନ୍ନ ହୋଇପାରେ ।" ତେଣୁ ଲକ୍ଷ୍ୟ ସାଧନ ପାଇଁ ଆନ୍ତରିକତା ସହ ଲାଗି ରହିବାହିଁ ପ୍ରଧାନ କଥା ଓ ମନେରଖିବାକୁ ହେବ ଯେ ସାଧନାରେ ସମସ୍ତ ଅଗ୍ରଗତିର ମୂଳ ଚାବିକାଠି ହେଲା ସମର୍ପଣ । ଶ୍ରୀଅରବିନ୍ଦଙ୍କ କଥାରେ "ତାହା ଯେତେ କଷ୍ଟସାଧ୍ୟ ହେଉ ନା କାହିଁକି, ଦିବ୍ୟା ଓ ଅସୀମା ଜନନୀଙ୍କ ଚରଣରେ ଆତ୍ମସମର୍ପଣ ହେଉଛି ଆମର ଏକମାତ୍ର ଫଳପ୍ରଦ ଅବଲମ୍ବନ ଏବଂ ଏକମାତ୍ର ନିର୍ଭରଯୋଗ୍ୟ ଆଶ୍ରୟ । ତାଙ୍କ ନିକଟରେ ଆତ୍ମସମର୍ପଣର ଅର୍ଥ ହେଉଛି ଆମ ପ୍ରକୃତି ତାଙ୍କ ହାତରେ ଏକ ଯନ୍ତ୍ର ହୋଇଉଠିବ ଓ ଆମର ଆତ୍ମା ମା'ଙ୍କ ବାହୁବନ୍ଧନରେ ଏକ ଶିଶୁହୋଇ ରହିବ ।" ❖